ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୮/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, February 8/2024 | Page 16 | ₹ 7.00 | SAMBALPUR
୫୦ଶ ଭାଗ ୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 76 | ମୂଲ୍ୟ ₹୭/-




# 'ଓଡ଼ିଶାରେ ପାର୍ଟନରଶିପ୍ ସରକାର ଚାଲିଛି'

ରାଉରକେଲା/ ସୁନ୍ଦରଗଡ଼,୭।୨ (ସଙ୍ଗୀତା ଜେନା/ ଜୟ ନାରାୟଣ ମେଣ୍ଡୁଲି)

ଦେଶରେ ଅରାଜକତା ଓ ଘୃଣାର ରାଜନୀତି ଚାଲିଛି। ଏହା ବିରୋଧରେ ଗତବର୍ଷ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଭାରତ ଯୋଡ଼ୋ ଯାତ୍ରା କରାଯାଇଥିଲା। ଏବର୍ଷ ଦେଶରେ ଶାନ୍ତି ଓ ନ୍ୟାୟ ପାଇଁ ମଣିପୁରରୁ ମହାରାଷ୍ଟ୍ର ଭାରତ ଯୋଡୋ ନ୍ୟାୟ ଯାତ୍ରା କରାଯାଉଛି। ଦେଶରେ ଭାଜପା ଓ ଆର୍‌ଏସ୍‌ଏସ୍ ଘୃଣା ସୃଷ୍ଟି କରୁଛନ୍ତି। କିନ୍ତୁ ଆମେ 'ଘୃଣାର ବଜାରରେ ଭଲପାଇବାର ଦୋକାନ' ଖୋଲିବୁ। ବୁଧବାର ଓଡ଼ିଶା ଗସ୍ତର ଦ୍ୱିତୀୟ ଦିବସରେ ରାଉରକେଲାଠାରେ ଆୟୋଜିତ ରୋଡ୍ ଶୋରେ ଉଦ୍‌ବୋଧନ ଦେଇ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହା କହିଛନ୍ତି। ସେ କହିଛନ୍ତି, ଏହି ପ୍ରଦେଶରେ ଭାଜପା ଓ ବିଜେଡି ପାର୍ଟନରଶିପ୍‌ରେ ସରକାର ଚଳାଉଛନ୍ତି। ଏହାର ସମସ୍ତ ଦୃଶ୍ୟ ପାର୍ଲାମେଣ୍ଟରେ ଦେଖାଯାଉଛି। ଖଣିଖାଦାନପୂର୍ଣ୍ଣ ଓଡ଼ିଶା ପ୍ରଦେଶରେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ବେକାର ଯୁବତୀ ଯୁବକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ☞ପୃଷ୍ଠା–୭



ଉଦିତନଗର ଛକରୁ ପାନପୋଷ ପର୍ଯ୍ୟନ୍ତ ରାହୁଲ ଗାନ୍ଧୀଙ୍କ ରୋଡ୍ ଶୋ।

# ବାଚସ୍ପତିଙ୍କ ମାଇକ୍ ଭାଙ୍ଗିଲେ ଭାଜପା ବିଧାୟକ

## ବିଧାନସଭାରେ ଉଷୁନା ଚାଉଳ, ପରୀ ତାତି

## ■ ଭାଜପା-ବିଜେଡି ମୁହାଁମୁହିଁ

ଭୁବନେଶ୍ୱର,୭।୨(ଅନିଲ ଦାସ)

ବିଧାନସଭାରେ ବୁଧବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଅର୍ପଣ ରଥରେ ଉଷୁନା ଚାଉଳ ଏବଂ ପରୀ ହତ୍ୟାକାଣ୍ଡକୁ ନେଇ ଭାଜପା ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି। ଅର୍ପଣ ରଥରେ ଉଷୁନା ଚାଉଳ ଥିବା ଅଭିଯୋଗ ଆଣି ଭାଜପା ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ମହାସୁଆର ନିଯୋଗ ମୁଖ୍ୟ ଅର୍ପଣ ରଥରେ ଉଷୁନା ଚାଉଳ ଥିବା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଜଗନ୍ନାଥ ସଂସ୍କୃତିକୁ ଅପସଂସ୍କୃତିରେ ପରିଣତ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ଗୃହରେ ସ୍ପଷ୍ଟୀକରଣ ଦିଅନ୍ତୁ ଦାବି କରି ଭାଜପା ସଦସ୍ୟମାନେ ବିଧାନସଭାରେ ପ୍ରବଳ ହୋହଲ୍ଲା କରିଛନ୍ତି। ଅନ୍ୟପକ୍ଷରେ ଶାସକ ବିଜେଡି ମଧ୍ୟ ପରୀ ପ୍ରସଙ୍ଗ ଉଠାଇ ଭାଜପାକୁ ପ୍ରତିଆକ୍ରମଣ କରିଛି। ପରୀ ହତ୍ୟାକାରୀଙ୍କୁ ସୁରକ୍ଷା ଦେଉଥିବା ଏବଂ ତଦନ୍ତକୁ ବାଟବଣା କରିଥିବା ଭାଜପା କ୍ଷମା ମାଗୁ ବୋଲି ଦାବି କରିଛି। ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭା ଅଚଳ ହୋଇ ଯାଇଛି। ହଟ୍ଟଗୋଳ ଏତେ ଉଗ୍ରରୂପ ନେଇଥିଲା ଯେ ଭାଜପା ବିଧାୟକ ନାଉରୀ ନାୟକ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ପୋଡିୟମ ନିକଟକୁ ଯାଇ ତାଙ୍କ ମାଇକ ଭାଙ୍ଗି ଦେଇଛନ୍ତି ।

ବୁଧବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭା କାର୍ଯ୍ୟ ଚଳାଇବାକୁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ହଟ୍ଟଗୋଳ ଆରମ୍ଭ ହୋଇଯାଇଥିଲା। ପୂର୍ବରୁ ପ୍ରସ୍ତୁତ ହୋଇଥିବା ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ହାତରେ ପ୍ଲାକାର୍ଡ, ବ୍ୟାନର ଦେଖାଇ ପ୍ରତିବାଦ କରିଥିଲେ। ଅର୍ପଣ ରଥରେ ଉଷୁନା ଚାଉଳ ଥିବା ଅଭିଯୋଗ କରି ହଟ୍ଟଗୋଳ କରିଥିଲେ। ଉଷୁନା ଚାଉଳରେ ମହାପ୍ରଭୁଙ୍କ ଖେଚୁଡି ଭୋଗ ହୋଇଛି। ଦିନକ ପାଇଁ ମହାପ୍ରଭୁ ଉପବାସ ରହିଛନ୍ତି। ଅର୍ପଣ ରଥରୁ ମହାସୁଆର ନିଯୋଗ ଅରୁଆ ଚାଉଳ ବଦଳରେ ଉଷୁନା ଚାଉଳ ପାଇଛନ୍ତି। ହୀନ ରାଜନୀତି ପାଇଁ ମହାପ୍ରଭୁଙ୍କୁ ସାରା ରାଜ୍ୟରେ ଅଟୋରେ ବୁଲାଯାଇଛି। ଜଗନ୍ନାଥ ସଂସ୍କୃତିକୁ ଅପସଂସ୍କୃତିରେ ପରିଣତ କରାଯାଇଛି। ଏ ନେଇ ଭାଜପା ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କଠାରୁ ସ୍ପଷ୍ଟୀକରଣ ଦାବିକରି ☞ପୃଷ୍ଠା–୭

## ସମ୍ବେଦନଶୀଳ ଘଟଣାରେ ବିରୋଧୀ ହୀନ ରାଜନୀତି କରୁଛନ୍ତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୨(ଅନିଲ ଦାସ)

ପରୀ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ମାମଲାରେ ବିରୋଧୀ ରାଜନୀତି କରୁଛନ୍ତି। କେଉଁମାନେ ପରୀଙ୍କ ହତ୍ୟାକାରୀଙ୍କୁ ଜାମିନରେ ଖସାଇବାକୁ ଚେଷ୍ଟା କରୁଥିଲେ ଏବଂ ତଦନ୍ତକୁ ବାଟବଣା କରୁଥିଲେ ତାହାକୁ ଓଡ଼ିଶାବାସୀ ଭଲ ଭାବରେ ଜାଣିଛନ୍ତି। ବିରୋଧୀ ଏ ନେଇ ହୀନ ରାଜନୀତି କରୁଛନ୍ତି। ବିରୋଧୀ ଦଳ ବିଶେଷକରି ଭାଜପା ଏହାକୁ ନେଇ ରାଜନୀତୀକରଣ କରୁଛି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ରଖିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧୀ ଦଳ ଭାଜପାକୁ ଏଭଳି କଡ଼ା ସମାଲୋଚନା କରିଛନ୍ତି।



ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏବେ ପରୀ ଘଟଣାରେ ଦୋଷୀ ଦଣ୍ଡ ପାଇଛନ୍ତି। ନିଜର ହୀନ ରାଜନୀତି ପାଇଁ ନିଜ ରାଜ୍ୟକୁ ଯେଉଁମାନେ ବଦନାମ କରୁଛନ୍ତି ରାଜ୍ୟବାସୀ ସେମାନଙ୍କୁ କେବେ କ୍ଷମାଦେବେ ନାହିଁ। ସେହିପରି ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ପ୍ରକଳ୍ପ ସହ ରାଜ୍ୟର ବିକାଶକୁ ଯେଉଁମାନେ ବିରୋଧ କରୁଛନ୍ତି, ସେମାନଙ୍କୁ କେବେ ଲୋକେ କ୍ଷମାକରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଓଡ଼ିଆ ଭାଷା ଗବେଷଣା ପାଇଁ କର୍ପସ ପାଣ୍ଠି

■ ପ୍ରତିବର୍ଷ ହେବ ଅନ୍ତର୍ଜାତୀୟ ଡିଜିଟାଲ ଓଡ଼ିଆ ସମ୍ମିଳନୀ
■ ହାଇସ୍କୁଲରେ ନିଯୁକ୍ତ ହେବେ ସ୍ୱତନ୍ତ୍ର ଓଡ଼ିଆ ଶିକ୍ଷକ
■ ଓଡ଼ିଆ ପୁସ୍ତକର ଅନୁବାଦ ପାଇଁ ପ୍ରଣୟନ ହେବ ଅନୁବାଦ ନୀତି
■ ଆରମ୍ଭ ହେବ 'ମୁଖ୍ୟମନ୍ତ୍ରୀ କପ୍', ଦେଶବିଦେଶରେ ଖୋଲିବ ଓଡ଼ିଆ ପାଠାଗାର

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ଓଡ଼ିଆ ଭାଷାରେ ଅନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ଗବେଷଣା ନିମନ୍ତେ ୧୦ କୋଟି ଟଙ୍କା ଅନୁଦାନରେ ଏକ କର୍ପସ ପାଣ୍ଠି ଗଠନ କରାଯିବ। ପୁରୀ ଜିଲା ସତ୍ୟବାଦୀଠାରେ ପ୍ରତିଷ୍ଠିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ଜରିଆରେ ଏହା କାର୍ଯ୍ୟକାରୀ ହେବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ଓଡ଼ିଆ ଭାଷାକୁ ଡିଜିଟାଲ ପଦ୍ଧତି ସହ ସମନ୍ୱିତ କରିବା ପାଇଁ ପ୍ରତିବର୍ଷ ଏକ ଅନ୍ତର୍ଜାତୀୟ ☞ପୃଷ୍ଠା–୧୧

## ସରକାର ପାଇଛନ୍ତି ୨୮ ନୂଆ ଜିଲା ପ୍ରସ୍ତାବ

ଭୁବନେଶ୍ୱର,୭।୨(ଅନିଲ ଦାସ)

ବରଗଡ଼ ଜିଲାର ପଦ୍ମପୁର ନିର୍ବାଚନମଣ୍ଡଳୀକୁ ଜିଲା ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଥିବାବେଳେ ରାଜ୍ୟର ଅନ୍ୟାନ୍ୟ ଜିଲାରୁ ମଧ୍ୟ ନୂତନ ଜିଲା ଗଠନ ଦାବି ବଢ଼ିବାରେ ଲାଗିଛି। ୧୫ ଜିଲାରୁ ପଦ୍ମପୁର ସମେତ ୨୮ଟି ନୂଆ ରାଜସ୍ୱ ଜିଲା ଗଠନ ପାଇଁ ଦାବିପତ୍ର ମିଳିଛି। ଭାଜପା ସଭ୍ୟ କୁସୁମ ଟେଟେ ଓ ନବଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ପଦ୍ମପୁର, ଧର୍ମଗଡ଼ ଓ କଣ୍ଟାବାଞ୍ଜି ସହ ୨୮ଟି ନୂଆ ଜିଲା ପାଇଁ ଦାବି ହୋଇଛି । ମୟୂରଭଞ୍ଜ ଜିଲାକୁ ଭାଙ୍ଗି ୫ଟି ଜିଲା କରିବା ପାଇଁ ଦାବି ହୋଇଛି। ସେହିପରି ଗଞ୍ଜାମ ଜିଲାକୁ ମଧ୍ୟ ଭାଙ୍ଗି ୫ଟି ଜିଲା କରିବା ପାଇଁ ଦାବି ସରକାରଙ୍କୁ ମିଳିଛି। ବାଲେଶ୍ୱରକୁ ଭାଙ୍ଗି ୪ଟି, ବଲାଙ୍ଗୀର ଜିଲାକୁ ୪, କଟକ ☞ପୃଷ୍ଠା–୭

ଆଜିର ସମ୍ପାଦକୀୟ
ବେଦ ଓ ବିଜ୍ଞାନ









## ଦଳର ନାମ ଏନ୍‌ସିପି ଶରଦ ଚନ୍ଦ୍ର ପାୱାର


ଶରଦ ପାୱାର

**ନୂଆଦିଲ୍ଲୀ, ୭।୨**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ର ଶରଦ ପାୱାର ଗୋଷ୍ଠୀଙ୍କୁ ନୂଆ ନାମ ପ୍ରଦାନ କରିଛନ୍ତି ଭାରତୀୟ ନିର୍ବାଚନ କମିଶନ (ଇସିଆଇ)। ଶରଦ ପାୱାରଙ୍କ ନୂଆ ଦଳର ନାମ ହେବ ଏନ୍‌ସିପି ଶରଦ ଚନ୍ଦ୍ର ପାୱାର। ତେବେ ଶରଦ୍‌ଙ୍କୁ କେଉଁ ନିର୍ବାଚନୀ ଚିହ୍ନ ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ସେହିପରି ଶରଦ୍ ପାୱାରଙ୍କ ଗୋଷ୍ଠୀ ପକ୍ଷରୁ ଇସିଆଇଙ୍କୁ ୩ଟି ଚିହ୍ନ ସୁପାରିସ କରାଯାଇଛି। ଏହି ଚିହ୍ନଗୁଡ଼ିକ ହେଉଛି ଚା କପ୍, ସୂର୍ଯ୍ୟମୁଖୀ ଫୁଲ ଏବଂ ଉଦିତ ସୂର୍ଯ୍ୟ। ସୂଚନାଯୋଗ୍ୟ, ମଙ୍ଗଳବାର ଅଜିତ ପାୱାରଙ୍କ ଗୋଷ୍ଠୀକୁ ପ୍ରକୃତ ଏନ୍‌ସିପି ଭାବେ ଘୋଷଣା କରିଥିଲେ ଇସିଆଇ। ଏହାସହ ଏନସିପିର ଆଧିକାରିକ ଚିହ୍ନ ଘଣ୍ଟା ମଧ୍ୟ ଅଜିତଙ୍କୁ ମିଳିଥିଲା। ବୁଧବାର ଶରଦଙ୍କ ଗୋଷ୍ଠୀ ପକ୍ଷରୁ ଇସିଆଇଙ୍କୁ ୩ଟି ନାମ ଓ ୩ଟି ଚିହ୍ନର ପ୍ରସ୍ତାବ ଦିଆଯାଇଥିଲା। ଶରଦ ପାୱାର କଂଗ୍ରେସ, ମି ରାଷ୍ଟ୍ରବାଦୀ ଏବଂ ଶରଦ ସ୍ୱାଭିମାନୀ ନାମର ପ୍ରସ୍ତାବ ଦେଇଥିଲେ ଶରଦଙ୍କ ଗୋଷ୍ଠୀ।

# ନିର୍ବାଚନ ପୂର୍ବରୁ ବିସ୍ଫୋରଣ: ୩୦ ନିହତ



**ଇସ୍‌ଲାମାବାଦ୍, ୭।୨**

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ନୂଆ ସରକାର ଗଠନ ଲାଗି ଗୁରୁବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ୧୨.୮୫ କୋଟି ଭୋଟର ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ଦେଶବ୍ୟାପୀ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୬,୫୦,୦୦୦ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଏହାସତ୍ତ୍ୱେ ଭୋଟର ଦିନକ ପୂର୍ବରୁ ବୁଧବାର ବେଲୁଚିସ୍ତାନରେ ୨ଟି ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ଅନ୍ୟୁନ ୩୦ ଜଣ ନିହତ ଓ ୫୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ପିଶିନ୍ ଜିଲାର ସ୍ୱାଧୀନ ପ୍ରାର୍ଥୀ ଅସ୍‌ଫାନ୍ଦ୍ୟାର ଖାନ୍ କକ୍କରଙ୍କ ଅଫିସ୍ ବାହାରେ ପ୍ରଥମେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିଲା। ଆକ୍ରମଣରେ ୨୦ ନିହତ ହୋଇଥିବାବେଳେ ୩୦ ଆହତ ହୋଇଛନ୍ତି। ଏହା ଅଧଘଣ୍ଟା ନ ବିତୁଣୁ କିଲ୍ଲା ଅବ୍‌ଦୁଲ୍ଲା ଅଞ୍ଚଳରେ ଥିବା ଜାମିଆତ-ଉଲେମା ଇସ୍‌ଲାମିଆ (ଜେୟୁଆଇ) ପାକିସ୍ତାନର ନିର୍ବାଚନୀ ଅଫିସ୍ ବାହାରେ ଆଉ ଏକ ବିସ୍ଫୋରଣ ଘଟିଥିଲା। ଏଥିରେ ୧୦ ଜଣଙ୍କ ଜୀବନ ଯାଇଥିବାବେଳେ ୨୨ ଆହତ ହୋଇଛନ୍ତି। ବରିଷ୍ଠ ପୋଲିସ ଅଧିକାରୀ ଅବ୍‌ଦୁଲ୍ଲା ଜେହରି କହିଛନ୍ତି, ଅସ୍‌ଫାନ୍ଦ୍ୟାରଙ୍କ ନିର୍ବାଚନୀ ଅଫିସ୍ ବିଲ୍ଡିଂ ବାହାରେ ଏକ ବ୍ୟାଗ୍‌ରେ ବିସ୍ଫୋରକ ରଖାଯାଇଥିଲା। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କ୍ୱେଟା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଆତଙ୍କବାଦୀମାନେ ଭୋଟରଙ୍କୁ ଆତଙ୍କିତ କରି ମତଦାନରୁ ଦୂରେଇ ରଖିବା ପାଇଁ ପ୍ରାର୍ଥୀମାନଙ୍କୁ ଟାର୍ଗେଟ କରୁଛନ୍ତି। ତେବେ ନିର୍ଦ୍ଧାରିତ ସମୟରେ ସୁରୁଖୁରୁରେ ନିର୍ବାଚନ କରାଇବା ପାଇଁ ବ୍ୟାପକ ସୁରକ୍ଷା ବଳଙ୍କୁ ମୁତୟନ କରାଯାଇଛି। ଇତିମଧ୍ୟରେ ବେଲୁଚିସ୍ତାନରେ ପାକିସ୍ତାନ ନିର୍ବାଚନ କମିଶନ (ଇସିପି) ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦେଇଛନ୍ତି। ଆକ୍ରମଣକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଇସିପିର ଜଣେ ମୁଖପାତ୍ର କହିଛନ୍ତି। ପିଶିନ୍‌ରେ ସ୍ୱାଧୀନ ପ୍ରାର୍ଥୀଙ୍କ ଅଫିସ୍ ବାହାରେ ବିସ୍ଫୋରଣକୁ କାମଚଳା ଗୃହମନ୍ତ୍ରୀ ଗୋହର ଏଜାଜ୍ କଡ଼ା ନିନ୍ଦା କରିଛନ୍ତି। ଇସିପିଙ୍କ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସକାଳ ୮ଟାରେ ଭୋଟ ଗ୍ରହଣ ଆରମ୍ଭ ହୋଇ

### ଆଜି ପାକିସ୍ତାନରେ ଭୋଟ

ଅପରାହ୍ନ ୫ଟା ଯାଏ ଚାଲିବ। ଦେଶର ୧୨,୮୫,୮୫,୭୬୦ ମତଦାତା ନ୍ୟାଶନାଲ ଆସେମ୍ବ୍ଲି ଆସନ ପାଇଁ ପ୍ରାର୍ଥୀ ହୋଇଥିବା ୫,୧୨୧ ଜଣଙ୍କ ମଧ୍ୟରୁ ନିଜ ନିଜ ପ୍ରତିନିଧି ବାଛିବେ। ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ୪,୮୦୭ ପୁରୁଷ ଓ ୩୧୨ ମହିଳା ଥିବାବେଳେ ୨ ଜଣ କିନ୍ନର ରହିଛନ୍ତି। ମତଦାନ ପାଇଁ ଗୁରୁବାର ପାକିସ୍ତାନରେ ସରକାରୀ ଛୁଟି ଘୋଷଣା କରାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଜେଲରେ ଥିବାବେଳେ ଅନ୍ୟତମ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫଙ୍କୁ ଶକ୍ତିଶାଳୀ ସେନାର ସମର୍ଥନ ମିଳିଛି। ତେଣୁ ନିର୍ବାଚନରେ ଶରିଫଙ୍କ ପାକିସ୍ତାନ ମୁସଲିମ୍ ଲିଗ୍-ନୱାଜ (ପିଏମ୍ଏଲ୍-ଏନ୍) ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭାହୋଇପାରେ। ଇମ୍ରାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର କ୍ରିକେଟ୍ ବ୍ୟାଟ୍ ଚିହ୍ନକୁ ସୁପ୍ରିମକୋର୍ଟ ରଦ୍ଦ କରିଦେବା ପରେ ତାଙ୍କ ସମର୍ଥକମାନେ ସ୍ୱାଧୀନ ପ୍ରାର୍ଥୀ ରୂପେ ଲଢ଼ୁଛନ୍ତି। ୭୪ ବର୍ଷୀୟ ଶରିଫ୍ ବିଜୟ ହାସଲ କଲେ ରେକର୍ଡ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ଅନ୍ୟପକ୍ଷେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରିଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିଛି।

# ୟୁସିସି ଆଣିଲା ଉତ୍ତରାଖଣ୍ଡ

## ଅନୁସରଣ କରିବେ ଭାଜପା ଶାସିତ ରାଜ୍ୟ



**ଡେରାଡୁନ୍/ନୂଆଦିଲ୍ଲୀ, ୭।୨**

ଭାଜପା ଶାସିତ ଉତ୍ତରାଖଣ୍ଡ ବିଧାନସଭାରେ ବୁଧବାର ସମାନ ଦେୱାନୀ ସଂହିତା (ୟୁସିସି) ଗୃହୀତ ହୋଇଛି। ଉତ୍ତରାଖଣ୍ଡ ଏହି କ୍ଷେତ୍ରରେ ପ୍ରଥମ ରାଜ୍ୟ ହୋଇଥିବାବେଳେ ଭାଜପା ଶାସିତ ଅନ୍ୟ ରାଜ୍ୟଗୁଡ଼ିକ ଏହାକୁ ଅନୁସରଣ କରି ଅନୁରୂପ ପଦକ୍ଷେପ ନେବାକୁ ଯାଉଛନ୍ତି। ରାଜସ୍ଥାନ ବିଧାନସଭାରେ ଆଗାମୀ ଅଧିବେଶନରେ ୟୁସିସି ବିଲ୍ ଆଗତ ହେବାକୁ ଯାଉଛି। ସେହିପରି ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଅନ୍ୟ ଭାଜପା ଶାସିତ ରାଜ୍ୟରେ ମଧ୍ୟ ୟୁସିସି ବିଲ୍ ଆସିପାରେ ବୋଲି କୁହାଯାଉଛି।

ୟୁସିସି ହେଉଛି ସମସ୍ତ ଭାରତୀୟ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଏକ ସମାନ ଆଇନ, ଯାହାକି ବିବାହ, ବିଚ୍ଛେଦ, ଉତ୍ତରାଧିକାର, ପୋଷ୍ୟଗ୍ରହଣ ଭଳି ଅନ୍ୟ ବ୍ୟକ୍ତିଗତ ବ୍ୟାପାର ପ୍ରସଙ୍ଗରେ କୌଣସି ଧର୍ମ ଆଧାରିତ ନୁହେଁ। ଉକ୍ତ ବିଲ୍ ଗୃହୀତ ହେବା ପରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ସମସ୍ତ ବିଧାୟକ ଓ ରାଜ୍ୟବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେମାନେ କ୍ଷମତା ପ୍ରଦାନ କରିବା ଯୋଗୁ ଆମେ ଆଜି ଏହି ବିଲ୍‌କୁ ପାରିତ କରିପାରିଛୁ ବୋଲି ବିଧାନସଭା ବାହାରେ ଗଣମାଧ୍ୟମକୁ ଧାମି କହିଛନ୍ତି। ଏହି କ୍ଷେତ୍ରରେ ଦୃଢ଼ ସମର୍ଥନ ପୂର୍ବକ ଉତ୍ସାହିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଧାମି ଧନ୍ୟବାଦ ଦେଇଛନ୍ତି। ଏହି ବିଲ୍ କୌଣସି ବ୍ୟକ୍ତିଙ୍କ ବିରୋଧରେ ନୁହେଁ, ବରଂ ସମସ୍ତଙ୍କ ସୁବିଧା ପାଇଁ। ଏହା ସମସ୍ତଙ୍କୁ ବିନା ଭେଦଭାବରେ ସମାନତାର ଅଧିକାର

> ଉତ୍ତରାଖଣ୍ଡ ପାଇଁ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ଆମେ ଏପରି ଏକ ବିଲ୍‌କୁ ଗୃହୀତ କରାଇଛୁ, ଯାହାକୁ ସାରା ଦେଶର ଲୋକେ ଦୀର୍ଘ ସମୟ ଧରି ଦାବି କରିଆସିଛନ୍ତି।
> –ପୁଷ୍କର ସିଂ ଧାମି, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ

> ସମ୍ବିଧାନର ଅନୁଚ୍ଛେଦ ୨୫ ଓ ୨୬ ଜଣେ ବ୍ୟକ୍ତିଙ୍କୁ ଧର୍ମୀୟ ସ୍ୱାଧୀନତା ପ୍ରଦାନ କରୁଥିବାରୁ ନାଗରିକଙ୍କ ଉପରେ ପାର୍ଲାମେଣ୍ଟ ୟୁସିସିକୁ ଲଦି ପାରିବ ନାହିଁ।
> – ପ୍ରକାଶ ଅମ୍ବେଡକର, ବଞ୍ଚିତ ବହୁଜନ ଅଘାଡ଼ି ଅଧ୍ୟକ୍ଷ

> ଉତ୍ତରାଖଣ୍ଡର ସମାନ ନାଗରିକ ସଂହିତା ବିଲ୍ ଭାରତୀୟ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ଉଲ୍ଲଂଘନ। ଏହି କୋଡ୍ ମୁସଲମାନମାନଙ୍କୁ ଅନ୍ୟ ଧର୍ମ ଓ ସଂସ୍କୃତିର ଅନୁସରଣ ପାଇଁ ବାଧ୍ କରିବ।
> – ଅସାଦୁଦ୍ଦିନ ଓୱାଇସି, ଏଆଇଏମ୍ଆଇଏମ୍

ଦେବ। ବିଶେଷକରି ମହିଳାମାନେ ଏଥିରୁ ଉପକୃତ ହେବେ ବୋଲି ଧାମି କହିଛନ୍ତି।

ଗୃହରେ ବିଲ୍ ଆଗତ ହେବା ପରେ ବିରୋଧୀ ଦଳଗୁଡ଼ିକ ଏହାକୁ ବିଧାନସଭାର ସିଲେକ୍ଟ କମିଟି ନିକଟକୁ ପଠାଇବା ପାଇଁ ଦାବି କରିଥିଲେ। ରାଜ୍ୟପାଳଙ୍କ ମୋହର ମିଳିବା ପରେ ବିବାହ, ବିଚ୍ଛେଦ, ଜମିଜମା, ସମ୍ପତ୍ତି, ଉତ୍ତରାଧିକାର ଆଦିରେ ଧର୍ମ ନିର୍ବିଶେଷରେ ଉତ୍ତରାଖଣ୍ଡର ସମସ୍ତ ନାଗରିକ ସମାନ ଆଇନ ପାଇବେ। ଭବିଷ୍ୟତରେ ଆବଶ୍ୟକ ହେଲେ ୟୁସିସିରେ ସଂଶୋଧନ ଅଣାଯାଇପାରିବ ବୋଲି ଧାମି କହିଛନ୍ତି। ଏଥିରେ ଜନସଂଖ୍ୟା ନିୟନ୍ତ୍ରଣ ଉପାୟ ଏବଂ ଏସ୍‌ଟି ବର୍ଗଙ୍କୁ ବାଦ୍ ଦିଆଯାଇଛି। ଲୋକ ସଭା ନିର୍ବାଚନକୁ ଆଉ ୨ ମାସ ଥିବାବେଳେ ଉତ୍ତରାଖଣ୍ଡ ୟୁସିସି ଭାଜପାର କାର୍ଯ୍ୟସୂଚୀରେ ବିଶେଷ ଗୁରୁତ୍ୱ ବହନ କରିବ।

## ୩୩ ଦେଶର ପର୍ଯ୍ୟଟକଙ୍କୁ ଇରାନର ଭିଜା ମୁକ୍ତ ସୁବିଧା

**ନୂଆଦିଲ୍ଲୀ, ୭।୨**

ଭାରତ ଭଳି ୩୩ଟି ଦେଶର ପର୍ଯ୍ୟଟକଙ୍କ ପାଇଁ ଭିଜା ମୁକ୍ତ ସୁବିଧା ଆରମ୍ଭ କରିଛନ୍ତି ଇରାନ ସରକାର। ଭାରତରେ ଥିବା ଇରାନର ଦୂତାବାସ ଏନେଇ ଆଧିକାରିକ ସୂଚନା ଦେଇଛନ୍ତି। ସର୍ତ୍ତମୂଳକ ଭାବେ ୧୫ ଦିନ ପର୍ଯ୍ୟନ୍ତ ଏହି ଦେଶଗୁଡ଼ିକର ପର୍ଯ୍ୟଟକମାନେ ବିନା ଭିଜାର ଇରାନରେ ରହିପାରିବେ। ଏନେଇ କିଛି ସର୍ତ୍ତ ଜାରି କରିଛନ୍ତି ଇରାନ ସରକାର। ଏଥିପାଇଁ ପର୍ଯ୍ୟଟକମାନଙ୍କୁ ବିମାନ ଯୋଗେ ଇରାନ ଗସ୍ତ କରିବାକୁ ପଡ଼ିବ। ଆଣବିକ କାର୍ଯ୍ୟକ୍ରମ ବନ୍ଦ କରୁ ନ ଥିବାରୁ ବିଭିନ୍ନ ପଶ୍ଚିମ ଦେଶ ପକ୍ଷରୁ ଇରାନ ଉପରେ ଅନେକ ପ୍ରତିବନ୍ଧକ ଲଗାଯାଇଛି। ତେଣୁ ଅର୍ଥନୈତିକ ଭାବେ ଦେବାଳିଆ ହୋଇ ପଡ଼ିଥିବା ଇରାନ କିଛି ଦେଶ ପାଇଁ ଭିଜା ମୁକ୍ତ ନିଷ୍ପତ୍ତି ନେଇଛି।

# କର୍ଣ୍ଣାଟକ ପ୍ରତି କେନ୍ଦ୍ରର ଅନ୍ୟାୟ

### ଦିଲ୍ଲୀରେ କଂଗ୍ରେସର ପ୍ରତିବାଦ

**ନୂଆଦିଲ୍ଲୀ/ବେଙ୍ଗାଲୁରୁ, ୭।୨**

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କ ସମେତ କଂଗ୍ରେସର ବରିଷ୍ଠ ନେତାମାନେ ବୁଧବାର ଏହି ଦକ୍ଷିଣ ଭାରତୀୟ ରାଜ୍ୟ ପ୍ରତି କେନ୍ଦ୍ରର ମୋଦି ସରକାରଙ୍କ ଅନ୍ୟାୟର ପ୍ରତିବାଦ ଜଣାଇଛନ୍ତି। ସେମାନେ ଦିଲ୍ଲୀର ଯନ୍ତରମନ୍ତରରେ କେନ୍ଦ୍ର ବିରୋଧରେ ବଡ଼ଧରଣର ବିକ୍ଷୋଭ କରିଛନ୍ତି। ଫଳରେ କର୍ଣ୍ଣାଟକ ଓ କେନ୍ଦ୍ର ସରକାର ମୁହାଁମୁହିଁ ସ୍ଥିତିକୁ ଚାଲିଆସିଛନ୍ତି। ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ କର୍ଣ୍ଣାଟକ କଂଗ୍ରେସ ପକ୍ଷରୁ ବୁଧବାର 'ଚଲୋ ଦିଲ୍ଲୀ' ନାରା ଦିଆଯାଇଥିଲା। କଂଗ୍ରେସ ନେତାମାନେ ଯନ୍ତରମନ୍ତରରେ ଏକତ୍ରିତ ହୋଇ



ନୂଆଦିଲ୍ଲୀର ଯନ୍ତରମନ୍ତରରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ସହ କଂଗ୍ରେସ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଦଳୀୟ ଏମ୍‌ପି, ବିଧାୟକ ଓ ମନ୍ତ୍ରୀମାନେ ୨ ଘଣ୍ଟା ଧରି ଧାରଣା ଦେଇଥିଲେ। ଟିକସ ଓ ଅନୁଦାନ କ୍ଷେତ୍ରରେ କେନ୍ଦ୍ର କର୍ଣ୍ଣାଟକକୁ ବାରମ୍ବାର ଅବହେଳା କରୁଥିବା ଅଭିଯୋଗ ଆଣିଥିଲେ। ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁସାରେ ଗତ ୫ ବର୍ଷ ମଧ୍ୟରେ କର୍ଣ୍ଣାଟକକୁ ୧.୮୭ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। କେନ୍ଦ୍ର ଏହାର କ୍ଷତିପୂରଣ କରୁ ବୋଲି ସେମାନେ ଦାବି କରିଥିଲେ। ସିଦ୍ଧାରାମାୟା କହିଥିଲେ, ଆମ ବିକ୍ଷୋଭ ଭାଜପା ବିରୋଧରେ ନୁହେଁ, ବରଂ କର୍ଣ୍ଣାଟକ ପ୍ରତି ହୋଇଥିବା ଭେଦଭାବ ବିରୋଧରେ ଉଦ୍ଦିଷ୍ଟ। ଅନ୍ୟପକ୍ଷେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାକୁ କଂଗ୍ରେସର ବିଚ୍ଛିନ୍ନତାବାଦୀ ମାନସିକତା ଭାବେ ଅଭିହିତ କରି ସମାଲୋଚନା କରିଛନ୍ତି।

## ଶ୍ରୀନଗରରେ ପଞ୍ଜାବୀ ଶ୍ରମିକଙ୍କୁ ଗୁଳିକରି ହତ୍ୟା

**ଶ୍ରୀନଗର, ୭।୨**

ଜମ୍ମୁ-କଶ୍ମୀରରେ ବୁଧବାର ଆଉ ବାହ୍ୟ ରାଜ୍ୟର ଜଣେ ଶ୍ରମିକ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂର ଶିକାର ହୋଇଛନ୍ତି। ପଞ୍ଜାବର ଅମୃତସର ନିବାସୀ ଅମ୍ରିତ୍‌ପାଲ ସିଂ ଶ୍ରୀନଗରରେ ହକର୍ କାମ କରୁଥିଲେ। ଶହୀଦଗଞ୍ଜ ଅଞ୍ଚଳରେ ଆତଙ୍କବାଦୀମାନେ ତାଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣରେ ଅନ୍ୟ ଜଣେ ପ୍ରବାସୀ ଶ୍ରମିକ ଆହତ ହୋଇଛନ୍ତି। ପୋଲିସ ସମ୍ପୃକ୍ତ ଅଞ୍ଚଳକୁ ଘେରି ଆତଙ୍କବାଦୀଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

### ଫୁର୍‌ସତ୍

# ପ୍ରତିଦିନ କଞ୍ଚାମାଂସ ଖାଇବାର ନିଶା



**ନୂଆଦିଲ୍ଲୀ**

ଦୁନିଆରେ ଦୁଇ ପ୍ରକାରର ଲୋକ ଅଛନ୍ତି। କେତେଜଣ ଶାକାହାରୀ ହୋଇଥିବା ବେଳେ ଆଉ କିଛି ଲୋକ ମାଂସାହାରୀ ହୋଇଥାନ୍ତି। କିନ୍ତୁ ମାଂସାହାରୀ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଏପରି ବି ଅଛନ୍ତି, ଯେଉଁମାନେ ରନ୍ଧା ମାଂସ ଖାଇବା ପରିବର୍ତ୍ତେ କଞ୍ଚା ମାଂସ ଖାଇବାକୁ ଭଲ ପାଆନ୍ତି। ଆଜି ଆମେ ଆପଣଙ୍କୁ ଏପରି ଜଣେ ବ୍ୟକ୍ତିଙ୍କ ବିଷୟରେ କହିବାକୁ ଯାଉଛୁ, ଯିଏ ଲୁଣ, ହଳଦୀ, ଲଙ୍କା ଆଦି ସହ କଞ୍ଚା ଚିକେନ ଖାଇବାକୁ ପସନ୍ଦ କରନ୍ତି। ଏହିପରି କଞ୍ଚା ମାଂସ ଖାଇବା ପଛରେ ଏକ ଉଦ୍ଦେଶ୍ୟ ଥିବାର ସମ୍ପୃକ୍ତ ବ୍ୟକ୍ତି ଜଣକ ପ୍ରକାଶ କରିଛନ୍ତି। ଆଜିକାଲି ଲୋକେ ଅଧିକ ସ୍ୱାସ୍ଥ୍ୟ ସଚେତନ ହେବାକୁ ପସନ୍ଦ କରିଥିବା ବେଳେ, ଜନ୍ ନାମକ ଜଣେ ବ୍ୟକ୍ତି କଞ୍ଚା ଚିକେନ ଖାଇ ନିଜର ହାସ୍ୟାସ୍ପଦ ପରୀକ୍ଷଣ ଜାରି ରଖିଛନ୍ତି। ଏପରି କରି ସେ ଲୋକଙ୍କୁ ଜଣାଇବାକୁ ଚାହାନ୍ତି ଯେ କଞ୍ଚା ମାଂସ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଆଦୌ ଅହିତକର ନୁହେଁ। ନିଜେ କରୁଥିବା ଏକ ବିଜ୍ଞାନ ପରୀକ୍ଷଣର ଅଂଶ ଭାବେ ଜନ୍ ପ୍ରତିଦିନ କଞ୍ଚା ଚିକେନ୍ ଖାଇ ଏକ୍ସପେରିମେଣ୍ଟ କରୁଥିବା ସୂଚନା ଦେଇଛନ୍ତି। ସେ ତାଙ୍କ ସୋସିଆଲ୍ ମିଡିଆ ଆକାଉଣ୍ଟରୁ କଞ୍ଚା ଚିକେନ୍ ଖାଇବାର ଅନେକ ଭିଡିଓ ଶେୟାର କରିଛନ୍ତି। ଜନ୍ କହିଛନ୍ତି, ସେ ଚଳିତ ବର୍ଷ ଜାନୁଆରୀ ୧୯ରୁ ପ୍ରତିଦିନ କଞ୍ଚା ଚିକେନ୍ ଖାଉଛନ୍ତି। ଏହିପରି କରିବାର ପ୍ରାୟ ୩ ସପ୍ତାହ ହୋଇଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅସୁସ୍ଥ ହୋଇ ନ ଥିବା କହିଛନ୍ତି ଜନ୍। ଯେତେବେଳେ ବି କେହି କୌଣସି ଏକ କାର୍ଯ୍ୟକୁ ନ କରିବା ପାଇଁ ତାଙ୍କୁ କୁହନ୍ତି, ସେହିପରି କାର୍ଯ୍ୟକୁ ସେ ସମ୍ପୂର୍ଣ୍ଣ ଉତ୍ସାହର ସହ ଆରମ୍ଭ କରୁଥିବା କହିଛନ୍ତି। କିନ୍ତୁ ଜନ୍‌ଙ୍କ ଭିଡିଓ ଦେଖୁଥିବା ଅନେକ ଲୋକ କମେଣ୍ଟ ମାଧ୍ୟମରେ ତାଙ୍କୁ ଏପରି ନ କରିବାକୁ ପରାମର୍ଶ ଦେଇଛନ୍ତି।

# ଅଲଗା ହେଲେ ଈଶା, ଭରତ



**ମୁମ୍ବାଇ**

ବଲିଉଡ ଅଭିନେତ୍ରୀ ଈଶା ଦେଓଲ୍ ଓ ତାଙ୍କ ସ୍ୱାମୀ ଭରତ ତାଖ୍‌ତାନି ପରସ୍ପର ଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଉଭୟ ଏକ ମିଳିତ ବିବୃତି ଜାରି କରିଛନ୍ତି। କିଛି ଦିନ ହେବ ଈଶା ଓ ଭରତଙ୍କ ମଧ୍ୟରେ ମତଭେଦର ଖବର ସାମନାକୁ ଆସୁଥିଲା। ଉଭୟ ସର୍ବସାଧାରଣରେ ଅନେକ ଦିନ ହେଲା ଏକାଠି ଦେଖାଯାଉ ନ ଥିବାରୁ ଏପରି ଚର୍ଚ୍ଚା ଲାଗି ରହିଥିଲା। ସାମାଜିକ ଗଣମାଧ୍ୟମରେ ଈଶାଙ୍କ ପ୍ରଶଂସକ ଦାବି କରିଛନ୍ତି ଯେ ଭରତ ତାଙ୍କ ସ୍ତ୍ରୀଙ୍କୁ କିଛି ଦିନ ହେବ ପ୍ରତାରଣା କରିଆସୁଥିଲେ। ସେହିପରି ବେଙ୍ଗାଲୁରୁରେ ନୂଆବର୍ଷର ଏକ ପାର୍ଟିରେ ଈଶାଙ୍କ ବିନା ଭରତଙ୍କୁ ଦେଖିବାକୁ ମିଳିଥିବାର ଚର୍ଚ୍ଚା ଜୋର ଧରିଥିଲା। ତେବେ ସେତେବେଳେ ଏହି ରିପୋର୍ଟଗୁଡ଼ିକ ଉପରେ ଦେଓଲ୍ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିଲା।। ୨୯ ଜୁନ୍ ୨୦୧୨ରେ ଈଶା ଓ ଭରତ ଇସ୍କନ ମନ୍ଦିରରେ ଅତି ନିରାଡମ୍ବର ଭାବରେ ବିବାହ କରିଥିଲେ। ବର୍ତ୍ତମାନ ଏହି ଦମ୍ପତିଙ୍କର ଦୁଇ ଝିଅ ରାଧା (୬) ଓ ମିରାୟା (୪) ମଧ୍ୟ ରହିଛନ୍ତି। ସୂଚନାଯୋଗ୍ୟ, ଭରତ ତାଖ୍‌ତାନି ମୁମ୍ବାଇର ଏଚ.ଆର. କଲେଜରୁ ବାଣିଜ୍ୟ ଏବଂ ଅର୍ଥନୀତିରେ ସ୍ନାତକ ହାସଲ କରିଥିବା ବେଳେ ଏକ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ସମୟରେ ତାଙ୍କର ଈଶାଙ୍କ ସହ ସାକ୍ଷାତ୍ ହୋଇଥିଲା ଏବଂ ଏହିଠାରୁ ହିଁ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଆହୁରି ବଢ଼ିଥିଲା। କଲେଜ ପଢ଼ା ଶେଷ ହେବା ପରେ ଭରତ ପିତାଙ୍କ ବ୍ୟବସାୟକୁ ସମ୍ଭାଳି ଥିଲେ। ଆର.ଜି. ବେଙ୍ଗଲ ପ୍ରାଇଭେଟ ଲିମିଟେଡ୍ ନାମକ ଏକ କମ୍ପାନୀର ମାଲିକ ଥିବା ଭରତ ବୃତ୍ତିରେ ଜଣେ ହୀରା ବ୍ୟବସାୟୀ।

# ଜୀବନସାଥୀ ଖୋଜିଦେଲା ଚାଟ୍‌ଜିପିଟି

**ମସ୍କୋ**

ରୁଷିଆର ଜଣେ ବ୍ୟକ୍ତି ଜୀବନସାଥୀଙ୍କୁ ଖୋଜିବା ପାଇଁ ଚାଟ୍‌ଜିପିଟିର ସହଯୋଗ ନେଇ ସଫଳ ହୋଇଛନ୍ତି। ଆଲେକ୍‌ଜାଣ୍ଡାର ଝାଦନ ଡେଟିଂ ସାଇଟ୍ ଟିଣ୍ଡରରେ ୫,୦୦୦ରୁ ଅଧିକ ଯୁବତୀଙ୍କ ମଧ୍ୟରୁ ପାର୍ଟନରଙ୍କୁ ପାଇବା ଲାଗି ସେ ଓପନ୍‌ଏଆଇର ଏଆଇ ଚାଟ୍‌ବୋଟ୍ ଚାଟ୍‌ଜିପିଟିକୁ ବ୍ୟବହାର କରିଥିଲେ ବୋଲି କହିଛନ୍ତି। ୨୩ ବର୍ଷୀୟ ଝାଦନ୍ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଟିଣ୍ଡର ବୋଟ୍‌ଆପ୍‌ରେ ୫,୨୩୯



ଝିଅଙ୍କ ସହ ତାଙ୍କର ମେଳ ହୋଇଥିଲା। ସେ କେତେକ ନିର୍ଦ୍ଦିଷ୍ଟ ଫିଲ୍ଟରକୁ ବ୍ୟବହାର କରିବା ପରେ ଚାଟ୍‌ଜିପିଟି ଅନାବଶ୍ୟକ ଝିଅଙ୍କୁ ବାଦ୍ ଦେଇ ଦେଇ ଚାଲିଥିଲା। ଫଳରେ ସେମାନଙ୍କ ମଧ୍ୟରୁ ଜଣେ ଝିଅଙ୍କୁ ବାଛିପାରିଥିଲେ। ତାଙ୍କ ସହ ସେ ବର୍ଷେ ଧରି ଚାଟ୍‌ଜିପିଟି ଜରିଆରେ ଯୋଗସୂତ୍ରରେ ରହିଥିଲେ। ନିଜ ପ୍ରିୟତମାଙ୍କୁ ପାଇବା କଠିନ ବ୍ୟାପାର ହୋଇଥିବାରୁ ସେ ଏହି ପନ୍ଥା ଆପଣାଇଲେ। ତାଙ୍କୁ ଅନ୍ୟ କାର୍ଯ୍ୟ କରିବା ସହ ନିଜ ହବି, ଅଧ୍ୟୟନ ଓ ଅନ୍ୟମାନଙ୍କ ସହ ଯୋଗାଯୋଗ ଆଦି କ୍ଷେତ୍ରରେ ମଧ୍ୟ ସମୟ ଅତିବାହିତ କରିବାକୁ ପଡୁଥିଲା। ଚାଟ୍‌ଜିପିଟି ପରିବର୍ତ୍ତେ ଅନ୍ୟ ଉପାୟରେ କନିଆ ଖୋଜିଥିଲେ ତାଙ୍କୁ ଅଧିକ ସମୟ ଓ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଆନ୍ତା ବୋଲି ଝାଦେନ ସୂଚନା ଦେଇଛନ୍ତି। ନିଜ ଭାବୀ ସ୍ତ୍ରୀ କରିନାଙ୍କ ସହ ସେ ଏବେ ଖୁସିରେ ଅଛନ୍ତି।

# ମା'ଙ୍କ ମଜାକଥା ଶୁଣି କୋମାରୁ ଉଠିଲେ ମହିଳା

**ୱାଂଶିଟନ**

ଆମେରିକାର ମିଶିଗାନ୍‌ର ଏକ ମେଡିକାଲ୍‌ରେ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ୫ ବର୍ଷ ଧରି କୋମାରେ ପଡ଼ିଥିବା ଜଣେ ମହିଳା ନିଜ ମା'ଙ୍କ ମଜାକଥା ଶୁଣି ହସିଉଠିବା ଏବେ ଚାରିଆଡ଼େ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ଜେନିଫର ଫ୍ଲୁଏନ ନାମ୍ନୀ ଜଣେ ମହିଳା ୫ ବର୍ଷ ତଳେ କାର ଦୁର୍ଘଟଣାରେ ପୀଡ଼ିତ ହୋଇ କୋମାକୁ ଚାଲିଯାଇଥିଲେ। ତେବେ ନିଜ ଝିଅ ପୁଣି କୋମାରୁ ଫେରିଆସି ତାଙ୍କ ସହ କଥାବାର୍ତ୍ତା କରିବ, ସେ ଆଶା ଛାଡି ନ ଥିଲେ ଜେନିଫରଙ୍କ ମା ପେଗୀ ମିନ୍ସ। ପ୍ରତିଦିନ ସେ ମେଡିକାଲ ଯାଇ କୋମାରେ ପଡ଼ିଥିବା ନିଜ ଝିଅଙ୍କ ପାଖରେ ବସି ତାଙ୍କୁ



ମଜାକଥା ଶୁଣାଉଥିଲେ। କିନ୍ତୁ ପ୍ରତିଥର ସେ ବିଫଳ ହୋଇଥିଲେ। କିନ୍ତୁ ହଠାତ୍ ୫ ବର୍ଷ ପରେ ମା'ଙ୍କ ମଜାକଥା ଶୁଣି ଜେନିଫର କୋମାରୁ ବାହାରି ହସିବାକୁ ଲାଗିଥିଲେ। ଦୀର୍ଘ ୫ ବର୍ଷ ପରେ ନିଜ ଝିଅଙ୍କ ସହ କଥା ହୋଇ ବେଶ୍ ଖୁସିବ୍ୟକ୍ତ କରିଛନ୍ତି ଜେନିଫରଙ୍କ ମା ପେଗୀ ମିନ୍ସ। ତେବେ ଏହି ଘଟଣାକୁ ନେଇ ଜେନିଫରଙ୍କୁ ଚିକିତ୍ସା କରୁଥିବା ଡାକ୍ତର ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

# ଉଜ୍ଜ୍ୱଳ ଭବିଷ୍ୟତ ଗଠନର ନୂଆ ଠିକଣା: ମୁଖ୍ୟମନ୍ତ୍ରୀ

## ଅନ୍ଧାରୁଆରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)



ଛାତ୍ରୀଛାତ୍ରଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭୁବନେଶ୍ୱର ଅନ୍ଧାରୁଆଠାରେ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ କ୍ୟାମ୍ପସ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହା ମାଧ୍ୟମରେ ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରି ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଉଦ୍‌ଘାଟିତ ହୋଇଥିବା ୨୫ ଏକର ପରିମିତ ନୂତନ କ୍ୟାମ୍ପସ୍‌ରେ ସିବିଏସ୍‌ଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବା ୧୦୦୦ ମେଧାବୀ ଛାତ୍ରୀଛାତ୍ରଙ୍କ ପଢ଼ିବା ପାଇଁ ଏକାଡେମିକ୍ ବ୍ଲକ, ପ୍ରତ୍ୟେକ ୫୪୪ କ୍ଷମତା ବିଶିଷ୍ଟ ୨ ଛାତ୍ରାବାସ ଓ ଛାତ୍ରୀନିବାସ, ସେଣ୍ଟ୍ରାଲ କିଚେନ ଓ ଡାଇନିଂ ବ୍ୟବସ୍ଥା, ଷ୍ଟାଫ କ୍ୱାର୍ଟର୍ସ, ଡର୍ମିଟୋରି ଏବଂ ପାର୍କିଂ ଓ ବଗିଚା ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। ଏହାର ନିର୍ମାଣ ପାଇଁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଆବାସିକ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ରହିବା ସହ ଅତ୍ୟାଧୁନିକ କ୍ଲାସ୍ ରୁମ୍, ଆଇସିଟି ଲାବ୍, ଇ-ଲାଇବ୍ରେରି, ଅତ୍ୟାଧୁନିକ ସାଇନ୍ସ ଲାବ୍, ଦକ୍ଷତା ବିକାଶର ବ୍ୟବସ୍ଥା କରାଯାଇଛି। ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଗୁଣାତ୍ମକ ମାନର ଶିକ୍ଷା ପ୍ରଦାନ ପାଇଁ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ଖୋଲାଯିବା ମୁଖ୍ୟମନ୍ତ୍ରୀଙ୍କ ଏକ ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୩୧୫ ଆଦର୍ଶ ବିଦ୍ୟାଳୟ ସ୍ଥାପନ ହୋଇଛି। ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରମାନଙ୍କ ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ଏହି ଆଇକନିକ୍ ଆଦର୍ଶ ବିଦ୍ୟାଳୟର ପିଲାଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ, ଆଇନ ପାଠ୍ୟକ୍ରମ ଏବଂ ସୈନ୍ୟ ବାହିନୀରେ ଯୋଗଦେବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜାତୀୟସ୍ତରର ପ୍ରତିଯୋଗିତାର କୋଚିଂ ବ୍ୟବସ୍ଥା କରାଯାଇଛି।

# ମହାପ୍ରଭୁଙ୍କୁ କ୍ଷମା ପ୍ରାର୍ଥନା କଲେ ଦୈତାରୀ ପଣ୍ଡା

ପୁରୀ, ୭।୨(ଅଜିତ୍ ମହାନ୍ତି)

## ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁଙ୍କ ସହ ତୁଳନାତ୍ମକ ବକ୍ତବ୍ୟ ପ୍ରସଙ୍ଗ



ଯାତ୍ରା ଜଗତର ଜଣାଶୁଣା ଅଭିନେତା ଦୈତାରୀ ପଣ୍ଡା କିଛିଦିନ ତଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତୁଳନା କରିଥିଲେ, ଯାହାକୁ ନେଇ ପଣ୍ଡାଙ୍କ ବିରୋଧରେ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପଣ୍ଡା ପୁରୀ ଆସି ମହାପ୍ରଭୁଙ୍କୁ ଭୁଲ ମାଗିବା ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଥିଲା। ତେଣୁ ଶେଷରେ ବୁଧବାର ପଣ୍ଡା ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ତାଙ୍କର ଏପରି ବକ୍ତବ୍ୟ ପାଇଁ ଭୁଲ୍ ମାଗିଛନ୍ତି।

ପଣ୍ଡା ପ୍ରଥମେ ପୁରୀ ଆସି ସିଂହଦ୍ୱାର ଥାନାକୁ ଯାଇଥିଲେ। ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସେ ଦେଇଥିବା ବିବାଦୀୟ ମନ୍ତବ୍ୟ ଉପରେ କ୍ଷମା ପ୍ରାର୍ଥନା କରିଥିଲେ। ସବୁଆଡୁ ବିରୋଧର ସ୍ୱର ତେଜିବା ପରେ ଶେଷରେ ସେ ଶ୍ରୀମନ୍ଦିର ଆସି ତାଙ୍କର ମନ୍ତବ୍ୟ ପାଇଁ ପଶ୍ଚାତ୍ତାପ କରିଥିବା ପଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ମଣିଷ ମାତ୍ରକେ ଭୁଲ ହୋଇଥାଏ। ମଣିଷ ଅନେକ ସମୟରେ ବେଳେବେଳେ କିଛି ଭୁଲ କରି ପକାଇଥାଏ। ସେ ମଧ୍ୟ ଭୁଲ୍ କରିଦେଇଛନ୍ତି। ସେ ଭାବପ୍ରବଣ ହୋଇ ଏଭଳି ମନ୍ତବ୍ୟ ଦେଇଥିଲେ। ଏହା ଅଗଣିତ ଦର୍ଶକଙ୍କ ମନକୁ ଦୁଃଖ ଦେବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅପମାନିତ କରିଥିବା ଚର୍ଚ୍ଚାକୁ ଆସିଥିଲା। ତେଣୁ ଏପରି ଅପରାଧ ପାଇଁ ମହାପ୍ରଭୁଙ୍କ ସମେତ ସମସ୍ତ ସାଢ଼େ ଚାରିକୋଟି ଓଡ଼ିଆଙ୍କ ନିକଟରେ ସବିନୟ କ୍ଷମା ପ୍ରାର୍ଥନା କରୁଛି। ସମସ୍ତେ କ୍ଷମା କରିଦେବେ ବୋଲି ପଣ୍ଡା ଆଶାବ୍ୟକ୍ତ କରିଛନ୍ତି। ଏଭଳି ମନ୍ତବ୍ୟ କେହି ଦେବା ଉଚିତ ନୁହେଁ। ସେ ଜଣେ କଳାକାର। ତେଣୁ ମହାପ୍ରଭୁ ତାଙ୍କୁ କଳାକାର ହୋଇ ବଞ୍ଚିବାକୁ ଦିଅନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି। ସେହିପରି ସବୁ ମହାପ୍ରଭୁଙ୍କ ଇଚ୍ଛାରେ ହେଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଛାଡ଼ି ବଞ୍ଚିବା ଅସମ୍ଭବ। ତାଙ୍କ ନିକଟରେ ତୁଳସୀ ନ ଲଗାଇଲେ ଓ ନ ପାଇଲେ ସେ ବଞ୍ଚିପାରିବେନି ବୋଲି ପଣ୍ଡା କହିଛନ୍ତି। ଯାତ୍ରା ଅଭିନେତ୍ରୀ ରାଣୀ ପଣ୍ଡା ସୋସିଆଲ ମିଡିଆରେ ପଣ୍ଡାଙ୍କ ବିରୋଧରେ ମନ୍ତବ୍ୟ ଦେବା ସମ୍ପର୍କରେ ମଧ୍ୟ ସେ ପ୍ରତିକ୍ରିୟା ରଖିଛନ୍ତି। ପଣ୍ଡା କହିଛନ୍ତି, ପ୍ରତିଦିନ ରାଣୀ ପଣ୍ଡା ସୋସିଆଲ ମିଡିଆରେ ତାଙ୍କୁ ଗାଳିଗୁଲଜ କରୁଛନ୍ତି। ତେବେ ସେ ଜଣେ କଳାକାର ଏବଂ ମୁଁ ମଧ କଳାକାର। ତେଣୁ ମହାପ୍ରଭୁ ତାଙ୍କର ମଙ୍ଗଳ କରନ୍ତୁ ବୋଲି ସେ କାମନା କରିଥିବା ପଣ୍ଡା କହିଛନ୍ତି।




# ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଚକ୍ରଧାରୀ ଶରଣ ସିଂ

କଟକ,୭।୨ (କାର୍ତ୍ତିକ ସାହୁ)




ରାଜ୍ୟପାଳ ରଘୁବର ଦାସ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କୁ ଶପଥ ପାଠ କରାଉଛନ୍ତି।

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ବୁଧବାର ପୂର୍ବାହ୍ନରେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ରଘୁବର ଦାସ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ହାଇକୋର୍ଟ ପୁରୁଣା ବିଲ୍ଡିଂର ପୂର୍ବପାର୍ଶ୍ୱ ଲନ୍‌ରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଆଇନ ସଚିବ ମାନସ ବାରିକ, କଟକ ଜିଲାପାଳ ବିନୀତ ଭରଦ୍ୱାଜ, ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା, ପାଟନା ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତିଗଣ, ବିଚାର ବିଭାଗୀୟ ଅଧିକାରୀ, ହାଇକୋର୍ଟ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା, ହାଇକୋର୍ଟ ଆଇନଜୀବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ଜଷ୍ଟିସ ଚକ୍ରଧାରୀ ଶରଣ ସିଂଙ୍କୁ ଓଡ଼ିଶା ହାଇକୋର୍ଟରେ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି କରାଯିବା ନିମନ୍ତେ ଗତ ୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା ପୂର୍ବରୁ ସେ ପାଟନା ହାଇକୋର୍ଟରେ ବିଚାରପତି ଥିଲେ। ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ବିଚାରପତି ସଞ୍ଜୟ କିଶାନ କାଉଲ୍, ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ୍ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂଙ୍କୁ ଓଡ଼ିଶା ହାଇକୋର୍ଟରେ ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିବାକୁ ସୁପାରିସ କରିଥିଲେ। ଜଷ୍ଟିସ୍ ଶରଣ ସିଂ ୧୯୯୦ରେ ପାଟନା ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ପରେ ତାଙ୍କୁ ୧୯୯୮ରେ ବିହାରର ଅତିରିକ୍ତ ଆଡ୍‌ଭୋକେଟ୍ ଜେନେରାଲ୍ ଭାବେ ନିଯୁକ୍ତି ମିଳିଥିଲା। ୨୦୧୨ ଏପ୍ରିଲ ୫ରେ ପାଟନା ହାଇକୋର୍ଟରେ ବିଚାରପତି ଭାବେ ସେ ନିଯୁକ୍ତି ହୋଇଥିଲେ। ପାଟନା ହାଇକୋର୍ଟରେ ବିଚାରପତି ଭାବେ ସେ ୧୧ ବର୍ଷ ମଧ୍ୟରେ ୧୨୪୬ଟି ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ କରିଥିଲେ।

୧୯୬୩ ଜାନୁଆରୀ ୨୦ରେ ଜନ୍ମଗ୍ରହଣ କରିଥିବା ଜଷ୍ଟିସ ସିଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (କ୍ୟାମ୍ପସ୍ ସେଣ୍ଟର୍)ରୁ ଏଲ୍ଏଲ୍‌ବି ପାଠ୍ୟକ୍ରମ ଶେଷ କରିଥିଲେ। ୨୦୦୬ରେ ପ୍ରଶିକ୍ଷଣ ନେଇ ସେ ପାଟନା ହାଇକୋର୍ଟରେ ମେଡିଏଟର୍ ଭାବେ ଯୋଗ ଦେଇଥିଲେ। ୨୦୧୦ ସେପ୍ଟେମ୍ବର ୧୮ରେ ତାଙ୍କୁ ବରିଷ୍ଠ ଆଇନଜୀବୀର ମାନ୍ୟତା ମିଳିଥିଲା। ଜଷ୍ଟିସ୍ ସିଂ ୨୦୨୩ ଫେବୃଆରୀ ୬ରୁ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ପାଟନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ଅବସର ପରେ ଏହି ପଦବୀ ଖାଲିଥିଲା। ସେବେଠାରୁ ଓଡ଼ିଶା ହାଇକୋର୍ଟର ବରିଷ୍ଠ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରୁଥିଲେ।

# କଣ୍ଟାବାଞ୍ଜିରେ ରେଳ ୱାଗନ ମରାମତି କାରଖାନା

## ୨୪୪.୭୭ କୋଟି ମଞ୍ଜୁର

ଭୁବନେଶ୍ୱର,୭।୨ (ଅନୁରାଧା ମହାରଣା)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ୱାଗନ ମରାମତି କାରଖାନା ପ୍ରତିଷ୍ଠା ହେବ। ରେଳ ମନ୍ତ୍ରଣାଳୟ ଏହି ୱାଗନ ପିରିଓଡିକ ମରାମତି (ପିଓଏଚ୍) କାରଖାନା ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ଦେଇଛି। ଏଥିପାଇଁ ରେଲ୍‌ୱେ ବୋର୍ଡ ଦ୍ୱାରା ୨୪୪.୭୭ କୋଟି ଟଙ୍କା ମଞ୍ଜୁର କରାଯାଇଛି। ସେପ୍ଟେମ୍ବର ୨୦୨୩ରେ ଦାଖଲ ହୋଇଥିବା ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର)ର ତର୍ଜମା ପରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୦ ୱାଗନ କ୍ଷମତା ବିଶିଷ୍ଟ ପ୍ରସ୍ତାବିତ ୱାଗନ ପିଓଏଚ୍ କାରଖାନା କଣ୍ଟାବାଞ୍ଜିସ୍ଥିତ ରେଲ୍‌ୱେ ଜମିରେ ସ୍ଥାପନ କରାଯିବ। ଏହି କାରଖାନା ପୃଥକ ଭାବରେ ୱାଗନ ରକ୍ଷଣାବେକ୍ଷଣ ଦକ୍ଷତା ଏବଂ ନିର୍ଭରଯୋଗ୍ୟତାକୁ ଉନ୍ନତ କରିବ। ଏହାଦ୍ୱାରା ଉନ୍ନତ କାର୍ଯ୍ୟଦକ୍ଷତା ଏବଂ କାର୍ଯ୍ୟବୃଦ୍ଧି ହେବ ବୋଲି ଆଶା କରାଯାଉଛି।

# ୬ଦଫା ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘର ବିକ୍ଷୋଭ




ଦାବି ପୂରଣ ପାଇଁ ଲୋୟର ପିଏମ୍‌ଜିଠାରେ ବୁଧବାର ସାମ୍ବାଦିକ ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଭୁବନେଶ୍ୱର,୭।୨ (ଅସମାପିକା ସାହୁ)

## ସାମିଲ ହେଲେ ୨ହଜାରରୁ ଊର୍ଦ୍ଧ୍ୱ ପ୍ରତିନିଧି

ଉତ୍କଳ ସାମ୍ବାଦିକ ସଂଘର ଆହ୍ୱାନକ୍ରମେ ରାଜ୍ୟର ୨ହଜାରରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ୬ ଦଫା ମୌଳିକ ଦାବି ନେଇ ବୁଧବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଧାନସଭା ଘେରାଉ କରିଥିଲେ। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନ୍‌ସନ ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାରେ ମାତାପିତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ କରିବା, ମିଡ଼ିଆ ଏକାଡ଼େମୀ ଗଠନ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ଲୋକସେବା ଭବନ ସମେତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାମ୍ବାଦିକଙ୍କ ପ୍ରବେଶାଧିକାର ପାଇଁ ସେମାନେ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଏହି ଅବସରରେ ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଅଧକ୍ଷତା କହିଲେ, ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସାମ୍ବାଦିକବର୍ଗ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ। ସାମ୍ବାଦିକଙ୍କ ଦାବି ପୂରଣରେ ସରକାର ଟାଳଟୁଳ ନୀତି ଅବଲମ୍ବନ କଲେ ୩୦ ଜିଲାର ସାମ୍ବାଦିକ ସଂଘ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ କହିଥିଲେ। ସଂଘର ଉପଦେଷ୍ଟା ପ୍ରଦୋଷ କୁମାର ପଟ୍ଟନାୟକ, ରବି ଦାସ, ସନତ ମିଶ୍ର, ପୀତବାସ ମିଶ୍ର, ସୁଜ୍ଞାନ ଚୌଧୁରୀ, ଶ୍ରୀମୟ କର, ପର୍ଯ୍ୟବେକ୍ଷକ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ, ନିରଞ୍ଜନ ବିଶ୍ୱାଳ, ବିପିନ ସିଂହ, କିଶୋର ଦ୍ୱିବେଦୀ, ବଙ୍କିମ ଚନ୍ଦ୍ର ନାୟକ, ପପୁ ମହାନ୍ତି, ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପ୍ରମୋଦ ପଟ୍ଟନାୟକ, ହାରାଧନ ବାନାର୍ଜୀ, କୋଷାଧକ୍ଷ ରାଜେନ ଚୌଧୁରୀ, ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର, ପ୍ରଦୀପ ତ୍ରିପାଠୀ, ସତ୍ୟନାରାୟଣ ମିଶ୍ର, ରବି ନାରାୟଣ ଖିଲାର ପ୍ରମୁଖ ନ୍ୟାଯ୍ୟ ଦାବିଗୁଡ଼ିକୁ ସରକାର ଯଥାଶୀଘ୍ର ପୂରଣ କରିବାକୁ ଆହ୍ୱାନ ଦେଇଥିଲେ।

ସମାବେଶରେ ପୂର୍ବତନ ଏମ୍‌ପି ତଥା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ସାମ୍ବାଦିକଙ୍କ ଦାବିଗୁଡ଼ିକ ଯୁକ୍ତିଯୁକ୍ତ ହୋଇଥିବାରୁ ଏହି ପ୍ରସଙ୍ଗରେ ସଂଘ ସହିତ ଶେଷ ପର୍ଯ୍ୟନ୍ତ ରହି ଦୃଢ ସମର୍ଥନ ଦେବେ ବୋଲି କହିଥିଲେ। ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଯୋଗଦେଇ ସାମ୍ବାଦିକଙ୍କ ଦାବିଗୁଡ଼ିକୁ ତାଙ୍କ ଦଳ ଦୃଢ଼ ସମର୍ଥନ କରୁଛି ବୋଲି କହିଥିଲେ। ଦାବି ପୂରଣ ପର୍ଯ୍ୟନ୍ତ ସାମ୍ବାଦିକଙ୍କ ସ୍ୱର ସହିତ ସ୍ୱର ମିଳାଇବା ସହ ଏ ସମ୍ପର୍କରେ ବିଧାନସଭାରେ ଆଲୋଚନା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ ସହ ବିଧାୟିକା କୁସୁମ ଟେଟେ, ବିଧାୟକ ମୁକେଶ ମହାଲିଙ୍ଗ, ନାଉରି ନାୟକ, ସୁବାସ ପାଣିଗ୍ରାହୀ, ସଜ୍ଜନ ଶର୍ମା ପ୍ରମୁଖ ଯୋଗଦେଇ ସମର୍ଥନ ଜଣାଇଥିଲେ।

ପରେ ସାମ୍ବାଦିକମାନେ ଶୋଭାଯାତ୍ରାରେ ବିଧାନସଭା ଅଭିମୁଖେ ଯାଇ ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବା ସମୟରେ ଉପସ୍ଥିତ ପୋଲିସ ବାହିନୀ ସେମାନଙ୍କୁ ଅଟକାଇଥିଲେ। ସରକାର ଦାବି ପୂରଣ କରିବାରେ ପୁଣି ଟାଳଟୁଳ ନୀତି ଅବଲମ୍ବନ କଲେ, ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।



**ଆଜିର ମନ୍ତବ୍ୟ**

"କଂଗ୍ରେସର ବିଚାରଧାରା ପୁରୁଣାକାଳିଆ ହୋଇଗଲାଣି। ବିରୋଧୀ ଦଳ ସବୁବେଳେ ସମସ୍ତ ପ୍ରକାର ସଂରକ୍ଷଣକୁ ବିରୋଧ କରିଆସିଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ମିଡ୍ ଡେ ମିଲ୍ ୱାର୍କର୍ସ ୟୁନିୟନ୍ ପକ୍ଷରୁ ରାଲି ଓ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ୱିଟ୍‌ନେସ ଦି ମ୍ୟୁଜିକାଲ ଅନଭେଲିଂ ଅଫ୍ ଓଡ଼ିଶା, ରଘୁନାଥପୁର, ଅପରାହ୍ନ ୪ଟା।
- ଭାରତ ରଙ୍ଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ବିଂଶତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ ପଞ୍ଚମଦେବ ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ଓ ଅଷ୍ଟପ୍ରହରନାମ ସଂକୀର୍ତ୍ତନ ନଗର ପରିକ୍ରମା, ବରିମୁଣ୍ଡ ଲକ୍ଷେଶ୍ୱର ମହାଦେବପୀଠ, ସକାଳ ୭ଟା ଓ ଅପରାହ୍ନ ୫ଟା।
- . ଶ୍ରୀଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞର ନଗର ପରିକ୍ରମା, ରଘୁନାଥପୁର, ତିଅରସାହି, ସକାଳ ୭ଟା।
- . ପଞ୍ଚାୟତ କପ୍-୨୦୨୪, ପିଣ୍ଡିକ ଖେଳପଡିଆ, ଦାରୁଠେଙ୍ଗ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ର ସଚେତନତା ଶିବିର, ବଇରୁଆଁ ପଞ୍ଚାୟତ ନିକଟ ସ୍କୁଲ ଖେଳପଡ଼ିଆ, ପୂର୍ବାହ୍ନ ୧୧ ଟା।
- .୨୮ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ, ଭିଙ୍ଗାରପୁର ଦୁର୍ଗାପୂଜା ମଣ୍ଡପ ପରିସର, ରାତି ୭ ଟା।

## ପୁରୀ

- ମହିଳା ଜାତୀୟ ସମ୍ମିଳନୀ, ପୌର ସଦନ, ଅପରାହ୍ନ ୪ଟା।
- ସତ୍ୟବାଦୀ ବାଳିକା ଉଚ୍ଚ ବିଦ୍ୟାଳୟର ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ, ସ୍କୁଲ ପରିସର ଖେଳପଡ଼ିଆ, ପୂର୍ବାହ୍ନ ୧୧ଟା।
- କିଶୋରୀଙ୍କ ଆତ୍ମରକ୍ଷା ନିମନ୍ତେ ଏକ ସତନ୍ତ୍ର କାର୍ଯ୍ୟକ୍ରମ, ସତ୍ୟବାଦୀ ବିଦ୍ୟାଧରପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ, ପୂର୍ବାହ୍ନ ୧୧ଟା।

## କଟକ

- ଭାଜପା ୨୬ ନମ୍ବର ୱାର୍ଡରେ ଜନ ସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ, ଖୋଲାସାହି, ପୂର୍ବାହ୍ନ ୧୧ଟା।
- ସିଏମ୍‌ସି ୱାର୍ଡ ନଂ.୨୬ ଭାଜପା କର୍ପୋରେଟରଙ୍କ ଜନସମ୍ପର୍କ ପଦଯାତ୍ରା, ଖୋଲାସାହି, ପୂର୍ବାହ୍ନ ୧୧ଟା।
- ସନ୍ଧ୍ୟା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ନାଟ୍ୟ ସମାହାର, କଳାବିକାଶ କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ମା' ତାରିଣୀ ପୀଠ, ଖୋର୍ଦ୍ଧା ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଜଳଯାତ୍ରା, ସକାଳ ୮ଟା।
- ମା' ବଘେଇ କ୍ରିକେଟ ଟୁର୍ନାମେଣ୍ଟ, ଦେଉଳଟାଙ୍ଗୀ, ପୂର୍ବାହ୍ନ ୧୧ଟା।
- ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ଅବସରରେ ସାରସ୍ୱତ ସଭା, ସଂସ୍କୃତି ଭବନ, ଖୋର୍ଦ୍ଧା, ଅପରାହ୍ନ ୪ଟା।
- ବାର୍ଷିକ ଗୀତା ଜ୍ଞାନଯଜ୍ଞ, ତଣ୍ଡାଳ, ସକାଳ ୮ଟା।
- ମା' ଜାଗୁଳାଇ ଫୁଟ୍‌ବଲ ଟୁର୍ନାମେଣ୍ଟ, ଗୌଡିଆପଡ଼ା, ଅପରାହ୍ନ ୩ଟା।
- ସଂଜୀବ ମେମୋରିଆଲ କ୍ରିକେଟ, ଘୋ ପଡ଼ିଆ, ଲେଣ୍ଡୋ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ଉପରେ ଗ୍ରାମପଞ୍ଚାୟତର ରାଜ୍ୟ ସରକାରଙ୍କ ପରିବର୍ତ୍ତନଶୀଳ ପଦକ୍ଷେପ, ପଞ୍ଚାୟତ କାର୍ଯ୍ୟାଳୟ, ନିରାକାରପୁର, ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- 'ରକ୍ତହୀନତା ମୁକ୍ତ ବିଶ୍ୱବିଦ୍ୟାଳୟ ପରିସର', ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ଏଆଇଏସ୍‌ଏଫ୍ ପକ୍ଷରୁ ଜିଲାପାଳଙ୍କ ଅଫିସ ଘେରାଉ, ସ୍ଥାନ: ଜିଲାପାଳଙ୍କ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଭାରତ ସ୍କାଉଟ୍‌ସ ଆଣ୍ଡ ଗାଇଡ୍‌ସ କାମ୍ପୋରୀ ୨୦୨୩-୨୪ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା ୩୦।
- ସ୍ନିଗ୍ଧା ସାମନ୍ତରାୟଙ୍କ ରଚିତ ୪ଟି ଗ୍ରନ୍ଥ ଉନ୍ମୋଚିତ, ସ୍ଥାନ: ଶାନ୍ତିକାନନ, ସମୟ: ସନ୍ଧ୍ୟା ୬ଟା।
- ବଗଳାମୁଖୀ ମହାଯଜ୍ଞର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀ ଶ୍ରୀ ପିତାମ୍ବରା ସିଦ୍ଧ ମହାଶକ୍ତି ପୀଠ, କୁରୁଡ଼ା, ସମୟ: ଦିବସବ୍ୟାପୀ।

## ମୟୂରଭଞ୍ଜ

- ବାରିପଦା ପୌରପରିଷଦ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା ବସ୍ତି ସଚେତନତା ଶିବିର, ୱାର୍ଡ ନଂ. ୨୮ କରତବସା-ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ଜିଲାର +୨ ବିଜ୍ଞାନରେ ଜିଲା ଟପ୍ପର ଏବଂ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଛାତ୍ରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ସଦ୍‌ଭାବନା ଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ,ବାରିପଦା,- ପୂର୍ବାହ୍ନ ୧୧ଟା।
- ସୂଚନା ଅଧିକାର ଆଇନ ସମ୍ପର୍କିତ ଜିଲାସ୍ତରୀୟ ଏକଦିବସୀୟ ତାଲିମ ଶିବିର, ସ୍ଥାନ-ସମ୍ମିଳନୀ କକ୍ଷ, ବାରିପଦା, ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଜୟ କିଷାନ ହାଇସ୍କୁଲର ବାର୍ଷିକୋତ୍ସବ, ସ୍ଥାନ- ବାଲିପାଟଣା, ଅର୍ଜୁନପୁର ପଞ୍ଚାୟତ, ଧାମନଗର, ସମୟ- ଅପରାହ୍ନ ୩ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଦେହୁଡ଼ି ଆନନ୍ଦପୁର, ଧାମନଗର ଭଦ୍ରକ, ସମୟ: ଅପରାହ୍ନ ୪ ଟା।
- କାର୍‌ମେଲ ସ୍କୁଲର ରୌପ୍ୟ ଜୟନ୍ତୀ ଉଦ୍‌ଘାଟନ ସମାରୋହ, ସ୍ଥାନ: କାର୍‌ମେଲ ସ୍କୁଲ ପରିସର, ଭଦ୍ରକ, ସମୟ: ଅପରାହ୍ନ ୫ଟା
- ସର୍ବଭାରତୀୟ କିଶୋର ନାୟକ (ବନ୍ତ କପ୍) କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପୁରୁଷୋତ୍ତମପୁର ମିନିଷ୍ଟାଡିୟମ, ବନ୍ତ, ଭଦ୍ରକ, ସମୟ: ପୂର୍ବାହ୍ନ ୯ଟା
- ବାସୁଦେବପୁର ମହୋତ୍ସବ-୨୦୨୪ ବାସୁଦେବାୟନର ଉଦ୍‌ଘାଟନ ସମାରୋହ, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ସାଇ ଆନନ୍ଦା ଗ୍ରୁପ୍ ଅଫ ସ୍କୁଲର ବାର୍ଷିକ ଉତ୍ସବ ଉପଲକ୍ଷେ ପରିବାର ସମ୍ମିଳନୀ, ସ୍ଥାନ: ବନାଯୋଡ଼ି ଆଇଡିଏ କ୍ୟାମ୍ପସ, ସମୟ: ପୂର୍ବାହ୍ନ ୧୦ ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ, ସମୟ: ପୂର୍ବାହ୍ନ ୧୧ ଟା।
- ଆଦିବାସୀ ଉନ୍ନୟନ ବିଭାଗ ପକ୍ଷରୁ ସଶକ୍ତ ଓଡ଼ିଶା ସାଥି ଶିବିର, ସ୍ଥାନ: ସଦର ବ୍ଲକ୍ ସିଲିସୁଆଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ପାଇଁ ମିନି ମାରାଥନ, ସ୍ଥାନ: ଗୁଣପୁର କଲେଜ ପଡ଼ିଆରୁ ଉତ୍ସବ ପଡିଆ, ସକାଳ-୭ଟା
- ବଲରାମ ପଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନ, ସ୍ଥାନ: ଗୁଣପୁର ମିନି ଷ୍ଟାଡିୟମ, ସକାଳ-୯ଟା
- ଜନଜାତି ଉତ୍ସବ ଉଦଘାଟନ, ସ୍ଥାନ: ଗୁଣପୁର ବାଘୁଆ ଦେଉଳ ପଛ ପଟ ପଡିଆ, ସନ୍ଧ୍ୟା ୬ଟା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଗୁଡାରି ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା

## ନବରଙ୍ଗପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର, ସ୍ଥାନ: ଉମରକୋଟ ପେଣ୍ଡ୍ରାଣୀ ମନ୍ଦରି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା
- ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ, ସ୍ଥାନ: ଉମରକୋଟ ୧୪ ନଂ ୱାର୍ଡ, ସମୟ: ପୂର୍ବାହ୍ନ ୧୧ଟା

## ସମ୍ବଲପୁର

- କ୍ଷେତରାଜପୁର ମା' ବୈଷ୍ଣୋଦେବୀ ମନ୍ଦିର ଟ୍ରଷ୍ଟ ବୋର୍ଡର ଜାଗରଣ ସକାଶେ କଳସ ଯାତ୍ରା, ସମଲେଶ୍ୱରୀ ମନ୍ଦିର ସମ୍ମୁଖ, ସକାଳ ୮ଟା।
- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ପୂର୍ବାହ୍ନ ୯ଟା।
- ଲାୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, କୁମ୍ଭାରପଡ଼ାସ୍ଥିତ କ୍ଲବ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ଭୁତାପଡା ଛକ, ପୂର୍ବାହ୍ନ ୧୧ଟା।
- ଶ୍ରୀଲେଦର୍ସ ଶୋରୁମ ଉଦ୍‌ଘାଟନ ଉପଲକ୍ଷେ ବୈଠକ, ଅଇଁଠାପାଲି ଛକ, ଅପରାହ୍ନ ୩ଟା।
- ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସାଂସ୍କୃତିକ ଶୋଭାଯାତ୍ରା, ଫାଟକ-ବୁଢ଼ାରଜା, ପୂର୍ବାହ୍ନ ସାଢ଼େ ୧୦ଟା।
- ଝୋଟି ଓ ରଙ୍ଗୋଲି ପ୍ରତିଯୋଗିତା, ପିଏଚ୍‌ଡି ପଡିଆ, ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ଅଇଁଠାପାଲି ବିର୍ସା ମଇଦାନ, ସାଢ଼େ ୬ଟା

## ବଲାଙ୍ଗୀର

- ଟାଟା ପାୱାରର ନୂଆ ଭୋକେଶନାଲ ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ, ରାଜେନ୍ଦ୍ରପଡା, ସକାଳ ୯ଟା୩୦।
- ଶ୍ରୀଦୁର୍ଗେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟନୀ, ଖପ୍ରାଖୋଲ ବ୍ଲକ ଲାଠୋର ଖେଳ ପଡିଆ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ଦେଓଗାଁ ବ୍ଲକ ଅର୍ଜୁନପୁର ଓ କୁଲତାପଡା ପଞ୍ଚାୟତ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଭାଜପା ଜୋନସ୍ତରୀୟ କର୍ମୀ ସମାବେଶ, ଖପ୍ରାଖୋଲ ବ୍ଲକ କେନ୍ଦୁଭଟା, ପୂର୍ବାହ୍ନ ୧୧ଟା।

## ରାଉରକେଲା

- ସଙ୍ଗୀତ ସନ୍ଧ୍ୟା, ସିଭିକ ସେଣ୍ଟର, ସନ୍ଧ୍ୟା ୭ଟା।
- ଉତ୍କଳମଣି ଗୋପବନ୍ଧୁ କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସେକ୍ଟର-୨୦, ପୂର୍ବାହ୍ନ ୧୧ଟା।
- ହୋମିଓପ୍ୟାଥି କଲେଜର ୪୮ତମ ପ୍ରତିଷ୍ଠା ଦିବସ, ନୟାବଜାର, ପୂର୍ବାହ୍ନ ୧୦ଟା ୩୦।
- ପୁସ୍ତକ ମେଳାର ସପ୍ତମ ସନ୍ଧ୍ୟା, ଆଦର୍ଶ ପାଠାଗାର, ସେକ୍ଟର-୫, ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଟେନ୍‌ସା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ: ସକାଳ ୯ଟା।

## ବରଗଡ଼

- ବରଗଡ଼ ସମବାୟ ଚିନିକଳ କର୍ମଚାରୀ ସଂଘର ଧାରଣା, ଜିଲାପାଳ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଟେମରୀ (ପାଇକମାଳ), ପୂର୍ବାହ୍ନ ୧୦ଟା ୩୦ମିନିଟ୍।

## କଳାହାଣ୍ଡି

- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ଲାଞ୍ଜିଗଡ଼ ହାଇସ୍କୁଲ ଖେଳପଡ଼ିଆ, ପୂର୍ବାହ୍ନ ୧୧ଟା
- ଆମ ଓଡ଼ିଶା ନବୀନ ଓଡ଼ଶା ସଚେତନତା କାର୍ଯ୍ୟକ୍ରମ, କୋକସରା ବ୍ଲକ ଲଦୁଗାଁ ପଞ୍ଚାୟତ ପରିସର ପୂର୍ବାହ୍ନ. ୧୧ଟା।
- ଜିଲାସ୍ତରୀୟ ଆନ୍ତଃ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ, ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବାଉଁଶୁଣୀ ଲୋକ ମହୋତ୍ସବର ଚତୁର୍ଥ ଦିନ, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ଅପରାହ୍ନ ୪ଟା।
- କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତର ବନ୍ଧଗୋରା ଧବଳେଶ୍ୱର କ୍ରିକେଟ କ୍ଲବ ପକ୍ଷରୁ ୧୪ତମ ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ, ବନ୍ଧଗୋରା ଖେଳପଡ଼ିଆ, ସକାଳ ୮ଟା।

## ଦେବଗଡ଼

- ଆନ୍ତଃଜିଲା ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ପୂର୍ବାହ୍ନ୧୦ଟା।
- ନୋ ପ୍ଲାଷ୍ଟିକ କ୍ୟାମ୍ପେନିଂ, ଡିଏଫ୍‌ଓ ଅଫିସ, ସକାଳ ୮ଟା।

## ସୁବର୍ଣ୍ଣପୁର

- ମା' ନାରାୟଣୀ କ୍ରିକେଟ୍ ଟୁର୍ନାମେଣ୍ଟର ତୃତୀୟ ଦିବସ ଖେଳ, ବୀରମହାରାଜପୁର ବ୍ଲକ ଘଣ୍ଟପାଲି ଖେଳପଡିଆ, ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ସଚେତନତା କାର୍ଯ୍ୟକ୍ରମ, ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ଓ ସୁନାପାଲି ପଞ୍ଚାୟତ ପରିସର, ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଭାଜପା ପକ୍ଷରୁ ବନଖଣ୍ଡ କାର୍ଯ୍ୟାଳୟ ଘେରାଉ,ସ୍ଥାନ- ଢେଙ୍କାନାଳ ଜିଲା ବନଖଣ୍ଡ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୦ଟା ୩୦।

## ଅନୁଗୋଳ

- ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଜୟନ୍ତୀ, ସ୍ଥାନ- ଅନୁଗୋଳ ବାଜି ରାଉତ ଛାତ୍ରାବାସ ପରିସର, ସନ୍ଧ୍ୟା ୬ ଟା।
- ନର୍ସିଂ ପାରାମେଡିକାଲ ନିଯୁକ୍ତି ଦୁର୍ନୀତି ବିରୋଧରେ ଧାରଣା, ସ୍ଥାନ-ଅନୁଗୋଳ ଇଏସ୍‌ଆଇ ଫାଟକ ସମ୍ମୁଖ, ସକାଳ ୭ଟା।

## ଗଞ୍ଜାମ

- ନିଷ୍କ୍ରମଣ ଉତ୍ସବ, ସ୍ଥାନ-ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ-ପୂର୍ବାହ୍ନ ୧୦ଟା।
- ଗ୍ଲୋବାଲ ଇନୋଭେସନ ସେଣ୍ଟର ଉଦଘାଟନୀ , ସ୍ଥାନ-ନିଷ୍ଟ କଲେଜ, ସମୟ-ପୂର୍ବାହ୍ନ ୧୧ଟା।
- ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ, ସ୍ଥାନ - କବି ସମ୍ରାଟ ଉପେନ୍ଦ୍ର ଭଞ୍ଜମହାବିଦ୍ୟାଳୟ, ଭଞ୍ଜନଗର, ସମୟ - ପୂର୍ବାହ୍ନ ୧୦ ଟା।
- ସରକାରୀ ଯୋଜନାର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ କୁଲାଡ, ସମୟ: ପୂର୍ବାହ୍ନ ୧୦ ଟା।
- ବାଲିପଦର ମହୋତ୍ସବ, ସ୍ଥାନ- ବୁଗୁଡ଼ା ମହୋତ୍ସବ ପଡିଆ, ସମୟ-ସନ୍ଧ୍ୟା ୫ଟା
- ଆସିକା ବ୍ଲକ ନିମିନାରେ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ- ଆଦର୍ଶ ବିଦ୍ୟାଳୟ ଖେଳପଡିଆ, ସମୟ- ପୂର୍ବାହ୍ନ ୧୦ଟା

## କନ୍ଧମାଳ

- ପ୍ରାକୃତିକ ଦୁର୍ବିପାକ ଉପରେ ଏନ୍‌ଡିଆର୍‌ଏଫ୍ ପକ୍ଷରୁ କାର୍ଯ୍ୟକ୍ରମ। ସ୍ଥାନ-ଫୁଲବାଣୀ ଆଇଟିଡିଏ କନଫରେନ୍ସ ହଲ, ସମୟ -ସକାଳ ସାଢ଼େ୯ଟା।

## ଗଜପତି

- ନୂଆ-ଓ ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ-ଗୁଲୁବା, ବିରିକୋଟ, ମାଣ୍ଡିମେରା ପଞ୍ଚାୟତ, ମୋହନା, ଗଜପତି, ସମୟ- ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଯୋଗ୍ୟ ଡ୍ରାଇଭରଙ୍କୁ ବରିଷ୍ଠ ଡ୍ରାଇଭର ପାଇଁ ବିଭାଗୀୟ ପ୍ରୋମୋସନ କମିଟି ମିଟିଂ, ସ୍ଥାନ: ଜିଲାପାଳଙ୍କ ଚାମ୍ବର,ସମୟ: ପୂର୍ବାହ୍ନ ୧୧.୩୦ଟା ।
- ପିଇଓମାନଙ୍କ ପାଇଁ ଆର୍‌ଏସିପି/ଏମ୍‌ଏସିପି ଅନୁମୋଦନ ପାଇଁ ସ୍କ୍ରିନିଂ କମିଟି ମିଟିଂ, ସ୍ଥାନ: ଜିଲାପାଳଙ୍କ ଚାମ୍ବର, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦ୍ରାପଡ଼ା

- ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନରସିଂହପୁର ଗ୍ରାମପଞ୍ଚାୟତ, ଡେରାବିଶ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ।
- ବିଶ୍ୱ କଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଶୁଭାଧିବାସ, ସ୍ଥାନ: ଆର୍ତ୍ତେଶ୍ୱର ପୀଠ, ନହଙ୍ଗ, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ମେଡିକାଲ କଲେଜ ଦାବିରେ ଗଣଧାରଣା, ସ୍ଥାନ:ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ସୁର ଝଙ୍କାର ପକ୍ଷରୁ ଭାବର ଭଜନ ମଞ୍ଚ କାର୍ଯ୍ୟକ୍ରମ, ସ୍ଥାନ: ମା'ଦକ୍ଷିଣ କାଳୀ ମନ୍ଦିର ପ୍ରାଙ୍ଗଣ, ଭରତପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ଜିଲାପାଳଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା, ସ୍ଥାନ: ରାଜକନିକା ବ୍ଲକ, ସମୟ- ପୂର୍ବାହ୍ନ ୧୦ଟା।
- ତୃତୀୟ ପାୟଲ ମ୍ୟୁଜିକ ଗ୍ରାମୀଣ ମହୋତ୍ସବ, ସ୍ଥାନ: ମ୍ୟୁଜିକ ସ୍କୁଲ, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀରାଧାଦାମୋଦରଙ୍କ ନବ ନିର୍ମିତ ମନ୍ଦିର ପ୍ରବେଶ ଉତ୍ସବ, ସ୍ଥାନ: ପାଇଲୋ, ଗରଦପୁର, ସମୟ: ପୂର୍ବାହ୍ନ ୭ଟା।
- ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବଟିରା ମାର୍ଶାଘାଇ, ସମୟ: ମଧ୍ୟାହ୍ନ ୧୨ଟା ।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ମଙ୍ଗଳପୁର ଓ ବରକନ୍ଦା ପଞ୍ଚାୟତ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ନଡିଆବରେଇ ପଞ୍ଚାୟତ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେ ଦେଉଣୀଙ୍କି କୋଳଥ ମଣ୍ଡା,**
**ତହିଁ ମାରିଥିବ ଗେବ,**
**ଯେ ଯେମିତି ମାଗି ଅଇଲେ,**
**ଗେବ ଚିହ୍ନି ବାରି ଦେବା।**

କେତେଜଣ ବ୍ୟକ୍ତି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖି ନ ଥାନ୍ତି। ତାଙ୍କ ଆଖିରେ କିଏ ପର ତ କିଏ ଅଧିକ ଆପଣାର ହୋଇଥାନ୍ତି। ଚିହ୍ନା ପରିଚୟ ଭିତରେ ବାଛବିଚାର କରିବା ନେଇ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଦହି ସୁନ୍ଦର ଚୁଡ଼ାକୁ,**
**ଫୁଲ ସୁନ୍ଦର ଜୁଡ଼ାକୁ।**

ଚୁଡ଼ା ସାଙ୍ଗରେ ଦହିର ମିଶ୍ରଣ ପାଟିକୁ ଖୁବ୍ ସ୍ୱାଦିଷ୍ଟ ଲାଗିଥାଏ। ସେହିପରି ରମଣୀଙ୍କ ଜୁଡ଼ାରେ ଖୋସାଯାଉଥିବା ଫୁଲ ଆଖିକୁ ଖୁବ୍ ସୁନ୍ଦର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭାଗ୍ୟସ୍ଥାନରେ ଶୁକ୍ର ସହ ଚନ୍ଦ୍ରଙ୍କ ସଂଯୋଗ ହେତୁ କାମଟିଏ ଆରମ୍ଭ ଯୋଜନା କରିବେ। ଯାନବାହନ, ହୋଟେଲ ଶିଳ୍ପ, ଛୋଟ ଦୋକାନବାଡ଼ି କ୍ଷେତ୍ରରୁ ସୁଫଳ ମିଳିବ। ଆନୁଷ୍ଠାନିକ କାମରେ ପ୍ରସ୍ତୁତି ସରିବ ଓ ଦୃଢ଼ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତି ଦେଖାଦେଇପାରେ।

**ବୃଷ** ଏକାଦଶସ୍ଥ ରାହୁ ଆପଣଙ୍କ ଚିନ୍ତାଧାରା ଓ ନିଷ୍ପତ୍ତିକୁ ଶେଷ ମୁହୂର୍ତ୍ତରେ ବଦଳାଇ ଦେଇପାରନ୍ତି। ଅଷ୍ଟମସ୍ଥ ଶୁକ୍ର ମଧ୍ୟ ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ସ୍ଥଗିତ କାମକୁ ଅନ୍ୟ ମାଧ୍ୟମରେ ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ** ଶନି ଭାଗ୍ୟସ୍ଥାନରେ ଅବସ୍ଥାନ କରି ବିଳମ୍ବିତ ସମୟରେ କାର୍ଯ୍ୟ ହାସଲ କରାଇବେ। ଶନିଙ୍କ ଦୃଷ୍ଟି ପ୍ରଭାବରୁ ଭ୍ରାତୃସମ୍ପର୍କ ଭଲ ରହି ନ ପାରେ। ବନ୍ଧୁଙ୍କ ପରାମର୍ଶକୁ ଯଦି ଗ୍ରହଣ କରିବେ ତେବେ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ସମ୍ଭାବନା ରହିଛି।

**କର୍କଟ** ରାଶ୍ୟାଧିପ ଷଷ୍ଠରେ ଗୁରୁଦୃଷ୍ଟ କାରଣରୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବା ଫଳରେ ଆଶ୍ୱସ୍ତି ଅନୁଭବ କରିବେ। ଅଶ୍ଳେଷା ନକ୍ଷତ୍ରଜାତ ବ୍ୟକ୍ତି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ ଏବଂ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ସିଂହ** ବୁଧ ଓ ଶୁକ୍ରଙ୍କ ଶୁଭତ୍ୱ ହେତୁ ଆର୍ଥିକ ଉନ୍ନତି ସହିତ କାର୍ଯ୍ୟ ହାସଲରୁ ଖୁସି ରହିବେ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁନାହିଁ। ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସଙ୍କଟଜନକ ସ୍ଥିତି ଉପୁଜିପାରେ। ବିବାଦୀୟ ଘଟଣା ଅମୀମାଂସିତ ରହିବ।

**କନ୍ୟା** କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ସୁପ୍ରଭାବରୁ ମନ ଖୁସି ହେଲାଭଳି କଥା କହି ଅନ୍ୟମାନଙ୍କର ପ୍ରିୟଭାଜନ ହେବେ। ଶିଳ୍ପ, ବାଣିଜ୍ୟ ଓ ସାମ୍ବାଦିକତାରେ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ସମର୍ଥନ ପାଇବେ ନାହିଁ। ବନ୍ଧୁଙ୍କ ଅନୁରୋଧକ୍ରମେ ଆକସ୍ମିକ ଭାବେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ଚନ୍ଦ୍ରଙ୍କ କୋଣସ୍ଥାନରେ ଗୁରୁ ଥିବାରୁ କର୍ମକ୍ଷେତ୍ରରେ କିଛି ନୂତନତ୍ୱ ସମ୍ମାନପ୍ରାପ୍ତିର କାରଣ ହେବ। ସରକାରୀ ସ୍ତର ଅଥବା ବ୍ୟକ୍ତିବିଶେଷଙ୍କ ପାଖରେ ଥିବା ବକେୟା ପାଇପାରିବେ। ଧର୍ମକାର୍ଯ୍ୟରେ ନିୟୋଜିତ ହେଲେ ପ୍ରଶଂସା ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ କଳା, ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ସୁନାମ ମିଳିବ।

**ବିଛା** ଧନସ୍ଥାନରେ ଶୁକ୍ର ଓ ଚନ୍ଦ୍ର ଥିବା ହେତୁ ରୋଜଗାର କମ୍ ହେବନି। ଅଧିକାଂଶ ସମୟ ଦୂର ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। କାମରେ ଅବହେଳା କରିବା କାରଣରୁ ବନ୍ଧୁଙ୍କ ଉପରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ଉପସ୍ଥିତ ବୁଦ୍ଧି ପ୍ରୟୋଗକରି କାମ ହାସଲ କରିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ।

**ଧନୁ** ଷଷ୍ଠାଷ୍ଟମ ଗ୍ରହଦ୍ୱୟ ରାଶିରେ ଅବସ୍ଥାନ କରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଶୁଭେଚ୍ଛୁଙ୍କ ଅନୁକମ୍ପା ସବୁ ପ୍ରକାର ଅନୁକୂଳ ପରିବେଶ ସୃଷ୍ଟିରେ ସହାୟକ ହେବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ, ଯାହାକି ଆପଣଙ୍କ କାମ ସୁଗମରେ ସହାୟ ହେବ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର** ବ୍ୟୟଭାବସ୍ଥ ଗ୍ରହ ପ୍ରଭାବରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଯାତ୍ରା କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପରାମର୍ଶରେ ଆନୁଷ୍ଠାନିକ କାମରେ ସଫଳତା ଦିଗକୁ ମନ ବଳାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ପରିବାରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ।

**କୁମ୍ଭ** ଷଷ୍ଠାଧିପ ଏକାଦଶସ୍ଥ ରହି ପ୍ରାପ୍ୟଧନ ପାଇଁ ବାଧା ସୃଷ୍ଟି କରିପାରନ୍ତି। ଆଜି କିଛି ଭଲ ଓ କିଛି ମନ୍ଦ ମଧ୍ୟରେ ସମୟ ଅତିବାହିତ କରିବେ। ବାଣିଜ୍ୟ, ବ୍ୟବସାୟରେ ଶିଥିଳତା ଦେଖାଦେବ ଏବଂ ରପ୍ତାନି ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବ ଏବଂ ପାରିବାରିକ କ୍ଷେତ୍ରରେ ପ୍ରିୟକଥା କହି ସମସ୍ୟାକୁ ସୁଧାରିନେବେ।

**ମୀନ** ଅନୁକୂଳ ଗ୍ରହ ସଂସ୍ଥିତିରୁ ପ୍ରତ୍ୟେକ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରନ୍ତି, ଯଦ୍ୱାରା ଆପଣ ରାଗି କିଛି କହିବା ଦ୍ୱାରା ସମାଲୋଚିତ ହେବେ। ମାଲିମକଦ୍ଦମାରୁ ଚିନ୍ତାକୁଳ ହୋଇପାରନ୍ତି ମାତ୍ର ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ହେବେ।

ଆଜି ଫେବୃଆରୀ ୮ ତାରିଖ, ମାଘ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ, ଗୁରୁବାର, ରଟନ୍ତ୍ୟା ଚତୁର୍ଦ୍ଦଶୀ, ରଟନ୍ତୀ କାଳିକା ପୂଜା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅଦ୍ୟ ବିବାହ ପାଣିଗ୍ରହଣ, ଗୃହାରମ୍ଭ ପାଇଁ ଶୁଭଦିନ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୦।୦୩ମି. ଗତେ ମକରଚନ୍ଦ୍ର ; ସକାଳ ଘ.୦୬।୨୩ମି. ଗତେ ଘ.୦୭।୫୩ମି. ମଧ୍ୟେ, ଘ.୧୦।୫୩ମି. ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା॥ ଦିବା ଘ.୦୧।୨୫ମି. ଗତେ ଘ.୦୨।୪୯ମି. ମଧ୍ୟେ ରାହୁକାଳ॥




# ଡିଷ୍ଟାନ୍ସ, ଡିଜିଟାଲ ଓ ଟେକ୍ନୋଲୋଜି ଭିତ୍ତିକ ଲର୍ନିଂ ପଦ୍ଧତି ଇଗ୍ନୁକୁ ଦୁନିଆର ଉନ୍ନତ ଅନୁଷ୍ଠାନ କରିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)

ଡିଷ୍ଟାନ୍ସ, ଡିଜିଟାଲ ଓ ଟେକ୍ନୋଲୋଜି ଭିତ୍ତିକ ଲର୍ନିଂ ପଦ୍ଧତି ମାଧ୍ୟମରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୁ)କୁ ଦୁନିଆର ଉନ୍ନତ ଅନୁଷ୍ଠାନ ଭାବେ ଗଢ଼ିବା ଦିଗରେ କାମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରାମର୍ଶ ଦେଇଛନ୍ତି।

ବୁଧବାର ଭିଡିଓ କନ୍‌ଫରେନ୍ସି ଜରିଆରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ୬ଟି ଆଞ୍ଚଳିକ କେନ୍ଦ୍ରର ନୂତନ ଭବନର ଲୋକାର୍ପଣ କରିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଅଗରତାଲା, ବେଙ୍ଗାଲୁରୁ, ପୁଣେ, ଜମ୍ମୁ, ପୋର୍ଟ ବ୍ଲେୟାର ଏବଂ ନଏଡାରେ ଇଗ୍ନୁର ନୂଆ ଭବନ ଲୋକାର୍ପଣ ହେବା ସହ ବିଜୟୱାଡା ଆଞ୍ଚଳିକ କେନ୍ଦ୍ରର ଭୂମିପୂଜନ ହୋଇଛି। ସେହିପରି ଇଗ୍ନୁର ଇଲେକ୍ଟ୍ରୋନିକ୍ସ ମିଡିଆ ପ୍ରଡକ୍ସନ ସେଣ୍ଟରର ଅତ୍ୟାଧୁନିକ ବୋର୍ଡକାଷ୍ଟ ସୁବିଧା ଅପ୍‌ଗ୍ରେଡେଶନର ଉଦ୍‌ଘାଟନ ହୋଇଛି। ଇଗ୍ନୁ ଦେଶରେ ନିଜର ବିଶ୍ୱସନୀୟ ଦେଖାଇଆସିଛି। ବିଗତ ଦଶକରେ ବିଦ୍ୟାର୍ଥୀ ଡିଗ୍ରୀ ଓ ଦକ୍ଷତା ଦେବାରେ ନିଜର ଦାୟିତ୍ୱ ନିର୍ବାହ କରିଆସିଛି। ସମୟର ଆବଶ୍ୟକତା ଓ ଚାହିଦା ଅନୁସାରେ ଇଗ୍ନୁ ନିଜକୁ ପରିବର୍ତ୍ତନ କରିଛି। ଦେଶରେ ୫୭ଟି ଆଞ୍ଚଳିକ କେନ୍ଦ୍ର ଓ ୨ହଜାର ଷ୍ଟଡି ସେଣ୍ଟର ମାଧ୍ୟମରେ ପ୍ରାୟ ୩୫ ଲକ୍ଷ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ପାଠପଢ଼ା ସହ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଇଗ୍ନୁ ନିଜର ପ୍ରକ୍ରିୟା ଜାରି ରଖିଛି।

## ସଂକ୍ଷେପରେ

### ହାତୀଗୁଡ଼ାରେ ମହାବଳ ବାଘ ଆତଙ୍କ



ଭଞ୍ଜନଗର,୭।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ପ୍ରଥମ ଥର ପାଇଁ ମହାବଳ ବାଘ ଆତଙ୍କ ସୃଷ୍ଟି ହୋଇଛି। ଆଜକୁ ୩ ଦିନ ହେବ ଏକ ମହାବଳ ବାଘ ମୁଜାଗଡ଼ ଏବଂ କେନ୍ଦ୍ରୀୟ ରେଞ୍ଜ ମଝିରେ ଥିବା ହାତୀଗୁଡା ଅଞ୍ଚଳରେ ଘୁରି ବୁଲୁଥିବା ଲୋକେ କହିଛନ୍ତି। ମଙ୍ଗଳବାର ରାତିରେ ବାଘଟି ହାତୀଗୁଡା ଗ୍ରାମ ମୁଣ୍ଡରେ ଥିବା ବୃନ୍ଦାବନ ଗୌଡଙ୍କ ଗୋଟିଏ ଗାଈ ଘୋଷାଡି ନେଇ ଖାଇଦେଇଛି। ଗ୍ରାମର ଦୁଇଜଣ ବ୍ୟକ୍ତି ମଙ୍ଗଳବାର ରାତିରେ ଭଞ୍ଜନଗରରୁ ବାଇକ ଯୋଗେ ଗ୍ରାମକୁ ଫେରୁଥିବା ବେଳେ କେନାଲ ବନ୍ଧରେ ବାଘକୁ ଦେଖିଥିବା କହିଛନ୍ତି। ବୁଧବାର ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ତେବେ ରେଞ୍ଜର ଏଭଳି ଘଟଣା ସମ୍ପର୍କରେ କୌଣସି ଖବର ନଥିବା କହିଛନ୍ତି।

### ଖୋର୍ଦ୍ଧା-କେନ୍ଦୁଝର ମେମୁରୁ ମୃତଦେହ ଜବତ

କେନ୍ଦୁଝର,୭।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧାରୁ କେନ୍ଦୁଝର ଫେରୁଥିବା ମେମୁ ଟ୍ରେନ୍‌ରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳି ନ ଥିଲେ ହେଁ ବୟସ ୪୫ ହେବ ବୋଲି ରେଲୱେ ପୋଲିସ ଅନୁମାନ କରୁଛି। ସେ ହାଫ୍ ପ୍ୟାଣ୍ଟ ଏବଂ ଗଞ୍ଜି ପିନ୍ଧିଥିବା ବେଳେ ମୁଣ୍ଡରେ ସ୍କାର୍ଫ ଗୁଡ଼ାଇଥିଲେ। ଟମକା ନିକଟରେ ସେ ଟ୍ୟେଲଟ୍ ନିକଟରେ ବସିରହିଥିବା ଅବସ୍ଥାରେ ଆର୍‌ପିଏଫ୍ ଦେଖିଥିଲେ। ପରେ ହରିଚନ୍ଦନପୁର ରେଳ ଷ୍ଟେଶନରେ ତାଙ୍କୁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଭଦ୍ରକ ରେଲୱେ ଥାନା ପକ୍ଷରୁ ଏକ ମାମଲା(ନଂ. ୮/୨୪)ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଯାଜପୁରରୋଡ୍ ରେଲୱେ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ମୃତଦେହ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ଶବ ସଂରକ୍ଷିତ ଗୃହରେ ଚିହ୍ନଟ ପାଇଁ ରଖାଯାଇଛି।

### ସାବେରୀ ନଦୀରେ ପ୍ରେମୀ ଯୁଗଳଙ୍କ ମୃତଦେହ

ପଡିଆ,୭।୨(ଭାସ୍କର ରାଓ)

ପଡିଆ ସଦର କମାରଗୁଡା ଗ୍ରାମ ବଜାଗୁଡା ନିକଟ ସାବେରୀ ନଦୀରେ ପ୍ରେମୀ ଯୁଗଳଙ୍କ ମୃତଦେହ ବୁଧବାର ଭାସୁଥିବା ଦେଖିବାକୁ ମିଳିଛି। ଦୁଇ ଜଣଙ୍କର ପରିଚୟ ମିଳିପାରି ନାହିଁ। ପୋଲିସ ତଦନ୍ତ ପରେ ଜଣାପଡିବ ବୋଲି ଅନୁମାନ କରାଯାଉଛି। କେତେକ ମାଛ ଧରାଳି ସଂଧ୍ୟାରେ ମାଛ ଧରିବାକୁ ନଦୀକୁ ଯାଇଥିଲେ। ମଝିରେ ଥିବା ବୁଦାଳିଆ ସ୍ଥାନରେ ଦୁହିଁଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏମାନେ ଦୁହେଁ ପରସ୍ପରକୁ ଭଲ ପାଉଥିଲେ। କୌଣସି କାରଣରୁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ରାତି ହୋଇଯାଇଥିବାରୁ ମୃତଦେହ ନଦୀରୁ ଉଦ୍ଧାର ହୋଇନାହିଁ। ଗୁରୁବାର ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ଯୁବକଙ୍କୁ ରାସ୍ତାରେ ନିସ୍ତୁକ ପିଟିଲେ ଏଏସ୍ଆଇ

## ପିପିଲି ପୋଲିସର ଦବଙ୍ଗଗିରି, ଭିଡିଓ ଭାଇରାଲ



ପିପିଲି, ୭।୨(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ପୋଲିସର ଦବଙ୍ଗଗିରି। ଜଣେ ଯୁବକଙ୍କୁ ରାସ୍ତାରେ ନିସ୍ତୁକ ମାଡ଼ ମାରିଲେ ପୋଲିସ ଅଧିକାରୀ। ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ପୋଲିସ ଅଧିକାରୀ ଜଣକ ବାଡ଼ିରେ ଯୁବକଙ୍କ ହାତ ଓ ଗୋଡ଼କୁ ନିସ୍ତୁକ ପିଟୁଥିବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି। କାଳେ ଯୁବକ ଜଣକ ଖସି ପଳାଇବେ, ସେଥିପାଇଁ ଦୁଇଜଣ ପୋଲିସ କର୍ମଚାରୀ ତାଙ୍କ ଦୁଇହାତକୁ ବଳପୂର୍ବକ ଜାବୁଡ଼ି ଧରିଛନ୍ତି। ମାଡ଼ ଏତେ ଭୟଙ୍କର ଥିଲା ଯେ, ସେହି ବାଟ ଦେଇ ଯାଉଥିବା ବାଇକ ଆରୋହୀ ମଧ୍ୟ ଗାଡ଼ି ଅଟକାଇ ପୋଲିସ ବାବୁଙ୍କୁ ମାରିବାକୁ ବାରଣ କରୁଥିବାର ଦୃଶ୍ୟ ଭିଜୁଆଲରୁ ଜାଣିହେଉଛି। ମାତ୍ର ପରେ ପୋଲିସ ଡରରେ ସେଠାରୁ ସେ ପଳାଇଯାଉଥିବା ଭିଡିଓରୁ ଅନୁମାନ କରିହେଉଛି। ପିପିଲି ପୋଲିସର ଏଭଳି ଦବଙ୍ଗଗିରିକୁ ସାଧାରଣରେ ନିନ୍ଦା କରାଯିବା ସହ ୫-ଟି ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ଭାଇରାଲ ହେଉଥିବା ଭିଜୁଆଲ ୫ତାରିଖ ରାତି ପ୍ରାୟ ୧୦ଟା ସମୟର ବୋଲି କୁହାଯାଉଛି। ମାଡ଼ ଖାଉଥିବା ଯୁବକ ପିପିଲି ଥାନା ଭାରତୀପୁର ପଞ୍ଚାୟତ ଅଧୀନ ହସନପୁର ଗ୍ରାମର ନୃସିଂହ ପ୍ରଧାନ ଓରଫ ପାକୁ। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଅଧିକାରୀ ଜଣକ ହେଲେ ପିପିଲି ଥାନା ଏଏସ୍ଆଇ ମନୋରଞ୍ଜନ ପରିଡ଼ା। ଗତ ୫ତାରିଖରେ ନୃସିଂହ ଡେଲାଙ୍ଗ ଛକ ନିକଟସ୍ଥ ନାଏରା ପେଟ୍ରୋଲ ପମ୍ପକୁ ନିଜ ଗାଡ଼ିରେ ତେଲ ପକାଇବାକୁ ଯାଇଥିଲେ। ସେଠାରେ ପୂର୍ବକଥାକୁନେଇ ପେଟ୍ରୋଲ ପମ୍ପ କର୍ମଚାରୀ ଓ ତାଙ୍କ ମଧ୍ୟରେ ବଚସା ହୋଇଥିଲା। ଏପରିକି ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେବାରୁ ସ୍ଥାନୀୟ ଲୋକେ ଏହାର ସାମୟିକ ସମାଧାନ କରିଥିଲେ। ପରେ ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ନୃସିଂହଙ୍କୁ ଖୋଜି ଡେଲାଙ୍ଗ ଛକଠାରେ କାବୁ କରିଥିଲେ। ଏହି ସମୟରେ ତାଙ୍କୁ ପୋଲିସ ଅଧିକାରୀ ଜଣକ ନିର୍ମମ ଭାବେ ପିଟୁଥିବା ଦୃଶ୍ୟ ନିକଟସ୍ଥ ସିସିଟିଭିରେ କଏଦ ହୋଇଥିଲା। ପରେ ଏହି ଭିଡିଓ ଭାଇରାଲ୍ ହୋଇଥିଲା। ଏ ସଂକ୍ରାନ୍ତରେ ଏଏସ୍ଆଇ ପରିଡ଼ାଙ୍କୁ ପଚାରିବାରେ କହିଛନ୍ତି, ଭୟ ଦେଖାଇବା ପାଇଁ ବାଡ଼ି ଉଞ୍ଚେଇଥିଲି। ତେବେ ଜୋରରେ ନୁହେଁ ହାଲ୍କା ଭାବେ ମାଡ଼ ମାରିଥିଲି ବୋଲି ପରିଡ଼ା ପ୍ରକାଶ କରିଛନ୍ତି। ସେହିପରି ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ କହିଛନ୍ତି, ସମ୍ପୃକ୍ତ ଯୁବକ ଏକ ପେଟ୍ରୋଲ ଟାଙ୍କିରେ ବାରମ୍ବାର ଅପରାଧମୂଳକ କାର୍ଯ୍ୟ କରିବା ଅଭିଯୋଗରେ ପୋଲିସ ଦୃଷ୍ଟିରେ ଥିଲେ ଏବଂ ସେ ଧରା ପଡୁନଥିଲେ। ସମ୍ଭବତଃ ସେ ଧରାପଡ଼ିବା ପରେ ଏଭଳି ଘଟଣା ଘଟିଥିବ। ତେବେ ଏ ସମ୍ପର୍କରେ ସେ ସ୍ପଷ୍ଟ ଭାବେ ଅବଗତ ନ ଥିଲେ ମଧ୍ୟ ଭାଇରାଲ ହେଉଥିବା ଭିଡିଓରୁ ଜାଣିବାକୁ ପାଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ମାନବିକ ଅଧିକାର ଉଲ୍ଲଂଘନ କରିବା ସହ ଖାକିରେ ଦାଗ ଲଗାଇଛି। ରାଜ୍ୟ ସରକାରଙ୍କ ୫-ଟି ବ୍ୟବସ୍ଥା ଅନୁଯାୟୀ, ଅଭିଯୋଗକାରୀ ଏବଂ ଅଭିଯୁକ୍ତଙ୍କୁ ପୋଲିସ ଠିକ୍ ବ୍ୟବହାର ପ୍ରଦର୍ଶନ କରିବା କଥା। ତେବେ ଏ କ୍ଷେତ୍ରରେ ତା'ର ଉଲ୍ଲଘଂନ ହୋଇଛି। ତେଣୁ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ଆଜିଠୁ ଗଡ଼ିବ ପୁରୀ-ସୋନପୁର-ପୁରୀ ଏକ୍ସପ୍ରେସ୍




ଭୁବନେଶ୍ୱର,୭।୨ (ଅନୁରାଧା ମହାରଣା)

ପୁରୀ-ସୋନପୁର-ପୁରୀ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ ଗୁରୁବାରଠାରୁ ନିୟମିତ ଚାଲିବ। ୮ ତାରିଖରୁ ପୁରୀରୁ ଏବଂ ୯ ତାରିଖରୁ ସୋନପୁରରୁ ଚଳଚଳ ଆରମ୍ଭ ହେବ। ୧୮୪୨୧ ପୁରୀ-ସୋନପୁର ସାପ୍ତାହିକ ଏକ୍ସପ୍ରେସ୍ ପ୍ରତି ଗୁରୁବାର ପୁରୀରୁ ସନ୍ଧ୍ୟା ୭ଟା ୩୫ରେ ବାହାରି ଶୁକ୍ରବାର ଭୋର୍ ୫ଟା ୩୦ରେ ସୋନପୁରରେ ପହଞ୍ଚିବ। ଫେରିବା ମାର୍ଗରେ ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ୍ ପ୍ରତି ଶୁକ୍ରବାର ସୋନପୁରରୁ ସନ୍ଧ୍ୟା ୭ଟା ୩୦ରେ ଛାଡି ଶନିବାର ସକାଳ ୬ଟା ୫୫ରେ ପୁରୀରେ ପହଞ୍ଚିବ। ଏହି ଟ୍ରେନ ପୁରୀ ଏବଂ ସୋନପୁର ମଧ୍ୟରେ ଉଭୟ ପାର୍ଶ୍ୱରୁ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ତାଳଚେର, ଅନୁଗୋଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ବରଗଡ ରୋଡ୍, ବଲାଙ୍ଗୀର, ବିଚ୍ଛୁପାଲି, ଝାରତରଭା ଏବଂ ନରସିଂହଗଡରେ ରହଣି କରିବ। ଏହି ଟ୍ରେନ୍‌ରେ ଗୋଟିଏ ଏସି-୨ ଟାୟାର, ୭ଟି ଏସି-୩ ଟାୟାର, ଗୋଟିଏ ଏସି-୩ ଟାୟାର ଇକୋନୋମି, ୬ଟି ସ୍ଲିପର ଶ୍ରେଣୀ, ୩ଟି ଦ୍ୱିତୀୟ ଶ୍ରେଣୀ ସିଟିଂ, ଗୋଟିଏ ଗାର୍ଡ, ଲଗେଜ ତଥା ଦିବ୍ୟାଙ୍ଗଜନ କୋଚ ଏବଂ ଗୋଟିଏ ଗାର୍ଡ, ଲଗେଜ ତଥା ମୋଟର କୋଚ ଉପଲବ୍ଧ ରହିବ। ସୂଚନା ଥାଉ କି, ଫେବୃଆରୀ ୩ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଏହି ଟ୍ରେନର ଶୁଭାରମ୍ଭ କରାଯାଇଥିଲା।

# ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ମାଧ୍ୟମିକ ଶିକ୍ଷକ




ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ ପକ୍ଷରୁ ପିଏମ୍‌ଜିଠାରେ ଆୟୋଜିତ ଶୋଭାଯାତ୍ରା।

ଭୁବନେଶ୍ୱର, ୭।୨(ଅସମାପିକା ସାହୁ)

ବିଭିନ୍ନ ଦାବି ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ମାଧ୍ୟମିକ ଶିକ୍ଷକ। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ନ ହେବା ପ୍ରତିବାଦରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ବୁଧବାର ରାଜଧାନୀ ଲୋୟର ପିଏମ୍‌ଜିରେ ବଡ଼ ସମାବେଶ କରାଯାଇଥିଲା। ଏଥିରେ ହଜାର ହଜାର ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା କର୍ମଚାରୀ, ଅଭିଭାବକ, ପୁରାତନ ଛାତ୍ର ଓ ପରିଚାଳନା କମିଟି ସଦସ୍ୟ ଏକତ୍ରିତ ହୋଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଅନୁଦାନ ପାଇନଥିବା ବିଦ୍ୟାଳୟକୁ ଅନୁଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଅବସରକାଳୀନ ସୁବିଧା ପ୍ରଦାନ, ୨୨୬ ଓ ୩୯୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ ଆଦି ଦାବି ପୂରଣ ପାଇଁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପାଳନ କରୁ ନ ଥିବାରୁ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିବା ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ଦାବି ପୂରଣ ଦିଗରେ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରନ୍ତୁ। ସମସ୍ୟା ସମାଧାନ ନ କଲେ ଓଷ୍ଟା ଯେକୌଣସି ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ବାଧ୍ୟ ହେବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ୩୦ ବର୍ଷରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଚାକିରି କରିବା ପରେ ମଧ୍ୟ ଶୂନ୍ୟହସ୍ତରେ ଅବସର ଓ ୨୦ରୁ ୨୫ ବର୍ଷ ବିନା ଅନୁଦାନରେ କାମ କରିଥିବା ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସେମାନେ କହିଛନ୍ତି।

### ପାଠପଢ଼ା, ପରୀକ୍ଷା ପ୍ରଭାବିତ ଆଶଙ୍କା

ସେପଟେ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ପାଠପଢ଼ା ସହ ଆଗକୁ ହେବାକୁ ଥିବା ପରୀକ୍ଷା ପ୍ରଭାବିତ ହେବ ବୋଲି କୁହାଯାଉଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ୬ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ପରୀକ୍ଷାରେ ଅଂଶଗ୍ରହଣ କରିବେ। ପରୀକ୍ଷାର ସୁପରିଚାଳନା ପାଇଁ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିସାରିଥିବାବେଳେ ଏବେ ଶିକ୍ଷକ ଆନ୍ଦୋଳନ ପରୀକ୍ଷା ପରିଚାଳନାକୁ ନେଇ ଆଶଙ୍କା ଦେଖାଦେଇଛି।

# ବିଜେଡି ଏମ୍‌ପି ସସ୍ମିତ ପାତ୍ରଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର



ଭୁବନେଶ୍ୱର,୭।୨(ଅନିଲ ଦାସ)

ବିଜୁ ଜନତା ଦଳର ବରିଷ୍ଠ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ଶ୍ରେଷ୍ଠ ସାଂସଦ ପୁରସ୍କାର ପ୍ରଦାନ କରାଯାଇଛି। ସେ ଲୋକମତ ସଂସଦୀୟ ପୁରସ୍କାର-୨୦୨୩ ଲାଭ କରିଛନ୍ତି। ସେହିପରି କଂଗ୍ରେସ ଲୋକ ସଭା ସଦସ୍ୟ ଶଶୀ ଥରୁର ମଧ୍ୟ ଏହି ପୁରସ୍କାର ଲାଭ କରିଛନ୍ତି। ସସ୍ମିତ ଓ ଶଶୀଙ୍କ ବ୍ୟତୀତ ଲୋକ ସଭା ଓ ରାଜ୍ୟ ସଭାର ଅନ୍ୟ ୬ ସଦସ୍ୟ ମଧ୍ୟ ବିଭିନ୍ନ କ୍ଷେତ୍ର ଲାଗି ପୁରସ୍କୃତ ହୋଇଛନ୍ତି। ଲୋକ ସଭା ସଦସ୍ୟ ତଥା ବହୁଜନ ସମାଜ ପାର୍ଟି ଏମ୍‌ପି ଡାନିସ ଅଲ୍ଲୀ ଓ ସିପିଏମ୍‌ର ରାଜ୍ୟ ସଭା ସଦସ୍ୟ ଜନ ବ୍ରିଟ୍ଟାସ ବେଷ୍ଟ ଡେବ୍ୟୁଟାଣ୍ଟ ଭାବେ ପୁରସ୍କୃତ ହୋଇଛନ୍ତି। ସମାଜବାଦୀ ପାର୍ଟି ରାଜ୍ୟ ସଭା ସଦସ୍ୟ ରାମ ଗୋପାଳ ଯାଦବ ଓ ଭାଜପା ଲୋକ ସଭା ସଦସ୍ୟ ମାନେକା ସଞ୍ଜୟ ଗାନ୍ଧୀଙ୍କୁ ଲାଇଫ୍‌ଟାଇମ ଆଚିଭମେଣ୍ଟ ପୁରସ୍କାର ମିଳିଛି। ଲୋକ ସଭାର ଶିରୋମଣି ଅକାଳୀ ଦଳର ଏମ୍‌ପି ହରସିମରତ କୌର ବାଦଲ ଏବଂ ଭାଜପା ରାଜ୍ୟ ସଭା ସଦସ୍ୟ ସରୋଜ ପାଣ୍ଡେଙ୍କୁ ସମ୍ପୃକ୍ତ ଗୃହରେ ଶ୍ରେଷ୍ଠ ମହିଳା ସାଂସଦ ଭାବରେ ପୁରସ୍କୃତ କରାଯାଇଛି। ପ୍ରତିବର୍ଷ ଲୋକ ସଭାରୁ ୪ଜଣ, ରାଜ୍ୟ ସଭାରୁ ୨ ଜଣଙ୍କୁ ଲୋକମତ ସଂସଦୀୟ ପୁରସ୍କାର ମିଳିଥାଏ। ପୁରସ୍କାର ବିତରଣ ଉତ୍ସବରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ୍‌କରୀ ମୁଖ୍ୟ ଅତିଥି ଭାବେ ଏବଂ ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠୱାଲେ ଯୋଗ ଦେଇଥିଲେ।

# ପୋଷ୍ଟରରେ ମାଓବାଦୀ ନେତା ଦଶ୍ରୁଙ୍କ ମୃତ୍ୟୁକୁ ଖଣ୍ଡନ

### କୋର୍ଟଚାଲାଣ କରିବାକୁ ଚେତାବନୀ

ବାଲିଗୁଡା,୭।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅର୍ନ୍ତଗତ ସୁଡ୍ରା ଗ୍ରାମ ପଞ୍ଚାୟତର କେତେରଭଟ୍ଟା ଛକର ୪୧ ନଂ. ରାଜପଥ କଡ଼ରେ ଲାଗିଛି ମାଓବାଦୀ ପୋଷ୍ଟର୍। ସିପିଆଇ ମାଓବାଦୀ କେକେବିଏନ୍ ପକ୍ଷରୁ ଏହି ପୋଷ୍ଟର ଲଗାଇଯାଇଛି। ଏଥିରେ ଟପ୍ ମାଓବାଦୀ ନେତା ଦଶ୍ରୁଙ୍କ ମୃତ୍ୟୁକୁ ସଙ୍ଗଠନ ଗ୍ରହଣ କରିପାରୁ ନାହିଁ, ବରଂ ତାଙ୍କୁ ପୋଲିସ ମୁଖ୍ୟାଳୟକୁ ନେଇ ନିର୍ଯାତନା ଦେଇ ପଚରାଉଚରା କରୁଥିବା ଉଲ୍ଲେଖ କରାଯାଇଛି। ତୁରନ୍ତ ପୋଲିସ ତାଙ୍କୁ ଇଣ୍ଟୋରୋଗେସନ୍ ବନ୍ଦ କରି ଆଇନ୍ ଅନୁଯାୟୀ କୋର୍ଟରେ ହାଜର କରନ୍ତୁ ବୋଲି ପୋଷ୍ଟରରେ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ମାଓବାଦୀ-ପୋଲିସ ଗୁଳି ବିନିମୟରେ ଟପ୍ ମାଓବାଦୀ ନେତା ଦଶ୍ରୁଙ୍କ ମୃତ୍ୟୁ ଘଟିଥିବା ଦକ୍ଷିଣାଞ୍ଚଳ ଆଇଜି ସୂଚନା ଦେଇଥିଲେ।




ମାଓ ପୋଷ୍ଟର

# ବାରବାଟୀ-କଟକ ନିର୍ବାଚନୀ ମାମଲା: ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ,୭।୨ (କାର୍ତ୍ତିକ ସାହୁ)

ହାଇକୋର୍ଟରେ ବାରବାଟୀ-କଟକ ନିର୍ବାଚନୀ ମାମଲାର ଶୁଣାଣି ବୁଧବାର ଶେଷ ହୋଇଛି। ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଆବେଦନକାରୀ ଦେବାଶିଷ ସାମନ୍ତରାୟ ଓ ପ୍ରତିପକ୍ଷ ବିଧାୟକ ମହମ୍ମଦ ମୋକିମଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉଭୟ ପକ୍ଷ ଉପସ୍ଥାପନ କରିଥିବା ବାଚନିକ ଯୁକ୍ତିକୁ ଲିଖିତ ଆକାରରେ ଅଦାଲତରେ ଦାଖଲ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୟୀ ପ୍ରାର୍ଥୀ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ପ୍ରାର୍ଥିତ୍ୱକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଛି। ବିଧାୟକ ମୋକିମ୍ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ଆବେଦନକାରୀ ସାମନ୍ତରାୟ ଅଭିଯୋଗ କରିଛନ୍ତି। ଆବେଦନକାରୀ ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ମିଲନ୍ କାନୁନ୍‌ଗୋ, ଗୋପାଳ ଅଗ୍ରୱାଲ ଏବଂ ପ୍ରତିପକ୍ଷ ମୋକିମ୍‌ଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ମାମଲା ପରିଚାଳନା କରିଛନ୍ତି।

# ୧୬ରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ



ସମନ୍ୱୟ ବୈଠକରେ ଉପସ୍ଥିତ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅଧିକାରୀ।

ଭୁବନେଶ୍ୱର, ୭।୨(ଅସମାପିକା ସାହୁ)

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଆସନ୍ତା ୧୬ ତାରିଖରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ-୨୦୨୪ ଆରମ୍ଭ ହେବ। ଭୁବନେଶ୍ୱର ଜନତା ମଇଦାନଠାରେ ଏହା ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରଦର୍ଶନୀ ମଣ୍ଡପରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯିବା ପାଇଁ ସ୍ଥିର କରାଯାଇଛି। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୁଧବାର କୃଷି ଭବନଠାରେ ବିଭିନ୍ନ ବିଭାଗକୁ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷାକରି କହିଲେ, ମତ୍ସ୍ୟ-ପ୍ରାଣୀ ସମାବେଶରେ ସାରା ରାଜ୍ୟରୁ ୬ହଜାରରୁ ଉର୍ଦ୍ଧ୍ୱ ମତ୍ସ୍ୟଚାଷୀ, ଗୋପାଳକ, ପ୍ରାଣୀପାଳକମାନେ ଯୋଗଦେବେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ସମ୍ପର୍କରେ ବ୍ୟାପକ ସଚେତନତା କରାଯିବା ନିମନ୍ତେ ଏହି ସମାବେଶର ଆୟୋଜନ କରାଯାଉଛି। ପ୍ରଦର୍ଶନୀରେ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ, ଓର୍‌ମାସ, ଜଙ୍ଗଲ, ପଞ୍ଚାୟତିରାଜ ଓ ପାନୀୟଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଓୟୁଏଟି, ସମବାୟ, ମହିଳା ଓ ଶିଶୁ କଲ୍ୟାଣ, ସୂଚନା ଓ ଲୋକସମ୍ପର୍କ ଆଦି ବିଭାଗଗୁଡ଼ିକ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନ ଓ ବିକ୍ରିବଟାର ବ୍ୟବସ୍ଥା ରହିଛି। ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବର୍ଶିଷ୍ଠ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲାମ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସମେତ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।

# ନିର୍ବାଚିତ ପ୍ରତିନିଧିଙ୍କ ସହଭାଗିତା ରହିବା ଉଚିତ: ହାଇକୋର୍ଟ

## ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପକୁ ନେଇ ୪୧ ମାମଲା

- କାର୍ଯ୍ୟକାରିତା ପ୍ରସଙ୍ଗରେ ହସ୍ତକ୍ଷେପ କଲେନି
- ଏକତ୍ର ଶୁଣାଣି ପରେ ରାୟ ପ୍ରକାଶ



କଟକ,୭।୨ (କାର୍ତ୍ତିକ ସାହୁ)

ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରକଳ୍ପ ଚୟନ ଓ ସେଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିଙ୍କର ସହଭାଗିତା ରହିବା ଉଚିତ ବୋଲି ହାଇକୋର୍ଟ ମତ ଦେଇଛନ୍ତି। ରାଜ୍ୟ ସରକାର ତୃଣମୂଳ ସ୍ତରର ଉନ୍ନତି ପାଇଁ ଆରମ୍ଭ କରିଥିବା ଆମ ଓଡ଼ିଶା ନବୀନ ଓଡ଼ିଶା ପ୍ରକଳ୍ପକୁ ନେଇ ହାଇକୋର୍ଟରେ ରୁଜୁ ୪୧ଟି ମାମଲାର ଏକତ୍ର ଶୁଣାଣି ହୋଇଛି। ହାଇକୋର୍ଟ ବିଚାରପତି ବି. ପି. ରାଉତରାୟଙ୍କ ଖଣ୍ଡପୀଠ ମାମଲାର ବିଚାର କରି ବୁଧବାର ରାୟ ପ୍ରକାଶ କରିଛନ୍ତି।

ଗ୍ରାମ୍ୟସ୍ତରରେ ଜନସାଧାରଣଙ୍କ ଉନ୍ନତି ଓ ବିକାଶ ନିମନ୍ତେ ରାଜ୍ୟ ସରକାର ଆରମ୍ଭ କରିଥିବା ଉପରୋକ୍ତ ଯୋଜନାଟି ସାମ୍ବିଧାନିକ ନିୟମ ଏବଂ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ଅନୁଯାୟୀ କରାଯାଇଛି। ଅଦାଲତ ଯୋଜନାକୁ ଭଲ ଭାବେ ଅନୁଧ୍ୟାନ କରିବା ପରେ ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଚୟନ, ଅନୁମୋଦନ, ଅର୍ଥ ପ୍ରଦାନ ଓ କାର୍ଯ୍ୟକାରିତା ଉପରେ କୌଣସି ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଅପରପକ୍ଷରେ ଆବେଦନକାରୀମାନେ ନିର୍ବାଚିତ ପ୍ରତିନିଧି ହୋଇଥିବା କାରଣରୁ ରାଜ୍ୟ ସରକାର ପଞ୍ଚାୟତ ସ୍ତରରେ ସେମାନଙ୍କୁ ସ୍ଥାନୀୟ ଉନ୍ନତି ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ସାମିଲ କରିବା ଦିଗରେ ବିବେଚନା କରିପାରିବେ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରି ସମସ୍ତ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଲୋକ ପ୍ରତିନିଧିମାନଙ୍କୁ ଉପେକ୍ଷା କରାଯାଉଥିବା ନେଇ କେତେଜଣ ସରପଞ୍ଚ ଏବଂ ୱାର୍ଡମେମ୍ବର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୪୧ଟି ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା। ତୃଣମୂଳ ସ୍ତରରେ ବିକାଶରେ ଲୋକ ପ୍ରତିନିଧିଙ୍କୁ ସାମିଲ କରାଯିବା ପାଇଁ ପଞ୍ଚାୟତିରାଜ ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ମାତ୍ର ସେମାନଙ୍କୁ ଉପେକ୍ଷା କରି ଗତବର୍ଷ ଜୁଲାଇ ୧୧ରେ ରାଜ୍ୟ ସରକାର ଏକ ବିଧେୟକ ଆଣି ଆମ ଓଡ଼ିଶା ନବୀନ ଓଡ଼ିଶା ନାମକ ଯୋଜନାକୁ ବିଧିବଦ୍ଧ ଭାବେ ଆରମ୍ଭ କରିଥିଲେ। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହି ଅନୁଦାନରେ ପଞ୍ଚାୟତର ସାଂସ୍କୃତିକ ଓ ପାରମ୍ପରିକ ଭିତ୍ତିଭୂମିର ବିକାଶ ସହ ଉନ୍ନତୀକରଣ କରାଯିବ। ସେଥିମଧ୍ୟରୁ ୧୦ ଲକ୍ଷ ଟଙ୍କା ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା, ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବା, ସଭାଗୃହ ନିର୍ମାଣ କରିବା ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ମାତ୍ର ନିର୍ବାଚିତ ଜନପ୍ରତିନିଧି, ସରପଞ୍ଚ, ସମିତିସଭ୍ୟ ପ୍ରମୁଖଙ୍କୁ ଏହି ଯୋଜନାରେ ଉପେକ୍ଷା କରାଯାଇଛି। ସରକାରୀ ଅଧିକାରୀ ସମ୍ପୂର୍ଣ୍ଣ ପ୍ରକଳ୍ପ ଚୟନ କରିବେ ଓ ତାଙ୍କ ଦ୍ୱାରା ସ୍ଥିରୀକୃତ ଠିକାଦାର ଏହି କାର୍ଯ୍ୟ କରିବେ ବୋଲି ଉଲ୍ଲେଖ ରହିଛି। ଏହାକୁ ବିରୋଧ କରି ନିର୍ବାଚିତ ଲୋକ ପ୍ରତିନିଧିମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ବେଦ ଓ ବିଜ୍ଞାନ



ଦେବଦତ୍ତ ପଟ୍ଟନାୟକ

ବେଦ ହିନ୍ଦୁମାନଙ୍କର ପବିତ୍ର ଶାସ୍ତ୍ର। ଏହାର ଧର୍ମୀୟ ଗୁରୁତ୍ୱ ରହିଛି। ଏହା ବ୍ୟତୀତ ବିଜ୍ଞାନ ସହିତ ବେଦର ସମ୍ପର୍କ ରହିଛି ବୋଲି ବହୁ ସମୟରେ ଯୁକ୍ତି ସାମ୍ନାକୁ ଆସିଥାଏ। ସେହି କ୍ରମରେ ନିକଟରେ ଜଣେ ବରିଷ୍ଠ ଭଦ୍ରବ୍ୟକ୍ତି ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ୟୁରୋପୀୟମାନେ ବେଦରୁ ବିଜ୍ଞାନ ଚୋରି କରି ନେଇଛନ୍ତି। ସେ ବେଦରେ ବର୍ଣ୍ଣିତ ପଦଗୁଡ଼ିକ ଉଦ୍ଧୃତ କରି ପ୍ରମାଣ କରିବାକୁ ଲାଗିଲେ। କହିଲେ, ମାଧ୍ୟାକର୍ଷଣ ଶକ୍ତିଠାରୁ ଆରମ୍ଭ କରି ନିଉଟନ୍‌ଙ୍କ ପଦାର୍ଥ ବିଜ୍ଞାନ ପର୍ଯ୍ୟନ୍ତ ସବୁକିଛି ସଙ୍କେତ ଋକ୍‌ବେଦର ମନ୍ତ୍ରରେ ମିଳିପାରିବ। ସେହି ଭଦ୍ରବ୍ୟକ୍ତି ଜଣକ ଅଭିଭାଷଣ ରଖୁଥିବା ସମୟରେ ସେହି ରୁମ୍‌ରେ ଯେଉଁମାନେ ଉପସ୍ଥିତ ଥିଲେ, ସେମାନେ କେହି ବେଦ କିମ୍ବା ବିଜ୍ଞାନ ଜାଣି ନ ଥିଲେ। ତେଣୁ ଭଦ୍ରବ୍ୟକ୍ତି ଜଣଙ୍କୁ କେହି ଚ୍ୟାଲେଞ୍ଜ କରିପାରିଲେ ନାହିଁ। ଏଣୁ ଏହି ଧାରଣା ସମସ୍ତଙ୍କୁ ଭଲ ଲାଗିଲା। ଏହା ସମସ୍ତଙ୍କୁ ଭଲ ଅନୁଭବ ହେଉଥିବାରୁ ସମସ୍ତେ ତାଙ୍କ ସହ ସହମତ ଥିବା ଭଳି ମନେହେଉଥିଲା ।

ବେଦ ସହିତ ବିଜ୍ଞାନର ସମ୍ପର୍କ ରହିଥିବା ସତ୍ୟାସତ୍ୟ ଉପରେ ଦାବି କରାଯାଉଥିବା ଅନେକ ଲେଖା ଦେଖିବାକୁ ମିଳିଥାଏ। ଏଭଳି ଲେଖାର ସତ୍ୟତାକୁ ଯେତେବେଳେ ତୁମେ ପରଖିବ ଏବଂ ଅନ୍ୟ ଗ୍ରନ୍ଥଗୁଡ଼ିକ ସହିତ ବେଦର ଲେଖାକୁ ଅଧିକ ଯତ୍ନର ସହିତ ସମୀକ୍ଷା କରିବ, ତେବେ କିଛି ନିଆରା ଅନୁଭବ କରିପାରିବ। ଏଗୁଡ଼ିକରେ କେତେବେଳେ ଉତ୍ସାହୀ ଅନଭିଜ୍ଞ ବ୍ୟକ୍ତିବିଶେଷ ଚତୁରତାର ସହିତ ଶବ୍ଦକୁ ଭିନ୍ନ ମୋଡ଼ ଦେଇଛନ୍ତି, ଯେଉଁଥିରେ ସେମାନେ ବିଜ୍ଞାନ ବିଷୟରେ ସେମାନଙ୍କର ଦୁର୍ବଳ ଧାରଣାକୁ ସୁହାଇଲା ଭଳି ଆଳଙ୍କାରିକ ଅଭିବ୍ୟକ୍ତିର ଅପବ୍ୟବହାର କରିଥିବା ଜାଣିବାକୁ ପାଇବ। ଏପରିକି ସେମାନେ ଏହାର ପ୍ରକୃତ ଅର୍ଥ ନ ଜାଣି ଅନ୍ୟର ଶବ୍ଦଗୁଡ଼ିକୁ ନିଜର କହି ବ୍ୟବହାର କରିଛନ୍ତି ବୋଲି ଅନୁଭବ କରିପାରିବ।

ଏହି ଦୁଃଖଦ ବିଷୟ କେବଳ ଭାରତ କିମ୍ବା ହିନ୍ଦୁମାନଙ୍କ ମଧ୍ୟରେ ସୀମିତ ରହିନାହିଁ। ଏଭଳି ଘଟଣା ଅନ୍ୟସବୁ ସ୍ଥାନରେ କିମ୍ବା ଧର୍ମରେ ଆମେ ଦେଖିବାକୁ ପାଇଥାଉ। ଉଦାହରଣ ସ୍ୱରୂପ, ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ବାଇବେଲ୍ ପରେ ଆବିଷ୍କୃତ ସମୟ, ମହାକାଶ, ପଦାର୍ଥ, ଶକ୍ତି ପରି ବୈଜ୍ଞାନିକ ତତ୍ତ୍ୱ ବିଷୟରେ ସମସ୍ତ ସୂଚନା ବାଇବେଲ୍‌ରେ ଉଲ୍ଲେଖ ରହିଛି ବୋଲି ଦାବି କରନ୍ତି। ଏପରିକି ନିକଟ ଅତୀତରେ ଆବିଷ୍କୃତ ସାଧାରଣ ବିଜ୍ଞାନ ତଥା ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧିତ ତତ୍ତ୍ୱଗୁଡ଼ିକର ବର୍ଣ୍ଣନା ବାଇବେଲ୍‌ରେ ରହିଥିବା ଅନେକେ କହନ୍ତି। ଇସ୍‌ଲାମ ଧର୍ମରେ ମଧ୍ୟ ସମାନ ପ୍ରକାର ବିଷୟ ଦେଖିବାକୁ ମିଳିଥାଏ। ଆମକୁ କୁହାଯାଏ ଯେ, କୋରାନରେ ବିଜ୍ଞାନ ସମ୍ପର୍କରେ ସବୁକିଛି ଅଛି। ଆପେକ୍ଷିକ ତତ୍ତ୍ୱଠାରୁ ଆରମ୍ଭ କରି କ୍ୱାଣ୍ଟମ ମେକାନିକ୍ସ ପର୍ଯ୍ୟନ୍ତ, ବିଗ୍ ବ୍ୟାଙ୍ଗ ସିଦ୍ଧାନ୍ତରୁ ଆରମ୍ଭ କରି ବ୍ଲାକ୍‌ହୋଲ ତଥା ଥର୍ମୋଡାଇନାମିକ୍ସ ପର୍ଯ୍ୟନ୍ତ ସବୁ ବୈଜ୍ଞାନିକ ଧାରଣା କୋରାନରେ ରହିଛି। ବାସ୍ତବରେ ଯେଉଁମାନେ ପବିତ୍ର ଶାସ୍ତ୍ର କୋରାନକୁ ପଢ଼ିନାହାନ୍ତି କିମ୍ବା ବିଜ୍ଞାନ ବିଷୟରେ ଭଲ ଜ୍ଞାନ ନାହିଁ , ସେମାନଙ୍କୁ ଏହି ସବୁ କଥା ଆକର୍ଷିତ କରେ। ଏପରିକି ଯେଉଁ ଲୋକମାନେ ଏହିସବୁ ବିଷୟ ସୃଷ୍ଟି କରୁଛନ୍ତି, ସେମାନେ ଏହାର ବିଶ୍ୱସନୀୟତା ଉପରେ ସମୀକ୍ଷା କରୁନାହାନ୍ତି। କହିବାକୁ ଗଲେ ସେମାନେ ସାଧାରଣ ଶ୍ରେଣୀର ବିଦ୍ୱାନ୍। ସେମାନଙ୍କର ଶାସ୍ତ୍ର ଏବଂ ପ୍ରାଚୀନ ଭାଷା କିମ୍ବା ବିଜ୍ଞାନ ସମ୍ପର୍କିତ କୌଣସି ଜ୍ଞାନ ନାହିଁ। ସେମାନେ ଯାହା କହିଛନ୍ତି, ତାହା ହେଉଛି ଆତ୍ମବିଶ୍ୱାସ ଯାହା ଏହି କ୍ଷେତ୍ରରେ କାର୍ଯ୍ୟ କରୁଛି ଏବଂ ସେମାନଙ୍କୁ ଦର୍ଶକମାନେ କିମ୍ବା ପାଠକେ ବିଶ୍ୱାସ କରିବାରୁ ସେମାନଙ୍କ କଥା ସତ୍ୟ ହୋଇଯାଇଛି।

ତେବେ ବିଜ୍ଞାନ ଏବଂ ଧର୍ମ ମଧ୍ୟରେ ଏହି ମାନସିକ ଉତ୍ତେଜନା ବା ଦ୍ୱନ୍ଦ୍ୱ ବାସ୍ତବରେ କ'ଣ ? ଦୀର୍ଘ ଦିନ ଧରି ଧର୍ମ ଦାବି କରିଆସୁଥିଲା ଯେ ଏହା ବିଶ୍ୱ ବିଷୟରେ ସତ୍ୟକୁ ଜାଣେ। କିନ୍ତୁ ତା'ପରେ ଯେତେବେଳେ ବିଜ୍ଞାନ ସାମ୍ନାକୁ ଆସିଲା ଏବଂ ଦୁନିଆକୁ ନୂତନ ଟେକ୍ନୋଲୋଜି (ପ୍ରଯୁକ୍ତି) ପ୍ରଦାନ କଲା, ସେତେବେଳେ ପ୍ରକୃତ ଭୌତିକ ସମସ୍ୟାର ସମାଧାନ ହେଲା। ଆଣ୍ଟିବାୟୋଟିକ, ବାଷ୍ପଚାଳିତ ଇଞ୍ଜିନ, ବିଦ୍ୟୁତ୍, କମ୍ପ୍ୟୁଟର ଆବିଷ୍କୃତ ହେବାରୁ ଏହା ସମ୍ଭବ ହୋଇପାରିଲା। ଧର୍ମୀୟ ମନ୍ତବ୍ୟ ଓ ଯୁକ୍ତିଗୁଡ଼ିକର ପ୍ରମାଣ କରାଯାଇପାରିଲା। ପ୍ରତିଶ୍ରୁତିର ମୂଲ୍ୟାୟନ ଏବଂ ପୂର୍ବାନୁମାନ ମଧ୍ୟ କରାଯାଇପାରିଲା। ଧର୍ମ ଯାହା କିଛି କରିପାରି ନ ଥିଲା ତାହା ବିଜ୍ଞାନ ଦ୍ୱାରା ସମ୍ଭବ ହେଲା। ତେଣୁ ବିଜ୍ଞାନ ଧର୍ମକୁ ଅତିକ୍ରମ କରିଗଲା। କେବଳ ଏତିକି ନୁହେଁ, ବିଜ୍ଞାନ ସମସ୍ତ ସମସ୍ୟାର ସମାଧାନ କରିପାରିବ ବୋଲି ଦାବି କଲା। ତଥାପି ଏକବିଂଶ ଶତାବ୍ଦୀରେ ଆମେ ଅନୁଭବ କରିଛୁ ଯେ ବିଜ୍ଞାନ ଓ ପ୍ରଯୁକ୍ତି ସବୁ ସମସ୍ୟାର ସମାଧାନ କରେ ନାହିଁ। ଯଦି ବିଜ୍ଞାନ କିଛି କରିଛି, ତେବେ ତାହା ସାମାଜିକ ଅସମାନତାକୁ ବୃଦ୍ଧି କରିବା ସହ ପରିବେଶ ପ୍ରଦୂଷଣକୁ ତୀବ୍ର କରିଛି ବୋଲି ଆମେ କହୁଛୁ। ବିଜ୍ଞାନ ବର୍ତ୍ତମାନ ଶତ୍ରୁ ହୋଇଯାଇଛି। ଏହା ସବୁ ସମସ୍ୟାର ନିବାରକ ବୋଲି ଯାହା ଦାବି କରାଯାଉଛି ତାହା ନୁହେଁ। ତେଣୁ ବର୍ତ୍ତମାନ ଧର୍ମ ଫେରିଛି ଏବଂ ତାହାର ହଜିଯାଇଥିବା ସ୍ଥିତିକୁ ପୁନର୍ବାର ପାଇବା ପାଇଁ ଜୋରସୋର ଉଦ୍ୟମ କରୁଛି।

ବିଜ୍ଞାନ ମୂଳତଃ ସନ୍ଦେହ ଏବଂ ମୂଲ୍ୟାୟନ ଉପରେ ଆଧାରିତ ବୋଲି କୁହାଯାଉଛି। ଏହା ମଧ୍ୟ କୁହାଯାଉଛି ଯେ, ବିଜ୍ଞାନ ଭୌତିକ ସମସ୍ୟାର ସମାଧାନ କରିପାରିବ, କିନ୍ତୁ ମାନସିକ ସମସ୍ୟା କିମ୍ବା ସାମାଜିକ ସମସ୍ୟା ନୁହେଁ। ବିଜ୍ଞାନ ବଡ଼ଧରଣର ଅସ୍ତ୍ରଶସ୍ତ୍ର ଏବଂ ପ୍ରଯୁକ୍ତିବିଦ୍ୟା ସୃଷ୍ଟି କରିପାରିବ, କିନ୍ତୁ ଏହା ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ଆଣିପାରିବ ନାହିଁ। ଏହା ବ୍ୟତୀତ ବିଜ୍ଞାନ ଈର୍ଷା, ଗର୍ବ, ଅହଂକାରକୁ ହ୍ରାସ କରିପାରିବ ନାହିଁ ବୋଲି ଧାରଣା ସୃଷ୍ଟି ହେବାରେ ଲାଗିଛି। ସେଥିପାଇଁ ଅଧିକରୁ ଅଧିକ ଲୋକ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଧର୍ମ ଆଡ଼କୁ ମୁହାଁଉଛନ୍ତି। ଧର୍ମ ବିଶ୍ୱାସ ଓ କାହାଣୀ ଉପରେ ଆଧାରିତ ଏବଂ ଏହା ଗୁରୁଙ୍କ ବଚନ ଓ ଆଲେଖ୍ୟ ଉପରେ ନିର୍ଭର କରେ, ଯାହାଙ୍କ ନିକଟରେ ଜଣେ ବୌଦ୍ଧିକ ଏବଂ ଭାବନାତ୍ମକ ରୂପରେ ସମର୍ପଣ କରେ। ଦୁନିଆକୁ ଦେଖିବାର ଏହି ଦୁଇଟି ଦେଉଛି ସମ୍ପୂର୍ଣ୍ଣ ଭିନ୍ନ ପଥ ଏବଂ ଦୁଇଟିକୁ ତୁଳନା କରିବା କେବଳ ବୋକାମି, ମୂର୍ଖତା, ଅସୁରକ୍ଷିତତାର ପ୍ରାରମ୍ଭକୁ ସୂଚିତ କରେ।

–devduttofficial@gmail.com

# ଅନ୍ତିମ ଲକ୍ଷ୍ୟ



ଈପ୍ସିତା ମହାନ୍ତି

ସାଧାରଣ ଜୀବନରେ ଯଦି କେହି ଜଣେ ବ୍ୟକ୍ତିଙ୍କୁ ହତ୍ୟାକରେ, ତେବେ ମୃତକ ପକ୍ଷର ଲୋକମାନେ ତାକୁ ମାରିବା ପାଇଁ ପାଗଳ ହୋଇଉଠନ୍ତି। ବେଳେବେଳେ ଏହି ପାରସ୍ପରିକ ପ୍ରତିଶୋଧ ପ୍ରକ୍ରିୟା ଅନେକ ପିଢ଼ି ଧରି ଚାଲେ। ଯଦି ଆମେ କୌଣସି ବ୍ୟକ୍ତିଙ୍କୁ ସାହାଯ୍ୟ କରିଥାଉ କିମ୍ବା କାହାର ଜୀବନ ବଞ୍ଚାଇଥାଉ, ତେବେ ସେ ଆମକୁ ସାହାଯ୍ୟ କରିବାକୁ କିମ୍ବା ଆମ ଜୀବନ ବଞ୍ଚାଇବାକୁ ସର୍ବଦା ତତ୍ପର ହୋଇ ଉଠିଥାଏ। ଧର୍ମର ଭୂମିକା ମଧ୍ୟ ଠିକ୍ ଏହିଭଳି। ଧର୍ମକୁ ସୁରକ୍ଷା ଦେବା କିମ୍ବା ଥରେ ନିଜ ଭିତରେ ଧର୍ମକୁ ସ୍ଥାପିତ କରିବା ପରେ ଧର୍ମ ସଦୈବ ଆମକୁ ସୁରକ୍ଷା ଦେଇଚାଲେ।

ଆମେ ଯଦି ସୁରକ୍ଷା ନିୟମ ଅନୁସରଣ କରିବା, ତେବେ ସେହି ନିୟମଗୁଡ଼ିକ ପ୍ରତ୍ୟେକ ପରିସ୍ଥିତିରେ ଆମକୁ ସୁରକ୍ଷା ଦେବାରେ ସକ୍ଷମ ହୋଇଥାଏ। କିନ୍ତୁ ସୁରକ୍ଷା ନିୟମ ଭଙ୍ଗକଲେ ଜୀବନ ସଙ୍କଟରେ ପଡ଼ିଯାଏ। 'ଏଠାରେ ଗାଧୋଇବା କିମ୍ବା ପାଣି ଭିତରକୁ ଯିବା ନିଷେଧ' ଲେଖାଥିବା ସୂଚନା ଫଳକକୁ ଆମେ ଅନେକ ସମୟରେ ନଦୀ, ହ୍ରଦ ଆଦି ଜଳାଶୟ କୂଳରେ ଦେଖିଥାଉ। ଯଦି ଆମେ ଏହି ନିୟମ ଅନୁସରଣ କରୁ, ତେବେ ତାହା ଆମକୁ ସୁରକ୍ଷା ଦେଇଥାଏ। କିନ୍ତୁ ଆମେ ଯଦି ନିୟମ ଭାଙ୍ଗି ପାଣି ଭିତରକୁ ଯିବା, ତେବେ ପାଣିରେ ବୁଡ଼ିଯିବାର ଅଧିକ ସମ୍ଭାବନା ରହିଛି। ଏହା ବିପଦକୁ ନିମନ୍ତ୍ରଣ କଲାଭଳି କଥା। ଧର୍ମର ଅବସ୍ଥା ମଧ୍ୟ ଠିକ୍ ଏହିଭଳି। ଯଦି ଆମେ ଧର୍ମକୁ ଅନୁସରଣ କରୁ, ତେବେ ଧର୍ମ ଆମକୁ ସବୁଦିଗରୁ ସୁରକ୍ଷା ଦେଇଥାଏ। କିନ୍ତୁ ଆମେ ଯଦି ଠିକ୍ ଢଙ୍ଗରେ ଧର୍ମକୁ ଅନୁସରଣ ନ କରିବା, ତେବେ ସେହି ଧର୍ମ ପତନ ତଥା ବିନାଶର କାରଣ ପାଲଟିଯାଏ।

ପ୍ରଶ୍ନ ଉଠେ, ମୃତ ଧର୍ମର ତାତ୍ପର୍ଯ୍ୟ କ'ଣ ଏବଂ ସଂରକ୍ଷିତ ଧର୍ମ ଆମକୁ କିପରି ରକ୍ଷାକରେ ? ଯଦି ଆମେ ଧର୍ମକୁ ଠିକ୍‌ରୂପେ ବୁଝୁ, ତେବେ ସହଜରେ ଏହି ପ୍ରଶ୍ନର ଉତ୍ତର ପାଇଯିବା। ପ୍ରଶ୍ନ ହେଉଛି– ଧର୍ମ କ'ଣ ? ଧର୍ମର ଅନେକ ବ୍ୟାଖ୍ୟା ଏବଂ ସଂଜ୍ଞା ରହିଛି। ସ୍ୱଭାବ ବା ପ୍ରକୃତିକୁ ମଧ୍ୟ ଧର୍ମ କୁହାଯାଏ। ଏହି ଦୃଷ୍ଟିରୁ ଆମ ଆଚରଣକୁ ମଧ୍ୟ ଧର୍ମ କହନ୍ତି। କିନ୍ତୁ ପ୍ରତ୍ୟେକ ପ୍ରକାର ଆଚରଣ କ'ଣ ଧର୍ମ ହୋଇପାରେ ? ବାସ୍ତବରେ ଭଲ ଆଚରଣ ଏବଂ ଭଲ ଅଭ୍ୟାସ ହେଉଛି ପ୍ରକୃତ ଧର୍ମ। ଧୈର୍ଯ୍ୟ, କ୍ଷମା, ସଂଯମତା, ଚୋରି ନ କରିବା, ଶୁଦ୍ଧତା (ପରିଷ୍କାରତା), ଇନ୍ଦ୍ରିୟଗୁଡ଼ିକର ନିୟନ୍ତ୍ରଣ, ବୁଦ୍ଧି, ଜ୍ଞାନ, ସତ୍ୟ ଏବଂ କ୍ରୋଧ ଏହି ଦଶଗୁଣ ଧର୍ମର ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ବା ବୈଶିଷ୍ଟ୍ୟ ଭାବେ ବିବେଚିତ। କୁହାଯାଏ, ଯାହାକୁ ଧାରଣ କରାଯାଏ ତାହା ହେଉଛି ଧର୍ମ। ଯଦି ଜଣେ ବ୍ୟକ୍ତି ଏଭଳି ବିଭିନ୍ନ ବୈଶିଷ୍ଟ୍ୟକୁ ଧାରଣ କରିଛନ୍ତି, ତେବେ ସେ କେବଳ ଜଣେ ଧାର୍ମିକ, ଅନ୍ୟଥା କିଛି ନୁହେଁ।

ଏହା ନିଃସନ୍ଦେହ ଯେ, ନିଜ ଭିତରେ ଭଲ ଅଭ୍ୟାସଗୁଡ଼ିକୁ ବିକଶିତ କରିବା ହିଁ ଧର୍ମ। ସ୍ଥାନ, କାଳ, ପାତ୍ର ଅନୁଯାୟୀ ଏହି ଅଭ୍ୟାସରେ ପାର୍ଥକ୍ୟ ରହିପାରେ। କିନ୍ତୁ ଯେଉଁ ଅଭ୍ୟାସ ଭଲ ନୁହେଁ, ଯାହା ଆମ ଆଚରଣକୁ ପ୍ରଦୂଷିତ କରୁଥାଏ, କଳୁଷିତ କରୁଥାଏ କିମ୍ବା ବିକୃତ କରେ, ତାହା ଧର୍ମରେ ଅନ୍ତର୍ଭୁକ୍ତ ହେବନାହିଁ। ଅର୍ଥାତ୍ ତାହା ଧର୍ମର ପଦବାଚ୍ୟ ନୁହେଁ। ଗାଣିତିକ ଭାଷାରେ ଧର୍ମ କେବଳ ସଦ୍‌ଗୁଣର ଏକ ସମାହାର ବା ସେଟ୍ ହୋଇପାରେ। ଯଦି ଆମର କୌଣସି କାର୍ଯ୍ୟ, ତାହା ଯେତେ ଭଲ ହେଉନା କାହିଁକି, ଅନ୍ୟମାନଙ୍କ ବିକାଶରେ ଯଦି ବାଧା ସୃଷ୍ଟି କରୁଥାଏ ଅବା ଅନ୍ୟ କୌଣସି ଉପାୟରେ ଅନ୍ୟମାନଙ୍କୁ ଯନ୍ତ୍ରଣା ଦେଉଥାଏ ତେବେ ତାହା ମଧ୍ୟ ଧର୍ମର ଶ୍ରେଣୀଭୁକ୍ତ ହୋଇ ନ ଥାଏ। ଭଗବାନ୍ ବୁଦ୍ଧଦେବ କହିଛନ୍ତି, ସମସ୍ତ ଜୀବଙ୍କ ପ୍ରତି ଦୟାଭାବ ହିଁ ଧର୍ମ। ପ୍ରକୃତ ଅର୍ଥରେ ଅନ୍ୟମାନଙ୍କ ପାଇଁ ଭଲ କରିବା, ଅନ୍ୟମାନଙ୍କୁ ସାହାଯ୍ୟ କରିବା ପୁଣ୍ୟ ହୋଇଥାଏ। ଏହାର ବିପରୀତ କାର୍ଯ୍ୟ ଅବା ଅନ୍ୟମାନଙ୍କୁ ଯନ୍ତ୍ରଣା ଦେବା ପାପ । ଯେଉଁ ଧର୍ମ, ଧର୍ମର ଲକ୍ଷଣ କିମ୍ବା କାର୍ଯ୍ୟକଳାପ ବ୍ୟକ୍ତିଙ୍କ ମଧ୍ୟରେ ଭଲ ଗୁଣ ବିକଶିତ କରେ ନାହିଁ ତାହା ଧର୍ମ ହୋଇପାରିବ ନାହିଁ। କେବଳ ବ୍ୟକ୍ତିବିଶେଷଙ୍କ ପାଇଁ ନୁହେଁ ବରଂ ସମାଜ ଲାଗି ମଧ୍ୟ ଏହା ସେତିକି ଅପରିହାର୍ଯ୍ୟ। ଯେଉଁ ସମାଜ ଧର୍ମ ଅର୍ଥାତ୍ ଉତ୍ତମ ଜୀବନ ମୂଲ୍ୟବୋଧକୁ ସୁରକ୍ଷା ଦେବାରେ ସକ୍ଷମ ହୁଏ, ସେହି ସମାଜ ବିନା ଦ୍ୱିଧାରେ ଅଗ୍ରଗତି କରିଥାଏ। କର୍ମକାଣ୍ଡ ଅବା ପ୍ରତୀକାତ୍ମକ କାର୍ଯ୍ୟ କୌଣସି ପରିସ୍ଥିତିରେ ଧର୍ମ ହୋଇ ନ ଥାଏ। ଏଗୁଡ଼ିକ ଆମକୁ ଭଲ ମନ୍ଦ ବିଷୟରେ ସ୍ମରଣ କରାଇବାରେ ଏକ ମାଧ୍ୟମ ମାତ୍ର। ତେଣୁ ଉତ୍ତମ ଜୀବନ ମୂଲ୍ୟବୋଧଗୁଡ଼ିକର ଅନୁସରଣ ହିଁ ଅନ୍ତିମ ଲକ୍ଷ୍ୟ ହେବା ଉଚିତ।।

ବୈପାରୀଗୁଡ଼ା, କୋରାପୁଟ,
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ମୌସୁମୀ କାପାଡ଼ିଆଙ୍କ ସାହସିକ ଯାତ୍ରା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାଦାୟୀ କାହାଣୀ। ରିଜିଡ୍ ସ୍ପାଇନ ମସ୍କୁଲାର ଡିସ୍‌ଟ୍ରୋଫି( ଆର୍‌ଏସ୍‌ଏମ୍‌ଡି) ରୋଗରେ ପୀଡ଼ିତ ତାଙ୍କ ବଡ଼ ପୁଅ ବେଦାଂଶଙ୍କୁ ସାଙ୍ଗରେ ନେଇ ଭାରତର ୨୬ଟି ରାଜ୍ୟ ଭ୍ରମଣ କରିବା ସହ ୨୧ଟି ଦେଶ ବୁଲି ସାରିଲେଣି। ବେଦାଂଶ ଭଲରେ ଚାଲିପାରନ୍ତି ନାହିଁ କି ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ମଧ୍ୟ ଠିକ୍ ଭାବେ ବିକଶିତ ହୋଇପାରିନାହିଁ। ତଥାପି ମୌସୁମୀ ତାଙ୍କ ଦିବ୍ୟାଙ୍ଗ ପୁଅଙ୍କୁ ନେଇ ଯାତ୍ରା ଜାରି ରଖିଛନ୍ତି। ବାଇକ୍‌ରେ ୧୫ଟି ଦୁର୍ଗମ ସ୍ଥାନକୁ ଯିବା ସହ ବିଭିନ୍ନ ଦେଶରେ ୧୨ଟି ପାହାଡ଼ ଚଢିସାରିଛନ୍ତି। ଲେହ ଲଦାଖକୁ ୧୦ ଦିନଆ ବାଇକ୍ ଯାତ୍ରା ସହ ଅନ୍ୟ କେତୋଟି ଦୁଃସାହସିକ ଯାତ୍ରାରେ ସେ ତାଙ୍କ ଦିବ୍ୟାଙ୍ଗ ପୁତ୍ରକୁ ମଧ୍ୟ ସାଥିରେ ନେଇପାରିଛନ୍ତି। ମୌସୁମୀଙ୍କ ବୟସ ଏବେ ୪୫। ସେ ଦୁଇଟି ପୁତ୍ର ସନ୍ତାନର ଜନନୀ। ତାଙ୍କ ସ୍ୱାମୀଙ୍କ ସହ ସେ ଦୁବାଇରେ ରହୁଥିଲେ। ପରେ ବଡ଼ ପୁଅ ରୋଗଗ୍ରସ୍ତ ହେବା ପରେ ତା' ଚିକିତ୍ସା ପାଇଁ ମୁମ୍ବାଇ ଫେରିଆସିଲେ। ଏହି ସମୟରେ ବିଷାଦଗ୍ରସ୍ତ ହୋଇପଡ଼ିଲେ। କିନ୍ତୁ କାଉନସେଲିଂ ପରେ ନିଜକୁ ସୁଧାରି ଆଣି ଜୀବନକୁ ଏକ ଭିନ୍ନ ମାର୍ଗରେ ନେବା ପାଇଁ ସ୍ଥିର କରି ଏଭଳି ଦୁଃସାହସିକ ଯାତ୍ରା ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୮ ଫେବୃଆରୀ ୧୯୭୫

- ଭାରତୀୟ ସମାଜ ମଙ୍ଗଳ ପରିଷଦର ସଭାପତି ମେରୀ କ୍ଲବୱାଲା ଯାଦବଙ୍କ ୬୬ ବର୍ଷ ବୟସରେ ପରଲୋକ।
- ସମସ୍ତିପୁର ବୋମା ବିସ୍ଫୋରଣ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଣକିଆ ତଦନ୍ତ କମିଶନ ଗଠିତ।
- ଇଥିଓପିଆର ଉତ୍ତରାଞ୍ଚଳ ପ୍ରଦେଶ ଏରିଟ୍ରିଆନରେ ଇଥିଓପିଆର ସୈନ୍ୟବାହିନୀ ଓ ବିଚ୍ଛିନ୍ନତାବାଦୀ ବିଦ୍ରୋହୀ ଗେରିଲାଙ୍କ ମଧ୍ୟରେ ସପ୍ତାହବ୍ୟାପୀ ଲଢ଼େଇରେ ଅନ୍ୟୁନ ୧୨୦୦ ବ୍ୟକ୍ତିଙ୍କ ପ୍ରାଣହାନି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | | 7 | 2 | 5 | 4 |
| | | 8 | | | | | | |
| | | | | | 6 | 9 | | |
| 1 | 7 | | 4 | | | | | |
| | | | 6 | | | | | 3 |
| | | | | 8 | 5 | | 1 | |
| | | | | | 8 | 4 | | 2 |
| | | 6 | 5 | | | 8 | | |
| | | 4 | | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | 6 | 8 | 3 | 2 | 7 | 4 |
| 2 | 8 | 7 | 5 | 9 | 4 | 1 | 3 | 6 |
| 3 | 6 | 4 | 1 | 7 | 2 | 9 | 5 | 8 |
| 6 | 7 | 5 | 4 | 1 | 9 | 8 | 2 | 3 |
| 1 | 4 | 8 | 2 | 3 | 7 | 5 | 6 | 9 |
| 9 | 3 | 2 | 8 | 5 | 6 | 4 | 1 | 7 |
| 7 | 5 | 3 | 9 | 2 | 8 | 6 | 4 | 1 |
| 8 | 2 | 6 | 3 | 4 | 1 | 7 | 9 | 5 |
| 4 | 1 | 9 | 7 | 6 | 5 | 3 | 8 | 2 |

ଗତକାଲିର ଉତ୍ତର

# ଓଡ଼ିଆ ଅସ୍ମିତା ଓ କୁନ୍ତଳା କୁମାରୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ଅମୃତ ଅନ୍ୱେଷାର କବୀ କୁନ୍ତଳା କୁମାରୀ ସାବତ। ବିଭୁପ୍ରାଣତାର ଏକ ହିରଣ୍ମୟ ଅଙ୍ଗୀକାର। ଜୀବନ ବଞ୍ଚିବାର ଅବଧି (୮.୨.୧୯୦୦ – ୨୩.୮.୧୯୩୮) ସ୍ୱଳ୍ପ ହେଲେ ବି ତାଙ୍କ ସର୍ଜନଶୀଳ ପ୍ରତିଭାର ପ୍ରଚଣ୍ଡ ଘୂର୍ଣ୍ଣି ଆଗରେ ହାର ମାନିଛି କାଳ। ସମୟର କଷଟି ପଥରରେ ଶୁଦ୍ଧ ସୁବର୍ଣ୍ଣ ପରି ଅଲିଭା ହୋଇ ରହିଯାଇଛି ତାଙ୍କ ସାରସ୍ୱତ ପ୍ରତିଭାର ଦ୍ୟୁତି ଓ ଦୀପ୍ତି।

ନିଜ ମାଟିର ବାସ୍ନା ଓ ନିଃଶ୍ୱାସକୁ ନୈବେଦ୍ୟ କରି ସେ ଗଢ଼ିଛନ୍ତି କବିତାର କାୟାକଳ୍ପ। ଐଶୀ ଚେତନା, ପ୍ରକୃତି ପ୍ରେମ ଓ ସ୍ୱଦେଶ ପ୍ରୀତି– ଏହି ସମନ୍ୱିତ ଭାବଧାରାର କାବ୍ୟିକ ପରିପ୍ରକାଶ ହେଉଛି ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କ 'ଅଞ୍ଜଳି' (୧୯୨୨), 'ଉଚ୍ଛ୍ୱାସ' (୧୯୨୪), 'ଆହ୍ୱାନ' (୧୯୩୦), 'ସ୍ଫୁଲିଙ୍ଗ' (୧୯୨୯), 'ଅର୍ଚ୍ଚନା' (୧୯୨୭), 'ଓଡ଼ିଆଙ୍କ କାନ୍ଦଣା' (୧୯୩୬) ଓ 'ପ୍ରେମ ଚିନ୍ତାମଣି' (୧୯୩୦) ଆଦି କବିତା ଗ୍ରନ୍ଥ। ଜୀବନ ଓ ଜଗତ ପ୍ରତି ଅକୁଣ୍ଠ ସ୍ନେହ, ଶ୍ରଦ୍ଧା ଓ ମମତ୍ୱବୋଧ ନେଇ ସେ ଖୋଜିଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ରହସ୍ୟମୟତା। 'ଅଞ୍ଜଳି' ସେହି ଅନ୍ତଃହୀନ ଅନ୍ୱେଷାର ଏକ ଶାବ୍ଦିକ ଉଦ୍‌ଭାସ। ଈଶ୍ୱରଙ୍କ ଚରଣ ତଳେ ଏହା ଶ୍ରଦ୍ଧା ଓ ପ୍ରେମର ଏକ ଅଞ୍ଜଳିଭରା ଆଧ୍ୟାତ୍ମିକ ତଲ୍ଲୀନତା। 'ଉଚ୍ଛ୍ୱାସ' କବିଙ୍କ ଅତୀନ୍ଦ୍ରିୟ ସୌନ୍ଦର୍ଯ୍ୟ ଚେତନାର ଅନ୍ୟ ଏକ ନନ୍ଦନ ସର୍ଜନ। ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନର ପୃଷ୍ଠଭୂମି ଉପରେ ରଚିତ 'ଆହ୍ୱାନ'ର ଆବେଦନ ଏତେ ଅନ୍ତର୍ଭେଦୀ ଥିଲା ଯେ ତାହାକୁ ତତ୍କାଳ ବାଜ୍ୟାପ୍ତି ପାଇଁ ଘୋଷଣା କରିଥିଲେ ଇଂରେଜ ସରକାର। ପ୍ରତିଟି ଉତ୍କଳୀୟ ପ୍ରାଣରେ ବିଦ୍ରୋହର ବହ୍ନି ଜାଳିଦେବା ପାଇଁ କବିଙ୍କ ଅଗ୍ନିବର୍ଷୀ ଲେଖନୀରୁ ଝରିପଡ଼ିଛି ଅନ୍ୟ ଏକ ଦେଶାତ୍ମବୋଧକ ଓ କବିତାଗୁଚ୍ଛ 'ସ୍ଫୁଲିଙ୍ଗ'। ସଂକଳନର ଆଦ୍ୟଭାଗରେ କବିତାଗୁଡ଼ିକ ଯେତିକି ଉଦ୍‌ବୋଧନୀୟ ଶେଷାଂଶରେ କବି ସେତିକି ରହସ୍ୟବାଦୀ। ଜୀବନର ବିବିଧ ବର୍ଣ୍ଣାଳୀକୁ ଭାବ, ଆବେଗ, ଲଳିତପଣ ଓ ଶବ୍ଦର ଷୋଡ଼ଶ ଶୃଙ୍ଗାର ଭିତରେ ତୋଳି ଧରିବାର ନାନ୍ଦନିକ ପ୍ରୟାସରୁ ଜନ୍ମ ନେଇଛି କବିତା ସଙ୍କଳନ 'ଅର୍ଚ୍ଚନା' ଓ 'ଓଡ଼ିଆଙ୍କ କାନ୍ଦଣା'। ନାନା ବେଦନାବୋଧରେ ଆପ୍ଲୁତ ଉପରୋକ୍ତ ଦୁଇ କବିତାଗ୍ରନ୍ଥରେ କବି ଆଙ୍କିଛନ୍ତି ବନ୍ୟା, ବାତ୍ୟା ଓ ମରୁଡ଼ିକ୍ଲିଷ୍ଟ ଓଡ଼ିଶାର ମାର୍ମିକ ଚିତ୍ର।

ଗୀତି କବିତାର ସମାହାର ପ୍ରେମ ଚିନ୍ତାମଣିରେ ପ୍ରେମ ପାଇଁ ଶୁଦ୍ଧ ସମର୍ପଣର ସର୍ବୋଚ୍ଚ ସ୍ତରକୁ ଯାଇ କବି ସମର୍ପି ଦେଇଛନ୍ତି ନିଜକୁ। ପ୍ରେମିକା ଭାବରେ କବି କେତେବେଳେ ପାର୍ଥିବ ପ୍ରେମର ମାଧୁରିମାକୁ ଏଡ଼ିପାରି ନାହାନ୍ତି ତ କେତେବେଳେ ସାଧିକା ଭାବରେ ବିଶ୍ୱପ୍ରେମର ଲୀଳା ବିଳାସରେ ନିମଜ୍ଜି ଯାଇଛନ୍ତି ପୂରାପୂରି। ତେଣୁ ଭକ୍ତିରସ ସହିତ ସ୍ନିଗ୍ଧ ଅନୁରାଗର ରହସ୍ୟମୟ ରସାୟନରେ ଏଠି ସୃଷ୍ଟି ହୋଇଛି ଏକ ଭାବମୁଗ୍ଧ ତନ୍ମୟତା।

କବୀଙ୍କ ବହୁଚର୍ଚ୍ଚିତ କବିତା 'ଶେଫାଳି ପ୍ରତି' ତନ୍ମୟ କବିପ୍ରାଣର ଏକ ଚରମ ଅଭିବ୍ୟକ୍ତି। କ୍ଷୁଦ୍ର ଏକ ଶେଫାଳି ଫୁଲ କବିପ୍ରାଣରେ ସୃଷ୍ଟି କରିଛି ଅନନ୍ତ ଭାବନାର ଆଲୋଡ଼ନ। ଏକ ଭାବବିହ୍ୱଳ ଅବସ୍ଥାରେ ସ୍ୱଳ୍ପାୟୁ ଶେଫାଳିର ଅମୃତ ବିତରଣକୁ ଅନୁଭବ କରି ଥରି ଉଠିଛି କବୀଙ୍କ ହୃଦୟତନ୍ତ୍ରୀ। ଚକ୍ଷୁରୁ ଝରିପଡ଼ିଛି ଟୋପା ଟୋପା ପ୍ରେମାଶ୍ରୁ। ଅମୃତ ଅନ୍ୱେଷୀ ଦୃଷ୍ଟି ତାଙ୍କର ପ୍ରସରି ଯାଇଛି ସସୀମରୁ ଅସୀମ ଆଡ଼କୁ। ଜାଗତିକ ଅବସ୍ଥାର ବହୁ ଊର୍ଦ୍ଧ୍ୱକୁ ଉଠି କବୀ ନୈସର୍ଗିକ ସୌନ୍ଦର୍ଯ୍ୟର ବନ୍ଦନା କରିଛନ୍ତି ଏବଂ ତାହାର ଅଧିକାରିଣୀ ହେବା ପାଇଁ ପୋଷଣ କରିଛନ୍ତି ଏକ ଊର୍ଦ୍ଧ୍ୱାୟିତ ବାସନା। ସୌନ୍ଦର୍ଯ୍ୟର ପବିତ୍ରତା ଓ ଅନୁଭବର ସୂକ୍ଷ୍ମତା ଭିତରେ ନିଜର ରହସ୍ୟମୟ ଚେତନାକୁ ବାଙ୍ମୟ ରୂପ ଦେଇ ଗାଇଛନ୍ତି– ''ଶେଷ ଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ, ମରିବାକୁ ଫୁଟି ନାହିଁ ଭବ ତରୁ ଡାଳରେ''।



ସମକାଳର ସମସ୍ୟା ଓ ସଙ୍କଟକୁ ଆଦୌ ବିସ୍ମରି ଯାଇନାହାନ୍ତି ସମାଜ ସଚେତନ ସ୍ରଷ୍ଟା କୁନ୍ତଳା କୁମାରୀ। କୁସଂସ୍କାର ଓ ଅନ୍ଧବିଶ୍ୱାସର ଅନ୍ଧକାର ଭିତରେ ବୁଡ଼ି ରହିଥିବା ଗୋଟାଏ ଜାତିକୁ ବାଟ କଢ଼େଇ ନେବା ପାଇଁ ଫକୀର ମୋହନ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ, ତା'ର ସମ୍ଭାବନାପୂର୍ଣ୍ଣ ସ୍ୱପ୍ନମୟତାକୁ ଶବ୍ଦରେ ସାକାର କରିବାକୁ ଯାଇ ସେ ଗଢ଼ି ଦେଇଛନ୍ତି ଏକ ଭିନ୍ନ ଉଚ୍ଚତାର କଥା– କୋଣାର୍କ। ଆପଣା ଉପନ୍ୟାସ ଓ ପ୍ରବନ୍ଧରେ ସେ ଅସହାୟା ନାରୀମାନଙ୍କର ଆର୍ଥିକ, ଶୈକ୍ଷିକ ଓ ଚେତନାଗତ ବିକାଶକୁ ନେଇ ପ୍ରଶ୍ନ ଉଠେଇଛନ୍ତି ଏବଂ ବତେଇଛନ୍ତି ତା'ର ସମାଧାନର ପନ୍ଥା। ପତ୍ନୀତ୍ୱ ହିଁ ନାରୀର ସର୍ବଶ୍ରେଷ୍ଠ ସମ୍ପତ୍ତି ଓ ସମ୍ମାନ– ଏହି ବିଚାରବୋଧରୁ ବିଚ୍ୟୁତିହୀନତା ସତ୍ତ୍ୱେ ନାରୀର ଅଧିକାର ଓ ମର୍ଯ୍ୟାଦା ପ୍ରତିଷ୍ଠା ପାଇଁ ସ୍ୱର୍ଦ୍ଧିତ ଭାବରେ ବିନ୍ୟସ୍ତ କରିଛନ୍ତି ନାରୀ ଅସ୍ତିତ୍ୱର କୋମଳ ଦିଗନ୍ତ। ନାରୀର ଯାବତୀୟ ସମସ୍ୟା ତଥା ତା'ର ଆବେଗ ଓ ଆଚରଣକୁ ସେ ଅନୁଭବ କରିଛନ୍ତି ଅନ୍ତରଙ୍ଗ ଭାବରେ। କଥାକଥାକେ କଳିଝଗଡ଼ା କରୁଥିବା ନାରୀଟିଏ ଭିତରେ ବି ସେ ଦେଖିଛନ୍ତି ଅନ୍ୟମାନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଅଜାଡ଼ିଦେବାର ଆପଣାପଣ। ତାଙ୍କ ଦୃଷ୍ଟିରେ ନାରୀ ଦିବ୍ୟଶକ୍ତିର ଅଧିକାରିଣୀ। ସେ ଛୁଇଁଦେଲେ ପଥର ବି ପାଲଟିଯାଏ ମଣି। ଅଥଚ ପୁରୁଷପ୍ରଧାନ ସମାଜ ବ୍ୟବସ୍ଥାରେ ନାନା ଅପବାଦ, ଲାଞ୍ଛନା ସହି ଯୁଗ ଯୁଗ ଧରି ସନ୍ତୁଳି ହେଉଛି ନାରୀ। ତା'ର ପ୍ରତିବାଦରେ 'ଭ୍ରାନ୍ତି', 'ନଅତୁଣ୍ଡୀ', 'କାଳିବୋହୂ', 'ପରଶମଣି' ଓ 'ରଘୁଅରକ୍ଷିତ' ଆଦି ଉପନ୍ୟାସରେ ସେ ବାଲ୍ୟ ବିବାହ, ବିଧବା ବିବାହ, ଅସ୍ପୃଶ୍ୟତା ନିବାରଣ ଓ ନାରୀ ଜାଗରଣ ଆଦି ପ୍ରସଙ୍ଗକୁ ନେଇ ସଚେତନ ଭାବରେ ଆୟୋଜନ କରିଛନ୍ତି ଏକ ସଂସ୍କାରଧର୍ମୀ ଦୃଶ୍ୟପଟ। କାଳିବୋହୂ (ଲକ୍ଷ୍ମୀ) ଭଳି ବେଦନା ଜର୍ଜରିତ ବାଲ୍ୟ ବିଧବାଙ୍କ ଉଦ୍ଦେଶ୍ୟରେ ତୋଳି ଧରିଛନ୍ତି ଏକ ସଂସ୍କାରସ୍ନାତ ମୁକ୍ତି ଚେତନାର ଫଳକ।

ସମକାଳୀନ ସ୍ରଷ୍ଟାମାନେ ବାଲ୍ୟ ବିଧବାର ବେଦନାସିକ୍ତ ଜୀବନ ପ୍ରତି କେବଳ ଶୁଷ୍କ ସମବେଦନା ଜଣାଇଥିବା ବେଳେ ବିପ୍ଲବିନୀ କୁନ୍ତଳା ନିଜର ଦମ୍ଭିଲାପଣ ନେଇ କାଳିବୋହୂ (ଲକ୍ଷ୍ମୀ)କୁ ଦେଖେଇଛନ୍ତି ସାମାଜିକ କୁସଂସ୍କାର ଭିତରୁ ମୁକୁଳି ଆସିବାର ରାସ୍ତା । ପଲ୍ଲୀକବି ନନ୍ଦ କିଶୋର ବଳ ସମାଜର ପ୍ରଥାବଦ୍ଧତା ବିରୋଧରେ ଲଢ଼ିବା ପରିବର୍ତ୍ତେ ବିଧବା ଉମାକୁ ମାରିଦେଇଛନ୍ତି ବିସୂଚିକାରେ (କନକଲତା)। ଧୋବୀକୁ ସନେଇ ସହିତ ବାହା ଦେବାକୁ ସାହସ କରିପାରି ନାହାନ୍ତି କାହ୍ନୁ ଚରଣ ମହାନ୍ତି (ଶାସ୍ତି)। ସଂସ୍କାରକ ଗୋଦାବରୀଶ ମହାପାତ୍ରଙ୍କ ଉମା ଓ ଗଉରୀ ଅଟକିଗଲେ ବିପ୍ଲବର ସ୍ଲୋଗାନ୍ ପାଖରେ (ବିଦ୍ରୋହିଣୀ)। କୁନ୍ତଳା କୁମାରୀ କିନ୍ତୁ କାଳୀବୋହୂ ଭିତରେ ଭରି ଦେଇଛନ୍ତି ଆଗକୁ ବଢ଼ିବାର ଦମ୍ଭିଲାପଣ। ଦଶବର୍ଷ ବୟସରେ ବିଧବା ହୋଇଥିବା କାଳିବୋହୂକୁ ଆତ୍ମହତ୍ୟା କରିବାକୁ ଦେଇନାହାନ୍ତି କି ତାକୁ ଖାଲି ଓଷା, ବ୍ରତ, ହବିଷ ଓ ଏକାଦଶୀ ଭିତରେ ଜଳିବାକୁ ଛାଡ଼ି ଦେଇ ନାହାନ୍ତି ସାରା ଜୀବନ। ସମାଜର ସବୁ ଅଡ଼ା ଆକଟକୁ ଅତିକ୍ରମ କରି ସେ ପାଠ ପଢ଼ିଛି ଓ ଜଣେ ପ୍ରଗତିଶୀଳ ଯୁବକକୁ ବିବାହ କରି ବାଲ୍ୟ ବିଧବାଙ୍କ ପାଇଁ ସୃଷ୍ଟି କରିଛି ଏକ ନୂଆ ଦିଗନ୍ତ।

କୁନ୍ତଳା କୁମାରୀଙ୍କ ମୂଳମନ୍ତ୍ର ଥିଲା ଉତ୍କଳର ଭୂମି, ଭାଷା ଓ ତା'ର ଅଧିବାସୀଙ୍କ ଉନ୍ନତି। ତାଙ୍କର ଏହି ଜାତିପ୍ରୀତିକୁ ଆକଳନ କରି ତାଙ୍କୁ 'ଉତ୍କଳ ଭାରତୀ' ଉପାଧିରେ ଭୂଷିତ କରିଥିଲା ପୁରୀର ମହିଳା ବନ୍ଧୁ ସମିତି। ତାଙ୍କ ମୃତ୍ୟୁରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଶ୍ରଦ୍ଧାଞ୍ଜଳି ଦେଇ ଲେଖିଥିଲେ ''କୁନ୍ତଳାଙ୍କ ପରି ପ୍ରତିଭାଶାଳିନୀ ନାରୀକବି ଆଜିଯାଏ ଓଡ଼ିଶାରେ ଜନ୍ମିବାର ଦ୍ୱିତୀୟ ଉଦାହରଣ ଖୋଜିବା ପାଇଁ ବିଶୁଦ୍ଧତମ ଓଡ଼ିଆଭକ୍ତଙ୍କ ମୁଣ୍ଡ ମଧ୍ୟ ବୁଲେଇଦବ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

## ପାଠକ ଶ୍ରେଷ୍ଠ ବିଚାରକ

### କାହା କଥା ଠିକ୍

ମହାଶୟ,

ଗତ କିଛିଦିନ ତଳେ ବିଭିନ୍ନ ଖବରକାଗଜରେ ନୀତି ଆୟୋଗର ଏକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଦର୍ଶାଯାଇଛି ଯେ, ୨୦୨୨-୨୩ ସୁଦ୍ଧା ଗତ ୯ ବର୍ଷ ଭିତରେ ଦେଶର ପାଖାପାଖି ୨୫ କୋଟି ଲୋକ ବହୁମୁଖୀ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଠିକ୍ ସେହିଦିନ ଗଣମାଧ୍ୟମରେ ଅକ୍ସଫାମ୍ ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁସାରେ, କରୋନା ପ୍ରଭାବରେ ୨୦୨୨-୨୩ ସୁଦ୍ଧା ୨ ବର୍ଷ ମଧ୍ୟରେ ବିଶ୍ୱର ୬୦ ପ୍ରତିଶତ ଗରିବଙ୍କ ଆୟ ହ୍ରାସ ପାଇଛି। ଅର୍ଥାତ୍ ସେମାନେ ଅଧିକ ଗରିବ ହୋଇଯାଇଛନ୍ତି। ଏହି ଦୁଇଟି ରିପୋର୍ଟ ପରସ୍ପର ବିରୋଧୀ ହୋଇଥିବାରୁ କାହା କଥା ଠିକ୍ ସେନେଇ ପାଠକଙ୍କ ମହଲରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଏଠାରେ ବିଶ୍ୱ ଅର୍ଥନୀତିର ପ୍ରଭାବ ପଡ଼ିବା ସ୍ୱାଭାବିକ୍। ଏଣୁ ନୀତି ଆୟୋଗ ରିପୋର୍ଟରେ ବାସ୍ତବତା ଅଛି କିମ୍ବା ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ, ତାହା ସ୍ପଷ୍ଟ ହେବା ଉଚିତ।

–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ଭୁଲି ପଥ କେସନ ପୁଣି
ଅଜଣା ଦେଶେ ଆସିଲ ଚାଲି
ଶୀତ ବରଷା ନ ମାନି ତୁମେ
ଏ କି ମଉନ ବେଶରେ ଖାଲି।
–(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କପା ମିଲ୍‌ରେ ନିଆଁ ଲାଗି ପୋଡ଼ିଲା ଲକ୍ଷାଧିକ ଟଙ୍କାର କପା

କେସିଙ୍ଗା,୭।୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍ରେଲା ଗ୍ରାମପଞ୍ଚାୟତ ଅଧୀନ କୋକୋମୁଣ୍ଡା ଗ୍ରାମ ଛକ ପାଖରେ ଥିବା ଗୋପାଲ ଏଗ୍ରୋ କପା ମିଲରେ ବୁଧବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର କପା ଜଳି ପୋଡ଼ି ନଷ୍ଟ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ କୋକୋମୁଣ୍ଡାସ୍ଥିତ ଗୋପାଲ ଏଗ୍ରୋ କାପାମିଲ ମାଲିକଙ୍କ କହିବା ଅନୁସାରେ ବୁଧବାର ସକାଳ ସାଢ଼େ ୮ଟାରେ କପାମିଲ ଚାଲୁଥିବା ସମୟରେ ବିଦ୍ୟୁତ୍ ସଟ ସର୍କିଟ ଯୋଗୁ ହଠାତ ନିଆଁ ଲାଗି ଯାଇଥିଲା। ମିଲ ମାଲିକ ସଙ୍ଗେ ସଙ୍ଗେ କେସିଙ୍ଗା ଦମକଳ କେନ୍ଦ୍ରକୁ ଫୋନ କରି ଜଣାଇଥିଲେ। କେସିଙ୍ଗାରୁ ଦୁଇଟି ଦମକଳ ଗାଡ଼ି ଓ ଭବାନୀପାଟଣାରୁ ଗୋଟିଏ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଘଣ୍ଟାଏ କାଳ ପରେ ନିଆଁକୁ ନିୟନ୍ତ୍ରଣ କରିଥିଲେ। ମିଲ ମାଲିକଙ୍କ କହିବା ଅନୁସାରେ କ୍ଷୟକ୍ଷତି ଆକଳନ ହୋଇ ନ ଥିଲେ ମଧ ଲକ୍ଷାଧିକ ଟଙ୍କାର କପା ପୋଡ଼ି ପାଉଁଶ ହୋଇଥିବା କହିଛନ୍ତି।

### ସଡ଼କ ସୁରକ୍ଷା ପାଇଁ ସଚେତନ କଲେ ସ୍ୱେଚ୍ଛାସେବୀ ସଙ୍ଗଠନ



କୋକସରା,୭।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡ଼ା ଛକ ନିକଟରେ କୋକସରା ପୋଲିସ ସହାୟତାରେ ବୁଧବାର ଭୁବନେଶ୍ୱର ଇଷ୍ଟ ଇଣ୍ଡିଆ କଂଶୋରିଟମ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଡ଼କ ସୁରକ୍ଷା ପାଇଁ ସଚେତନ କରାଯାଇଛି। କୋକସରା ଥାନା ଅଧୀନରେ ଥିବା ଗମ୍ଭାରୀଗୁଡ଼ା ଛକ ନିକଟରେ ଦୁଇ ଓ ଚାରି ଚକିଆ ଯାନବାହନ ଚାଳକଙ୍କୁ ଅଟକାଇ ସଡକ ସୁରକ୍ଷା ଟ୍ରାଫିକ ସଚେତନ ନେଇ ବାର୍ତ୍ତା ଦେବା ସହ ସଚେତନତା କରୁଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ ଲିଡ଼ର ଚନ୍ଦ୍ରଶେଖର ମହାରଣା, ମୃତ୍ୟୁଞ୍ଜୟ ମୁଦୁଲି, ଶମ୍ଭୁ ସ୍ୱାଇଁ, ମହେଶ୍ୱର ଦାସ, ଗୋବର୍ଦ୍ଧନ ମହାରଣାଙ୍କ ସମେତ କୋକସରା ପୋଲିସ କର୍ମଚାରୀମାନେ ସାମିଲ ରହି ସଡ଼କ ସୁରକ୍ଷା ସଚେତନତା କରିଥିଲେ।

### କର୍ଲାମୁଣ୍ଡା ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

କର୍ଲାମୁଣ୍ଡା,୭।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ମଙ୍ଗଳବାର ନୂତନ ବିଡିଓ ମଞ୍ଜୁ ଖମାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହା ପୂର୍ବରୁ ସୋନପୁର ଜିଲାରେ ଡେପୁଟି କଲେକ୍ଟର ଭାବେ ଭାବେ କାର୍ଯ୍ୟରତ ଥିଲେ। ବ୍ଲକ ଜନସାଧାରଣଙ୍କ ସହଯୋଗ କାମନା କରିବା ସହ ଅଞ୍ଚଳରେ ବିକାଶ ପାଇଁ ଯତ୍ନବାନ ହେବି ବୋଲି ସେ କହିଛନ୍ତି। ବିଡିଓଙ୍କ ଯୋଗ୍‌ଦାନ ସମୟରେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପ୍ରଦୀପ ସାହୁ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଓ ମହେନ୍ଦ୍ର ରଣା, ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇଙ୍କ ସମେତ ବିଭିନ୍ନ ଗ୍ରାମପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

### ଆମ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୭।୨(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଫୁଣ୍ଡା ପଞ୍ଚାୟତ ସରପଞ୍ଚ ଧନଞ୍ଜୟ ସାହୁଙ୍କ ଅଧକ୍ଷତାରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ସଚେତନ ଶିବିର ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଉପସ୍ଥିତ ଲୋକଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ ଏବଂ ଗ୍ରାମାଞ୍ଚଳରେ ଯେଉଁ ସବୁ ସମସ୍ୟା ରହୁଛି ତାହାର ସମାଧାନ କିପରି ଭାବେ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ବାହାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ନିଜ ନୃତ୍ୟ ପରିବେଷଣ କରିଥିଲେ। ଚିତ୍ତରଞ୍ଜନ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଫୁଣ୍ଡା ପିଇଓ ପ୍ରଶାନ୍ତ କୁମାର ନାଏକ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା ସମିତି ସଭ୍ୟ ଭୁପେନ୍ଦ୍ର ନାଗ ସହଯୋଗ କରିଥିଲେ।

# ଗୁରୁତର ରୋଗୀଙ୍କୁ ବାରଣ୍ଡାରେ ଚିକିତ୍ସା

- କଳାହାଣ୍ଡି ଜିଲାରେ ଏମିତି ଚାଲିଛି ସ୍ୱାସ୍ଥ୍ୟସେବା
- ୬୦୯ ଡାକ୍ତର ମଧ୍ୟରୁ ଅଛନ୍ତି ୨୩୬
- ପ୍ରାୟ୍ ସମୟରେ ବେଡ ମିଳି ନ ଥାଏ

ଭବାନୀପାଟଣା,୭।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମେଡିକାଲ କଲେଜ ସ୍ଥାପନା କରିବା ସହ ୫-ଟିରେ ଡାକ୍ତରଖାନାଗୁଡ଼ିକୁ କୋଟି କୋଟି ଟଙ୍କାରେ ରୂପାନ୍ତର କରାଯାଇଛି। ସେହିପରି ଉନ୍ନତ ମାନର ଓ ଅତ୍ୟାଧୁନିକ ଚିକିତ୍ସା ପାଇଁ ଯନ୍ତ୍ରପାତି ସଂଯୋଗ ଯୋଗୁ ରୋଗୀମାନେ ମାଗଣାରେ ସେବା ପାଇ ଉପକୃତ ହେବେ ବୋଲି ଆଶା କରାଯାଉଛି। ହେଲେ ଆବଶ୍ୟକ ଡାକ୍ତର ନ ଥିବାରୁ ଏଠାକାର ରୋଗୀମାନେ ଅଧିକ ଚିକିତ୍ସା ପାଇଁ ଜିଲା ତଥା ରାଜ୍ୟ ବାହାର ଡାକ୍ତରଖାନାକୁ ଉପରେ ଅଧିକ ନିର୍ଭର କରୁଛନ୍ତି। ଜିଲା ମୁଖ୍ୟାଳୟ ଭବାନୀପାଟଣା ଡାକ୍ତରଖାନାରେ ୪୨ଟି ଲେଖାଏଁ ମହିଳା ଓ ପୁରୁଷଙ୍କ ବେଡ ରହିଥିବାବେଳେ ଜିଲାର ରୋଗୀ ସଂଖ୍ୟା ଅଧିକ ହେତୁ ପ୍ରାୟ ସମୟରେ ବେଡ ମିଳି ନ ଥାଏ। ମଙ୍ଗଳବାର ବେଡ ନ ମିଳିବାରୁ ଜଣେ ରୋଗୀଙ୍କୁ ବାରଣ୍ଡାରେ ଚିକିତ୍ସା କରାଯାଇଥିବା ଦେଖିବାକୁ ମିଳିଛି। ଜିଲାର ଧର୍ମଗଡ ବ୍ଲକ ବର୍ଡଫୁର୍ଲା ଗ୍ରାମର ଶତୃଘନ ଶବର ନାମକ ଜଣେ ବୃଦ୍ଧାଙ୍କ ସୁଗର ଲେବଲ କମିଯିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଏହି ଡାକ୍ତରଖାନାକୁ ଅଣାଯାଇଥିଲା। ହେଲେ ବେଡ ଖାଲି ନ ଥିବାରୁ ତାଙ୍କୁ ବାରଣ୍ଡା ଚଟାଣରେ ଚିକିତ୍ସା କରାଯାଇଥିଲା। ଏପରିକି ସାଲାଇନ ରଖିବା ପାଇଁ ମଧ ମେଡିକାଲ କର୍ମଚାରୀ ଷ୍ଟେନ ଲଗାଇ ନ ଥିବାବେଳେ



ଗୁରୁତର ରୋଗୀଙ୍କୁ ବାରଣ୍ଡାରେ ଚିକିତ୍ସା କରାଯାଉଛି।

ସେଠାରେ ଥିବା ଝରକାରେ ସାଲାଇନକୁ ରଖି ତାଙ୍କୁ ଚଢାଯାଉଥିବା ଦେଖିବାକୁ ମିଳିଥିଲା। ଏଭଳି ଅଭାବନୀୟ ଘଟଣା ସାଧାରଣରେ ନିନ୍ଦା ପ୍ରକାଶ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, କଳାହାଣ୍ଡି ଜିଲାରେ ୬୦୯ଜଣ ଡାକ୍ତର ନିଯୁକ୍ତି ବଦଳରେ ଏବେ ମାତ୍ର ୨୩୬ ଜଣ ରହିଛନ୍ତି। ଯାହାଦ୍ୱାର ଜିଲା ସ୍ୱାସ୍ଥ୍ୟ ସେବା କେମିତି ପରିଚାଳିତ ହେଉଥିବା ତାହା ସହଯେ ଅନୁମେୟ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟରେ ୮ଜଣ ଡାକ୍ତର ରହିବା ବଦଳରେ ଏବେ ୬ଜଣ ଅଛନ୍ତି। ୨ଟି ଡାକ୍ତର ପଦବୀ ଖାଲିପଡିଛି। ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ୧୪୫ଜଣ ଡାକ୍ତର ରହିବା ବଦଳରେ ଏବେ ମାତ୍ର ୪୨ ଜଣ ଅଛନ୍ତି। ୧୦୩ଟି ଡାକ୍ତର ପଦବୀ ଖାଲିପଡିଛି। ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ୪୮ଜଣ ଡାକ୍ତର ରହିବା ବଦଳରେ ଏବେ ୧୭ଜଣ ଅଛନ୍ତି। ୩୧ ଡାକ୍ତର ପଦବୀ ଖାଲି ପଡିଛି। ଉଦିତ ନାରାୟଣପୁର ଟିଭି ହସ୍ପିଟାଲରେ ୭ଜଣ ଡାକ୍ତର ରହିବା ବଦଳରେ ଏବେ ସେଠାରେ ୫ଜଣ ରହିଛନ୍ତି। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୧ ଜଣ ବଦଳରେ ୬ଜଣ ରହିଛନ୍ତି। ସେହିପରି ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬ରୁ ୧୫, ଚିଲଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ରୁ ୫, ପାଷ୍ଟିକୁଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ରୁ ୧୧, ବୋର୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୬ରୁ ୧୨, ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ରୁ ୧୦, ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୩ରୁ ୭, ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୧ରୁ ୬, ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ରୁ ୮, ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ରୁ ୯, କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୨ରୁ ୯, ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ରୁ ୧୧, ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ରୁ ୫, ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ରୁ ୯, ଏମ୍ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ରୁ ୧୫, କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ରୁ ୧୧ ଓ କର୍ଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ରୁ ୭ଜଣ ରହିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଚେତା ପାଣିଙ୍କୁ ପଚାରିବାରୁ ଗତ ମାସରେ ନୂତନ ୭୧ଜଣ ଡାକ୍ତର ନିଯୁକ୍ତି ପାଇ ଯୋଗଦାନ କରିଛନ୍ତି। ଯଦ୍ୱାରା ଏହି ସଂଖ୍ୟା ଏବେ ଏତିକି ଅଛି। ପୂର୍ବରୁ ଡାକ୍ତର ସଂଖ୍ୟା ଜିଲାରେ କମ୍ ଥିଲେ ବୋଲି କହିଥିଲେ।

# ବିଜୁ ଏକ୍ସପ୍ରେସ୍ ୱେ ଅବରୋଧ କଲେ ହିତାଧିକାରୀ



ବିଜୁ ଏକ୍ସପ୍ରେସ ୱେ ଅବରୋଧ କରାଯାଇଛି।

କୋକସରା,୭।୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

**ଜମି ଅଧିଗ୍ରହଣ କ୍ଷତିପୂରଣ ଦାବି**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣିରୁ ଧର୍ମଗଡ଼ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେର ଭୁର୍ଷାଗୁଡା ନିକଟରେ କ୍ଷତିପୂରଣ ଦାବିରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ପରିବାର ପକ୍ଷରୁ ବୁଧବାର ସକାଳୁ ରାସ୍ତା ଅବରୋଧ କରାଯାଇଥିଲା। ବିଜୁ ଏକ୍ସପ୍ରେସ ପାଇଁ ଜମି ଅଧିଗ୍ରହଣର ଦୀର୍ଘବର୍ଷ ପରେ ମଧ କ୍ଷତିପୂରଣ ରାଶି ନ ପାଇବାରୁ କ୍ଷତିଗ୍ରସ୍ତ ହିତାଧିକାରୀଙ୍କ ପରିବାର ସୋନୁ ମାଝି, ପରିକ୍ଷୀତ ମାଝି, ଔରତ ମାଝି, ସାଧୁ ମାଝି, ବନମାଳୀ ମାଝି, ରିକ ମାଝି, ସୋମନାଥ ମାଝି, ପୁରୁଷୋତ୍ତମ ମାଝିଙ୍କ ସମେତ ତାଙ୍କ ପରିବାରର ମହିଳା ପିଲାଛୁଆମାନେ ରାସ୍ତାରେ କାଠ ପକାଇ ରାସ୍ତା ଅବରୋଧ କରି ରଖିଥିଲେ। ଫଳରେ ବିଜୁ ଏକ୍ସପ୍ରେସ ୱେ ଦେଇ ଗାଡିମୋଟର ଚଳାଚଳ ବ୍ୟାହତ ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ଆମପାଣି ଥାନା ଅଧିକାରୀ ଗଙ୍ଗାଧର ମେହେର, କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ପହଞ୍ଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ଜମି ଅଧିଗ୍ରହଣ ସମ୍ପର୍କିତ ସମସ୍ତ କାଗଜପତ୍ର ନେଇ ତହସିଲ କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ। ତଦନ୍ତ ପରେ କ୍ଷତିପୂରଣ ଅର୍ଥ ଦେବାକୁ ପ୍ରତିଶ୍ରୁତି ଦେବା ପରେ ହିତାଧିକାରୀମାନେ ରାସ୍ତା ଅବରୋଧ ପ୍ରତ୍ୟାହୃତ କରିଥିଲେ। ରାସ୍ତା ଅବରୋଧ ଫଳରେ ବିଜୁ ଏକ୍ସପ୍ରେସ ୱେରେ ଦୀର୍ଘ ୩ ଘଣ୍ଟା ଧରି ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ୧୦ରୁ ଜୁନାଗଡ଼ ଏନ୍ଏସି, ନର୍ଲା ବ୍ଲକରେ ସାମୂହିକ ଔଷଧ ସେବନ

ଭବାନୀପାଟଣା,୭।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ଏନଏସି ଓ ନର୍ଲା ବ୍ଲକରେ ଫାଇଲେରିଆ ନିରାକରଣ ଅଭିଯାନ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଆସନ୍ତା ୧୦ ରୁ ୧୯ ଜୁନାଗଡ଼ ଏନଏସି ଓ ନର୍ଲା ବ୍ଲକରେ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୦୨୩-୨୪ରେ ସର୍ଭେରେ ନର୍ଲା ବ୍ଲକରେ ୯ ଓ ଜୁନାଗଡ ଏନଏସିରେ ୧୧ ଜଣଙ୍କୁ ଫାଇଲେରିଆ ରୋଗର ଲକ୍ଷଣ ଜଣାପଡିଥିଲା। ଏହାକୁ ନିରାକରଣ ପାଇଁ ସମସ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ





ସ୍ୱାସ୍ଥ୍ୟ ବିଭାଗର ଖବରଦାତା ସମ୍ମିଳନୀ।

**ଫାଇଲେରିଆ ନିରାକରଣ ଅଭିଯାନ**

କରାଯାଇଛି। ଆସନ୍ତା ୧୦ ରୁ ୧୯ ଜୁନାଗଡ଼ ଏନଏସି ଓ ନର୍ଲା ବ୍ଲକରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଟିମ ଦ୍ୱାରା ସମସ୍ତଙ୍କୁ ଡିଇସି ଟାବ୍ଲେଟ ଓ ଆଲବେଣ୍ଡାଯୋଲ ଔଷଧ ଘରକୁ ଘର ବୁଲି ଲୋକଙ୍କୁ ସେବନ ପାଇଁ ଦିଆଯିବ। ଏଥିରେ ୨ ବର୍ଷରୁ କମ ଶିଶୁ, ଗର୍ଭବତୀ ମହିଳା ଓ ଅତ୍ୟନ୍ତ ରୋଗାକ୍ରାନ୍ତଙ୍କୁ ବାଦ ଦିଆଯିବ। ସେହିପରି ମୋବାଇଲ ଟିମ ମାଧ୍ୟମରେ ମଧ ଅଫିସ, ହାଟ, ସ୍କୁଲ ଅଞ୍ଚଳରେ ବୁଲି ଔଷଧ ସେବନ କରାଯିବ। ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଚେତା ପାଣି, ଏଡିପିଏଚଓ ଡାକ୍ତର ରଞ୍ଜନ କୁମାର ମିତ୍ର, ଡିଆଇପିଆରଓ ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିଏଲ୍ଏଫ୍ ସମ୍ପାଦିକା ରୀନା ସାହୁ ସମ୍ବର୍ଦ୍ଧିତ

କର୍ଲାମୁଣ୍ଡା,୫।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ମିଶନ ଶକ୍ତି ବ୍ଲକ ଫେଡରେସନ ସମ୍ପାଦିକା ରୀନା ସାହୁ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ପକ୍ଷରୁ ଦୁବେଇ ପରିଦର୍ଶନରେ ଯାଇ ଫେରିବା ପରେ ସୋମବାର ଆଇସିଡିଏସ କାର୍ଯ୍ୟାଳୟଠାରେ ମିଶନ ଶକ୍ତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସିଡିପିଓ ଜି. ଗୁଡଲା, ମିଶନ ଶକ୍ତି ବିପିସି ବିପିନ ବାରିକ, ସୁପରଭାଇଜର ଗୀତା ହରିଜନ, ଉର୍ମିଳା ସାହୁ, ବ୍ଲକ ଫେଡରେସନ ସଭାନେତ୍ରୀ ଜୟନ୍ତୀ ସାହୁ, ଉପ ସଭାନେତ୍ରୀ ମାଧବୀ ସାହୁ, ସହ ସମ୍ପାଦିକା ଜାହ୍ନବୀ ସାହୁ, କୋଷାଧ୍ୟକ୍ଷ ସୁଷମା ରଣା, ଶାନ୍ତିପ୍ରିୟା ହୋତା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ପରିଦର୍ଶନ କାର୍ଯ୍ୟକ୍ରମ ଓଡ଼ିଶାର ବିଭିନ୍ନ ଜିଲାରୁ ୩୫ଜଣ ମହିଳା ଯାଇଥିବା ବେଳେ କଳାହାଣ୍ଡି ଜିଲାରୁ ୪ଜଣ ଫେଡରେସନ ନେତ୍ରୀମାନେ ସାମିଲ ହୋଇଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର



କାର୍ଯ୍ୟକ୍ରମରେ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଉଛି।

ଲାଞ୍ଜିଗଡ଼,୭।୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନରେନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା କମଳା ପାତ୍ର, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ସାମାଜିକ କର୍ମୀ ହରିଶଙ୍କର ପାତ୍ର, ନାରୀନେତ୍ରୀ ସୁଜାତା ଘଡେଇ, ମିଶନ ଶକ୍ତି ବିଭାଗ ବିପିଓ ସଞ୍ଜୀବ କହଁର ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଚମ୍ପାଦେଇପୁର ନିର୍ବାହୀ ଅଧିକାରୀ ପ୍ରମୋଦ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାଗୁଡିକ ଉପରେ ମାର୍ଗଦର୍ଶନ ଦେଇ ଜନସଚେତନତା ସୃଷ୍ଟି କରିଥିଲେ। ଏଥିରେ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଉପରେ ଜନସଚେତନତା ସୃଷ୍ଟି କରାଯାଉଛି। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀ ସମ୍ପଦ, ବିଦ୍ୟୁତ୍ ବିଭାଗ ଷ୍ଟଲ ଖୋଲାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଶିବିରରେ ଗୋପାଳ ଦାସ ମହାନନ୍ଦ ମଞ୍ଚ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ଆଘାତରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ

ଭବାନୀପାଟଣା,୭।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବଡ଼ଛତରଙ୍ଗ ଗ୍ରାମରେ ଗତ ୨୪ ଅକ୍ଟୋବର ୨୦୨୧ରେ ମହେନ୍ଦ୍ର ନାଏକ(୩୮) ଗାଁ ନିକଟ ଜଙ୍ଗଲକୁ ଯାଇଥିବା ସମୟରେ ଜଙ୍ଗଲ ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍‌ସି)ଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ସରକାର ମହେନ୍ଦ୍ରଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ୨୦୨୧ ଅକ୍ଟୋବରରେ ଘଟିଥିବା ଏହି ଘଟଣା ବାବଦରେ ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସ ଏନ୍ଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ ଦାଖଲ କରି ମହେନ୍ଦ୍ରଙ୍କ ପରିବାରକୁ କ୍ଷତିପୂରଣ ଦାବି କରିଥିଲେ। ମାନବ ଅଧିକାର କର୍ମୀଙ୍କ ଅଭିଯୋଗ କମିଶନ କେଶ ନମ୍ବର ୧୧୯୬/୧୮/୬/୨୦୨୨ରେ ଗ୍ରହଣ କରି ବିଭାଗୀୟ ଅଧିକାରୀମାନଙ୍କୁ ନୋଟିସ ଜାରି କରିଥିଲେ। କମିଶନଙ୍କ ନୋଟିସ ପରେ ଶକ୍ତି ବିଭାଗ ଅଧିକ୍ଷଣ ଯନ୍ତ୍ରୀ ତଥା ବିଦ୍ୟୁତ୍ ନିରୀକ୍ଷକ ତଦନ୍ତ କରି ସବିଶେଷ ରିପୋର୍ଟ ପ୍ରଦାନ କରିଥିଲେ। ବିଦ୍ୟୁତ୍ ନିରୀକ୍ଷକ ତାଙ୍କ ରିପୋର୍ଟରେ ଟାଟା ପାୱାର (ଟିପିଡବ୍ଲୁଓଡିଏଲ) ଅବହେଳା ଯୋଗୁ ଏପରି ଚୋରା ବିଦ୍ୟୁତ୍ ସଂଯୋଗ ବିଷୟରେ ଉଲ୍ଲେଖ କରିଥିଲେ ମଧ ଟାଟା ପାୱାର ପକ୍ଷରୁ ଏହାକୁ ଖଣ୍ଡନ କରି ବିବୃତି ପ୍ରଦାନ କରଯାଇଥିଲା। କିନ୍ତୁ ମାନବାଧିକାର କମିଶନ ଏହି ଘଟଣାରେ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ଦର୍ଶାଇ ମହେନ୍ଦ୍ରଙ୍କ ମାନବାଧିକାର ଉଲ୍ଲଂଘନ ନିମନ୍ତେ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ୧୨ ସେପ୍ଟେମ୍ବର ୨୦୨୩ରେ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରି ଓଡିଶା ସରକାର ଟାଟା ପାୱାର ଜରିଆରେ ମହେନ୍ଦ୍ର ନାଏକଙ୍କ ବିଧବା ପତ୍ନୀ ମଞ୍ଜୁଳା ନାଏକଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଚେକ ନମ୍ବର -୦୦୦୩୮୩ ଆକାରରେ ୪ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି।

# କ୍ରିକେଟ: ଭାଲୁପିଆ ଚାମ୍ପିୟନ

ରିଷିଡ଼ା,୭।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡିସ୍ଥିତ ଗଜବାହାଲସ୍ଥିତ ହାଇସ୍କୁଲ ପଡିଆଠାରେ ଚାଲିଥିବା ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଭାଲୁପିଆ ବନାମ ଅଁଳାତରା ଦଳ ମଧ୍ୟରେ ହୋଇଥିବା ବେଳେ ଅଁଳାତରା ଦଳ ୬୫ ରନର ଲକ୍ଷ୍ୟ ଦେଇଥିଲେ। ଭାଲୁପିଆ ଦଳ ଲକ୍ଷ୍ୟ ହାସଲ କରି ବିଜୟୀ ହେଲେ। ମ୍ୟାଚରେ ମୁଖ୍ୟ ଦାମୋଦର ପ୍ରଧାନ, ସହଯୋଗୀ ବଲ୍ଲଭ ସୁନା ଖେଳ ପରିଚାଳନା କରିଥିବା ବେଳେ ସୌଭାଗ୍ୟ କୁମାର ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଭାଜପା କଳାହାଣ୍ଡି ଉପସଭାପତି ତଥା ଆସାୟୀ ବିଧାୟକ ପାର୍ଥ୍ ପ୍ରଶାନ୍ତ କୁମାର ସାହୁ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ଦଇତ ରାମ ସୁନା, ଭାଜପା କର୍ଲାମୁଣ୍ଡା ମଣ୍ଡଳ ସଭାପତି ସଞ୍ଜୟ କୁମାର ଜୈନ, କର୍ଲାମୁଣ୍ଡା ବ୍ଲକ ଏମ୍‌ପି ପ୍ରତିନିଧି ରାଜେନ୍ଦ୍ର ନାରାୟଣ ମିଶ୍ର, ଭାଜପା କର୍ଲାମୁଣ୍ଡା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଗୁଣନିଧି ସାହୁ, ସାମାଜିକ କର୍ମୀ ସୁବଳ ପ୍ରଧାନ ଯୋଗଦେଇଥିଲେ। ମା’ ମାହେଶରୀ କ୍ରିକେଟ କ୍ଲବ ପକ୍ଷରୁ ଖୁବ ଧୁମଧାମରେ କ୍ରିକେଟ ଟୁର୍ନାମେଣ୍ଟ ୬ ଦିନ ଧରି ଅନୁଷ୍ଠିତ ହୋଇଥିଲା।



# ୧୭ରୁ ନୂଆପଡ଼ା ମାରାଗୁଡ଼ା ମହୋତ୍ସବ

ନୂଆପଡ଼ା,୭।୨(ମକାରୁ ବେମାଲ)

ସ୍ଥାନୀୟ ସଦଭାବନା ସଭାଗୃହରେ ବୁଧବାର ମାରାଗୁଡା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଜିଲ୍ଲାର ଐତିହ, ସଂସ୍କୃତି, ପରମ୍ପରା ନେଇ ପ୍ରତିବର୍ଷ ମାରାଗୁଡା ମହୋତ୍ସବ ଅନୁଷ୍ଠିତ ହୋଇଆସୁଥିଲା। କୌଣସି କାରଣ ବସତଃ ୨୦୧୪ଠାରୁ ଦୀର୍ଘ ୧୧ ବର୍ଷ ମହୋତ୍ସବ ବନ୍ଦ ହୋଇଯାଇଥିଲ। ପୁଣିଥରେ ମହୋତ୍ସବ କରିବା ଲାଗି ଜିଲାବାସୀ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜିଲାପାଳ ହେମକାନ୍ତ ସାଏଙ୍କୁ ଅନୁରୋଧ କରିଥିଲେ। ପୁଣି ଥରେ ମାରାଗୁଡା ମହୋତ୍ସବ କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇ ମାରାଗୁଡା ମହୋତ୍ସବ ପାଇଁ ଆଗେଇ ଆସିଥିବାରୁ ଜିଲାବାସୀ ଖୁସିବ୍ୟକ୍ତ କରିଛନ୍ତି। ଅତିରିକ୍ତ ଜିଲାପାଳ ଭୀନସେନ ଶବରଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ଅଧକ୍ଷା ଡଲି ମାଝି,



ମାରାଗୁଡା ମହୋତ୍ସବ ପାଇଁ ବୈଠକରେ ଆଲୋଚନା କରାଯାଉଛି।

ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ, ଯୁବ ସାମାଜିକ କର୍ମୀ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ଜିଲା ପରିଷଦ ସସ୍ୟ ଭାନୁ ପ୍ରତାପ ସିଂ ମାଝି ଓ ପ୍ରଶାସନ ପକ୍ଷରୁ ଉପଜିଲାପାଳ ସୁବାଷ ଚନ୍ଦ୍ର ରଇତ, ଅତିରିକ୍ତ ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ଭୋଇ, ଡିଏସଡବ୍ଲ୍ୟୁ ମନ କୁମାରୀ ଲମ୍ଭୁ, ଡିଏସଓ ଅଜୟ କୁମାର ପଟ୍ଟନାୟକ, ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଦୀପ କୁମାର ସେଠୀ, ସଦର ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟଙ୍କ ପ୍ରମୁଖ ସମେତ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ କର୍ମକର୍ତ୍ତା, ଓକିଲ ସଂଘ ଓ ଖବରଦାତା ଉପସ୍ଥିତିଥିଲେ। ସର୍ବସମ୍ମତିକ୍ରମେ ଫେବୃଆରୀ ୧୭, ୧୮ ଓ ୧୯ ୩ ଦିନ ଧରି ଜିଲାସ୍ତରୀୟ ମାରାଗୁଡା ମହୋତ୍ସବ ପାଇଁ ନିଷ୍ପତ୍ତି ନିଆଯାଇଛି। ୧୫ ରୁ ୧୯ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ମେଳା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ପରାମର୍ଶଦାତା କମିଟି, ଅର୍ଥ କମିଟି, ଗ୍ରହଣ କମିଟି, ପ୍ରଦର୍ଶନୀ ଓ ପଲ୍ଲୀଶ୍ରୀ ମେଳା କମିଟି, ଆବାସ କମିଟି, ଖାଦ୍ୟ କମିଟି, ପର୍ଯ୍ୟାୟ ପରିଚାଳନା କମିଟି, ପ୍ରଚାର କମିଟି, ସୁରକ୍ଷା, ପରିମଳ ଓ ଭୂମି ପରିଚାଳନା କମିଟି, ସାଂସ୍କୃତିକ କମିଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଛି। ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ମାହାର ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମା’ ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ: ସୁବଲୟା ସେମିରେ

ଅମରପାଲି,୭।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଟେଭାପଦରରେ ଚାଲିଥିବା ମା’ ଖମ୍ଭେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମ ମ୍ୟାଚ ଗୋବିନ୍ଦପୁର ଓ ଡୁଲେଶ୍ୱର ମଧ୍ୟରେ ହୋଇଥିଲା। ଏଥିରେ ପ୍ରଥମେ ଗୋବିନ୍ଦପୁର ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪୭ ରନ୍ କରିଥିଲା। ଜବାବରେ ଡୁଲେଶ୍ୱର ଦଳ ଆବଶ୍ୟକୀୟ ୪୮ ରନକୁ ୭.୨ ଓଭରରେ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ସୁବଲୟା ଓ ଜଟେସିଂହା ମଧ୍ୟରେ ହୋଇଥିଲା। ଏଥିରେ ଜଟେସିଂହା ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୧୦୫ରନ୍ କରିଥିଲା। ଜବାବରେ ସୁବଲୟା ଦଳ ୭.୨ ଓଭରରେ ୧୦୬ ରନ କରି ବିଜୟୀ ହୋଇଥିଲା। କ୍ୱାଟର ଫାଇନାଲ ମ୍ୟାଚ ସୁବଲୟା ଓ ଡୁଲେଶ୍ୱର ମଧ୍ୟରେ ହୋଇଥିଲା। ଏଥିରେ ଡୁଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୪୮ ରନ୍ କରିଥିଲା। ସୁବଲୟା ଦଳ ଆବଶ୍ୟକୀୟ ୪୯ ରନ୍‌କୁ ୩ ଓଭରରେ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡ଼ାବିତ୍ ସତ୍ୟ ମହାକୁର ଅତିଥି ଭାବେ ଯୋଗଦେଇ ସୁବଲୟାର ମୁନୁ ମେହେରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଗୁଡ଼ିକରେ ରୁଦ୍ର ପ୍ରକାଶ ମହାକୁର ଓ ନେତ୍ରାନନ୍ଦ ବାଘ ଆମ୍ପାୟର, ସୁଧିର ମହାକୁର ସ୍କୋରର ଏବଂ ଠାକୁର ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ।

# ଜମି ପଟ୍ଟା ମିଳିଛି, ଅଧିକାର ମିଳିନି

ସୋନପୁର,୭।୨(ମୃତ୍ୟୁଞ୍ଜୟ ଶତପଥୀ)



କସୁରପାଲି ଗାଁର ପଟ୍ଟାଧାରୀମାନେ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି ।

- ଭୂମିହୀନଙ୍କୁ ଲିଜ୍‌ରେ ମିଳିଛି ଜମି ପଟ୍ଟା
- ୧୬ ବର୍ଷ ବିତିଗଲା ଜମି ଚିହ୍ନଟ ହୋଇନି
- ବାରଦୁଆର ୨୭ ପରିବାର

ସୋନପୁର ବ୍ଲକ ମଲ୍ଲିକମୁଣ୍ଡା ପଞ୍ଚାୟତ କସୁରପାଲି ଗ୍ରାମର ଭୂମିହୀନ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ୪ ଡେସିମିଲ୍ ଲେଖାଏ ଜମି ପଟ୍ଟା ଲିଜ୍ ସୂତ୍ରରେ ଦିଆଯାଇଛି। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଭୂମିହୀନ ପରିବାର ସରକାରୀ ଜମି ଲିଜ୍ ସୂତ୍ରରେ ପାଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଜମି ଚିହ୍ନଟ ହୋଇ ନ ଥିବାରୁ ୨୭ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ଏପର୍ଯ୍ୟନ୍ତ ସେହି ଜମି ପଟ୍ଟାର ଅଧିକାର ମିଳିନି। ପ୍ରତିବର୍ଷ ସେମାନେ ଜମିର ଖଜଣା ମଧ୍ୟ ପଇଠ କରିଛନ୍ତି। କିନ୍ତୁ ୧୬ ବର୍ଷ ଧରି ଜମିର ଠିକଣା ସେମାନେ ଜାଣି ପାରୁନାହାନ୍ତି। ନିଜର ଅଧିକାର ପାଇଁ ପଟ୍ଟାଧାରୀମାନେ ଏବେ ବାରଦୁଆର ହେଉଛନ୍ତି।

ଭୂମିହୀନ ପରିବାରଗୁଡ଼ିକ ଜମି ଖଣ୍ଡିଏ ପାଇବା ପାଇଁ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରେ ଦାବି କରିବା ପରେ ଏହି ଭୂମିହୀନ ପରିବାରକୁ ଘରବାଡ଼ି କିସମ ଜମି ମିଳିଥିଲା। ଗାଁର କୃଷ୍ଣ ବାରିକ୍‌ଙ୍କୁ ଲିଜ୍ କେସ ଅନୁସାରେ ଖାତା ନମ୍ବର ୧୯୧/୭୪ ଅନୁସାରେ ୪୦ ଡେସିମିଲ ଜମି ମିଳିଛି। ସେହିପରି ଏହି ଖାତାରେ ଥିବା ଜମିକୁ ଗ୍ରାମର ବାସୁ ସେଠୀ, ରାଜନ ଅଦାବର, ଚକ୍ର ମହାକୁଡ, ଭକ୍ତ ସେଠୀ, ଶଶି ମହାକୁଡ, ତେଜ ମହାକୁଡ, ଅକ୍ରୁର ବଡମାଳି, ବାଞ୍ଛା ସେଠୀ, ଅଗସ୍ତି ମହାକୁଡ, କେଳି ମହାକୁଡ, ଲମ୍ବୋଦର ମହାକୁଡ, ଶରତ ବାରିକ, ମନ କାଳସେ, ରାଜେନ୍ଦ୍ର କାଲସେ, ରାଇକାନୁ ହାତୀ, ଟଙ୍କଧର ମହାକୁଡ, ଅଖାତୁ ଷାଣ୍ଢେ, ଧୁବଲ ବାରିକ, ରଞ୍ଜିବ ପୁଟେଲ ଓ ପ୍ରଫୁଲ୍ଲ ସେଠୀଙ୍କ ଭଳି ମୋଟ ୫୦ରୁ ଊର୍ଦ୍ଧ୍ୱ ପରିବାରକୁ ୪୦ଡେସିମିଲ ଲେଖାଏଁ ଜମି ଦିଆଯାଇଛି। ଏହି ସବୁ ଜମି ପଟ୍ଟାକୁ ତତ୍କାଳୀନ ସୋନପୁର ମୁଖ୍ୟ ବନ୍ଦୋବସ୍ତ ଅଧିକାରୀ ୩୧।୮।୨୦୦୮ରେ ମଞ୍ଜୁର କରି ପରିବାର ଗୁଡ଼ିକୁ ପ୍ରଦାନ କରିଥିଲେ। ଜମି ମାଲିକମାନେ ନିଜ ଜମି ଚିହ୍ନଟ କରିବାକୁ ସୋନପୁର ତହସିଲଦାର ଓ ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ପରେ ତହସିଲ ସୁପରଭାଇଜର ଓ ବିଶିମୁଣ୍ଡା ରାଜସ୍ୱ ନୀରିକ୍ଷକ କେବଳ ୨୩ ଜଣଙ୍କ ଜମି ଚିହ୍ନଟ କରିଥିବା ବେଳେ ବାକି ୨୭ ଜଣଙ୍କ ଜମି ଚିହ୍ନଟ ହୋଇନାହିଁ। ଏ ସମ୍ପର୍କରେ ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନଙ୍କ ଦାବିକୁ ଅଣଦେଖା କରାଯାଇଛି। ଏହି ପରିବାରଗୁଡ଼ିକ ଜିଲାପାଳ ଅନ୍ୟା ଦାସଙ୍କୁ ସେମାନଙ୍କ ଦୁଃଖ ଜଣାଇଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଜମି ଚିହ୍ନଟ କରିବାକୁ ଜିଲାପାଳ ଦାସ ସୋନପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସୁବଲୟା, ନୂଆଁଗଡ଼ ସେମିଫାଇନାଲରେ

ଅମରପାଲି,୭।୨(ପୀତାମ୍ବର ସାହୁ)

**ମା’ ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡି ପଞ୍ଚାୟତର ଘଣ୍ଟପାଲି ଖେଳପଡିଆରେ ଚାଲିଥିବା ମା’ ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟରେ ସୁବଲୟା, ନୂଆଁଗଡ଼ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁର୍ଷୁଣ୍ଡି ପଞ୍ଚାୟତର ସରପଞ୍ଚ ମନୋଜ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଖଇରମାଲ ଓ ମେଣ୍ଡିଲିପାଲି ମଧ୍ୟରେ ହୋଇଥିଲା। ଏଥିରେ ଖଇରମାଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୭ ରନ କରିଥିଲା। ଜବାବରେ ମେଣ୍ଡିଲିପାଲି ଦଳ ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୪ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବାରଝୁଲା ଓ ସୁବଲୟା ମଧ୍ୟରେ ହୋଇଥିଲା। ବାରଝୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୯୧ ରନ କରିଥିଲା। ଜବାବରେ ସୁବଲୟା ଦଳ ୮.୪ ଓଭରରେ ୪ ଉଇକେଟ ହରାଇ ୯୨ ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଖଇରମାଲ ଓ ଦ୍ୱିତୀୟ ମ୍ୟାଚର ବିଜେତା ସୁବଲୟା ମଧ୍ୟରେ ହୋଇଥିଲା। ଏଥିରେ ଖଇରମାଲ ଦଳ ନିର୍ଦ୍ଧାରିତ ୮ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ କରିଥିଲା। ସୁବଲୟା ୭.୫ ଓଭରରେ ୯ ଉଇକେଟ ହରାଇ ୭୪ ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ବୁଧବାର ପ୍ରଥମ ମ୍ୟାଚରେ ଚୌକା ଦଳ ୧୨୫ ରନ କରିଥିବାବେଳେ ଅମରପାଲି ଦଳ ୧୨୨ ରନ କରି ପରାସ୍ତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ କମଲପୁର ୭୯ ରନ କରିଥିବାବେଳେ ନୂଆଁଗଡ ୨ ଉଇକେଟ ହରାଇ ୮୦ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଚୌକା ଦଳ ୯ ଉଇକେଟ ହରାଇ ୬୦ ରନ କରିଥିବା ବେଳେ ନୂଆଁଗଡ ଦଳ ୬ ଓଭରରେ ଗୋଟିଏ ଉଇକେଟ ହରାଇ ୬୧ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚଗୁଡ଼ିକରେ ରୋସନ ସାମଲ ଓ ଶିବୁଲ ପ୍ରଧାନ ଅମ୍ପେୟାର, ଲିପୁନ ହୋତା ସ୍କୋରିଙ୍ଗ ଏବଂ ମାନସ ନନ୍ଦ ଧାରାବିବରଣୀ ପ୍ରଦାନ କରିଥିଲେ।



ମା’ନାରାୟଣୀ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହିତ ଖେଳାଳି।

### ଶ୍ରୀରାଧା ପୁସ୍ତକ ସମ୍ପର୍କରେ ଆଲୋଚନା

ସୋନପୁର,୭।୨(ମୃତ୍ୟୁଞ୍ଜୟ ଶତପଥୀ)

କବି ପଦ୍ମ ବିଭୂଷଣ ରମାକାନ୍ତ ରଥଙ୍କ ଶ୍ରୀରାଧା ଓ କବି ଶ୍ରୀଧର ବାଗଙ୍କ ଅନୂଦିତ କୋସଲି ଶ୍ରୀରାଧା ପୁସ୍ତକ ସମ୍ପର୍କରେ ଏକ ଚର୍ଚ୍ଚା ଓ ଆଲୋଚନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି) ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡିଆଇଇଟି ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୂଳ ଭାଷାରେ ରଚିତ ଯେକୌଣସି ସାହିତ୍ୟ ଅନ୍ୟ ଭାଷାରେ ଅନୁବାଦ ହେଲେ ସେହି ମୂଳ ଭାଷାରେ ସାହିତ୍ୟ ଆହୁରି ସମୃଦ୍ଧ ଓ କାଳଜୟୀ ହୋଇଥାଏ ବୋଲି କହିଥିଲେ। ପ୍ରାଧ୍ୟାପକ ତଥା କଥାକାର ଡ. ଜ୍ୟୋତିରଞ୍ଜନ ବହିଦାର, କବି ତଥା ପ୍ରାଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର, ବରିଷ୍ଠ ଆଇନଜୀବୀ ଶ୍ୟାମା ଓଁ ପ୍ରସାଦ ମିଶ୍ର ଓ ସୋନପୁର କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ସୌରଭରଞ୍ଜନ ଖମାରୀ ଯୋଗଦାନ କରି ପୁସ୍ତକର ସମୀକ୍ଷା କରିବା ସହ ଶ୍ରୀଧର ବାଗଙ୍କ ଶ୍ରୀରାଧାର କୋସଲି ଅନୁବାଦ ପାଠକୀୟ ଆଦୃତ ଲାଭ କରିବ ବୋଲି ମତପ୍ରକାଶ କରିଥିଲେ। କବି ଶ୍ରୀଧର ବାଗ ଅତିଥିଙ୍କର ପରିଚୟ ପ୍ରଦାନ ସହିତ ପୁସ୍ତକର କୋସଲି ଅନୁବାଦ ସମ୍ପର୍କରେ ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ। କବି ଅଦୈତ କୁମାର ପଣ୍ଡା ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



ଉଫୁଲା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅମରପାଲି,୭।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ବ୍ଲକର କେନଝିରିଆପାଲି, ଦୁର୍ଜନଟେିଲା, ବହଳପଦର, ଚମ୍ପାମାଳ, ହିଲୁଙ୍ଗ, ଲୁଡୁରପଙ୍କ, ଉଫୁଲା ଆଦି ପଞ୍ଚାୟତରେ ଏହା ପାଳନ ହୋଇ ଯାଇଛି। ହିଲୁଙ୍ଗ ପଞ୍ଚାୟତରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ହିଲୁଙ୍ଗ ସରପଞ୍ଚ ବନିତା ସେଠୀ, ଶିକ୍ଷାବିତ ଗୋପୀନାଥ ମହାକୁର, ଭୂଷଣ କୁମାର ପାତ୍ର, ଏବିଡିଓ ପୁରୁଷୋତ୍ତମ ଧାରୁଆ, ଜିପିଓ ପ୍ରଦୀପ ବାଗ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଫୁଲା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ଦ୍ୱାରା ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇ ଯାଇଛି। ଏବିଡିଓ ପୁରୁଷୋତ୍ତମ ଧରୁଆଙ୍କ ସଭାପତିତ୍ୱ ଓ ନାରାୟଣ ଲୁହାଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ସ୍ଥାନୀୟ ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ଯୋଗଦେଇ ପଞ୍ଚାୟତର ବିକାଶ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ବାଗବର ସରପଞ୍ଚ ନିରୁପମା ବଗର୍ତ୍ତି, ପିତାମହୁଲ ସରପଞ୍ଚ ଆକାଂକ୍ଷିତା ବଡ଼ିଆ, ସରପଞ୍ଚ ସଂଘ ସମ୍ପାଦକ ସୂର୍ଯ୍ୟ ନନ୍ଦ, ଚମ୍ପାମାଲ ସରପଞ୍ଚ ମହେନ୍ଦ୍ର ଜଗଦଲ, ନାଏବ ସରପଞ୍ଚ କମଳିନୀ ମହାପାତ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌର ଚନ୍ଦ୍ର ସାହୁ, ଯୋଗ ପ୍ରଶିକ୍ଷକ ଦିତିକୃଷ୍ଣ ପଣ୍ଡା ମଞ୍ଚାସୀନ ଥିଲେ। ନାରାୟଣ ମହାକୁର ଓ ସାଥୀଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ଏମ୍ବିକେ ପଦ୍ମାଳୟା ନନ୍ଦ ଓ ସମସ୍ତ ସିଆରପି, ୱାର୍ଡ ମେମ୍ବର, ପଞ୍ଚାୟତ କର୍ମଚାରୀ, ଏସ୍‌ଇଏମ ସହଯୋଗ କରିଥିଲେ। ଲୋକେ ସରପଞ୍ଚଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନେକ ଦାବି ଉପସ୍ଥାପନ କରିଥିଲେ। ବିଭାଗୀୟ କର୍ମଚାରୀ ଜନସାଧାରଣଙ୍କୁ ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ଗ୍ରାମପଞ୍ଚାୟତ ସ୍ତରୀୟ ଫେଡେରେସନ ତରଫରୁ ପିଠା ତିଆରି କରି ଉପସ୍ଥିତ ଜନତାଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଯୋଗଦେଇଥିଲେ।

### ବୀରମହାରାଜପୁର କଲେଜ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

ଅମରପାଲି,୭।୨(ପୀତାମ୍ବର ସାହୁ)

୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଗଲାଣି। କିଭଳି ସୁଚାରୁ ଭାବେ ଭୋଟ ଗ୍ରହଣରୁ ଆରମ୍ଭ କରି ଭୋଟବାକ୍ସ ରଖିବା, ଭୋଟ ଗଣିବା ଆଦି ପାଇଁ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଗାମୀ ନିର୍ବାଚନ ପାଇଁ ବୀରମହାରାଜପୁର କଲେଜରେ ଷ୍ଟ୍ରଙ୍ଗରୁମ, ଭୋଟ ଗଣତି କେନ୍ଦ୍ର ହେବ। ଏଣୁ ଜିଲାପାଳ ବୀରମହାରାଜପୁର କଲେଜ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନାଯୋଗ୍ୟ ପୂର୍ବରୁ ବୀରମହାରାଜପୁର ଉପଜିଲାପାଳ କାର୍ଯ୍ୟାଳୟଠାରେ ଭୋଟ ଗଣତି, ଷ୍ଟ୍ରଙ୍ଗ ରୁମ ଆଦି କାର୍ଯ୍ୟ ହେଉଥିଲା। ଗତ ପଞ୍ଚାୟତ ନିର୍ବାଚନରେ ବୀରମହାରାଜପୁର କଲେଜରେ ନିର୍ବାଚନ ପରିଚାଳନା ସହିତ ଷ୍ଟ୍ରଙ୍ଗ ରୁମ ଓ ଭୋଟ ଗଣତି କେନ୍ଦ୍ର ସୁଚାରୁ ରୂପେ ସମ୍ପାଦନା ହୋଇଥିଲା। କଲେଜ ସ୍ଥିତି ଅନୁଧ୍ୟାନ ସମୟରେ ଉପଜିଲାପାଳ ଲଲାଟେନ୍ଦୁ ସି, ଉପଖଣ୍ଡ ପୋଲିସ ଅଧିକାରୀ ବାସୁଦେବ ଛତ୍ରିଆ, ତହସିଲଦାର ଅମୃତ ଲାଲ ବେହେରା, ବିଡ଼ିଓ ରଘୁନାଥ ପାଣିଗ୍ରାହୀ, ଡେପୁଟି କଲେକ୍ଟର ନିର୍ବାଚନ ବିଭାଗ ଜଶଶ୍ୱିନୀ ପୋଥଲ, ବୀରମହାରାଜପୁର ଡେପୁଟି କଲେକ୍ଟର ଉପେନ୍ଦ୍ର କୁମାର ଦାସ, ସହକାରୀ ଜିଲାପାଳ ଜୟକୃଷ୍ଣ ପାଣିଗ୍ରାହୀ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଦାମୋଦର କୈବର୍ତ୍ତ୍ୟ, କଲେଜ ପରିଚାଳନା କମିଟି ସଭାପତି ସୟମ୍ଭୁ ନାଥ ଖଣ୍ଡଗିରୀ, କଲେଜ ଅଧ୍ୟକ୍ଷ ହିମାଂଶୁ ଶେଖର ପାଢ଼ୀ ଉପସ୍ଥିତ ଥିଲେ। ପରେ ଜିଲାପାଳ ଅନ୍ୟା ଦାସ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ୫– ଟିରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଡାକ୍ତରଖାନା ଅଧୀକ୍ଷକ ଡ଼ା. ସଞ୍ଜୟ ମହାପାତ୍ରଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

# ସେବା ମହୋତ୍ସବ ଉଦ୍‌ଯାପିତ

ବୌଦ୍ଧ,୭।୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଜର୍ଣ୍ଣାଲିଷ୍ଟ ଆସୋସିଏଶନ ପକ୍ଷରୁ ଠିକିଯୋର ଜଗନ୍ନାଥ ମନ୍ଦିର ପରିସରରେ ଚାଲିଥିବା ପ୍ରଥମ ସେବା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲା, ଅବସରପ୍ରାପ୍ତ କର୍ଣ୍ଣେଲ ଶିଶିର ଘୋଷ, ସତ୍ୟଜିତ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ବୃଦ୍ଧା, ବୃଦ୍ଧ, ଅସହାୟ, ଭିନ୍ନକ୍ଷମମାନଙ୍କୁ ବସ୍ତ୍ରଦାନ କରାଯାଇଥିଲା। ଆସୋସିଏଶନ ପକ୍ଷରୁ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲାଙ୍କୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ମା’ ମେଲୋଡି ସମ୍ବଲପୁରର କଣ୍ଠ ଶିଳ୍ପୀ ଜୟଶ୍ରୀ ଧଳଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ଆସୋସିଏଶନର ସଭାପତି ବନମାଳୀ ପ୍ରଧାନ, ସଦସ୍ୟ ସୁକାନ୍ତ ପଟ୍ଟନାୟକ, କୁନା ବେହେରା, ନାରାୟଣ ଭୋକ୍ତା, ଶାଶ୍ୱତ ଦାସ, ସିମୁନ ନାଏକ, ସୁଶାନ୍ତ କୁମାର ବେହେରା, କୁମୁଦଚନ୍ଦ୍ର ସାହୁ, ସଦାନନ୍ଦ ନାଏକ, ଅକ୍ଷୟ ମହାକୁଡ, ପ୍ରଭାତ ନାଏକ, ବିଜୟ ନାଏକ, ବିଭୂଦତ୍ତ ବୋଷଙ୍କ ସହଯୋଗରେ ଏହି ମହୋତ୍ସବ ଆୟୋଜିତ ହୋଇଥିଲା।




ସେବା ମହୋତ୍ସବ ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

# ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ କଲା ପୋଲିସ

ଘଣ୍ଟାପଡ଼ା,୭।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଘଣ୍ଟାପଡ଼ା ଥାନା ଏସଆଇ ବିଶ୍ୱାମିତ୍ର ଲୋଇଙ୍କ ନେତୃତ୍ୱରେ ଏକ ଦଳ ଉମା ପଞ୍ଚାୟତ ଅନ୍ତର୍ଗତ ସମାଡାଙ୍କି ଗ୍ରାମ ଜଙ୍ଗଲରେ ଚଢ଼ାଉ କରାଯାଇଥିଲା। ବେଆଇନ ଗଞ୍ଜେଇ ରୋପଣ ହୋଇଥିବା ପ୍ରାୟ ୧୦ହଜାର ଗଞ୍ଜେଇ ଗଛ କାଟିବା ସହିତ ପୋଡି ଦେଇ ନଷ୍ଟ କରିଛନ୍ତି। ନଷ୍ଟ କରାଯାଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ପ୍ରାୟ ୧କୋଟି ଟଙ୍କା ହେବ ବୋଲି ପୋଲିସ ତରଫରୁ ସୂଚନା ମିଳିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବଳଭଦ୍ର ଗଣ୍ଡା ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଘଣ୍ଟାପଡ଼ା ପୋଲିସ କର୍ମଚାରୀ ଏବଂ ଆଇଆରବି ଯବାନ ସାମିଲ ଥିଲେ।

# ସମ୍ବଲପୁରୀ ନାଚରେ ଦୁଲୁକିଲା ମଞ୍ଚ

ବାଉଁଶୁଣୀ,୭।୨(ଦେବାଶୀଷ ନେପାକ)

**ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟା**

ବୌଦ୍ଧ ବ୍ଲକ ବାଉଁଶୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ତୃତୀୟ ବାଉଁଶୁଣୀ ଲୋକ ମହୋତ୍ସବର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ସମ୍ବଲପୁରୀ ନାଚରେ ଦୁଲୁକି ଥିଲା ମଞ୍ଚ। ସାଂସ୍କୃତିକ ସଭାରେ ଅତିଥି ଭାବେ ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ୪ନଂ. ଜିଲା ପରିଷଦ ସଦସ୍ୟ ରାକେଶ କୁମାର ତ୍ରିପାଠୀ, ବୌଦ୍ଧ ବିଡ଼ିଓ ଅକ୍ଷୟ କୁମାର ଉଲ୍ଲୁ, ବାଉଁଶୁଣୀ ସମିତି ସଭ୍ୟ ପ୍ରମୋଦ କୁମାର ଦେହୁରୀ ଯୋଗଦେଇ ଲୋକକଳାକୁ ଉଜ୍ଜୀବିତ କରିବା ପାଇଁ ଏଭଳି ଏକ ମହୋତ୍ସବ ଆୟୋଜନ କରିଥିବାରୁ ସାଧୁବାଦ ଜଣାଇଥିଲେ। ସାଂସ୍କୃତିକ ପରିଷଦର ସମ୍ପାଦକ ସୀତାକାନ୍ତ ସିଂ ସଭାପତିତ୍ୱ କରିଥିଲେ। ପରିଷଦର ସଭ୍ୟ ଚକ୍ରଧର ମେହେର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସୁନୀଲ କୁମାର ବାରିକ। ବାଉଁଶୁଣୀ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଭା ପରେ ସଂଜତ ବଲାଙ୍ଗୀର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ବଜନିଆ, ମାହେଶ୍ୱରୀ କଳା ପରିଷଦ ମନମୁଣ୍ଡା, ସରସତୀ ଶିଶୁ ମନ୍ଦିର ବାଉଁଶୁଣୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାଉଁଶୁଣୀ ସାଂସ୍କୃତିକ ପରିଷଦର ସରୋଜ ତ୍ରିପାଠୀ, କୁନା ରଥ, ସୁଜିତ ମେହେର ଓ ଅଞ୍ଚଳବାସୀ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ମୀନାବଜାର ସହିତ ପଲ୍ଲୀଶ୍ରୀ ମେଳାର ଦର୍ଶକ ଭରପୂର୍ ଫାଇଦା ନେଇଥିଲେ।



ବାଉଁଶୁଣୀ ଲୋକ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ୧୬୪୪ ନିର୍ମାଣ ଶ୍ରମିକଙ୍କୁ ମିଳିଲା ୭.୯୯ କୋଟି

ସୋନପୁର,୭।୨(ମୃତ୍ୟୁଞ୍ଜୟ ଶତପଥୀ)



ହିତାଧିକାରୀଙ୍କୁ ଜିଲା ପରିଷଦ ଅଧ୍ୟକ୍ଷା ସହାୟତା ରାଶି ପ୍ରଦାନ କରୁଛନ୍ତି।

**ସୁବର୍ଣ୍ଣପୁରରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର**

ସୁବର୍ଣ୍ଣପୁର ଜିଲା ଶ୍ରମ ବିଭାଗ ପକ୍ଷରୁ ସୋନପୁର ନୂତନ ଟାଉନ ହଲ ପରିସରରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନେ ବିକାଶର ପ୍ରକୃତ ବିନ୍ଧାଣୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ସୁବର୍ଣ୍ଣପୁର ପୌରାଧ୍ୟକ୍ଷା ତାମସି ତାମସ୍ୱିତା ନାୟକ, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା ଓ ଜିଲା ଶ୍ରମିକ ସଙ୍ଗଠନ ସମନ୍ୱୟ ସମିତିର ସଭାପତି ଗୋବିନ୍ଦ ମହାରଣା ଯୋଗଦାନ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲାରେ ୨୦୧୦ରୁ ନିର୍ମାଣ ଶ୍ରମିକ ପଞ୍ଜିକରଣ ଆରମ୍ଭ ହୋଇଥିବାବେଳେ ଏ ପର୍ଯ୍ୟନ୍ତ ୧ଲକ୍ଷ ୨୨ହଜାର ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଥିବା କହିଥିଲେ। ନବୀକରଣ କରିଥିବା ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ପ୍ରସୂତିକାଳୀନ ସହାୟତା, ଶିକ୍ଷାବୃତ୍ତି ସହାୟତା, ବିବାହ ସହାୟତା, ଯନ୍ତ୍ରପାତି କ୍ରୟ ସହାୟତା ଓ ମୃତ୍ୟୁ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସୋନପୁର, ତରଭା ଓ ଡୁଙ୍ଗୁରିପାଲି ବ୍ଲକର ପଞ୍ଜିକୃତ ୧୬୪୪ ନିର୍ମାଣ ଶ୍ରମିକଙ୍କୁ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୭କୋଟି ୯୯ଲକ୍ଷ ୧୫ହଜାର ୬୦୦ ଟଙ୍କାର ସହାୟତା ରାଶି ଅନଲାଇନରେ ପ୍ରଦାନ କରାଯାଇଥିଲା। ଅତିଥି ବୃନ୍ଦ ନିର୍ମାଣ ଶ୍ରମିକଙ୍କୁ ଡେମୋ ଚେକ୍ ପ୍ରଦାନ କରିଥିଲେ। ବାଙ୍କ ବିହାରୀ ମହଲା ସଭାକୁ ସଂଯୋଜନା କରିଥିବାବେଳେ ସହକାରୀ ଶ୍ରମ ଅଧିକାରୀ ସ୍ନିଗ୍ଧିତା ଦେବୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଶତାଧିକ ନିର୍ମାଣ ଶ୍ରମିକ ଯୋଗଦେଇଥିଲେ।

## ସଂକ୍ଷେପରେ

### ଟ୍ରକ ଧକ୍କାରେ ଚାଳକ ମୃତ

**ରାଉରକେଲା,୭।୨(ସଙ୍ଗୀତା ଜେନା):** ରଘୁନାଥପାଲି ଥାନା ଅନ୍ତର୍ଗତ ବାଲୁଘାଟ ଅଞ୍ଚଳରେ ବୁଧବାର ସକାଳେ ଏକ ଟ୍ରକ୍ ପଛରୁ ଅନ୍ୟ ଏକ ଡମ୍ପର ଧକ୍କା ଦେଇଥିଲା। ଫଳରେ ଡମ୍ପର ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଲତାଫ ଅଂସାରୀ(୪୫)। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୩/୨୪) ରୁଜୁ କରିଛି। ସୂଚନାଯୋଗ୍ୟ, ଉକ୍ତ ଅଞ୍ଚଳରେ ଆଇରନ ରଡ୍ ବୋଝେଇ ଟ୍ରକ୍ ଛିଡା ହୋଇଥିଲା। ପଛରୁ ଅନ୍ୟ ଏକ ଡମ୍ପର ଭାରସାମ୍ୟ ହରାଇ ତାକୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଡମ୍ପର ଚାଳକଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକ ଓ ପୋଲିସ ଗୁରୁତର ଟ୍ରକ୍ ଚାଳକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ।

### ଟ୍ରକ ଚୋରି ଉଦ୍ୟମ, ଜଣେ ଗିରଫ

**ରାଉରକେଲା,୭।୨(ସଙ୍ଗୀତା ଜେନା):** ଟାଙ୍ଗରପାଲୀ ଥାନା ଅନ୍ତର୍ଗତ ଏଲ୍ ଆଣ୍ଡ ଟି ଗେଟ୍ ନିକଟରୁ ଏକ ୧୦ଚକିଆ ଟ୍ରକ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଦେଓଗାଁର ରାହୁଲ ତିୱାରୀ(୨୫)। ଏନେଇ ପୋଲିସ କେଶ ନଂ ୪୭/୨୪ ରେ ମାମଲା ରୁଜୁ କରିଛି।

### ଏକମା ଗାଁରେ ଘରେ ଘରେ ଶଙ୍ଖ ଅଭିଯାନ

**ବଡ଼ଗାଁ, ୭।୧ (ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଏକମା ଗ୍ରାମରେ ବୁଧବାର ଘରେ ଘରେ ଶଙ୍ଖ ଅଭିଯାନ ଅନୁଷ୍ଠିତ ହୋଇଛି। ବିଜେଡି ଜିଲା ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଅରୁଣ ଦିକ୍ଷୀତ, ଜିଲା ସମ୍ପାଦକ ଦେବାଶିଷ ପୁରୋହିତ, ବସନ୍ତ ସାହୁ, ବରିଷ୍ଠ ଦଳୀୟ ନେତା ଉମାଶଙ୍କର ରାଉତ, ବୀରବର ମହାକୁଡ଼, ବିଜେଡ଼ି କର୍ମୀ ସନ୍ତୋଷ ରାଉତ, ଯୋଗେଶ୍ୱର ରାଉତ, ମିତ୍ରଭାନୁ ପେରୁଆ, ଉମାକାନ୍ତ ଲାକ୍ରା, କଳିଙ୍ଗ ଲାକ୍ରା, ନବୀନ ମାଝି ପ୍ରମୁଖ ଏକମା ବସ୍ତି, ଏକମା ଛକ, କିଷାନ ପଡାରେ ଘରକୁ ଘର ଯାଇ ଶଙ୍ଖ ଷ୍ଟିକର ଲଗାଇଥିଲେ।

# ସ୍ମାର୍ଟସିଟିରେ ସ୍ମାର୍ଟ ସୁରକ୍ଷା ପ୍ରହସନ

**ଆପରାଧିକ କାର୍ଯ୍ୟ, ଟ୍ରାଫିକ ସମସ୍ୟା ଅନିୟନ୍ତ୍ରିତ**

ରାଉରକେଲା,୭।୨(ବିପ୍ଳବ ରନ ଦାଶ)

ବର୍ଷେ ତଳୁ ରାଉରକେଲା ସହରରେ ଆପରାଧିକ ଗତିବିଧି ନିୟନ୍ତ୍ରଣ, ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ୀକରଣ ଓ ବେଆଇନ ଯାନବାହନର ପତ୍ତା ଲଗାଇବା ପାଇଁ ୧୩ଟି ପ୍ରମୁଖ ସ୍ଥାନରେ ମୋଟ ୧୧୦ ସିସିଟିଭି ଲାଗିଥିଲା। ଏଥିପାଇଁ ୬୭୫ଟି କ୍ୟାମେରା ବ୍ୟବସ୍ଥା ହୋଇଥିଲା। ସିସିଟିଭି କାର୍ଯ୍ୟକାରିତା ପାଇଁ ନିୟନ୍ତ୍ରଣ (ଆଇସିସିସି) କେନ୍ଦ୍ର ସ୍ଥାପନ ହେବା ସତ୍ତ୍ୱେ ସମସ୍ତ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ମୁଖ୍ୟ କଣ୍ଟ୍ରୋଲ ରୁମ୍ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ। ଫଳରେ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏଣୁ ସ୍ମାର୍ଟସିଟି ରାଉରକେଲାରେ ସ୍ମାର୍ଟ ସୁରକ୍ଷା ବ୍ୟବସ୍ଥା ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ସ୍ମାର୍ଟସିଟିରେ ଉକ୍ତ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେଲେ ୧୦ଟି ପିଏଏସ୍ ସିଷ୍ଟମ ମାଧ୍ୟମରେ ଅଜଣା ବ୍ୟକ୍ତିମାନଙ୍କ ଠିକ୍ ସୂଚନା ସହଜରେ ହସ୍ତଗତ ହୋଇପାରିବ। ଏହାବ୍ୟତୀତ ୨୦ଟି ଜରୁରୀକାଳୀନ କଲବକ୍ସ ସହ ୧୩ ପ୍ରମୁଖ ସ୍ଥାନରେ ଆଇଟିଏମ୍ଏସ୍ ସିଷ୍ଟମରେ ୧୧ଟି ଲୋକେଶନକୁ କ୍ୟାମେରାରେ ରଖାଯାଇପାରିବ। ଏହାଦ୍ୱାରା ଟ୍ରାଫିକ ଜନିତ ବେଆଇନ ପାର୍କିଂ ମଧ୍ୟ ନିୟନ୍ତ୍ରଣ ହୋଇପାରିବ। ୨୦୧୨ରୁ ଓଆର୍ ସିରିଜରେ ଯାନବାହନ ନମ୍ବର ପଞ୍ଜୀକୃତ ସଂଖ୍ୟା ଏବଂ ୨୦୧୨ ପରେ ଓଡି ମୁତାବକ ଯାନବାହନ ପଞ୍ଜୀକରଣ ପ୍ରକ୍ରିୟାକରଣ ସହିତ ବେଆଇନ ଯାନବାହନ ଉପରେ ମଧ୍ୟ ଅଙ୍କୁଶ ଲଗାଇବାରେ ବିଭାଗ ସଫଳ ହେବ। ତେବେ ସହରରେ ଏହି ସ୍ମାର୍ଟ ବ୍ୟବସ୍ଥା କାର୍ଯ୍ୟକାରୀ ନ ହେବାରୁ ସେସବୁ ଯୋଜନା ଯୋଜନାରେ ରହିଯାଇଛି।

ସୂଚନାଯୋଗ୍ୟ, ସ୍ମାର୍ଟସିଟି ରାଉରକେଲାରେ ୨୦୧୨ ମସିହା ପୂର୍ବରୁ କ୍ରମାଗତ ୧୯ଟି ସିରିଜରେ ୧,୯ଲକ୍ଷ ଯାନବାହନ ପଞ୍ଜୀକୃତ ହୋଇଥିଲା।


କାର୍ଯ୍ୟକ୍ଷମ ହୋଇ ନ ଥିବା ସିସି କ୍ୟାମେରା ।

୨୦୧୨ ପରେ ୨୯ଟି ସିରିଜରେ ମୋଟ ୨.୯ଲକ୍ଷ ଯାନାବାହନ ପଞ୍ଜୀକୃତ ହୋଇଥିବା କୁହାଯାଉଛି। ମାତ୍ର ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଓଆର ଏବଂ ଓଡି ପଞ୍ଜୀକୃତ ଯାନବାହନ ବ୍ୟତିରେକ ଅନ୍ୟ ଯାନବାହାନ ସହରରେ କେତେ ରହିଛି ତାର ପ୍ରମାଣ ଯୋଗାଡରେ ଏହି ବ୍ୟବସ୍ଥା ସହାୟକ ହେବ। ସ୍ମାର୍ଟ ବ୍ୟବସ୍ଥାରେ ସ୍ମାର୍ଟ ସମାଧାନ ପାଇଁ ମାଷ୍ଟର ସିଷ୍ଟମ ଇଣ୍ଟିଗ୍ରେଟର ପ୍ରଣାଳୀ ସହରବାସୀଙ୍କୁ ଅଧିକ ସୁରକ୍ଷା ସହିତ ଟ୍ରାଫିକ୍ ବ୍ୟବସ୍ଥା ଓ ଲୋକଙ୍କ ଯାତାୟତ କ୍ଷେତ୍ରରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ। ମାତ୍ର ପରିତାପର ବିଷୟ ଦୀର୍ଘ ୧ବର୍ଷ ପରେ ମଧ୍ୟ ସିସି କ୍ୟାମେରା ସ୍କାନର, ଟ୍ରାଫିକ ନିୟନ୍ତ୍ରଣ କ୍ୟାମେରା ଓ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନାହିଁ। ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଆଗାମୀ ଅନ୍ତର୍ଜାତୀୟ ହକି ପ୍ରୋଲିଗ୍ ପୂର୍ବରୁ ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ଦାବି ହେଉଛି। ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ସ୍ମାର୍ଟସିଟି ସିଇଓ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ମୁଁ କିଛିଦିନ ହେଲା ଦାୟିତ୍ୱ ଗ୍ରହଣ କରିଛି। ଏଭଳି ଏକ ବୃହତ ବ୍ୟବସ୍ଥା କିଭଳି ଶୀଘ୍ର କାର୍ଯ୍ୟକାରୀ ହେବ ତାହା କରାଯିବ ବୋଲି ସେ କହିଥିଲେ।


ବୁଧବାର ଭାରତ ଯୋଡୋ ନ୍ୟାୟ ଯାତ୍ରାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସ୍ୱାଗତ କରିବା ପାଇଁ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ନୃତ୍ୟ ପରିବେଷଣ କରୁଛନ୍ତି।

## ଜିଆରପି ଏସ୍‌ପି ଭାବେ ପି. କେ. ମିଶ୍ରଙ୍କ ଯୋଗଦାନ

ରାଉରକେଲା, ୭।୨(ଦିନେଶ ମିଶ୍ର)


ପି. କେ. ମିଶ୍ର।

ରାଉରକେଲା ଜିଆରପି ଏସ୍‌ପି ଭାବେ ପି. କେ. ମିଶ୍ର ଯୋଗ ଦେଇଛନ୍ତି। ଏହା ପୂର୍ବରୁ ଅରୁଣ କୁମାର ଜେନା ଜିଆରପି ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ। ଗତବର୍ଷ ମେ' ୨୨ ତାରିଖରେ ଏସ୍‌ପି ଜେନା ଚାକିରରୁ ଅବସର ନେବା ପରେ ଏହି ପଦବୀ ଖାଲି ପଡିଥିଲା। ବର୍ତ୍ତମାନର ଏସ୍‌ପି ମିଶ୍ର ଏହା ପୂର୍ବରୁ ରାଉରକେଲା ଜିଲା ପୋଲିସ ବିଭାଗରେ ଡିଏସ୍‌ପି ଭାବେ ଦୀର୍ଘଦିନ କାର୍ଯ୍ୟ କରିବା ପରେ ଦେବଗଡ ଏସ୍‌ପି ଭାବେ ତାଙ୍କର ବଦଳି ହୋଇଥିଲା। ପୁଣିଥରେ ସେ ରାଉରକେଲା ଜିଆରପି ପୋଲିସରେ ଏସ୍‌ପି ଭାବେ ଦାୟିତ୍ୱ ନେବା ପରେ ବର୍ତ୍ତମାନ ତାଙ୍କ ଅଧୀନରେ କୋରାପୁଟ, ଝାରସୁଗୁଡା, ବଲାଙ୍ଗୀର, ସମ୍ବଲପୁର, ଟିଟିଲାଗଡ, ବନ୍ଧମୁଣ୍ଡା, ରାଉରକେଲା ଭଳି ୮ଟି ଥାନା ରହିବ।

## ଶିକ୍ଷା ବିନା ମାନବ ସଭ୍ୟତାର ଅଭ୍ୟୁଦୟ ଅସମ୍ଭବ


ବାର୍ଷିକ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୭।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଡୁମକେଲାସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୪ତମ ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା କୁମାରୀ ମହାନ୍ତ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ପରିଜାଙ୍କ ମଞ୍ଚ ସଂଯୋଜନାରେ ଆୟୋଜିତ ସମାରୋହରେ ବିଶ୍ରା ବ୍ଲକ ସହକାରୀ ଶିକ୍ଷାଧିକାରୀ କୃପାସିନ୍ଧୁ ପତି ମୁଖ୍ୟଅତିଥି, ସେକ୍ଟର-୧୮ ସ୍ଥିତ ବିବେକାନନ୍ଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ରଶ୍ମିତ ସାହାଣୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭୀମସେନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ଗୋଲାପୀ ଲୁହାର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଜଳ ବିନା ଯେଭଳି ଜଳଜୀବ ଅସମ୍ଭବ, ସେହିପରି ଶିକ୍ଷା ବିନା ମାନବ ସଭ୍ୟତାର ଅଭ୍ୟୁଦୟ ଅସମ୍ଭବ। ଏଣୁ ଶିକ୍ଷାର୍ଥୀ ସମାଜ ଶିକ୍ଷା କ୍ଷେତ୍ରରେ ଅବହେଳିତ ହେବା କଦାଚିତ୍ ଉଚିତ ନୁହେଁ ଏବଂ ଛାତ୍ରୀଛାତ୍ରଙ୍କ ଶିକ୍ଷାର ବିକାଶ ପାଇଁ ଉଭୟ ଶିକ୍ଷକ ଓ ଅଭିଭାବକଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ସହିତ ନୃତ୍ୟ ପରିବେଷଣ ହୋଇଥିଲା। ପରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ସସ୍ମିତା ପ୍ରଧାନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପରିଚାଳନା କମିଟିର ରାଧା ଖାଡିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ନକଲି ଦସ୍ତାବିଜ୍ ଦେଇ ଋଣ ଠକେଇ, ୨ ଗିରଫ

**ରାଉରକେଲା,୭।୨(ସଙ୍ଗୀତା ଜେନା):** ଏକ ଅଣବ୍ୟାଙ୍କିଙ୍ଗ ସଂସ୍ଥାରୁ ୮୪ ଜଣଙ୍କୁ ୩କୋଟି ୧୬ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବା ପରେ ବାର୍ଷିକ ଅଡିଟ୍‌ରେ ଋଣଗ୍ରହୀତାଙ୍କ ଦସ୍ତାବିଜ୍ ଓ ରିପୋର୍ଟ ନକଲି ଥିବା ଜଣାପଡ଼ିଥିଲା। ଏ ନେଇ ସମ୍ପୃକ୍ତ କମ୍ପାନୀର ଅଧିକାରୀ ଅରବିନ୍ଦ ସାସ୍‌ମଲ ଉଦିତନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ କରି ଛେଣ୍ଡରୁ ଅଭୟ ଭୋଳ ଓ ଫର୍ଟିଲାଇଜର ଅଞ୍ଚଳରୁ ଦିନେଶ ସାହୁଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଏ ନେଇ ଏକ ମାମଲା (ନଂ.୯୧/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଦ୍ୱୟ ଉକ୍ତ କମ୍ପାନୀରେ ଆଉଟସୋର୍ସିଂ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ଗ୍ରାହକଙ୍କ ନକଲି ଦସ୍ତାବିଜ୍ ଓ ରିପୋର୍ଟ ପ୍ରସ୍ତୁତ କରି କମ୍ପାନୀରୁ ଋଣ ନେବାରେ ଉଭୟ ସହଯୋଗ କରିଥିବା ପୋଲିସ କହିଛି।

# ଲକ୍ଷେ ଘର ସମାଜର ବୈଠକ, କମିଟି ଗଠନ

ବଡ଼ଗାଁ,୭।୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଆଲୁଡେଗା ଗ୍ରାମର ଦେବ ମଣ୍ଡପ ନିକଟରେ ବୁଧବାର ଲକ୍ଷେ ଘର ସମାଜ ପକ୍ଷରୁ ସାଧାରଣ ବୈଠକ ଓ ରୁନଗା ପଞ୍ଚାୟତ କମିଟି ଗଠନ କରାଯାଇଛି। କୈଳାଶ ତନ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମାଜର ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ସମାଜର ଉନ୍ନତି ପାଇଁ କ'ଣ କରାଯିବା ଆବଶ୍ୟକ ସେ ନେଇ ଆଲୋଚନା କରିଥିଲେ। ଏହାସହିତ ସମାଜର ଯୁବତୀ ଯୁବକମାନେ ପାଠ ପଢି କିପରି ଆଗେଇବେ ସେଥିପ୍ରତି ସମସ୍ତ ପରିବାର ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ନିଶା ମୁକ୍ତ ସମାଜ ଗଠନ କଲେ ଲୋକଙ୍କ ଆର୍ଥିକ ସ୍ଥିତି ସୁଧୁରିବ ବୋଲି ବରିଷ୍ଠ କର୍ମକର୍ତ୍ତା ବୁଝାଇଥିଲେ। ସର୍ବସମ୍ମତି କ୍ରମେ ସମାଜର ପଞ୍ଚାୟତ କମିଟି ଗଠନ କରାଯାଇଥିଲା। ରବୀନ୍ଦ୍ର କରାଲିଙ୍କୁ ସଭାପତି ଚୟନ କରାଯାଇଥିଲାବେଳେ ପାଙ୍କଜିନି ମହାନନ୍ଦିଆଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଥିଲା। ଉପ ସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଯଥାକ୍ରମେ ମନୋଜ କରାଲି, ମୋତିଲାଲ ଜୟପୁରିଆ, ଉର୍ମିଳା କରାଳୀ, ଜନ୍ମଜୟ କରାଲୀ, ସନ୍ତୋଷ ପତ୍ରଙ୍କୁ ଚୟନ କରାଯାଇଥିଲା। ଏହା ସହିତ ଉପଦେଷ୍ଟା ଭାବେ ସିଦ୍ଧାନ୍ତ ପାତ୍ର, ନୀଳମଣି କାରାଲି, କୁନ୍ତୀ କାରାଲି, କଷ୍ଟୁ କାରାଲି,ପୁରନ୍ଦର କାରାଲିଙ୍କୁ ମନୋନୀତ କରାଯାଇଥିଲା। ବୈଠକରେ ଟାଙ୍ଗରଗାଁ ପଞ୍ଚାୟତ ସଭାପତି ଉଗ୍ରସେନ ସୁନ୍ୟାନି, ବାଲିଶଙ୍କରା ସଭାପତି କୈଳାଶ ତନ୍ତୀ, ବଡ଼ଗାଁ ବ୍ଲକର ଉପ ସଭାପତି ରମେଶ ମହାନନ୍ଦିଆ ଓ ସହ ସମ୍ପାଦକ ଗୋବିନ୍ଦ ମହାନନ୍ଦିଆ ଯୋଗଦେଇ ସମାଜର ଉନ୍ନତି ପାଇଁ ମାର୍ଗ ଦର୍ଶନ ଦେଇଥିଲେ।

# କୃଷି, କୃଷକଙ୍କ ବିକାଶ ସମ୍ପର୍କିତ ତାଲିମ

**ପାନପୋଷ କୃଷି ଜିଲା**

ରାଉରକେଲା,୭।୨(ବିପ୍ଳବ ରଞ୍ଜନ ଦାଶ)

ପାନପୋଷସ୍ଥିତ ରାଉରକେଲା କୃଷି ଜିଲା ଅଧିକାରୀଙ୍କ ସଭାଗୃହରେ କୃଷି ଜିଲା ପାନପୋଷ ଅଧୀନ ୪ଟି ବ୍ଲକର କୃଷି, ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ସମ୍ପର୍କିତ ଏକ ଦିବସୀୟ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଉକ୍ତ ସମସ୍ତ ବିଭାଗର କ୍ଷେତ୍ର କର୍ମଚାରୀ କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି କର୍ମଚାରୀ, ଉଦ୍ୟାନ ସମ୍ପ୍ରସାରଣ କର୍ମଚାରୀ, ମୃତ୍ତିକା ସଂରକ୍ଷଣ ଓ ସମ୍ପ୍ରସାରଣ କର୍ମଚାରୀ, ବୈଷୟିକ ପରିଚାଳକ (ବିଟିଏମ୍) କର୍ମଚାରୀ, ସହକାରୀ ବୈଷୟିକ ପରିଚାଳକ ଏବଂ ୪ଟି ବ୍ଲକର ସମସ୍ତ କୃଷକ ସାଥୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ଡାକ୍ତର ରିଲିଜିୟସ ବେକ ଅଧ୍ୟକ୍ଷତା କରିଥିଲେ। ଏଥିରେ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଦୁଷ୍ମନ୍ତ ବେହେରା, ବ୍ଲକ କୃଷି ଅଧିକାରୀ



ଶିବିରରେ ଉପସ୍ଥିତ କୃଷି, ଉଦ୍ୟାନ ଓ ମୃତ୍ତିକା ବିଭାଗ ଅଧିକାରୀ।

ସତ୍ୟବ୍ରତ ସାହୁ, ଜିଲା ମୃତ୍ତିକା ପରୀକ୍ଷାଗାର ସହକାରୀ ନିର୍ଦ୍ଦେଶକ ଦିପ୍ତୀ ପଟେଲ, ସହକାରୀ କୃଷିଯନ୍ତ୍ରୀ ରିପୁସୂଦନ ମାଝୀ, କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ମୁଖ୍ୟ ତଥା ବରିଷ୍ଠ କୃଷି ବୈଜ୍ଞାନିକ ଜୟନ୍ତ ପତି, ରୋଗପୋକ ବିଶେଷଜ୍ଞ ସମରେନ୍ଦ୍ର ବରାଳ ଏବଂ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସୀମା ଚୌଧୁରୀ ପ୍ରମୁଖ କ୍ଷେତ୍ର କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ କୃଷି, ଉଦ୍ୟାନ କୃଷି, ମୃତ୍ତିକା ପରୀକ୍ଷା ଓ ସଂରକ୍ଷଣ, ଶସ୍ୟ ସଂରକ୍ଷଣ ବ୍ୟବସ୍ଥା, ସମନ୍ୱିତ ରୋଗପୋକ ନିୟନ୍ତ୍ରଣ, କୃଷି ସମ୍ପ୍ରସାରଣ ସହିତ ଅନ୍ୟ ଚାଷ ଓ ଚାଷୀଙ୍କ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ତାଲିମପ୍ରାପ୍ତ କ୍ଷେତ୍ର ଅଧିକାରୀ ଓ କର୍ମଚାରୀମାନଙ୍କୁ ତୃଣମୂଳ ସ୍ତରରେ ତାଲିମର ସଦ୍‌ବିନିଯୋଗ କରିବାକୁ କୃଷି ଅଧିକାରୀ ବେକ୍ ପରାମର୍ଶ ଦେଇଥିଲେ। ପାନପୋଷ କୃଷି ଜିଲା ସହକାରୀ କୃଷି ଅଧିକାରୀ ଦୁଃଖିନୀ ବିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅନୁସୂଚିତ ଜନଜାତି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବେଷ୍ଟ ସ୍କୁଲ ଆୱାର୍ଡ

ବାଲିଶଙ୍କରା,୭।୨(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ବାଲିଶଙ୍କରା ଅନୁସୂଚିତ ଜନଜାତି ଓ ଜାତି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବେଷ୍ଟ ସ୍କୁଲ ଆୱାର୍ଡ ମିଳିଛି। ଅନୁସୂଚିତ ଜନଜାତି ଓ ଜାତି ବିଭାଗୀୟ କମିଶନର ରୁପା ରୋଶନ ସାହୁ ବେଷ୍ଟ ସ୍କୁଲ ଆୱାର୍ଡ ୨୦୨୩-୨୦୨୪ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଟେଲଙ୍କୁ ପ୍ରଦାନ କରିଛନ୍ତି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଟେଲ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉପଯୁକ୍ତ ସମୟରେ ସମସ୍ତ କାର୍ଯ୍ୟ ନିର୍ବାହ କରି ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି। ପ୍ରଧାନଶିକ୍ଷକ ପଟେଲ ଶିକ୍ଷାର ପ୍ରଗତି ପାଇଁ ସକାଳ ୭ଟାରୁ ରାତି ୯ଟା ସମୟ ପର୍ଯ୍ୟନ୍ତ ପାଠ ପଢ଼ିବାରେ ବ୍ୟସ୍ତ ରହିବା ସାଙ୍ଗକୁ ବିଜ୍ଞାନ ପ୍ରଦର୍ଶନୀ, କୁଇଜ, ପ୍ରବନ୍ଧ ଲିଖନରେ ରାଜ୍ୟ ସ୍ତରୀୟ ପୁରସ୍କାର ଜିଣି ବିଦ୍ୟାଳୟର ନାମକୁ ଉଜ୍ଜ୍ୱଳିତ କରିଛନ୍ତି।



ପ୍ରଧାନଶିକ୍ଷକ ନିଜେ ଜଣ ଭିନ୍ନକ୍ଷମ ହୋଇ ମଧ୍ୟ ସମସ୍ତ ସକ୍ଷମ ଠାରୁ ଉର୍ଦ୍ଧ୍ୱରେ ରହିଛନ୍ତି। ବିଦ୍ୟାଳୟକୁ ବେଷ୍ଟ ସ୍କୁଲ ଆୱାର୍ଡ ମିଳିଥିବାରୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ କର୍ମଚାରୀ, ଛାତ୍ରୀଛାତ୍ର ଖୁସିଥିବାବେଳେ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟିଛି।

# ୨୫ ମହିଳା ପୁରୁଷ କର୍ମଚାରୀ ନେଲେ ଜୋଶ୍ ତାଲିମ

ରାଉରକେଲା,୭।୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବିଭିନ୍ନ ବିଭାଗର ୨୫ଜଣ ମହିଳା ପୁରୁଷ କର୍ମଚାରୀଙ୍କୁ ପ୍ରଭାବୀ ଦଳ ଭାବେ ବିକଶିତ କରିବା ପାଇଁ 'ଜୋଶ୍' କାର୍ଯ୍ୟକ୍ରମରେ ୬ଦିନ ଧରି ତାଲିମ ପ୍ରଦାନ କରାଯାଇଛି। ୩ଟି ବ୍ୟାଚ୍‌କୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମ ପାଇଁ ଟିଏସ୍‌ଏଏଫ୍‌ର ବିଶେଷଜ୍ଞ ଦଳ ସମସ୍ତ ସହଯୋଗ ଯୋଗାଇଥିଲେ। କାର୍ଯ୍ୟକ୍ରମ ଗୁଡିକ ନିରାପତ୍ତା ସହିତ ମନ୍ଦିରା ଡ୍ୟାମ୍ ପରିସରରେ ସଫଳତାର ସହିତ ସମ୍ପନ୍ନ ହୋଇଥିଲା। ପ୍ରକାଶ ଥାଉକି, ଗତବର୍ଷ ବୋକାରୋ ଓ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏହି ପ୍ରକଳ୍ପ କର୍ମଚାରୀଙ୍କୁ ପ୍ରଭାବୀ ଦଳ ଭାବେ ବିକଶିତ କରିବାରେ ଆଦର୍ଶ ପୃଷ୍ଠଭୂମି ପାଲଟିଛି। ଏହି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଅଂଶଗ୍ରହଣକାରୀଙ୍କ ବୃତ୍ତିଗତ


ଆର୍‌ଏସ୍‌ପି କର୍ମଚାରୀମାନେ ତାଲିମ ନେଉଛନ୍ତି।

ଦକ୍ଷତା ଶୃଙ୍ଖଳରେ ସକାରାତ୍ମକ ପରବର୍ତ୍ତନ ଆଣିବା ଏବଂ ଏକ ସମାବେଶୀ କାର୍ଯ୍ୟ ସଂସ୍କୃତିର ଧାରା ପ୍ରବର୍ତ୍ତନ ଡିଜାଇନକୁ ବିକଶିତ କରିବା। ତାଲିମ କାର୍ଯ୍ୟକ୍ରମକୁ ଏଚ୍‌ଆରଡି ବିଭାଗର ଏଜିଏମ୍ କେ. କେ. ଯଶୱାଲ ଓ ଡେପୁଟି ମ୍ୟାନେଜର କେ.କେ. ଶୁକ୍ଲାଙ୍କ ତତ୍ତ୍ୱାବଧାନରେ ନିରାପଦ ଓ ସଫଳତାର ସହିତ ସମ୍ପନ୍ନ ହୋଇଥିଲା।

# ପୁସ୍ତକମେଳା ଓଡ଼ିଆ ଭାଷା, ସଂସ୍କୃତି ପାଇଁ ନିତାନ୍ତ ଆବଶ୍ୟକ

ରାଉରକେଲା,୭।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆଦର୍ଶ ପାଠାଗାର ଆୟୋଜିତ ୨୯ତମ ପୁସ୍ତକମେଳାର ବୁଧବାର ଷଷ୍ଠ ଦିବସରେ ଥିଙ୍କର୍ସ ଫୋରମ ଏବଂ ଇସ୍ପାତ ସାହିତ୍ୟ ସଂସଦର ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଥିଙ୍କର୍ସ ଫୋରମର ଇଂ. ଭାରତ ଭୂଷଣ ମହାନ୍ତି ପୌରୋହିତ୍ୟ କରିଥିଲେ। ଆବାହକ ନଳିନୀକାନ୍ତ ଧର ଆବାହକ ଥିବାବେଳେ ନିରୁପମା ପତି କାର୍ଯ୍ୟକ୍ରମ ସଂଯୋଜିକା ରହିଥିଲେ। ସାହିତ୍ୟ ସନ୍ଧ୍ୟା ସଭାରେ ସମ୍ମାନୀତ ବକ୍ତା ଭାବେ ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମଲ୍ଲିକ, ରାଉରକେଲା ଏନ୍‌ଆଇଟିର ଅଧ୍ୟାପକ ଡାକ୍ତର ଅଜିତ ବେହେରା ଓ ରାଉରକେଲା କଲେଜର ଅଧ୍ୟାପକ କରୁଣାକର ପାଢଶାଣୀ ଯୋଗଦେଇ ଓଡ଼ିଆ ପାଠକଙ୍କ ଅଭିବୃଦ୍ଧି ଆଶଙ୍କା ଓ ସମ୍ଭାବନା ସମ୍ପର୍କରେ ଆଲୋକପାତ କରିଥିଲେ। ଶଙ୍କର ପ୍ରସାଦ ତ୍ରିପାଠୀ, ରାଜୀବ ପାଣି, ଡାକ୍ତର କିଶୋରୀ ଦାଶ, ମୋନାଲିସା ମିଶ୍ର, ଆର୍ତ୍ତତ୍ରାଣ ମହାପାତ୍ର, ସୌଦାମିନୀ ସିଂ, ବ୍ରଜେନ୍ଦ୍ର ଦାଶ ପ୍ରମୁଖ ଉକ୍ତ ଆଲୋଚ୍ୟ ବିଷୟ ଉପରେ ଅନ୍ତିମ ସ୍ୱର୍ଶକୁ ଉପସ୍ଥାପନା କରିଥିଲେ। ଶେଷରେ ଡାକ୍ତର ସୁମନ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଇସ୍ପାତ ସାହିତ୍ୟ ସଂସଦ ସଭାପତି ବ୍ରଜେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସନ୍ଧ୍ୟା ସଭାରେ ମୁଖ୍ୟଅତିଥି ଭାବେ ସୁଦାମ ଚନ୍ଦ୍ର ଦାଶ ଯୋଗଦେଇ ଆଲୋଚ୍ୟ ବିଷୟରେ ଓଡିଆ ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ପୁସ୍ତକ ଏବଂ ପୁସ୍ତକମେଳାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ହରମୋହନ ମିଶ୍ର ଓ ତ୍ରିଲୋଚନ ମଥାନ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ଆବାହକ ଥିବାବେଳେ ସଭାପତି ମନୋଜ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ସସ୍ମିତା ମହାପାତ୍ର ଏବଂ ସୁଶାନ୍ତ କୁମାର ନାୟକଙ୍କ ସଂଯୋଜନାରେ ବହୁ କବି ନିଜ ସ୍ୱରଚିତ କବିତା ପଠନ କରିଥିଲେ। ଶେଷରେ ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପୁସ୍ତକମେଳା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ଭାଜପାର ଜନସମ୍ପର୍କ ଅଭିଯାନ

ନାକଟିଦେଉଳ,୭।୨(ବୈକୁଣ୍ଠ ନାଥ ସାହୁ)
ରେଢାଖୋଲ ବିଧାନସଭା ଅନ୍ତର୍ଗତ ନାକଟିଦେଉଳ ବ୍ଲକର ଶିମିଳିପାଳ ପଞ୍ଚାୟତଠାରେ ବୁଧବାର ଭାଜପାର ଜନସମ୍ପର୍କଅଭିଯାନଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନେତା ଗୋବିନ୍ଦ ଅଗ୍ରୱାଲ ଯୋଗଦେଇ ଅଞ୍ଚଳବାସୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଆଗାମୀ ୫ବର୍ଷ ଯାଏ ମୋଦି ସରକାର ମାଗଣା ରାଶନ ବ୍ୟବସ୍ଥା କରାଇଥିବା ସୂଚନା ଦେଇଥିଲେ। ବରିଷ୍ଠ ଭାଜପା ନେତା ଶିବାରାମ ସାହୁ ଅତିଥି ଭାବେ ଯୋଗଦେଇ ଅଞ୍ଚଳବାସୀଙ୍କୁ ସମ୍ବୋଧିତ କରିଥିଲେ। ଦଳୀୟ କର୍ମୀ ଦେବର୍ଷିନ ପ୍ରଧାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହରିହର ସାହୁ, ଦଶରଥ ସାହୁ, କିଟି କିଶନ, ଗୁଲେଖ ମାଝି, ନିରଞ୍ଜନ ସାହୁ, ଚିନ୍ତାମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ମା' ସମଲେଇଙ୍କୁ ଦର୍ଶନ କଲେ ୪ ଜିଲାର ୪ ହଜାର ଭକ୍ତ

ସମ୍ବଲପୁର,୭।୨(ଭବାନୀ ଶଙ୍କର ଭୋଇ)
ମା' ସମଲେଇଙ୍କ ପ୍ରକଳ୍ପ ଉଦ୍‌ଘାଟନ ପରେ ବିଭିନ୍ନ ଜିଲାରୁ ଭକ୍ତମାନଙ୍କ ଆଗମନ ଜାରି ରହିଛି। ଏହି କ୍ରମରେ ବୁଧବାର ପଶ୍ଚିମ ଓଡିଶାର ୪ ଜିଲାର ୪ହଜାର ଭକ୍ତ ମା'ଙ୍କୁ ଦର୍ଶନ କରିଛନ୍ତି। ସ୍ୱତନ୍ତ୍ର ବସ୍ ଯୋଗେ କଳାହାଣ୍ଡି ଜିଲାର ଭବାନୀପାଟଣା, ବରଗଡ଼ର ପଦ୍ମପୁର, ସୁନ୍ଦରଗଡ଼ର ରାଜଗାଙ୍ଗପୁର ଓ ବୌଦ୍ଧ ଜିଲାର କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ଭକ୍ତମାନେ ସମ୍ବଲପୁର ମନ୍ଦଲିଆ ପଡିଆରେ ପହଞ୍ଚିଥିଲେ। ଏହା ମଧ୍ୟରେ ପ୍ରତି ନିର୍ବାଚନ ମଣ୍ଡଳୀରୁ ହଜାରେ ସଂଖ୍ୟକ ଭକ୍ତ ରହିଥିଲେ। ମନ୍ଦଲିଆ ପଡିଆରୁ ଭକ୍ତମାନଙ୍କୁ ସ୍ୱତନ୍ତ୍ର ସିଟି ବସ୍ ଯୋଗେ ସମଲେଇ ମନ୍ଦିର ଅଣାଯାଇ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ରୂପାନ୍ତରଣ ପରେ ସମଲେଇ ମନ୍ଦିରକୁ ଦେଖି ଭକ୍ତମାନେ ଖୁସି ପ୍ରକାଶ କରିଥିଲେ। ଆରାଧ୍ୟ ଦେବୀ ଭାବରେ ପୂଜିତା ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବା ଭାଗ୍ୟର କଥା ବୋଲି ଭକ୍ତମାନେ କହିଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ସେମାନେ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଆଧୁନିକ ଚାଷପ୍ରଣାଳୀ ବୁଝାଇଲେ କୃଷି ବୈଜ୍ଞାନିକ

## ଅଭିନବ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ କୃଷକ କର୍ମଶାଳା

ସମ୍ବଲପୁର,୭।୨(ଭବାନୀ ଶଙ୍କର ଭୋଇ)
ଝୁଝୁମୁରା ବ୍ଲକ ଘେନୁପାଲି ଗ୍ରାମପଞ୍ଚାୟତରେ ଅଭିନବ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ବୁଧବାର ବାର୍ଷିକ କୃଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିମାଚଳ ପ୍ରଦେଶରେ କାର୍ଯ୍ୟରତ କୃଷି ବୈଜ୍ଞାନିକ ଅଭିଳାଷ ପ୍ରଧାନ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ଫଳ ଓ ପନିପରିବା ଚାଷ କରୁଥିବା ଯୁବ ଚାଷୀମାନଙ୍କୁ ଆଧୁନିକ ପ୍ରଣାଳୀରେ ଚାଷ ସମ୍ପର୍କରେ ବୁଝାଇଥିଲେ।

ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ରାଜ୍ୟରେ ଫଳ ଚାଷୀମାନେ ବିଭିନ୍ନ ଲାଭଜନକ ଫଳଚାଷ କରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିଥିବା ନେଇ ଅଭଳାଷ ଚାଷୀଙ୍କୁ ଜଣାଇଥିଲେ। ବଜାରରେ ଆବଶ୍ୟକତା ଏବଂ ସ୍ଥାନୀୟ ଅଞ୍ଚଳର ପରିବେଶ ଓ ମାଟିକୁ ଦୃଷ୍ଟିରେ ରଖି ଚାଷୀମାନେ ଲାଭଜନକ ଫଳଚାଷ କରି ଆର୍ଥିକ ଭାବେ ଉନ୍ନତି କରିପାରିବେ ବୋଲି ସେ ବୁଝାଇଥିଲେ। ଅଭିନବ କୃଷି ଗବେଷଣା କେନ୍ଦ୍ରର ସଭାପତି କୈବଲ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଝୁଝୁମୁରା, ଘେନୁପାଲି, ବାହାମ ଓ ଡଙ୍ଗରପଡ଼ା ଗ୍ରାମପଞ୍ଚାୟତର ଯୁବଚାଷୀ ସାମିଲ ହୋଇଥିଲେ। ଯବଡସାହିରର ଯୁବ ଫଳଚାଷୀ କୈଳାସ ପ୍ରଧାନଙ୍କ ଫଳ ବଗିଚାରେ କର୍ମଶାଳା କରାଯାଇ ଚାଷୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ଫଳଚାଷର ସମସ୍ୟା ଓ ସମାଧାନ ବିଷୟରେ କୃଷି ବୈଜ୍ଞାନିକ ଜଣାଇଥିଲେ। ଜୈବିକ ପଦ୍ଧତିରେ ଫଳଚାଷ ସହ ଆମଦାନୀ ପରେ ତା'ର ସଂରକ୍ଷଣ ଏବଂ ବିତରଣ ଉପରେ ମଧ୍ୟ ଚାଷୀଙ୍କୁ ଅବଗତ କରାଯାଇଥିଲା। ଅଭିନବ କୃଷି ଗବେଷଣା କେନ୍ଦ୍ରର ଜଟାଧାରୀ ପ୍ରଧାନ, ଅଭିଷେକ ସ୍ୱାଇଁ, ଜଟାଭୂଷଣ ସାହୁଙ୍କ ସମେତ ଅଗ୍ରଣୀ ଯୁବ ଚାଷୀ ମନବୋଧ ବାରିକ, ଶଙ୍ଖଜିନି ପ୍ରଧାନ, ଈଶ୍ୱର ସାହୁ, ନରେଶ ପ୍ରଧାନ, ବିଶ୍ୱଜିତ ସାହୁ, ଆଶିଷ ସାହୁ, ଅଜିତ ପ୍ରଧାନ, ପୀତାମ୍ବର ପ୍ରଧାନ ପ୍ରମୁଖ ସାମିଲ ହୋଇ ଫଳଚାଷ ଉପରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଅଭିନବ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ଜିଲାର କୌଣସି ଏକ ଗ୍ରାମରେ ପତ୍ୟକ୍ଷ ଭାବେ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଫଳ ଏବଂ ପନିପରିବା ଚାଷ କରି ଚାଷୀଙ୍କୁ ସ୍ୱାବଲମ୍ବୀ କରିବାକୁ ପ୍ରୟାସ କରାଯାଉଥିବା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଶେଷରେ ଚାଷୀ ଦୀନବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


କୃଷକ କର୍ମଶାଳାରେ କୃଷି ବୈଜ୍ଞାନିକ ଚାଷୀମାନଙ୍କୁ ବୁଝାଉଛନ୍ତି।

# ହତ୍ୟାକାରୀ ପିତାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)
ରେଢ଼ାଖୋଲ ଥାନା ଅନ୍ତର୍ଗତ ଖଜୁରୀଝରଣ ଗ୍ରାମରେ ୨୦୧୫ରେ ସଂଘଟିତ ଏକ ହତ୍ୟା ଘଟଣାରେ ସମ୍ବଲପୁର ସେସନ୍ସ କୋର୍ଟ ବିଚାରପତି ବୁଧବାର ହତ୍ୟାକାରୀ ପିତାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ୨୦୧୫ ଅଗଷ୍ଟ ୨୯ରେ ଖଜୁରୀଝରଣ ଗ୍ରାମର ଗୁଲୁ ନାଏକ ଓ ତାଙ୍କ ପୁତ୍ର ଜିତୁ ନାଏକଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗୁଲୁ ଏକ ବର୍ଚ୍ଛାରେ ଜିତୁଙ୍କ ଛାତିରେ ଭୁସି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଜିତୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ରେଢାଖୋଲ ପୋଲିସ ପହଞ୍ଚି ଅଭିଯୁକ୍ତ ଗୁଲୁଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ବର୍ଚ୍ଛା ଜବତ କରିଥିଲା। ଏହାସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ଆଇପିସି ଦଫା ୩୦୨, ୩୦୪(୧)ରେ ଏକ ମାମଲା (ନଂ.୧୩୫/୨୦୧୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୫ଜଣ ସାକ୍ଷ ଓ ଅନ୍ୟାନ୍ୟ ପ୍ରମାଣକୁ ଆଧାର କରି ଜିଲା ସେସନ୍ସ କୋର୍ଟ ବିଚାରପତି ପି.କେ. ନାୟକ ଅଭିଯୁକ୍ତ ଗୁଲୁଙ୍କୁ ୧୦ବର୍ଷ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ପିପି ଦୀପ୍ତି ରଞ୍ଜନ ଷେଣ୍ଢ ମାମଲା ପରିଚାଳନା କରୁଥିଲେ।

# ଡାକଡେରାକୁ ହେରିଟେଜ୍ ମାନ୍ୟତା ଦିଆଯାଉ


ପୋଷ୍ଟମାଷ୍ଟର ଜେନେରାଲଙ୍କୁ ଭେଟିବା ଅବସରରେ ଭାଜପା ନେତାଗଣ।

ସମ୍ବଲପୁର,୭।୨(ଭବାନୀ ଶଙ୍କର ଭୋଇ)
ଇଂରେଜ ଅମଳରେ ସମ୍ବଲପୁରରୁ ଡାକ ନେଇ ଯାଉଥିବା କର୍ମଚାରୀମାନେ ଝୁଝୁମୁରା ବ୍ଲକର ଡାକଡେରାଠାରେ ଡେରା ପକାଉଥିଲେ। ରାତ୍ରିଯାପନ କରୁଥିବାରୁ ସେବେଠାରୁ ଏହି ସ୍ଥାନ ଡାକଡେରା ନାମରେ ନାମିତ ହୋଇଛି। ଡାକ କର୍ମଚାରୀ ରହିବା ପାଇଁ ସେଠାରେ ଏକ ଡାକ ବଙ୍ଗଳା ମଧ୍ୟ ରହିଥିଲା। ବହୁ ପୁରାତନ ଡାକଡେରାସ୍ଥିତ ଡାକବଙ୍ଗଳାର ପୁନଃ ନିର୍ମାଣ କରି ତାକୁ ହେରିଟେଜ୍ ମାନ୍ୟତା ପ୍ରଦାନ କରିବାକୁ ସମ୍ବଲପୁର ପୋଷ୍ଟମାଷ୍ଟର ଜେନେରାଲ ରିଜୁ ଗାଙ୍ଗୁଲିଙ୍କୁ ଭେଟି ଭାଜପା ନେତା ଗୋବିନ୍ଦ ଅଗ୍ରୱାଲ ଦାବି ଜଣାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ସମ୍ବଲପୁରରେ ଡାକଘର ସ୍ଥାପନ ହେବା ପରଠାରୁ ଡାକଡେରାଠାରେ ଡାକ କର୍ମଚାରୀ ରାତିରେ ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତେଣୁ ଡାକ ବିଭାଗର ଇତିହାସ ସହ ଏହି ଡାକଡେରା ଜଡିତ ହୋଇ ରହିଆସିଛି। ଏହାର ପୁନରୁଦ୍ଧାର କରାଯାଇ ହେରିଟେଜ୍ ମାନ୍ୟତା ପ୍ରଦାନ କରାଗଲେ ସ୍ଥାନୀୟ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ହୋଇପାରିବ। ଏହାବ୍ୟତୀତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗଙ୍ଗାଧର ମେହେର, ସନ୍ଥକବି ଭୀମ ଭୋଇ ଏବଂ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟାଲ୍ ଷ୍ଟାମ୍ପ କରି ଏହାର ଲୋକାର୍ପଣ କରିବା ପାଇଁ ସେ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ପୂର୍ବତନ ଭାଜପା ଜିଲା ଉପାଧ୍ୟକ୍ଷ ଶ୍ରୀକାନ୍ତ ପାଣିଗ୍ରାହୀ ଓ ପୂର୍ବତନ ପ୍ରଦେଶ ଯୁବମୋର୍ଚ୍ଚା ଉପାଧ୍ୟକ୍ଷ ଦେଓକିରଣ ପଟ୍ଟନାୟକ ଉପସ୍ଥିତ ଥିଲେ। ତେବେ ପୋଷ୍ଟ ମାଷ୍ଟର ଜେନେରାଲ ଗାଙ୍ଗୁଲି ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏହାର ଐତିହାସିକ ତଥ୍ୟ ସଂଗ୍ରହ କରାଯିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖୁବ୍‌ଶୀଘ୍ର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବାକୁ ଯିବେ ବୋଲି ସେ କହିଥିଲେ।

# ରେଳ ମଣ୍ଡଳ ପକ୍ଷରୁ କର୍ମଚାରୀ ଅଭିଯୋଗ ସମାଧାନ ଶିବିର

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)
ପୂର୍ବତଟ ରେଳପଥ ଅନ୍ତର୍ଗତ ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ କର୍ମଚାରୀ ଅଭିଯୋଗ ସମାଧାନ ଶିବିର ଆୟୋଜିତ ହୋଇଯାଇଛି। ରେଳବାଇ କମ୍ୟୁନିଟି ହଲ୍‌ରେ ବୁଧବାର ଆୟୋଜିତ ଶିବିରରେ ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଚାରୀମାନଙ୍କ ଅଭିଯୋଗ ଉପରେ ନିରନ୍ତର ଦୃଷ୍ଟି ରଖିବା ପ୍ରଶାସନର ଏକ ମହତ୍ତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି କହିଥିଲେ। ଏହାବ୍ୟତୀତ ସେ ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ତନ୍ମୟ ମୁଖୋପାଧ୍ୟାୟ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ସମନ୍ୱୟ) ତତ୍ତ୍ୱଦର୍ଶୀ ସାହୁ, ବରିଷ୍ଠ ନିରାପତ୍ତା ଅଧିକାରୀ ସମ୍ମିତ ସୌରଭ ନାୟକ, ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ପରିଚାଳନା) ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କ ପ୍ରତି ପ୍ରଶାସନିକ ଦାୟିତ୍ୱବୋଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡ. ମନୋଜ କୁମାର ବେହେରା ଚାପ ପ୍ରବନ୍ଧନ ଉପରେ ଏକ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଏଥିରେ ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ୟୁସୁଫ୍ କବୀର ଅନ୍‌ସାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଶିବିରରେ ଉପସ୍ଥିତ ଅତିଥିଙ୍କ ସହ କର୍ମଚାରୀମାନେ।

## ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ପଡ଼ିଆବାହାଲ,୭।୨(ରାଧାମୋହନ ଷଡ଼ଙ୍ଗୀ)
ଝୁଝୁମୁରା ବ୍ଲକ ପଡ଼ିଆବାହାଲ ବଜାର ପ୍ରାଙ୍ଗଣରେ ବାହାମ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ବାହାମ ସରପଞ୍ଚ ସରସ୍ୱତୀ ଭୋସାଗର ଅଧ୍ୟକ୍ଷତା କରିଥିଲା ବେଳେ ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀ, ଓଏଲ୍‌ଏମ୍ ସସ୍ମିତା ବେହେରା, ଆଇସିଡିଏସ୍ ସୁପରଭାଇଜର ସୁଷମା କୁମୁରା, ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ନାଏବ ସରପଞ୍ଚ ଶୋଭାରାମ ସୁନା, ପିଇଓ ହୃଷୀକେଶ ବଗର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପିଇଓ ବଗର୍ତ୍ତି ସଭା ପରିଚାଳନା କରିଥିଲେ। ଅଧିକାରୀମାନେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ସଭାରେ ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ।

# କେଉଟ, କୈବର୍ତ୍ତ ଓ ଧୀବର ହଟାଓ କମିଟିର ଧାରଣା

- ୯ ତାରିଖ ପର୍ଯ୍ୟନ୍ତ ଚାଲିବ
- ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିନିଧି ସାମିଲ ହେବେ



ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

ସମ୍ବଲପୁର,୭।୨(ବି.ଶଙ୍କର)
ଓଡ଼ିଶା ରାଜ୍ୟ କେଉଟ, କୈବର୍ତ୍ତ ଓ ଧିବର ହଟାଓ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାର ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ପୂର୍ବତନ ବିଧାୟକ ତଥା ରାଜ୍ୟ ସଂଘ ସଭାପତି ତାପସ କୁମାର ଦାସଙ୍କ ପରିଚାଳନାରେ ଧାରଣା କାର୍ଯ୍ୟକ୍ରମ ହୋଇଥିଲା। ସଂପ୍ରତି ରାଜ୍ୟରେ ଏସ୍‌ସି ତାଲିକାରେ ସାମିଲ ଥିବା କେଉଟ, କୈବର୍ତ୍ତ ଓ ଧିବରମାନଙ୍କୁ ତାଲିକାରୁ ହଟାଇବାକୁ ଦାବି କରାଯାଇଛି। ପୂର୍ବାହ୍ନ ୧୦ଟାରୁ ଧାରଣା ଆରମ୍ଭ ହୋଇଛି। ଏହା ଚଳିତ ମାସ ୯ତାରିଖରେ ଶେଷ ହେବ। ଏହି ତିନିଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିନିଧିମାନେ ଧାରଣାରେ ସାମିଲ ହେବେ ବୋଲି ସଂଘ ସାଧାରଣ ସମ୍ପାଦକ ଡିଙ୍ଗର କୁମ୍ଭାର ସୂଚିତ କରିଛନ୍ତି। ପୂର୍ବରୁ ଆର୍‌ଡିସିଙ୍କ ମାଧ୍ୟମରେ ଦାବିପତ୍ର ଦିଆଯାଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବିପୂରଣ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଫଳରେ ଧାରଣା ଦେବାକୁ ବାଧ୍ୟ ହେଲେ ବୋଲି ସଂଘ କର୍ମକର୍ତ୍ତାମାନେ କହିଛନ୍ତି। ଟିକେଲାଲ କୁମ୍ଭାର, ଝସକେତନ ମହାନନ୍ଦ, ଲଙ୍କେଶ ରାବଣ ପ୍ରମୁଖ ଧାରଣାରେ ସାମିଲ ଥିଲେ।

## ୱାର୍ଡ ନଂ୨୪ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ସମ୍ବଲପୁର,୭।୨(ବି.ଶଙ୍କର)
ସମ୍ବଲପୁର ଜିଲା ମହିଳା ବିଜେଡି ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନମ୍ବର- ୨୪ରେ ବୁଧବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେଡି ନେତ୍ରୀ ଓ କର୍ମୀମାନେ ମହାନ୍ତିପଡ଼ା, ଝାଡୁଆପଡ଼ା, କଂସାରିପଡ଼ା, ପଟ୍ଟନାୟକପଡ଼ା ଅଞ୍ଚଳ ବୁଲି ଲୋକଙ୍କ ସହ ସିଧାସଳଖ ଆଲୋଚନା କରି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ନେଇ ଜନଜାଗରଣ ସୃଷ୍ଟି କରିଥିଲେ। ଏଥିରେ ଜିଲା ମହିଳା ବିଜେଡି ପର୍ଯ୍ୟବେକ୍ଷକ ମିନତି ଦେବତା, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ଉଷା ପ୍ରଧାନ, ନନ୍ଦିନୀ ପ୍ରଧାନ, ଲକ୍ଷ୍ମୀ ମହାରଣା, ସସ୍ମିତା ମୁଦୁଲି, ସୁଜାତା ଜେନା, ଜିଲା ବିଜେଡି ଉପସଭାପତି ବସନ୍ତ ମିଶ୍ର, ଗୋପାଳ ପୃଷେଟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କର୍ମୀମାନେ ଶଙ୍ଖ ବାଦନ କରି ପ୍ରତ୍ୟେକଙ୍କ ଘର ସମ୍ମୁଖରେ ପୋଷ୍ଟର ଲଗାଇଥିଲେ।

# ଶିକ୍ଷକ, ଶିକ୍ଷା ନିରୀକ୍ଷକ ସଂଘ ବୈଠକ


କାର୍ଯ୍ୟକାରିଣୀ ବୈଠକରେ ସଂଘ କର୍ମକର୍ତ୍ତା।

ସମ୍ବଲପୁର,୭।୨(ବି.ଶଙ୍କର)
ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ସମ୍ବଲପୁର ଶାଖା ପକ୍ଷରୁ ବୁଧବାର ସାମ୍ବାଦିକ ଭବନଠାରେ ଜିଲା କାର୍ଯ୍ୟକାରଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଂଘର ଜିଲା ସଭାପତି ବିରେନ୍ଦ୍ର କୁମାର ପଟେଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପସଭାପତି ସତୀଶ କୁମାର ଛୁରିଆ, ପ୍ରମୋଦ ସାହୁ, ସାଧାରଣ ସମ୍ପାଦକ ପଙ୍କଜ ବେହେରା, ଯୁଗ୍ମ ସମ୍ପାଦକ ବସନ୍ତ ସାହୁ, ରାଜକୁମାର ଭୋଇ, ମହିଳା ଶାଖା ସଭ୍ୟା ସୁଜାତା ପଧାନ, ଲଜିତା ଧଲ, ମିଡିଆ ପ୍ରଭାରୀ ପ୍ରିୟ ରଞ୍ଜନ ସାଥୁଆ, କୋଷାଧ୍ୟକ୍ଷ ଲୋକନାଥ ଜୟପୁରିଆ ପ୍ରମୁଖ ଯୋଗଦେଇ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ବିରେନ୍ଦ୍ର କୁମାର ପଟେଲ, ଚନ୍ଦନ କୁମାର ମାକର, ବସନ୍ତ କୁମାର ସାହୁଙ୍କୁ ଜିଲା ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## କ୍ରେତା ବିକ୍ରେତା ସମ୍ମିଳନୀ

ସମ୍ବଲପୁର,୭।୨(ବି.ଶଙ୍କର)
ସମ୍ବଲପୁର ଜିଲା ପରିଷଦ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଓର୍‌ମାସ ଓ ମିଶନ ଶକ୍ତି ପକ୍ଷରୁ ବୁଧବାର କ୍ରେତା ଓ ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଓରମାସର ଡେପୁଟି ସିଇଓ ଶ୍ରୀମନ୍ତ ହୋତା ସୂଚନା ପ୍ରଦାନ କରିଥିଲେ। ଏଥିରେ ଜିଲାର ବିଭିନ୍ନ କୃଷକ ଉତ୍ପାଦନ ସଂଗଠନ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ। ବିଶେଷ କରି କୁଚିଣ୍ଡା ବ୍ଲକ ଅଞ୍ଚଳରେ ହେଉଥିବା ଲଙ୍କା ଚାଷର ବ୍ୟବସାୟିକ ଅଭିବୃଦ୍ଧି ସହିତ ସହଜ ବିକ୍ରି ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ଏହାସହ ବିଭିନ୍ନ କୃଷିଜାତ ଉତ୍ପାଦନ ଓ ଉଦ୍ୟାନ କୃଷି ଉତ୍ପାଦକୁ କିପରି ସୁବିଧାରେ ବିକ୍ରି କରାଯିବ ସେ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

କୁଚିଣ୍ଡା,୭।୨(ବିରଞ୍ଚି ଦର୍ଶା)
କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଆଭାଡି ଓ ଅର୍ଡାବାହାଲ ପଞ୍ଚାୟତରେ ବୁଧବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଭୟ ପଞ୍ଚାୟତରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ମୁଖ୍ୟ ଅତିଥି, ବିଧାୟକ ପ୍ରତିନିଧି ଅମୂଲ୍ୟ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସହଦେବ ନନ୍ଦ ଯୋଗଦେଇଥିଲେ। ପାରୁଆଭାଡି ପଞ୍ଚାୟତରେ ସରପଞ୍ଚ ସୁବାଷିନୀ ଧାନ, ସମିତିସଭ୍ୟ ଧ୍ରୁବଚରଣ ବେହେରା ଏବଂ ଅର୍ଡାବାହାଲ ପଞ୍ଚାୟତରେ ସରପଞ୍ଚ ସୁରେଶ୍ୱରୀ ମାଝି, ସମିତିସଭ୍ୟା ଚମ୍ପାବତୀ ବେହେରା, ବ୍ଲକ ଯୋଗାଣ ଅଧିକାରୀ ପ୍ରସନ୍ନ ଦେହୁରି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଅତିଥିଗଣ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରିଥିଲେ। ପାରୁଆଭାଡି ପଞ୍ଚାୟତ କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପ୍ରଗଣିଆ ଓ ପିଇଓ ବିଜୟ କୁମାର ଭୁଏ ଏବଂ ଅର୍ଡାବାହାଲ ପଞ୍ଚାୟତ କାର୍ଯ୍ୟକ୍ରମକୁ କନିଷ୍ଠ ଯନ୍ତ୍ରୀ ଗିରିଶ କୁମାର ତନ୍ତୀ, ପିଇଓ ଖଗେଶ୍ୱର ସାହୁ ପରିଚାଳନା କରିଥିଲେ।


ପାରୁଆଭାଡି ଶିବିରରେ ଯୋଗଦେଇଥିବା ମହିଳାପୁରୁଷ।

# ବାରମ୍ବାର ଶୁଣ୍ଟିପିଣ୍ଡା ହେଉଛନ୍ତି ବିସ୍ଥାପିତ କଳାକାର

ସମ୍ବଲପୁର,୭।୨(ପ୍ରମୋଦ ବହିଦାର)
୨୦୨୧ ଫେବୃଆରୀରେ ସମଲେଇ ଯୋଜନା ଘୋଷିତ ହେବା ପରେ ଘୁଂଘୁଟିପଡ଼ାବାସୀଙ୍କୁ ବିସ୍ଥାପିତ କରାଯାଇଛି। ବିସ୍ଥାପନ ପରେ ଯୋଗ୍ୟ ହିତାଧିକାରୀଙ୍କୁ ଥଇଥାନର ଆଶ୍ୱାସନା ଦେଇ ମନ୍ଦଲିଆ ଆଶ୍ରୟ କେନ୍ଦ୍ରରେ ଆଶ୍ରୟ ଦିଆଯାଇଥିଲା। ପରବର୍ତ୍ତୀ କାଳରେ ପର୍ଯ୍ୟାୟକ୍ରମେ ସମଲେଇ ଯୋଜନାର ବିସ୍ଥାପିତମାନଙ୍କୁ କ୍ଷତିପୂରଣ ଦିଆଯାଇଥିଲା। ମାତ୍ର କେତେଜଣ ଯୋଗ୍ୟ ବିସ୍ଥାପିତ ଏପର୍ଯ୍ୟନ୍ତ କ୍ଷତିପୂରଣ ପାଇ ନ ଥିବା ଅଭିଯୋଗ କରିଛନ୍ତି। ପ୍ରଶାନ୍ତ ବାଗ ନାମକ ଜଣେ ସମ୍ବଲପୁରୀ ପାରମ୍ପରିକ ବାଦ୍ୟ କଳାକାର ତାଙ୍କ ସ୍ତ୍ରୀ ରୁକ୍ମିଣୀ ବାଗ ଓ ଦୁଇ ସନ୍ତାନଙ୍କ ସହ ଜିଲା ପ୍ରଶାସନ ଦ୍ୱାରା ସ୍ଥିରୀକୃତ ମନ୍ଦଲିଆ ଆଶ୍ରୟସ୍ଥଳରେ ଆଶ୍ରୟ ନେଇଥିଲେ। ମାତ୍ର କିଛିଦିନ ପୂର୍ବରୁ ଉକ୍ତ ପରିବାରଙ୍କୁ ଏଠାରୁ ବାହାର କରି ଦିଆଯାଇଥିଲା। ଫଳରେ ବର୍ତ୍ତମାନ ଏହି ପରିବାରକୁ ବାରମ୍ବାର ଶୁଣ୍ଟିପିଣ୍ଡା ହେବାକୁ ପଡ଼ିଛି। ସେ ବାଦ୍ୟକଳାକାର ଭାବେ ବରଗଡ଼ ଧନୁଯାତ୍ରାରେ ସାମିଲ ହୋଇଥିବା ବେଳେ ଉକ୍ତ ଆଶ୍ରୟସ୍ଥଳୀରେ ରହୁଥିବା କୋଠରିରେ ତାଲା ପଡ଼ିଥିଲା। ମାତ୍ର ଜାନୁଆରୀ ୧୬ରେ ପୋଲିସ ଉପସ୍ଥିତିରେ ଅଧିକାରୀମାନେ ତାଙ୍କ କୋଠରିର ତଲା ଭାଙ୍ଗି ଉକ୍ତ ଆଶ୍ରୟସ୍ଥଳୀକୁ ଖାଲି କରିଥିଲେ। ଧନୁଯାତ୍ରାରୁ ଫେରି ତାଙ୍କ ଘର ଖାଲି ହୋଇଥିବା ଦେଖି ପ୍ରଶାନ୍ତ ତୁରନ୍ତ ତହସିଲଦାରଙ୍କୁ ସାକ୍ଷାତ କରିବାକୁ ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ଦେଖା ନ ମିଳିବାରୁ ନିରାଶ ହୋଇ ଫେରିଥିଲେ। ବର୍ତ୍ତମାନ ତାଙ୍କ ନିକଟରେ ଆଶ୍ରୟ ନ ଥିବାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରତ ଘୁଂଘୁଟିପଡ଼ାବାସୀଙ୍କ ସହ ସାମିଲ ହୋଇଛନ୍ତି। ପ୍ରଶାନ୍ତ କହିଛନ୍ତି, କ୍ଷତିପୂରଣ ପାଇବାକୁ ତାଙ୍କର ଯୋଗ୍ୟତା ଥିଲେ ମଧ୍ୟ କ୍ଷତିପୂରଣ ପାଇନାହାନ୍ତି। ପ୍ରଶାସନ ଆଶ୍ରୟ ଦେଇଥିବା ସ୍ଥାନରୁ ତାଙ୍କୁ ବାହାର କରି ଦିଆଯାଇଛି। କ୍ଷତିପୂରଣ ପାଇଁ ଜିଲାପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସୂଚନାଯୋଗ୍ୟ, ସମଲେଇ ଯୋଜନାରେ ବିସ୍ଥାପିତଙ୍କୁ ପାତରଅନ୍ତର କରାଯାଉଥିବା ଅଭିଯୋଗରେ ଘୁଂଘୁଟିପଡ଼ା ବିସ୍ଥାପିତ ସୁରକ୍ଷା କମିଟି ନେତୃତ୍ୱରେ ଘୁଂଘୁଟିପଡ଼ାବାସୀ ସପରିବାର ଜାନୁଆରୀ ୧୦ରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।



ପରିବାର ସହ ବିସ୍ଥାପିତ କଳାକାର।

# ସିଡବ୍ଲ୍ୟୁସିରେ ହାଜର, କୋର୍ଟରେ ବୟାନ ରେକର୍ଡ

ବଲାଙ୍ଗୀର,୭।୨(ବୀରେନ୍ଦ୍ର କୁମାର ଝାଙ୍କର)

## ତେଲଙ୍ଗାନାରୁ ବନ୍ଧକ ଉଦ୍ଧାର ଝିଅ ଘଟଣା

ପିତାମାତାଙ୍କ ସହ ଦାଦନ ଖଟିବାକୁ ତେଲଙ୍ଗାନା ଯାଇ ସେଠାରେ ବନ୍ଧକ ଥିବା ନାବାଳିକା ଅଙ୍କିତା ମଲ୍ଲିକ(୧୦)ଙ୍କୁ ଉଦ୍ଧାର କରାଯାଇ ବଲାଙ୍ଗୀର ଅଣାଯିବା ପରେ ବୁଧବାର ଜିଲ୍ଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)ରେ ହାଜର କରାଯାଇଥିଲା। ବେଲପଡା ଥାନାର ଏକ ପୋଲିସ ଟିମ୍ ସହାୟତାରେ ସୁଲେକେଲା ଗାଁରୁ ଅଙ୍କିତାଙ୍କୁ ବଲାଙ୍ଗୀର ଅଣାଯାଇ ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା। ସେଠାରେ ସିଡବ୍ଲ୍ୟୁସି ପକ୍ଷରୁ ଅଙ୍କିତାଙ୍କୁ ପଚରାଉଚରା କରାଯାଇଥିଲା। ଏହାପରେ ପାଟଣାଗଡ ଏସ୍‌ଡିଜେଏମ୍ କୋର୍ଟରେ ବନ୍ଧକ ଅଙ୍କିତାଙ୍କ ୧୬୪ ବୟାନ ରେକର୍ଡ କରାଯାଇଥିଲା। କିଭଳି ପରିସ୍ଥିତିରେ ସେଠାରେ ଅଙ୍କିତା ରହିଥିଲେ ତାହା କହିଥିବା ଜଣାପଡିଛି। ଏହାପରେ ଅଙ୍କିତାଙ୍କୁ ସୁଲେକେଲା ନିଆଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ତେଲଙ୍ଗାନାର ସାତ୍‌ନଗରର ଏକ ଇଟାଭାଟିରେ ବନ୍ଧକ ଥିବା ଅଙ୍କିତା ଘରକୁ ଫେରି ତାଙ୍କ ପିତାଙ୍କ ମୃତ୍ୟୁ ଘଟିଥିବା ଜାଣିବା ପରେ ସ୍ତବ୍ଧ ହୋଇଯାଇଛନ୍ତି। ପୀଡିତ ପରିବାର ଏବେ ଘୋର ମାନସିକ ଚାପରେ ରହିଛନ୍ତି। ବନ୍ଧକ ଘଟଣାକୁ ଭିନ୍ନ ମୋଡ ଦେବାକୁ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଥିବା ନେଇ ଜାଣିବା ପରେ ଅଙ୍କିତାଙ୍କ ମାତା ଲକ୍ଷ୍ମୀପ୍ରିୟା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଇଟାଭାଟି ମାଲିକଙ୍କ ନିର୍ଯାତନା ଏବଂ ଝିଅ ବନ୍ଧକ ଘଟଣାରେ ମର୍ମାହତ ହୋଇପଡିଥିବାରୁ ଦାଦନ ଶ୍ରମିକ କାହ୍ନୁ ମଲ୍ଲିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଉଠିଛି। ଏହାକୁ ପ୍ରଶାସନ ସ୍ୱୀକାର ନକରି ଭିନ୍ନ ମୋଡ ଦେବାର ଅପଚେଷ୍ଟା କରିବା ସାଂଘାତିକ ମାନସିକତା ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ଜିଲ୍ଲା ଶ୍ରମ ବିଭାଗ ବନ୍ଧକ ଅଙ୍କିତା ତେଲଙ୍ଗାନାକୁ କାମ କରିବାକୁ ଯାଇଥିବା ତାଙ୍କର ଜଣେ ମାମୁଙ୍କ ପାଖରେ ରହିଥିଲେ ବୋଲି କହିବା ପରେ ଏହାକୁ ନେଇ ଅଙ୍କିତାଙ୍କ ମାତା ଲକ୍ଷ୍ମୀପ୍ରିୟା ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଇଟାଭାଟି ମାଲିକ ଝିଅକୁ ବନ୍ଧକ ରଖିଥିବା ସେ କହିଛନ୍ତି। ଅନ୍ୟପଟେ ଘଟଣା ଘଟିବା ଦିନଠାରୁ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ ଗଣମାଧ୍ୟମ ପ୍ରତିନିଧିଙ୍କ ଫୋନ ଉଠାଉ ନ ଥିବା ଏବଂ ଘଟଣା ସମ୍ପର୍କରେ ପ୍ରଶାସନ କ'ଣ କରୁଛି ସେନେଇ ସୂଚନା ଦେଉ ନ ଥିବାରୁ ବୁଧବାର ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ସେଠୀଙ୍କୁ ଅବଗତ କରାଯାଇଛି।

ଗତ ଜାନୁୟାରୀ ମାସରେ ତୁରେକେଲା ବ୍ଲକ ତେନ୍ତୁଲିଖୁଣ୍ଟିର ଦାଦନ ସର୍ଦ୍ଦାର ସମାରୁ ନାଏକ ୭୮ ହଜାର ଟଙ୍କା ଅଗ୍ରୀମ ଦେଇ ସୁଲେକେଲା ଗାଁର କାହ୍ନୁ ମଲ୍ଲିକ, ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା, ବଡଝିଅ ପାଞ୍ଚାଳୀ ଓ ସାନଝିଅ ଅଙ୍କିତାଙ୍କୁ ତେଲଙ୍ଗାନାର ସାତନଗର ପେଟ୍ରୋଲ ପମ୍ପ ନିକଟ ଇଟାଭାଟିକୁ କାମ କରିବାକୁ ନେଇଥିଲେ। ସେଠାରେ ଶଙ୍କର ସେଠ୍ ନାମକ ଜଣେ ଇଟାଭାଟି ମାଲିକ ନିର୍ଯାତନା ଦେଇ କାହ୍ନୁ ଓ ତାଙ୍କ ପରିବାରକୁ ଦିନରାତି କାମ କରାଇଥିଲେ। ଏଥିରେ କାହ୍ନୁ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ରବିବାର କାହ୍ନୁଙ୍କ ଗାଁରେ ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ କାହ୍ନୁଙ୍କ ନାବାଳିକା ଝିଅ ଅଙ୍କିତାଙ୍କୁ ଇଟାଭାଟି ମାଲିକ ଶଙ୍କର ତେଲଙ୍ଗାନାରେ ବନ୍ଧକ ରଖିଥିବା ଜଣାପଡିଥିଲା।

## ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ତଦନ୍ତ ନିର୍ଦ୍ଦେଶ

- ମାମଲା ରୁଜୁ କଲେ, କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- ଫେବୃୟାରୀ ୧୬ ସୁଦ୍ଧା ରିପୋର୍ଟ ଦେବାକୁ କହିଲେ
- ପୀଡିତା ନାବାଳିକାଙ୍କୁ ସରକାରୀ ଯୋଜନାରେ ସାମିଲ କର

ପିତାମାତାଙ୍କ ସହ ଦାଦନ ଖଟିବାକୁ ତେଲଙ୍ଗାନା ଯାଇଥିବା ଅଙ୍କିତା (୧୦)ଙ୍କୁ ସେଠାରେ ବନ୍ଧକ ରଖାଯିବା ଏବଂ ତାଙ୍କ ପିତା ଦାଦନ ଶ୍ରମିକ କାହ୍ନୁ ମଲ୍ଲିକଙ୍କ ମୃତ୍ୟୁକୁ ନେଇ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଆୟୋଗ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନାବାଳିକା ବନ୍ଧକ ଘଟଣାକୁ ନେଇ ଆୟୋଗ ନିଜ ତରଫରୁ ଏକ ମାମଲା ରୁଜୁ କରିବା ସହ ଏ ସଂକ୍ରାନ୍ତରେ ବଲାଙ୍ଗୀର ଏସ୍‌ପି, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌କୁ ଚିଠି ଲେଖି ଆଦେଶ ଜାରି କରିଛନ୍ତି। ଏହା ସହିତ ଘଟଣାର ଆସନ୍ତା ୧୬ ତାରିଖ ସୁଦ୍ଧା ଘଟଣାର ଉପଯୁକ୍ତ ତଦନ୍ତ କରି ଏକ ତଦନ୍ତ ବା ଷ୍ଟାଟସ ରିପୋର୍ଟ ଏବଂ ଆକ୍ସନ ଟେକେନ୍ ରିପୋର୍ଟ ଦେବାକୁ ଉପରୋକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧକ ରଖିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଶ୍ରମ ଆଇନ ଅନୁଯାୟୀ ପୀଡିତା ନାବାଳିକଙ୍କ ଥଇଥା, ପୀଡିତାଙ୍କ ସ୍କୁଲରେ ନାମ ଲେଖାଇବା, ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ସାମିଲ କରିବାକୁ ଆୟୋଗ ଉପରୋକ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପୁସ୍ତକ ପଠନର ବିକଳ୍ପ ନାହିଁ

କଣ୍ଟାବାଞ୍ଜି, ୭।୨(ଗୁରୁଦୟାଲ ହଂସ)

ପୁସ୍ତକ ପଠନର ବିକଳ୍ପ ନାହିଁ। ପୁସ୍ତକ ଏକ ଭଲ ସାଙ୍ଗ ଯିଏ କେବେ ଧୋକା ଦିଏ ନାହିଁ। ବୁଧବାର କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟରେ ଆୟୋଜିତ ନୂଆ ଓ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତ ରଖିଛନ୍ତି। ନୋଡାଲ ଅଫିସର ଡ ସଞ୍ଜୟ କୁମାର ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟ ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ମେହେର। ଡାକ୍ତର ତଥା ବିଶିଷ୍ଟ ଗାଳ୍ପିକା ମଞ୍ଜୁଳା ପଣ୍ଡା ମୁଖ୍ୟ ଅତିଥି, ଅଧ୍ୟାପକ ଜୟ କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ଲୋହିତାକ୍ଷ୍ୟ ଯୋଶୀ, ଯୁକ୍ତ ୨ନୋଡାଲ ଅଫିସର ପ୍ରଭାସିନୀ ରାଉତରାୟ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଆଧ୍ୟାପକ ପ୍ରଦ୍ୟୁମ୍ନ ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁନିତା ଶବର ଧନ୍ୟବାଦ ଦେଇଥିଲେ। ସଭାରେ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଡ. ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ମୋବାଇଲରୁ ଦୂରେଇ ରହି ପାଠପଢାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଆଚାର୍ଯ୍ୟ ପୁସ୍ତକ ପଠନ ଓ ଉତ୍ତମ ଚରିତ୍ର ଗଠନ ଉପରେ ମତ ରଖିଥିଲେ। ମନୀଷ ମହାନ୍ତି, ଯତୀନ ଦ୍ୱାରି, ସୂର୍ଯ୍ୟ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ


ଜିଲାସ୍ତରୀୟ ପଲ୍ଲୀଶ୍ରୀ ମେଳା ଏବଂ ହସ୍ତତନ୍ତ, ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୭।୨(ବୀରେନ୍ଦ୍ର କୁମାର ଝାଙ୍କର)

- ପଲ୍ଲୀଶ୍ରୀ ମେଳା ସହ ହେଲା ନାହିଁ ଲୋକଉତ୍ସବ
- ଲୋକଉତ୍ସବ ହୋଇ ନ ଥିବାରୁ କଳାକାର ଅସନ୍ତୋଷ

ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ବୁଧବାରଠାରୁ ଜିଲାସ୍ତରୀୟ ଓରମାସ୍ ପଲ୍ଲୀଶ୍ରୀ ମେଳା ଓ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଆରମ୍ଭ ହୋଇଛି। ସନ୍ଧ୍ୟା ୬ଟାରେ ଜିଲା ପରିଷଦ ସଭାପତି ଦେବକୀ ସାହୁ ଓ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏଡିଏମ୍ ମହେନ୍ଦ୍ର ମହାପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ସହକାରୀ ପିଡି ତରଣୀ ସୁନା, ଓରମାସ୍ ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ କମଳେନ୍ଦୁ ପଲ, ମିଶନ ଶକ୍ତି ଜିଲା ସଂଯୋଜିକା ସୁମନ ଦ୍ୱିବେଦୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ ଉପସ୍ଥିତ ଥିଲେ। ମେଳା ୧୧ ତାରିଖ ଯାଏ ଚାଲିବ। ଚଳିତ ପଲ୍ଲୀଶ୍ରୀ ମେଳାରେ ୧୪୦ଟି ଷ୍ଟଲ ତିଆରି କରାଯାଇଛି। ଦେଶର ୧୨ଟି ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ପଞ୍ଜାବ, କଶ୍ମୀର, ରାଜସ୍ଥାନ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ବିହାର, ମହାରାଷ୍ଟ୍ର, ଛତିଶଗଡ ଏବଂ ଗୁଜୁରାଟର ବିଭିନ୍ନ ଟିମ୍ ଏବଂ ଓଡିଶାର ୩୦ଟି ଜିଲାର ୧୯୮ ଏସ୍‌ଏଚ୍‌ଜି ଗ୍ରୁପ ଯୋଗ ଦେଇଛନ୍ତି। ମେଳାରେ ବିଭିନ୍ନ ଉଦ୍ୟୋଗୀ ନିଜ ଦ୍ୱାରା ପ୍ରସ୍ତୁତ ଜିନିଷ ପ୍ରଦର୍ଶନ ଓ ବିକ୍ରି ଆରମ୍ଭ କରିଛନ୍ତି। ଓରମାସ ଏବଂ ପଞ୍ଚାୟତିରାଜ ତଥା ପାନୀୟ ଜଳ ବିଭାଗ, ମିଶନ ଶକ୍ତି ଏବଂ ଜିଲା ପ୍ରଶାସନ ପକ୍ଷରୁ ଏହି ମେଳାର ଆୟୋଜନ କରାଯାଉଛି। ଉଦ୍‌ଘାଟନୀ ଅବସରରେ ଜିଲା ପରିଷଦ ସଭାପତି ଦେବକୀ ସାହୁ ପଲ୍ଲୀଶ୍ରୀ ମେଳା ଜରିଆରେ ଏସ୍‌ଏଚ୍‌ଜି ମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିଭିନ୍ନ ସାମଗ୍ରୀ ବିକ୍ରୟ ଓ ପ୍ରଦର୍ଶନୀ ହେଉଛି। ଏହାଦ୍ୱାରା ମହିଳାମାନେ ବିଶେଷ ଭାବେ ଲାଭବାନ ହେଉଛନ୍ତି। ପୌରାଧ୍ୟକ୍ଷା ଲିକା ସାହୁ କହିଛନ୍ତି ଯେ, ପଲ୍ଲୀଶ୍ରୀ ମେଳା ଜରିଆରେ ଲୋକଙ୍କ ପାଖକୁ ଲୋକଙ୍କ ତିଆରି ଖାଦ୍ୟ ସାମଗ୍ରୀ, ଲୁଗାପଟା ସୁଲଭ ଦରରେ ଉପଲବ୍ଧ ହେଉଛି। ଓରମାସ ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ କମଳେନ୍ଦୁ ପଲ ମେଳାରେ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ସାମଗ୍ରୀ, ଧାତୁଶିଳ୍ପ, କାଷ୍ଠକଳା, ଧାନଶିଳ୍ପ, ଟେରାକୋଟା, ବାଉଁଶ ଶିଳ୍ପ, ଜଡିବୁଟି, ଲୁଗାପଟା ଉପଲବ୍ଧ ହେଉଛି ବୋଲି କହିଛନ୍ତି। ଚଳିତବର୍ଷ ଓରମାସ ପଲ୍ଲିଶ୍ରୀ ମେଳା ସହ ଲୋକଉତ୍ସବ ହେଉନାହିଁ। ପ୍ରତିବର୍ଷ ପଲ୍ଲୀଶ୍ରୀ ମେଳା ସହ ଲୋକଉତ୍ସବ ଆୟୋଜନ ହେଉଥିଲା। ତେବେ ଚଳିତବର୍ଷ ବ୍ୟତିକ୍ରମ ଦେଖାଦେଇଛି। ଲୋକ ଉତ୍ସବ ହୋଇନଥିବାରୁ ଲୋକଙ୍କ ଭିଡ କମିବ ଏବଂ ବିକ୍ରିବଟା ପ୍ରଭାବିତ ହେବ ବୋଲି ଚର୍ଚ୍ଚା ହେଉଛି। ଚଳିତବର୍ଷ ଲୋକ ଉତ୍ସବ ହେଉ ନ ଥିବାରୁ ଏହା ଠିକ୍ ହୋଇନାହିଁ ବୋଲି ଅତିଥିମାନେ କହିଛନ୍ତି। ଆଗକୁ ପ୍ରଶାସନ ସହ ଆଲୋଚନା କରି ଲୋକ ଉତ୍ସବ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ରାମଚରିତ ମାନସ ପାରାୟଣ ସମ୍ପନ୍ନ

ଦେଓଗାଁ,୭।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ସାରସବାହାଲ ବଙ୍ଗଳାଛକରେ ୯ଦିନ ଧରି ଚାଲିଥିବା ନବାହ୍ନ ପାରାୟଣ ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଦିବସରେ ଶ୍ରୀରାମଙ୍କ ପୁଷ୍ପାଭିଷେକ ଓ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ ହୃଦାନନ୍ଦ ଗଡତ୍ୟା ଓ ତାଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ଗଡତ୍ୟା ଦାୟିତ୍ୱ ତୁଲାଇଥିଲେ। ବ୍ୟାସ ଥିଲେ ଦୈତ୍ୟାରୀ ବିଶି। କମିଟି ସଭାପତି ମାର୍କଣ୍ଡ ମେହେର, ଆହ୍ଲାଦ ମେର୍ଲି, ଆନନ୍ଦ ମହାକୁର, ଟୁନା ଚାନ୍ଦ, କୁନା ସାହୁ ଓ ସାରସବାହାଲ ଗ୍ରାମବାସୀ ସହଯୋଗ କରିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

କଣ୍ଟାବାଞ୍ଜି, ୭।୨(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ସଦର ମହକୁମାରେ ଥିବା ରାଜୀବ ଗାନ୍ଧୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୮ ଦିନ ଧରି ଚାଲିବାକୁ ଥିବା ଏହି ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୂର୍ବତନ ଅଧ୍ୟକ୍ଷ ଅମୂଲ୍ୟ କୁମାର ପାଣଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଅଧ୍ୟାପକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଏବଂ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ସାମିଲ ଉପସ୍ଥିତ। ଗୌରୀ ନାଗ ମହିଳାମାନଙ୍କୁ ଆତ୍ମରକ୍ଷା ଉପରେ ତାଲିମ ଦେଇଥିଲେ। ସେହିପରି କଣ୍ଟାବାଞ୍ଜି ମୁକୁନ୍ଦିଲାଲ ଅଗ୍ରୱାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ରଞ୍ଜିତା ଗୁରୁଙ୍କ ଅଧ୍ୟକ୍ଷତାରେ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି।

### ଦେଓଗାଁରେ ନୂତନ ତହସିଲଦାରଙ୍କ ଯୋଗଦାନ

ଦେଓଗାଁ, ୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ତହସିଲରେ ନୂତନ ତହସିଲଦାର ଭାବେ ବିକ୍ରମ କେଶରୀ ନାୟକ ଯୋଗ ଦେଇଛନ୍ତି। ନୂତନ ତହସିଲଦାରଙ୍କ ଯୋଗଦାନ ପରେ ସ୍ଥାନୀୟ ଓକିଲ ସଂଘ ସଦସ୍ୟ ଓ ତହସିଲ ଅଫିସ କର୍ମଚାରୀମାନେ ସ୍ୱାଗତ କରିଥିଲେ। ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଓ ନିୟମାନୁସାରେ ଲୋକଙ୍କୁ ସେବା ଯୋଗାଇବା ପ୍ରାଥମିକତା ରହିବ ବୋଲି ଯୋଗଦାନ ଅବସରରେ ନାୟକ କହିଥିଲେ। ଏଠାରେ ଯୋଗଦେବା ପୂର୍ବରୁ ନାୟକ କନ୍ଧମାଳ ଜିଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ଏଠାରେ ଥିବା ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ସୁବର୍ଣ୍ଣପୁର ଜିଲା ବୁଡ଼ା ବ୍ଲକକୁ ବିଡିଓ ଭାବେ ବଦଳି ହୋଇଛନ୍ତି।



# କେନ୍ଦୁପତ୍ର କର୍ମଚାରୀ ସଂଘ ସମାବେଶ



ସମାବେଶରେ ଉପସ୍ଥିତ କେନ୍ଦୁପତ୍ର କର୍ମଚାରୀ ସଂଘର କର୍ମକର୍ତ୍ତା।

ଖପ୍ରାଖୋଲ, ୭।୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ବିଦ୍ୟୁତ୍ ଗ୍ରୀଡ ପାଖ ପଡିଆରେ କେନ୍ଦୁପତ୍ର କର୍ମଚାରୀ ସଂଘର ବ୍ଲକସ୍ତରୀୟ ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଧ୍ରୁବ ଚରଣ ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା, ସମ୍ମାନିତ ଅତିଥି ବ୍ଲକ ସଭାପତି ରାଜାରାମ ଦଣ୍ଡସେନା, ସମ୍ପାଦକ ସୁରେନ୍ଦ୍ର ବରିହା, ଲଳିତ ପ୍ରଧାନ, ଚିତ୍ତ ବେହେରା, ପ୍ରତାପ ମେହେର, ଗୋକୁଳ ଧରୁଆ, ତରଣୀ ସାହୁ, ବିଜେଡି ନେତା ରିଙ୍କୁ ପାଣିଗ୍ରାହୀ, ରିଙ୍କୁ ପୁରୋହିତ ଯୋଗଦେଇଥିଲେ। କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ସମାବେଶରେ ଆଲୋଚନା ହୋଇଥିଲା। କେନ୍ଦୁପତ୍ର ଦରବୃଦ୍ଧି ସହ କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଉଚ୍ଛେଦ ଉପରେ ରାଜ୍ୟ ସମ୍ପାଦକ ଦାବି ଉପସ୍ଥାପନ କରିବା ସହ ଅସ୍ଥାୟୀ, ଋତୁକାଳୀନ କର୍ମଚାରୀଙ୍କୁ ନିୟମିତ କରିବାକୁ ଦାବି କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ଗାଁରୁ ହଜାରହଜାର ମହିଳା ପୁରୁଷ ଯୋଗଦେଇଥିଲେ।

## ତହସିଲଦାରଙ୍କୁ ଘେରିଲେ ହିତାଧିକାରୀ

# ପଟ୍ଟା ମିଳିଛି, ଜମି ଚିହ୍ନଟ ହୋଇନି

ଲୋଇସିଂହା,୭।୨(ସୁଶାନ୍ତ ବାରିକ)


ତହସିଲ ଅଫିସ ସମ୍ମୁଖରେ ଜମି ଚିହ୍ନଟ ପାଇଁ ହିତାଧିକାରୀ ପଟ୍ଟା ଦେଖାଉଛନ୍ତି।

ଜାଗା ମିଶନ ଯୋଜନାରେ ପଟ୍ଟା ପାଇଥିବା ସିଂହାଣୀମୁଣ୍ଡା ଗ୍ରାମର ହିତାଧିକାରୀ ଜମି ଚିହ୍ନଟ ପାଇଁ ଲୋଇସିଂହା ତହସିଲଦାର ସଂଘମିତ୍ରା କାଲୋଙ୍କୁ ବୁଧବାର କାର୍ଯ୍ୟାଳୟ ସମ୍ମୁଖରେ ଘେରିଥିଲେ। ଖୁବଶୀଘ୍ର ଏ ନେଇ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କାଲୋ ପ୍ରତିଶ୍ରୁତି ଦେଲା ପରେ ହିତାଧିକାରୀ ତାଙ୍କୁ ଅଫିସକୁ ଛାଡିଥିଲେ। ସୂଚନା ଆନୁଯାୟୀ, ସରଗାଡ଼ ପଞ୍ଚାୟତ ସିଂହାଣୀମୁଣ୍ଡା ଗ୍ରାମର ୬୦ ଭୂମିହୀନ ପରିବାରକୁ ମୁଖ୍ୟମନ୍ତ୍ରୀ ଜାଗା ମିଶନ ଯୋଜନାରେ ୨୦୦୮ ମସିହାରେ ପଟ୍ଟା ପାଇଛନ୍ତି। ଇତି ମଧ୍ୟରେ ୧୫ବର୍ଷ ବିତଯାଇଥିଲେ ସୁଦ୍ଧା ଜମି ଚିହ୍ନଟ ହୋଇ ପାରିନାହିଁ। ଅନେକ ସମୟରେ ଜିଲାପାଳଙ୍କ ପ୍ରକୋଷ୍ଠ ଏବଂ ବ୍ଲକ ପ୍ରଶାସନଙ୍କୁ ଜଣାଇ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ବୁଧବାର ପୂର୍ବତନ ସରପଞ୍ଚ କୈଳାସ ବରିହାଙ୍କ ନେତୃତ୍ୱରେ ସମସ୍ତ ପଟ୍ଟାଧାରୀ ଜମି ଚିହ୍ନଟ ପାଇଁ ତହସିଲ କାର୍ଯ୍ୟାଳୟ ଆସିଥିଲେ। ହେଲେ ତହସିଲଦାର ନିର୍ଦ୍ଧାରିତ ସମୟର ଅଫିସରେ ନଥିବାରୁ ସେମାନେ ଅସନ୍ତୋଷବ୍ୟକ୍ତ କର କାର୍ଯ୍ୟାଳୟ ବାହାରେ ଜଗି ରହିଥିଲେ। କାର୍ଯ୍ୟାଳୟକୁ ଗଲାବେଳେ ତହସିଲଦାରଙ୍କ ବାଟ ଓଗାଳି ସମସ୍ୟା ଜଣାଇଥିଲେ।

# କୁତୁର୍ଲା ଓ ମୁରସିଂରେ ସିରିଜ ଚୋରି

ଦେଓଗାଁ, ୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁତୁର୍ଲା ଓ ମୁରସିଂରେ ମଙ୍ଗଳବାର ରାତିରେ ସିରିଜ ଚୋରି ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମୁରସିଂର ସୁମନ୍ତ ନନ୍ଦ, ଗ୍ରାମ ଅଘରିଆପଡାର ଲକ୍ଷ୍ମୀ ନାଏକ ଓ କୁତୁର୍ଲା ଆମ୍ବପାଲି ପଡାର ମିଲେଶ ପୋଡ଼ଙ୍କ ମୋବାଇଲ ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମୁରସିଂ ଅଘରିଆପଡାର ଲକ୍ଷ୍ମୀ ନାଏକଙ୍କ ଘର କବାଟ ଭାଙ୍ଗି ୨୦ ହଜାର ଟଙ୍କା ଚୋରି ହୋଇଥିବା ବେଳେ ସୁମନ୍ତ ନନ୍ଦଙ୍କ ଝରକା ଭାଙ୍ଗି ନ ପାରି ଚୋର ପଳାଇଥିଲେ। ପରେ ଆମ୍ବପାଲିକୁ ଯାଇ ମୋବାଇଲ ଦୋକାନ ଭାଙ୍ଗି କେତୋଟି ମୋବାଇଲ ଓ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି।

# ଗାୟତ୍ରୀ ନଅକୁଣ୍ଡୀୟ ଯଜ୍ଞ

ସଇଁତଳା,୭।୨(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳ ହାଟପଦାଠାରେ ଗତ ୪ ତାରିଖରୁ ଚାଲିଥିବା ଅଖିଳ ବିଶ୍ୱ ଗାୟତ୍ରୀ ନଅକୁଣ୍ଡୀୟ ମହାଯଜ୍ଞ ବୁଧବାର ସମ୍ପନ୍ନ ହୋଇଛି। ଏହି ଯଜ୍ଞରେ ଅଞ୍ଚଳର ୨୫ଜଣ ମୁଣ୍ଡନ, ୨ଯୋଡ଼ିଙ୍କ ବିବାହ, ୨୫ଜଣ ଦୀକ୍ଷା ଗ୍ରହଣ କରିଥିଲେ। ଏଥିସହିତ ବ୍ରତ, କୁଶବନ ସଂସ୍କାର, ବିଦ୍ୟା ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଥଲା। ପ୍ରଶାନ୍ତ ଅଗ୍ରୱାଲ, ସାଧ୍ୱୀ ପଙ୍କଜିନୀ ପଣ୍ଡା ଓ ଶୁଶ୍ରୀ ଭାରତୀଙ୍କ ପ୍ରବଚନ ଦେଇଥିଲେ। ହରି ସାହୁ ଓ ତାଙ୍କ ଧର୍ମପତ୍ନୀ ମୀନା ସାହୁ କର୍ତ୍ତା ଏବଂ ସୁଶାନ୍ତ ମାଝି ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ହରିପ୍ରସାଦ ଅଗ୍ରୱାଲ, ପ୍ରଦୀପ ଜାଲ, ପ୍ରମୋଦ ବୈଠୋରୁ, ଭୀମସେନ ସ୍ୱାଇଁ, ବିକାଶ ବହିଦାର, ଅର୍ଜୁନ ଅଗ୍ରୱାଲ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ।

# ରୟାଲ ଷ୍ଟାର ଫୁଟବଲ: କୁତୁର୍ଲା, ହାତୀସରା ବିଜୟୀ

ଦେଓଗାଁ, ୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ଖେଳ ପଡିଆରେ ସିଲେଟକାନୀ ୨୦ତମ ରୟାଲଷ୍ଟାର ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଶେଷଦେବ ବେହେରାଙ୍କ ନେତୃତ୍ୱରେ ବିଜେଡି ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଅଚ୍ୟୁତ ମିଶ୍ର ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ କୁତୁର୍ଲା ଓ ଅନ୍ତର୍ଲା ମଧ୍ୟରେ ହୋଇଥିଲା। ୨-୦ ଗୋଲରେ କୁତୁର୍ଲା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ହାତୀସରା ଓ ରାଏପାଲି ମଧ୍ୟରେ ହୋଇଥିଲା। ଟାଇବ୍ରେକର ୧-୦ ଗୋଲରେ ହାତୀସରା ବିଜୟୀ ହୋଇଥିଲା। ଖେଳକୁ ଶଶୀ ବେହେରା ପରିଚାଳନା କରିଥିବାବେଳେ ଲାଇନରେ ସୁଦାମ ଦୀପ ଓ ସୁକାନ୍ତ ପଟେଲ ସହଯୋଗ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ କମିଟି ସମ୍ପାଦକ ପ୍ରଭାସ ବେହେରା, ବିନୋଦ ନାଗ, ପ୍ରଦୀପ ବଗର୍ତ୍ତି, ରିଙ୍କୁ ବେହେରା, ଭଗବାନ ବେହେରା ସହଯୋଗ କରୁଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ, ୭।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଦେଓଗାଁ ବ୍ଲକ ଧଣ୍ଡାମାଲ ଓ ବ୍ରାହ୍ମଣୀଯୋର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସଞ୍ଜୁ ଶିକାଙ୍କ ସଭାପତିତ୍ୱ ଓ ବିପିଏମ ପ୍ରଦୀପ କୁମାର ଛତ୍ରିଆଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ବିଡିଓ କ୍ଷମାନିଧି ଭୋଇ, ସିଡିପିଓ ସୁକାନ୍ତି ଭୋଇ, ଜିପିଓ ସେନାପତି ମଙ୍ଗରାଜ, ସାରସମାଲ ସମିତି ସଭ୍ୟା ପଙ୍କଜିନୀ ଖମାରୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଲୋକଙ୍କୁ ଅବଗତ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଏଲଇଡି ମାଧ୍ୟମରେ ଲୋକଙ୍କୁ ପ୍ରଦର୍ଶନ କରାଯାଇଥିଲା। ପରେ ଗୋଣ୍ଡୱାନା କଳା ପରିଷଦ କଳାକାରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ରାହ୍ମଣୀଯୋର ପଞ୍ଚାୟତରେ ସରପଞ୍ଚ ମହେନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ବ୍ଲକ ଅଧ୍ୟକ୍ଷ ଖମାରୀ, ସରପଞ୍ଚ ସଂଘ ସଭାପତି ଗୋପାଳଚନ୍ଦ୍ର ମିଶ୍ର, ତୁମେରପିଟା ସରପଞ୍ଚ ବାସନ୍ତୀ ପଟେଲ, ସିଙ୍ଗାମୁଣ୍ଡା ସରପଞ୍ଚ ଜାହ୍ନବୀ ମାହାଣା, ଜରାସିଂହା ସରପଞ୍ଚ କୁଶମଣି ମେହେର, ଗାଇବାହାଲ ସରପଞ୍ଚ ତ୍ରିଲୋନ ନାଗ ଉପସ୍ଥିତ ରହି ଯୋଜନାଗୁଡିକ ଉପରେ ଲୋକଙ୍କୁ ଅବଗତ କରିଥିଲେ। ଇଓ ରମେଶ ଚନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାଦନ ପରିବାରର ୧୫୯ପିଲା ଦେଶାନ୍ତର

ଲାଠୋର, ୭।୨(ଭୁବନେଶ୍ୱର ବାରିକ)

- ଚଳିତବର୍ଷ ଖୋଲିନି ଆବାସିକ ପ୍ରଯତ୍ନ କେନ୍ଦ୍ର
- ବିଭାଗୀୟ ଅଧିକାରୀ, ସ୍କୁଲ କର୍ତ୍ତୃପକ୍ଷ ଦୋଷ ଲଦାଲଦି

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ୯ ଗୋଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚଳିତ ବର୍ଷ ଅଧାରୁ ପାଠ ଛାଡ଼ି ୧୫୯ ଛାତ୍ରୀଛାତ୍ର ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ନିଜ ମା' ବାପାଙ୍କ ସହ ଯାଇଥିବା ଜଣାପଡ଼ିଛି। ଦାଦନ ପ୍ରବଣ ଲାଠୋର ଅଞ୍ଚଳରୁ ପ୍ରତିବର୍ଷ ବାହାର ରାଜ୍ୟକୁ ବହୁ ସଂଖ୍ୟାରେ ଦାଦନ ଖଟିବାକୁ ଯାଇଥାନ୍ତି। ସମ୍ପୃକ୍ତ ଦାଦନ ପରିବାରର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ଥିବା ପିଲାଙ୍କ ପାଠପଢାରେ ଯେପରି ବ୍ୟାଘାତ ନ ଘଟେ ସେଥିପାଇଁ ସରକାର ବିଭିନ୍ନ ବିଦ୍ୟାଳୟରେ ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରମାନ ଖୋଲିଛନ୍ତି। ସେଠାରେ ଦାଦନ ଶ୍ରମିକ ପରିବାରର ପିଲାଙ୍କୁ ୬ ମାସ ପାଇଁ ଖାଦ୍ୟପେୟ ଦେଇ ତାଙ୍କ ମା ବାପା ଫେରିବା ପର୍ଯ୍ୟନ୍ତ ପାଠପଢା ବ୍ୟବସ୍ଥା କରାଯାଇଥାଏ। ହେଲେ ଚଳିତ ବର୍ଷ ଅଞ୍ଚଳରେ ଗୋଟିଏ ବି ପ୍ରଯତ୍ନ କେନ୍ଦ୍ର ଖୋଲା ଯାଇ ନଥିବା ହେତୁ ଭରୁଆମୁଣ୍ଡା ବିଦ୍ୟାଳୟରୁ ୧୬ ଛାତ୍ରୀଛାତ୍ର, କରୁଆଝରରୁ ୧୯, ପିପଲବାହାଲରୁ ୧୫, ସୁନାମୁଦିରୁ ୨୮, ଚାଉଳଡିଆରୁ ୫, ସାନଗୁର୍ଜିଭଟାରୁ ୨୦, ମସିଣାରୁ ୨୫, ପତ୍ରାପାଲିରୁ ୧୭, ଚୋରମୁଣ୍ଡା ବିଦ୍ୟାଳୟରୁ ୧୪ ଛାତ୍ରୀଛାତ୍ର ଏହିପରି ମୋଟ ୯ ଗୋଟି ବିଦ୍ୟାଳୟରୁ ୧୫୯ ଜଣ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର ଅଧାରୁ ପାଠଛାଡ଼ି ସେମାନଙ୍କ ମା ବାପାଙ୍କ ସହ ବାହାର ରାଜ୍ୟକୁ ଯାଇଛନ୍ତି। ପ୍ରତିବର୍ଷ ଏହି ବିଦ୍ୟାଳୟମାନଙ୍କରେ ଆବାସିକ ପ୍ରଯତ୍ନ କେନ୍ଦ୍ର ଖୋଲା ଯାଉଥିଲା। ହେଲେ ଗତବର୍ଷର ବଳକା ଟଙ୍କା ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇ ନଥିବା ହେତୁ ଶିକ୍ଷକମାନେ ଚଳିତ ବର୍ଷ ପ୍ରଯତ୍ନ କେନ୍ଦ୍ରମାନ ଖୋଲିବାକୁ ଆଗ୍ରହ ପ୍ରକାଶ କଲେ ନାହିଁ। ଫଳରେ ଚଳିତ ବର୍ଷ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ସେମାନେ ମେ ମାସରେ ଫେରିଲା ବେଳକୁ ବାର୍ଷିକ ପରୀକ୍ଷା ମଧ୍ୟ ସାରି ଯାଇଥିବ। ବିଭାଗୀୟ ଅଧିକାରୀମାନଙ୍କୁ ପଚାରିଲେ ଶିକ୍ଷକମାନେ କେନ୍ଦ୍ର ଖୋଲୁ ନ ଥିବା କହୁଥିବା ବେଳେ ଶିକ୍ଷକମାନେ କହୁଛନ୍ତି ଆମକୁ ନିୟମ ଅନୁସାରେ କେନ୍ଦ୍ର ଚଳାଇବାକୁ ଟଙ୍କା ଦିଆଯାଉନାହିଁ। ଆମ ହାତରୁ ଖର୍ଚ୍ଚ କରି ଏପରି କାମ କରି ପାରିବୁ କି ବୋଲି ପାଲଟା କହୁଛନ୍ତି। ଜିଲାପାଳ ଘଟଣାର ତଦନ୍ତ କଲେ ଦାଦନ ପରିବାର ବର୍ଗଙ୍କ ପିଲାମାନେ ଉପକୃତ ହେବେ ବୋଲି ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଯୁବକ ମୃତ

**ପାଇକମାଲ, ୭।୨(ବଡ ଶତପଥି):** ବରଗଡ ଜିଲା ପାଇକମାଲ ବ୍ଲକ କେରେମେଲାବାହଲ ପଞ୍ଚାୟତ ଗୋଇବାହାଲି ଠାରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ ଘଟିଛି। ମୃତକ ହେଲେ ପାଇକମାଳ ଥାନା ରସମୁଣ୍ଡା ଗ୍ରାମର ରାଜୁ ବାଗ (୨୫) ଓ ଭେଙ୍ଗରାଜପୁର ଗ୍ରାମର ଖଗେଶ୍ୱର ରଣା (୩୮)। ପାଇକମାଳ ପୋଲିସ କେଶ (ନଂ ୨୮/୨୪)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ମୃତକ ଦ୍ୱୟ ଗୋଇବାହାଲିରେ ଚାଲୁଥିବା ଧନୁଯାତ୍ରା ଦେଖିବାକୁ ଯାଇଥିଲା। ସେଠାରୁ ଖାଇବା ପାଇଁ ଭୋଜନ କେନ୍ଦ୍ରକୁ ଯାଉଥିବା ବେଳେ ରାସ୍ତାରେ ଗୋଟିଏ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳେ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ପଦ୍ମପୁର ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଜୁର ୧୧ ଦିନ ତଳେ ଗୋଟିଏ ନବ ଜାତ ଶିଶୁ ଜନ୍ମ ହୋଇଛି। ତେଣୁ ତାଙ୍କ ପରିବାରକୁ କିଛି ସାହାଯ୍ୟ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କନସିଂହା, ଚଣ୍ଡୀପାଲିକୁ ପାନୀୟ ଯୋଗାଣ ଦାବି

**ପଦ୍ମପୁର,୭।୨ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଅଙ୍ଗ ନଦୀରୁ କନସିଂହା ଓ ଚଣ୍ଡିପାଲିକୁ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଓଭର ହେଡ ପାଇପ ପ୍ରକଳ୍ପ ୨୦୨୩ ଜୁଲାଇରୁ ଶେଷ ହୋଇଛି। ହେଲେ ଅଦ୍ୟାବଧି ପାଣି ଯୋଗାଣ କରାଯାଇନାହିଁ। ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୨ଥର ଅଭିଯୋଗ କରାଯାଇଥିଲା। ଜିଲାପାଳ ସଂପୃକ୍ତ ଅଧିକାରୀଙ୍କୁ ତାଗିଦ କରିଥିଲେ। କିନ୍ତୁ ଜିଲାପାଳଙ୍କ ଆଦେଶକୁ ଅଣଦେଖା କରାଯାଇଛି । ବିଭାଗୀୟ ଅଧିକାରୀ ଗୋଟିଏ ସପ୍ତାହରେ ଜଳଯୋଗାଣ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରୀଷ୍ମ ଋତୁ ପୂର୍ବରୁ ତୁରନ୍ତ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରି ଉଭୟ ଗ୍ରାମକୁ ଜଳ ଯୋଗାଣ କରିବାକୁ ଦାବି ହୋଇଛି। ନଚେତ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ରୋହିତ ପଧାନ, କିଶୋର ସେଠ,ପ୍ରଶାନ୍ତ ପଧାନ, ରାଜୀବ ମିଶ୍ର ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

### ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ



ସ୍ୱର୍ଗତ ଯୋଗେଶ୍ୱର ଗଡ଼ତିଆ।

**ଅତାବିରା,୭।୨(ହୃଷିକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ ହିର୍ଲିପାଲି ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ଯୋଗେଶ୍ୱର ଗଡ଼ତିଆଙ୍କ ବୁଧବାର ପରଲୋକ ହୋଇଛି। ତାଙ୍କୁ ୮୩ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ଗ୍ରାମର ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସରୋଜ ମୁଖାଗ୍ନି ଦେଇଥିଲେ।

### ଜାତୀୟ କୃମିନାଶକ ତାଲିମ ଶିବିର

**ପାଇକମାଲ,୭।୨(ବଡ ଶତପଥି):** ବରଗଡ ଜିଲା ପାଇକମାଲ ବ୍ଲକ ବୁକୁରାମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ପାଇକମାଳ ଓ ବୁକୁରାମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାତୀୟ କୃମିନାଶକ ଦିବସରେ ଔଷଧ ଖୁଆଇବା ପାଇଁ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ତାଲିମ ପ୍ରଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଇକମାଳରେ ପ୍ରଶିକ୍ଷକ ଭାବେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଦୀପାଞ୍ଜଳୀ ସାହୁ ଓ ସ୍ୱାସ୍ଥ୍ୟ ପରିଦର୍ଶକ ତୁଷ କୁମାର ଚନ୍ଦ୍ରକାର ତାଲିମ ପ୍ରଦାନ କରିଥିଲେ। ସେହିପରି ବୁକୁରାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ ଏହିପରି କାର୍ଯ୍ୟକ୍ରମରେ ରେବତୀ ମୋହନ ଜେନା ତାଲିମ ପ୍ରଦାନ କରିଥିଲେ। ଆସନ୍ତା ୧୦ରୁ ୧୭ ପର୍ଯ୍ୟନ୍ତ ୧ ବର୍ଷରୁ ୧୯ ବର୍ଷ ବୟସ ସମସ୍ତ ଶିଶୁ ଛାତ୍ରୀଛାତ୍ର ଓ ୨୦ରୁ ୨୪ ବର୍ଷ ବୟସର ସନ୍ତାନ, ପ୍ରଜନନକ୍ଷମ ମହିଳାଙ୍କୁ କୃମି ଔଷଧ ଖୁଆଯିବ। ଏହା ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରରେ ଖୁଆଯିବ।

# ଧାରଣାରେ ଚିନିକଳ କର୍ମଚାରୀ

**ମିଳିଲାନି ୭୪ ମାସର ଦରମା**

**ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)**



ଜିଲାପାଳ ଅଫିସ ଆଗରେ ଚିନିକଳ କର୍ମଚାରୀଙ୍କ ଧାରଣା ।

ବରଗଡ଼ ସହର ଉପକଣ୍ଠ ଡୋରା ସମବାୟ ଚିନିକଳକୁ ରାଜ୍ୟ ସରକାର ଗତବର୍ଷ ଅକ୍ଟୋବର ୧୬ତାରିଖରୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଚିନିକଳରେ କାର୍ଯ୍ୟ କରିଥିବା କର୍ମଚାରୀମାନଙ୍କୁ ବକେୟା ଦରମା ମିଳିପାରିନାହିଁ। ସେମାନଙ୍କୁ ୭୪ ମାସର ଦରମା ମିଳି ନ ଥିବା କର୍ମଚାରୀମାନେ କହିଛନ୍ତି। ଦରମା ପାଇଁ ବାରମ୍ବାର ଜିଲା ପ୍ରଶାସନକୁ ଫେରାଦ ହୋଇଛନ୍ତି। କିନ୍ତୁ ବକେୟା ଦରମା ବଦଳରେ କେବଳ ମିଛ ପ୍ରତିଶ୍ରୁତି ମିଳୁଥିବା ଅଭିଯୋଗ ହୋଛି। ଏହାକୁ ନେଇ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ବୁଧବାର ପୂର୍ବାହ୍ନ ୧୦ଟାରୁ ଚିନିକଳ କର୍ମଚାରୀମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସି ବକେୟା ଦରମା ଦାବି କରିଛନ୍ତି। ଦରମା ନ ମିଳିବା ପର୍ଯ୍ୟନ୍ତ ସେମାନେ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ଯାଏ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବେ ବୋଲି କହିଛନ୍ତି। ପ୍ରଥମ ଦିବସରେ ଧାରଣାସ୍ଥଳକୁ କୌଣସି ବିଭାଗୀୟ ଅଧିକାରୀ ଆଲୋଚନା ପାଇଁ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢିଥିବାବେଳେ ଆଗକୁ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି। ଅନ୍ୟପଟେ ଆମ୍ ଆଦ୍‌ମୀ ପାର୍ଟିର ଭବାନୀ ପ୍ରସାଦ ସାହୁ, ଚାଷୀନେତା ରମେଶ ମହାପାତ୍ର, ଭାଜପାର ସୁରେଶ୍ୱର ଶତପଥୀଙ୍କ ସମେତ କୋଶଲ ସଙ୍ଗଠନର ପ୍ରତିନିଧିମାନେ ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ। ଚିନିକଳ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସୁବ୍ରତ ସାହୁ, ଉଦ୍ଧବ ସାହୁ, ପୁଷ୍ପଜିତ ପ୍ରଧାନ, ଆର. କେ. ପତି, କୈବର୍ତ୍ତ ସାହୁ ପ୍ରମୁଖ ଧାରଣାର ନେତୃତ୍ୱ ନେଉଛନ୍ତି।

ପ୍ରକାଶ ଯେ, ୧୯୭୪ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ସତପଥିଙ୍କ ଦ୍ୱାରା ଉଦ୍‌ଘାଟିତ ବରଗଡ଼ ସମବାୟ ଚିନିକଳ ଦୀର୍ଘବର୍ଷ ଧରି ଠିକ୍ ଭବେ ଚାଲିଥିଲା। ଜିଲା ତଥା ଜିଲା ବାହାର ଆଖୁଚାଷୀମାନେ ମଧ୍ୟ ଉକ୍ତ ଚିନିକଳ ଦ୍ୱାରା ଉପକୃତ ହେଉଥିବାବେଳେ ଏହି ଶିଳ୍ପାନୁଷ୍ଠାନ ବହୁ ଲୋକଙ୍କୁ କର୍ମ ଯୋଗାଇ ଆସୁଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ଚିନିକଳ ଅକାମୀ ହୋଇ ପଡ଼ିଥିଲା। ଚିନିକଳକୁ କାର୍ଯ୍ୟକ୍ଷମ କରିବା ତଥା ବକେୟା ଦରମା ପ୍ରଦାନ ଦାବିରେ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। କିନ୍ତୁ କିଛି ସୁଫଳ ମିଳି ନ ଥିଲା। ଅପରପକ୍ଷେ ଗତ ପ୍ରାୟ ୪ମାସ ତଳୁ ଚିନିକଳକୁ ସରକାର ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରି ଦେଇଥିଲେ। ଚିନିକଳ ବନ୍ଦ ହେବା ପରେ ୨୦ଦିନ ମଧ୍ୟରେ କର୍ମଚାରୀଙ୍କୁ ସେମାନଙ୍କ ବକେୟା ପାଉଣା ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ସମବାୟ ଚିନିକଳ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସାହୁ କହିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ବକେୟା ଦରମା ବାବଦକୁ କିଛି ମିଳିନାହିଁ । ୩୧୫ କର୍ମଚାରୀଙ୍କ ୩୪କୋଟି ୪୦ଲକ୍ଷ ଟଙ୍କା ଦରମା ବକେୟା ରହିଥିବା ସାହୁ ପ୍ରକାଶ କରିଛନ୍ତି। ବକେୟା ଦରମା ଦାବିରେ ଗତ ମାସ ୧୧ ଓ ୧୪ତାରିଖ ଏବଂ ଚଳିତ ମାସ ୫ତାରିଖରେ ଜିଲା ପ୍ରଶାସନକୁ କର୍ମଚାରୀମାନେ ଭେଟିଥିଲେ। ଏହାସତ୍ତ୍ୱେ ବକେୟା ଦରମା ପ୍ରଦାନ କରାଯାଇ ନ ଥିବାରୁ ସେମାନେ ଧାରଣାକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା ଚିନିକଳ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସାହୁ ପ୍ରକାଶ କରିଛନ୍ତି ।



ଫଟୋ: ସୁଦନ ମହାକୁର

ବରଗଡ଼ ଜିଲା ଭେଡ଼େନ ରାମଲୀଳାର ବୁଧବାର ସନ୍ଧ୍ୟାରେ ସୀତାଙ୍କୁ ଅପହରଣ ସମୟରେ ରାବଣ ସହ ଜଟାୟୁର ଯୁଦ୍ଧ ମଞ୍ଚସ୍ଥ।

# ବିଦ୍ୟୁତ୍ ସମସ୍ୟାର ସମାଧାନ ଦାବି

**ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)**



ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ୱେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଆଲୋଚନା ।

ବରଗଡ଼ ଜିଲାରେ ବିଦ୍ୟୁତ୍ ସମସ୍ୟା ଅସମାହିତ ହୋଇପଡ଼ିଛି । ବିଭିନ୍ନ ସମୟରେ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ୍ ହେଉଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ବୁଧବାର ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ ଏହି ସମସ୍ୟା ନେଇ ବିଦ୍ୟୁତ୍ ବିଭାଗର ସ୍ଥାନୀୟ ୱେସ୍କୋ ନିର୍ବାହୀ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଭେଟିଥିଲେ ଏବଂ ଏହାର ତ୍ୱରିତ ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ ଆଲୋଚନା କରି ଦାବି ଜଣାଇଥିଲେ। ବରଗଡ଼ ମ୍ୟୁନିସିପାଲିଟି ଅଧୀନ ୱାର୍ଡ ନଂ-୨ ସମେତ ବିଭିନ୍ନ ୱାର୍ଡ ଏବଂ ଗ୍ରାମାଞ୍ଚଳରେ ୧୧କେ.ଭି କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଘରଛାତ ଉପରେ ଝୁଲି ବିପଦଶଙ୍କୁଳ ଅବସ୍ଥାରେ ଥିବାରୁ ସେଗୁଡ଼ିକୁ ସ୍ଥାନାନ୍ତର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ମୁକୁଳା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି, ବିଦ୍ୟୁତ ବିଲ୍‌ରେ ତ୍ରୁଟି ସଂଶୋଧନ, ଗଭୀର ନଳକୂପଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରିବା ଦିଗରେ ପଦକ୍ଷେପ ନେବାକୁ ନେପାକ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ପର୍ଯ୍ୟାୟକ୍ରମେ ସେହି ସମସ୍ୟା ଗୁଡ଼ିକର ସମାଧାନ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ନେପାକ କହିଛନ୍ତି।

# ବିକାଶ ଛାତ୍ରଙ୍କ ସଫଳତା

**ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)**



କ୍ରୀଷ୍ଟା କୁମାର ଅଗ୍ରୱାଲ ।

ବରଗଡ଼ କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର କ୍ରୀଷ୍ଟା କୁମାର ଅଗ୍ରୱାଲ ସର୍ବଭାରତୀୟ ସ୍ତରରେ ଆୟୋଜିତ ହୋଇଥିବା ଆଯର୍‌ୟଭଟ୍ଟ ଗଣିତ ଚ୍ୟାଲେଞ୍ଜ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଦେଶର ୧୦୦ଜଣ ମଧ୍ୟରେ ସେ ୪୮ତମ ସ୍ଥାନରେ ରହି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟର ମୁଖ୍ୟ ଟିକେଶ୍ୱର ପାଢ଼ୀ ଏବଂ ସହଯୋଗୀ ଶିକ୍ଷକମାନଙ୍କ ମାର୍ଗଦର୍ଶନରେ ସେ ଏହି ସଫଳତା ପାଇଛନ୍ତି । କ୍ରୀଷ୍ଟା ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ କୃତୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ବିଜେଡି ପକ୍ଷରୁ ବାହାରିଥିବା ଜନ ସମ୍ପର୍କ ପଦଯାତ୍ରା।

**ସୋହେଲା,୭।୨(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ସୁଶାନ୍ତ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ବିଜେଡି କର୍ମୀ ସାମିଲ ହୋଇଥିଲେ। ସ୍ଥାନୀୟ ଅଗ୍ରସେନ ଭବନରୁ ଏହି ପଦଯାତ୍ରା ଆରମ୍ଭ ହୋଇ ଥାନା ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟ ଜିଲାର ନେତାମାନେ ଅତିଥି ଭାବେ ଯୋଗଦେଇଥିଲେ। ବିଧାୟକ ସିଂହ ତାଙ୍କ ସମର୍ଥକଙ୍କ ସହିତ ଦୁର୍ଗା ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ଜିଲା ବିଜେଡି ସଭାପତି ପ୍ରଭାସ ସିଂ, କାର୍ଯ୍ୟକାରୀ ଜିଲା ସଭାପତି ଜାପାନ ମହାପାତ୍ର, ବିଜୁ ଯୁବ ଜନତା ଦଳର ଜିଲା ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି କରନ ସିକନ୍ଦର, ଜୋନ ଯୁବ ସମ୍ପାଦକ ବିଜୟ କାଣ୍ଡ , ଗଣତନ୍ତ୍ର ପ୍ରଧାନ, କାର୍ତ୍ତିକ ବାରିକ, ଭଟଲି ବ୍ଲକ ଅଧକ୍ଷ ନିତ୍ୟାନନ୍ଦ ପ୍ରଧାନ, ସୋହେଲା ବ୍ଲକ ଅଧକ୍ଷା ବବି ପ୍ରଧାନ, ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଜିଲା ପରିଷଦ ସଭ୍ୟା ରୋଜି ନାଏକ, ଜାଇଫୁଲ ସିଂ ବରିହା, ମିତା ବିଶି, ପୂର୍ବତନ ବ୍ଲକ ଅଧକ୍ଷ ଜିବର୍ଧନ ଝାଙ୍କର, ପୂର୍ବତନ ବ୍ଲକ ଉପାଧକ୍ଷ ପ୍ରଫୁଲ୍ଲ ପ୍ରଧାନ, ମନ ମାଝି, ରାଜେଶ ଅଗ୍ରୱାଲ, ମାର୍କଣ୍ଡ ସା, ପୂର୍ବତନ ବ୍ଲକ ଅଧକ୍ଷ ସୁବ୍ରତ ବେହେରା, କୁଳମଣି ଦୁଆନ, ଦେବେନ୍ଦ୍ର ପାତ୍ର, ନିଲୁ ଝାଙ୍କର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସୋହେଲା ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ଦଳୀୟ କର୍ମୀ ଯୋଗ ଦେଇଥିଲେ।

### ପ୍ରାଥମିକ ସେବା ସମିତିର ବାର୍ଷିକ ସାଧାରଣ ସଭା

**ପଦ୍ମପୁର,୭।୨(ପ୍ରଦୀପ୍ତ ଦାଶ):** ପଦ୍ମପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସ୍ଥାନୀୟ ମେହେର ଧର୍ମଶାଳାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ପ୍ରିତମ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ପଲସଦା ପେକ୍ସର ପୂର୍ବତନ ସଭାପତି ସତ୍ୟନାରାୟଣ ତ୍ରିପାଠୀ, ଜମଲା ପେକ୍ସ ସଭାପତି ଗଣେଶ ରାମ ଅଗ୍ରୱାଲ, ବରିକେଲ ପୂର୍ବତନ ପେକ୍ସ ସଭାପତି ପରମାନନ୍ଦ ସାହା ପ୍ରମୁଖ ଯୋଗଦେଇ ଥିଲେ। ସମ୍ପାଦକ ଗୋପାଳ ଷାଣ୍ଡ ବାର୍ଷିକ ଆୟ ବ୍ୟୟ ବିବରଣୀ ପ୍ରଦାନ କରିଥିଲେ ଓ ତାହା ସର୍ବସମ୍ମତି କ୍ରମେ ଅନୁମୋଦନ ହୋଇଥିଲା। ବୈଠକରେ ସମିତିର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ସହ ସମ୍ପାଦକ ରାଜେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସୌଖୀନ କଳାକାର ସଂଘରେ ଶ୍ରଦ୍ଧାଞ୍ଜଳି ସଭା

**ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ):** ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ତଥା ଅଭିନେତା ସ୍ୱର୍ଗତ ସାଧୁ ମେହେରଙ୍କ ଉଦ୍ଦେଶ୍ୟରେ ବରଗଡ଼ ସୌଖୀନ କଳାକାର ସଂଘରେ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୨ମିନିଟ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସଭ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ନେହେରୁ ସରାଫ, ଗୋପାଳକୃଷ୍ଣ ଦାଶ, ଅଶ୍ୱିନୀ ପଣ୍ଡା, ପ୍ରଭାସ ରଞ୍ଜନ ମହଲାଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

# ବ୍ଲକ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା



ବ୍ଲକ ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଏହି ଅବସରରେ ତାଙ୍କୁ ବରଗଡ଼ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସମ୍ବର୍ଦ୍ଧନା ସମାରୋହରେ ରୁହୁଣିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ ପ୍ରଧାନ, ଧାଙ୍ଗେର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପ୍ରଧାନ, ଶିକ୍ଷକ ଲବ ସାହୁ, ସନ୍ତୋଷ ଷଡ଼ଙ୍ଗୀ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମିଳିତ ପ୍ରୟାସରେ ବରଗଡ଼ ଗୋଷ୍ଠୀ ଶିକ୍ଷା ବିଭାଗକୁ ରାଜ୍ୟରେ ଏକ ଆଦର୍ଶ ଗୋଷ୍ଠୀ ଶିକ୍ଷା ବିଭାଗରେ ପରିଣତ କରିବାକୁ ବ୍ଲକ ଶିକ୍ଷାଧିକାରୀ ଭୋଇ କହିଥିଲେ।

# ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ ଆରମ୍ଭ

**ବରପାଲି,୭।୨(ଚିତ୍ତରଞ୍ଜନ ସାହୁ)**

ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ବରପାଲିରେ ବୁଧବାର ପୁଣି ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବରପାଲି ତହସିଲଦାର ରୁକ୍ମଣ କୁମାର ମେହେରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତତହସିଲଦାର ହିମାଂଶୁ ଶେଖର ନାଏକ, ସୁପରଭାଇଜର ଟିକେଶ୍ୱର ମଲ୍ଲିକ,ବରପାଲି ରାଜସ୍ୱ ନୀରିକ୍ଷକ ସେବକ ବାଗ, ପ୍ରକାଶ ମିର୍ଦ୍ଧାଙ୍କ ସମେତ ଜାତୀୟ ରାଜପଥର ବିଭାଗୀୟ ଏସଡିଓ, ବରପାଲି ପୋଲିସ ଆଇଆଇସି ଜୟ ରଶ୍ମୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ, ବରପାଲି ବସ୍ତି ରାସ୍ତା ଜବର ଦଖଲ ହୋଇ ଅଣ ଓସାରିଆ ହୋଇଯାଇଛି। ଏନେଇ ବରପାଲି ଶୀତଳ ଷଷ୍ଠୀ ଯାତ୍ରା କମିଟି, ରଥ ଯାତ୍ରା କମିଟି ତଥା ଅନ୍ୟ ବିଭିନ୍ନ ଅନୁଷ୍ଠାନ ଏହି ରାସ୍ତା ଉପରୁ ଜବର ଦଖଲ ହଟାଇବା ପାଇଁ ବହୁ ଦିନରୁ ଦାବି କରି ଆସୁଛନ୍ତି।



ଜେସିବି ସାହାଯ୍ୟରେ ଜବରଦଖଲ ଉଚ୍ଛେଦ କରାଯାଉଛି।

# ଘରଡିହ ପଟ୍ଟା ପାଇଁ ଜିଲାପାଳଙ୍କୁ ଫେରାଦ

**ବରଗଡ଼,୭।୨(ପ୍ରେମାନନ୍ଦ ଖମାରୀ)**



ଘରଡିହ ପଟ୍ଟା ଦାବିରେ ଅତିରିକ୍ତ ଜିଲାପାଳଙ୍କ ସହିତ ଆଲୋଚନା ।

ବରଗଡ଼ ସଦର ବ୍ଲକ ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ପିପିଲିପାଲି ଟିକ୍ରାପଡ଼ାର ଭୂମିହୀନମାନେ ଘରଡ଼ିହ ପଟ୍ଟା ଦାବିରେ ବୁଧବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଦୀର୍ଘ ୫୦ବର୍ଷ ହେଲା ସମ୍ପୃକ୍ତ ଭୂମିହୀନମାନେ ପିପିଲିପାଲି ଟିକ୍ରାପଡ଼ାରେ ବସବାସ କରିଆସୁଛନ୍ତି। ଆର୍ଥିକ ପରିସ୍ଥିତି ଯୋଗୁ ସେମାନଙ୍କ ପକ୍ଷରେ ଘରଡ଼ିହ କିଣିବା ସମ୍ଭବ ନୁହେଁ। ଫଳରେ ସେମାନେ ୨୦୧୫ରୁ ସରକାରୀ ଯୋଜନାରେ ଘରଡ଼ିହ ଜମିପଟ୍ଟା ଦେବା ପାଇଁ ପ୍ରଶାସନଠାରେ ଆବେଦନ କରିଆସୁଛନ୍ତି। ଏପରିକି ଗତବର୍ଷ ଜୁନ ମାସ ୨୬ତାରିଖ଼ୀ ୫-ଟି ଚେୟାରମ୍ୟାନ ଭି. କେ. ପାଣ୍ଡିଆନ ବରଗଡ଼ ଗସ୍ତରେ ଆସିଥିବାବେଳେ ସେ ନେଇ ଭୂମିହୀନମାନେ ତାଙ୍କୁ ଦରଖାସ୍ତ କରିଥିଲେ। ଏହାପରେ ସେମାନଙ୍କୁ ଘରଡ଼ିହ ଜମିପଟ୍ଟା ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା ସେମାନଙ୍କ ପାଖକୁ ପହଞ୍ଚି ନ ଥିବା ଭୂମିହୀନମାନେ ଅଭିଯୋଗ କରିଛନ୍ତି ।

ଅନ୍ୟପଟେ ସମ୍ପୃକ୍ତ ଭୂମିହୀନମାନଙ୍କୁ ନେଇ ଚାଷୀନେତା ରମେଶ ମହାପାତ୍ର, ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଅତିରିକ୍ତ ଜିଲାପାଳ ବେହେରାଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନାବେଳେ ବରଡ଼ୋଲ ପଞ୍ଚାୟତର ୩୧୦ଜଣ ଘରଡ଼ିହ ପଟ୍ଟା ପାଇଁ ଆବେଦନ କରିଥିବା ଏବଂ ସେମାନଙ୍କ ମଧ୍ୟରୁ ୨୬୦ଜଣ ଘରଡ଼ିହ ପଟ୍ଟା ପାଇଁ ଯୋଗ୍ୟ ବୋଲି ଜଣାପଡ଼ିଥିଲା । ଏହାପରେ ସେମାନେ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ଆସନ୍ତା ୨୦ତାରିଖ ସୁଦ୍ଧା ସମ୍ପୃକ୍ତ ଯୋଗ୍ୟ ହିତାଧିକାରୀମାନେ ଘରଡ଼ିହ ଜମିପଟ୍ଟା ପାଇବେ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ ବୋଲି ଚାଷୀନେତା ମହାପାତ୍ର ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଯୁବକ ମୃତ

**ପାଇକମାଳ, ୭।୨(ବଡ ଶତପଥି):** ବରଗଡ ଜିଲା ପାଇକମାଳ ବ୍ଲକ କେରେମେଲାବାହଲ ପଞ୍ଚାୟତ ଗୋଇବାହାଲି ଠାରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଯୁବକଙ୍କ ମୃତ ଘଟିଛି। ମୃତକ ହେଲେ ପାଇକମାଳ ଥାନା ରସମୁଣ୍ଡା ଗ୍ରାମର ରାଜୁ ବାଗ (୨୫) ଓ ଭେଙ୍ଗରାଜପୁର ଗ୍ରାମର ଖଗେଶ୍ୱର ରଣା (୩୮)। ପାଇକମାଳ ପୋଲିସ କେଶ (ନଂ ୨୮/୨୪)ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁଯାୟୀ, ମୃତକ ଦ୍ୱୟ ଗୋଇବାହାଲିରେ ଚାଲୁଥିବା ଧନୁଯାତ୍ରା ଦେଖିବାକୁ ଯାଇଥିଲା। ସେଠାରୁ ଖାଇବା ପାଇଁ ଭୋଜନ କେନ୍ଦ୍ରକୁ ଯାଉଥିବା ବେଳେ ରାସ୍ତାରେ ଗୋଟିଏ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳେ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ପଦ୍ମପୁର ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିଲା। ରାଜୁର ୧୧ ଦିନ ତଳେ ଗୋଟିଏ ନବ ଜାତ ଶିଶୁ ଜନ୍ମ ହୋଇଛି। ତେଣୁ ତାଙ୍କ ପରିବାରକୁ କିଛି ସାହାଯ୍ୟ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କନସିଂହା, ଚଣ୍ଡୀପାଲିକୁ ପାନୀୟ ଯୋଗାଣ ଦାବି

**ପଦ୍ମପୁର,୭।୨ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଅଙ୍ଗ ନଦୀରୁ କନସିଂହା ଓ ଚଣ୍ଡିପାଲିକୁ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟର ଓଭର ହେଡ ପାଇପ ପ୍ରକଳ୍ପ ୨୦୨୩ଜୁଲାଇରୁ ଶେଷ ହୋଇଛି। ହେଲେ ଅଦ୍ୟାବଧି ପାଣି ଯୋଗାଣ କରାଯାଇନାହିଁ। ଜିଲାପାଳଙ୍କ ଜନଶୁଣାଣି ଶିବିରରେ ୨ଥର ଅଭିଯୋଗ କରାଯାଇଥିଲା। ଜିଲାପାଳ ସଂପୃକ୍ତ ଅଧିକାରୀଙ୍କୁ ତାଗିଦ କରିଥିଲେ।



ଶିବିରରେ ଉପସ୍ଥିତ ଅଧିକାରୀ ଓ ପ୍ରଶିକ୍ଷାର୍ଥୀ।

# ମହୁଚାଷ ଉଦ୍ୟୋଗୀ ସୃଷ୍ଟି ପାଇଁ ପ୍ରୟାସ

**ମହୁମାଛି ପାଳନ ଶୀର୍ଷକ ୭ ଦିନିଆ କୌଶଳ ବିକାଶ ତାଲିମ ଶିବିର**

**ସୁନ୍ଦରଗଡ,୭।୨(ଜୟ ନାରାୟଣ ମେଣ୍ଡୁଲି)**

କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼-୧ ଦ୍ୱାରା ଜାତୀୟ ମହୁମାଛି ବୋର୍ଡ ପ୍ରାୟୋଜିତ ମହୁମାଛି ପାଳନ ଶୀର୍ଷକ ୭ ଦିନିଆ ଆବାସିକ କୌଶଳ ବିକାଶ ତାଲିମ କାର୍ଯ୍ୟକ୍ରମ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାନୁଆରୀ ୩୦ରୁ ଫେବୃଆରୀ ୫ ପର୍ଯ୍ୟନ୍ତ ଆୟୋଜିତ ଏହି ତାଲିମ ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪୫ ଜଣ ଆଗ୍ରହୀ ଅଗ୍ରଣୀଚାଷୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ଓୟୁଏଟିର ପ୍ରାକ୍ତନ ପ୍ରଫେସର ଡ. ଚିତ୍ତରଞ୍ଜନ ଶତପଥି, କୋରାପୁଟର ମହୁଚାଷ ଉଦ୍ୟୋଗୀ ନିତାଇ ଚରଣ ଦଳାଇ, ପୁରୀର ଅନୁଭବୀ ମହୁଚାଷୀ କୃତ୍ତିବାସ ସ୍ୱାଇଁ (ଅନଲାଇନ୍ ମାଧ୍ୟମରେ), ପ୍ରସନ୍ନ କୁମାର ପଟେଲ, ବିରଞ୍ଚି ନାୟକ ପ୍ରମୁଖ ତାଲିମ ପ୍ରଦାନ କରିବା ସହିତ ପ୍ରାକ୍ଟିକାଲ ମାଧ୍ୟମରେ ସେମାନଙ୍କୁ ଚାଷ କୌଶଳ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଆଶିଷ କୁମାର ମହାନ୍ତି, ଡ. ମନୋଜ କୁମାର ଜେନା, ଡେଭିଡ ଜେମସ୍ ବାଗେ, ଡ. ଦ୍ୱିବେନ୍ଦୁ ମଣ୍ଡଳ, ଆଞ୍ଚଳିକ ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସୀ, କାର୍ଯ୍ୟକ୍ରମ ସହାୟକ ବିଦ୍ୟାଧର ଟୁଡ୍ଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ପ୍ରଦାନ କରିବା ସହିତ ଜିଲାରେ କିପରି ବହୁ ମହୁଚାଷ ଉଦ୍ୟୋଗୀ ସୃଷ୍ଟି କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ସ୍ଥାନୀୟ ମହୁଲପାଲିସ୍ଥିତ କୌଶିକ ନାଏକ କରିଥିବା ମହୁଚାଷ ଫାର୍ମକୁ ପରିଭ୍ରମଣରେ ନିଆଯାଇଥିଲା। ଶେଷ ଦିବସରେ ମୁଖ୍ୟ ଜିଲା କୃଷି ଅଧିକାରୀ ହରିହର ନାଏକ, ଉପ-ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁକାନ୍ତ କୁମାର ନାଏକ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ବିଷୟରେ କହିବା ସହିତ ମହୁଚାଷକୁ ଉଦ୍ୟୋଗ ହିସାବରେ କରିବାପାଇଁ ଉତ୍ସାହିତ କରିଥିଲେ। ଶେଷରେ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁସ୍ତିକା, ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମଗ୍ର ତାଲିମ୍ ଶିବିରକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ ସୁଚାରୁରୂପେ ପରିଚାଳନା କରିଥିଲେ। କେନ୍ଦ୍ରର କମ୍ପ୍ୟୁଟର ପୋଗ୍ରାମର ଅରୁଣ କୁମାର ମିଶ୍ର, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଜିତେନ୍ଦ୍ର ସେଠି, ଭ୍ରମରବର ସା ଓ ଗଜାନନ ଛନ୍ଦ ଇତ୍ୟାଦି ସହଯୋଗ କରିଥିଲେ।

## ମାହେଶ୍ୱରୀ ମହାବିଦ୍ୟାଳୟର ଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ

**ସୁନ୍ଦରଗଡ,୭।୨(ଜୟ ନାରାୟଣ ମେଣ୍ଡୁଲି)**



ଶିକ୍ଷାର ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଛନ୍ତି ଟାଙ୍ଗରପାଲି ବ୍ଲକ ଅଲେଇକେରା ସରକାରୀ ଏସଏସଡି ହାଇସ୍କୁଲର ଛାତ୍ରୀ ରୋହିଣୀ ଲୋହରାସା। ହୁର୍ମେଇ ବାସିନ୍ଦା ସନ୍ତୋଷ ଲୋହ ଦାସ ଓ ମୁନୀଙ୍କ କନ୍ୟା ରୋହିଣୀ ମାଟ୍ରିକ ପରୀକ୍ଷାରେ ୫୪୦ ମାର୍କର ରଖି ସ୍କୁଲ ତଥା ନିଜ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏବେ ସେ ମୁଖ୍ୟମନ୍ତ୍ରୀ ପୁରସ୍କାର ଲାଭ କରି ଶିକ୍ଷାର ମହତ୍ତ୍ୱକୁ ବଢାଇ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ବର୍ତ୍ତମାନ ସେ ସୁନ୍ଦରଗଡ ଶଙ୍କରା ସ୍ଥିତ ମାହେଶ୍ୱରୀ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ଅପିସିବିଆଇଟି ରଖି ଅଧ୍ୟୟନ କରୁଛନ୍ତି। ଭବିଷ୍ୟତ ରେଫରୀ ସେ ଜଣେ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଓ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କ ପ୍ରଶଂସାର ପାତ୍ର ହୋଇଛନ୍ତି।

## ଝାରସୁଗୁଡ଼ାରେ ଟିପିଡବ୍ଲ୍ୟୁଓଡିଏଲ୍‌ର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କରାଯାଉଛି।

**ସମ୍ବଲପୁର,୭।୨(ବି.ଶଙ୍କର)**

ଅଗ୍ରଣୀ ବିଦ୍ୟୁତ୍ ବିତରଣ କମ୍ପାନୀ ଭାବେ ଟିପିଡବ୍ଲ୍ୟୁଓଡିଏଲ୍ ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମିର ରୂପାନ୍ତରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛି। ଏହି କ୍ରମରେ କମ୍ପାନୀ ଝାରସୁଗୁଡ଼ା ଜିଲାରେ ଏକ ନୂତନ ଡିଭିଜନ କାର୍ଯ୍ୟାଳୟ ଗୃହ ନିର୍ମାଣ କରିଛି। କମ୍ପାନୀର ପ୍ରସାରଣ ଓ ବଣ୍ଟନ ବିଭାଗ ସଭାପତି ସଞ୍ଜୀୟ ବାଙ୍ଗା ବୁଧବାର ଏହି ଗୃହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସଞ୍ଜୀୟ କହିଥିଲେ, ଏହି କାର୍ଯ୍ୟାଳୟ ଗୃହକୁ ଆଧୁନିକ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି, ଯାହା କର୍ମଚାରୀଙ୍କୁ ମୌଳିକ ସୁବିଧା ପ୍ରଦାନ ସହ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଘଟାଇବ। ଫଳରେ ଜିଲାରେ ଗ୍ରାହକ ସେବା ଅଧିକ ଉନ୍ନତ ହେବ। ଉପଭୋକ୍ତାମାନେ ଲାଭବାନ ହୋଇପାରିବେ। ଭବିଷ୍ୟତରେ କମ୍ପାନୀ ପକ୍ଷରୁ ଆହୁରି ବିକାଶମୂଳକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଗଜାନନ କହିଥିଲେ, ଝାରସୁଗୁଡା ଜିଲା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର କେନ୍ଦ୍ର। ଶିଳ୍ପ ସଂସ୍ଥାଗୁଡିକୁ ମଜବୁତ କରିବା ଆମର ପ୍ରାଥମିକ ପ୍ରୟାସ ରହିଆସିଛି ।

## କୁଆଁରମୁଣ୍ଡାରେ ରାହୁଲଙ୍କୁ ଭବ୍ୟ ସ୍ୱାଗତ

**କୁଆଁରମୁଣ୍ଡା,୭।୨(ମହେନ୍ଦ୍ର କୁମାର ସାହୁ)**

ବୁଧବାର ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା ରାମପାଲ ଛକରୁ ବାହାରି କୁଆଁରମୁଣ୍ଡା ବାଇପାସ ରୋଡରେ ସକାଳ ୯ଟାରେ ପହଞ୍ଚିଥିଲା। ସେଠାରେ ରାହୁଲଙ୍କୁ କୁଆଁରମୁଣ୍ଡାବାସୀ ଭବ୍ୟ ସ୍ୱାଗତ କରିଥିଲେ। ପୂର୍ବତନ ବିଧାୟକ ରେମିଶ୍ କେରକେଟାଙ୍କ ନେତୃତ୍ୱରେ ଶତାଧିକ କୁଆଁରମୁଣ୍ଡାବାସୀ ବାଇପାସ୍ ରୋଡରେ ଏକତ୍ରିତ ହୋଇ ରାହୁଲ ଗାନ୍ଧୀଙ୍କ କାରକେଡ୍ ଅଟକାଇ ତାଙ୍କୁ ସ୍ୱାଗତ କରିବା ସହ ହାତ ମିଳାଇ କଂଗ୍ରେସ ଦଳର ଜୟ ଜୟ କାର କରିଥିଲେ।

## ସ୍ୱାଧୀନତା ସଂଗ୍ରାମରେ ବାମପନ୍ଥୀଙ୍କ ଭୂମିକା ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ବକ୍ତାଗଣ।

**ରାଉରକେଲା,୭।୨(ସଙ୍ଗୀତା ଜେନା)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ 'ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବାମପନ୍ଥୀମାନଙ୍କ ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଭଞ୍ଜଭବନସ୍ଥିତ ଆଦର୍ଶ ପାଠାଗାରଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ବିଶ୍ୱ ଶିକ୍ଷକ ମହାସଂଘ ସଭାପତି ତଥା ପୂର୍ବତନ ଅତିରିକ୍ତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରଫେସର ଡ. ଅମିୟ ମହାନ୍ତି ଓ ଐତିହାସିକ ଡ. ପ୍ରଭାତ ମଲ୍ଲିକ ପ୍ରମୁଖ ଆଲୋଚକ ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ବାମପନ୍ଥୀମାନଙ୍କ ଅବଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଐତିହାସିକ ସଂଗ୍ରାମରେ ବହୁ କମ୍ୟୁନିଷ୍ଟ ନେତା ବ୍ରିଟିଶମାନଙ୍କ ଗୁଳିରେ ଶହୀଦ ହୋଇଛନ୍ତି। ବର୍ଷ ବର୍ଷ ଧରି ଜେଲ୍ ଜୀବନ ବିତାଇଛନ୍ତି। ବ୍ରିଟିଶମାନେ କାନପୁର, ପେସୱାର ଓ ମିରଟ ମକଦ୍ଦମାରେ ଅନେକ କମ୍ୟୁନିଷ୍ଟ ନେତାଙ୍କୁ ମିଥ୍ୟା ମକଦ୍ଦମାରେ ଜେଲ ପଠାଇଥିଲେ ମଧ୍ୟ ବାମପନ୍ଥୀମାନେ ଦବି ନ ଯାଇ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ତୀବ୍ର କରିଥିଲେ। ଭାରତର ରାଜନୈତିକ ସ୍ୱାଧୀନତା ସହ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସ୍ୱାଧୀନତା ପାଇଁ କମ୍ୟୁନିଷ୍ଟମାନେ ସଂଗ୍ରାମ ଜାରି ରଖିଥିଲେ। ସାମ୍ପ୍ରତିକ ପରିସ୍ଥିତରେ କେନ୍ଦ୍ର ସରକାର ଇତିହାସକୁ ବଦଳାଇ ଦେଇ ସଂଗ୍ରାମର ପରମ୍ପରାକୁ ଜନମାନସରୁ ଲିଭେଇ ଦେବା ପାଇଁ ଉଦ୍ୟମ କରୁଥିଲେ ମଧ୍ୟ ତାହା ସଫଳ ହେବ ନାହିଁ ବୋଲି ବକ୍ତାଦ୍ୱୟ ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ସଦାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ବ୍ରିଟିଶମାନଙ୍କୁ ସହଯୋଗ କରି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ କାମ କରିଥିବା ନେତୃତ୍ୱର ବଂଶଧରମାନେ ଆଜି ରାଷ୍ଟ୍ରଭକ୍ତ କହିବା ହାସ୍ୟାସ୍ପଦ। ଆଗମୀ ପିଢି ସେମାନଙ୍କୁ କେବେ କ୍ଷମା ଦେବନାହିଁ ବୋଲି ସାହୁ କହିଥିଲେ। ସହ ସମ୍ପାଦକ ସୁନିଲ କୁମାର ନାଏକ ସଭାପତିତ୍ୱ କରିଥିଲେ। ସିପିଏମ୍‌ର ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ପ୍ରଗତିଶୀଳ କବି ଆର୍ତ୍ତତ୍ରାଣ ମହାପାତ୍ର ବିପ୍ଳବୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ବିମାନ ମାଇତି, ବୈଦନାଥ ଦାସ, ଅକ୍ଷୟ ସାମଲ, ବ୍ରଜେନ୍ଦ୍ର ଦାସ, ବିଚିତ୍ରାନନ୍ଦ ସାହୁ, ରମେଶ ସେଠୀ, କୃତିବାସ ନାୟକ, ନୀଳମାଧବ ସାହୁ, ଶଶଧର ପାତ୍ର, ଶାନ୍ତନୁ ଦାସ ପ୍ରମୁଖ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଦଶରୁ କିଷାନ, ବାପିନା ବେହେରା, ପଞ୍ଚାନନ ସୁନା, ଅପର୍ଣ୍ଣା ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

## ମନ୍ତ୍ରୀଙ୍କ ସହ ଆଲୋଚନା କଲେ ବିଧାୟିକା


ମନ୍ତ୍ରୀଙ୍କ ସହ ଆଲୋଚନା ଅବସରରେ ବିଧାୟିକା ଓ ଅନ୍ୟମାନେ।

**ବ୍ରଜରାଜନଗର,୭।୨(ବିଜୟ ବରାଡ଼)**

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ବୁଧବାର ଭୁବନେଶ୍ୱରଠାରେ ବିଧାୟିକା ଅଳକା ମହାନ୍ତି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଓ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ସାକ୍ଷାତ କରି ଆଲୋଚନା କରିଥଲେ। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ସମସ୍ତ ଡାକ୍ତରଖାନାରେ ଉନ୍ନତ ସେବା ପାଇବା ପାଇଁ ସେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ବେଲପାହାଡ଼ ବାଇପାସ୍ ରାସ୍ତା ଓ ଆର୍‌ଓବି କାମ ଆରମ୍ଭ କରିବା ପାଇଁ ଅନୁରୋଧ କରିଥିଲେ। ବିଧାୟିକାଙ୍କ ସହ ଶ୍ୟାମସୁନ୍ଦର ଶତପଥୀ, ଜିଲା ଉପସଭାପତି ଶମ୍ଭୁ ମହାନ୍ତି ଓ ଟାଉନ ସଭାପତି କୈଳାସ ନାଏକ ଉପସ୍ଥିତ ଥିଲେ।

## ୨୦ ଛାତ୍ରୀଛାତ୍ରଙ୍କୁ ମାଗଣା ଚଷମା ବଣ୍ଟନ



**ସୁନ୍ଦରଗଡ଼,୭।୨(ଜୟ ନାରାଜ ମେଣ୍ଡୁଲି)**

ସ୍ଥାନୀୟ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ଅନୁକୂଲ୍ୟରେ ଉକ୍ତ ବିଦ୍ୟାଳୟର ୨୦ଜଣ ଛାତ୍ରୀଛାତ୍ରଙ୍କୁ ବୁଧବାର ଚଷମା ବଣ୍ଟନ କରାଯାଇଛି। ସୁନ୍ଦରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଲାଳିମା ଗ୍ଲୋରିଆ ଡୁଙ୍ଗ ଡୁଙ୍ଗଙ୍କ ପୌରହିତ୍ୟରେ ଏହି ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଶିବିରରେ ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ, ଜିଲା ଭିନ୍ନକ୍ଷମ ଶିକ୍ଷା ସଂଯୋଜକ ଅମାତ୍ୟ ପ୍ରଧାନ, ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ର ଶେଖର ସା, ବ୍ଲକ ସାଧନ ଶିକ୍ଷକ ଭିଭିଗିରି ସୁନା, ଆଞ୍ଚଳିକ କେନ୍ଦ୍ର ସଂଯୋଜକ ଅଶ୍ୱିନୀ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତାକଡ଼ ଜବରଦଖଲ ଉଚ୍ଛେଦ ଆରମ୍ଭ

**ବରପାଲି,୭।୨(ଚିତ୍ତରଞ୍ଜନ ସାହୁ)**

ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ବରପାଲିରେ ବୁଧବାର ପୁଣି ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବରପାଲି ତହସିଲଦାର ରୁକ୍ମଣ କୁମାର ମେହେରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତତହସିଲଦାର ହିମାଂଶୁ ଶେଖର ନାଏକ, ସୁପରଭାଇଜର ଟିକେଶ୍ୱର ମଲ୍ଲିକ,ବରପାଲି ରାଜସ୍ୱ ନୀରିକ୍ଷକ ସେବକ ବାଗ, ପ୍ରକାଶ ମିର୍ଦ୍ଧାଙ୍କ ସମେତ ଜାତୀୟ ରାଜପଥର ବିଭାଗୀୟ ଏସଡିଓ, ବରପାଲି ପୋଲିସ ଆଇଆଇସି ଜୟ ରଶ୍ମୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ, ବରପାଲି ବସ୍ତି ରାସ୍ତା ଜବର ଦଖଲ ହୋଇ ଅଣ ଓସାରିଆ ହୋଇଯାଇଛି। ଏନେଇ ବରପାଲି ଶୀତଳ ଷଷ୍ଠୀ ଯାତ୍ରା କମିଟି, ରଥ ଯାତ୍ରା କମିଟି ତଥା ଅନ୍ୟ ବିଭିନ୍ନ ଅନୁଷ୍ଠାନ ଏହି ରାସ୍ତା ଉପରୁ ଜବର ଦଖଲ ହଟାଇବା ପାଇଁ ବହୁ ଦିନରୁ ଦାବି କରି ଆସୁଛନ୍ତି।

## ବଡପଡ଼ା ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ


ବିଇଓ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ବଡ଼ଗାଁ,୭।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ରୁନଗା ପଞ୍ଚାୟତ ବଡପଡା ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ମୁଖ୍ୟ ଅତିଥି ଓ ବରଗାଁକଛାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା, ସିଙ୍ଗାରମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଶିଧର ସୁନ୍ୟାନି, ସିଆର୍‌ସିସି କୌଶଲ୍ୟା ରଣା, ବଡପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଙ୍କୁନି ସୁନ୍ୟାନି ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ବିତରଣ କରିଥିଲେ। ବିଇଓ ଶାନ୍ତି ମୁନି ସୁରେଖା ହରୋ ଛାତ୍ରୀଛାତ୍ର ଭବିଷ୍ୟତ ଗଠନ ପାଇଁ ପାଠ ପଢାରେ ମନ ଦେବା ସହିତ ଖେଳକୁଦ କରିବାକୁ ବୁଝାଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଗାଡ଼ି ଧକ୍କାରେ କଲେଜ କର୍ମଚାରୀଙ୍କ ମୃତ୍ୟୁ

**ଭାରିଯାନ ଚଳାଚଳ ବନ୍ଦ ଦାବିରେ ରାସ୍ତା ଅବରୋଧ**

**ସୁନ୍ଦରଗଡ,୭।୨(ଜୟ ନାରାୟଣ ମେଣ୍ଡୁଲି)**



ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ରେମଣ୍ଡା ଛକରେ ମଙ୍ଗଳବାର ଅଜଣା ଗାଡିଧକ୍କାରେ ଜଣେ କଲେଜ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଙ୍ଗସପୁର ଗ୍ରାମର ଯୋଗେଶ୍ୱର ନାଏକ (୩୨)। ବୁଧବାର ସକାଳେ ଉତ୍ତ୍ୟକ୍ତ ସ୍ଥାନୀୟ ଲୋକଙ୍କ ସହିତ କଲେଜ ଛାତ୍ରୀଛାତ୍ର ଅଧ୍ୟାପିକା,ଅଧ୍ୟାପକ, ଜନ ପ୍ରତିନିଧି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଭାରୀଯାନ ଚଳାଚଳ ଯୋଗୁ ବାରମ୍ବାର ଏଠାରେ ଦୁର୍ଘଟଣା ବଢୁଛି। ତେଣୁ ଏହି ରାସ୍ତାରେ ଭାରିଯାନ ଚଳାଚଳକୁ ବନ୍ଦ ସହ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ସହାୟତା ରାଶି ସହିତ ପରିବାରର ଜଣଙ୍କୁ ନିଯୁକ୍ତ ଦାବି କରି ରାସ୍ତା ଅବରୋଧ କରାଯାଇଥିଲା। ଅବରୋଧ ସ୍ଥଳକୁ ଟାଙ୍ଗରପାଲି ତହସିଲଦାର ରାଜୀବ ହାଁସଦା, ସଦରମହକୁମା ଏସ୍‌ଡିପିଓ ହିମାଂଶୁ ବେହେରା, ଭଶ୍ମା ଥାନା ପୋଲିସ, ଅନ୍ୟ ଅଧିକାରୀ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ ଜିଲା ରେଡକ୍ରସ ପାଣ୍ଠିରୁ ସହାୟତା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାତି ପ୍ରାୟ୧୦ରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ମୃତକ ଯୋଗେଶ୍ୱର ଯଶୋଦା ବିଷ୍ଣୁ ଡିଗ୍ରୀ କଲେଜ ସରଧାପାଲିର କର୍ମଚାରୀ। ସେ ଆଉ ଜଣେ କର୍ମଚାରୀ ଉତ୍କଳ ସେଟଙ୍କ ସହିତ ଭୁବନେଶ୍ୱରରୁ ଦାବି ପତ୍ରଦେଇ ଝାରସୁଗୁଡ଼ାରୁ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଅନ୍ୟ ଜଣେ ଗୁରୁତରଙ୍କୁ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଦେବଗଡ଼,୭।୨ (ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଲୁହରସ୍ଥିତ ସୁବାସ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ସେଠଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ନରେଶ ଶଙ୍କର ହଂସ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପକ ନେତ୍ରାନନ୍ଦ ଜୟପୁରିଆ, ହିରଣ୍ମୟ ନନ୍ଦ ଓ କ୍ରୀଡା ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ ସକ୍ରୀୟ ସହଯୋଗ କରିଥିଲେ। ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ଭାବେ ଦୀପା ବିଶ୍ୱାଳ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

### ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼,୭।୨ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କର୍ଣ୍ଣଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷା ରଞ୍ଜିତା ନନ୍ଦ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିବା ସହ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ତଥା ଆତ୍ମ ସୁରକ୍ଷା ତାଲିମ ସଂଯୋଜକ ଧବଳେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୮ ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ଭାବେ ପ୍ରିୟଙ୍କା ନାୟକ ଯୋଗଦେଇ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ପଲ୍ଲୀ ସେବକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସୌଖୀନ କଳାକାର ସଂଘରେ ଶ୍ରଦ୍ଧାଞ୍ଜଳି ସଭା

ବରଗଡ଼,୭।୨ (ପ୍ରେମାନନ୍ଦ ଖମାରୀ)

ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ, ପ୍ରଯୋଜକ ତଥା ଅଭିନେତା ସ୍ୱର୍ଗତ ସାଧୁ ମେହେରଙ୍କ ଉଦ୍ଦେଶ୍ୟରେ ବରଗଡ଼ ସୌଖୀନ କଳାକାର ସଂଘରେ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ୨ମିନିଟ ନିରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ସଂଘର ସଭ୍ୟ ପୂର୍ଣ୍ଣଚନ୍ଦ୍ର ଦାଶ, ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ନେହେରୁ ସରାଫ, ଗୋପାଳକୃଷ୍ଣ ଦାଶ, ଅଶ୍ୱିନୀ ପଣ୍ଡା, ପ୍ରଭାସ ରଞ୍ଜନ ମହଲାଙ୍କ ସମେତ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।

# ହିତାଧିକାରୀଙ୍କ ମୃତ୍ୟୁଜନିତ ସହାୟତା ରାଶି ଆତ୍ମସାତ୍

ଦେବଗଡ଼,୭।୨ (ଶଶାଙ୍କ ଶେଖର ଝାଙ୍କର)

**୫-ଟି ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କଲେ ହିତାଧିକାରୀ**

ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ କିସାନ ଗୟଳମରା ଗ୍ରାମର ଜଣେ ଆଦିବାସୀ ହିତାଧିକାରୀଙ୍କଠାରୁ ଶ୍ରମ ବିଭାଗ ପକ୍ଷରୁ ମିଳିଥିବା ମୃତ୍ୟୁ ଜନିତ ସହାୟତା ରାଶି ହଡ଼ପ ହୋଇଛି। ଏ ନେଇ ହିତାଧିକାରୀ ଝସକେତନ କିଷାନ ମଙ୍ଗଳବାର ଭୁବନେଶ୍ୱରଠାରେ ୫-ଟି ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପତ୍ରର ଏକ ନକଲ ବାରକୋଟ ଥାନା ଅଧିକାରୀ, ଜିଲା ଆରକ୍ଷୀ ଅଧିକ୍ଷକ ଦେବଗଡ ଜିଲାପାଳ, ଭୁବନେଶ୍ୱରସ୍ଥିତ ଇଡି, ଓଡ଼ିଶା ସରକାରଙ୍କ ଶ୍ରମ ମନ୍ତ୍ରୀ ଓ ଭୁବନେଶ୍ୱର ସ୍ଥିତ ଆଇଟି ସେଲକୁ ପ୍ରେରଣ କରିଛନ୍ତି।

କିଷାନଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ତ୍ରୀ ବୈଦେହୀ କିଷାନଙ୍କର ୨୦୨୩ ଅଗଷ୍ଟ ୨୩ରେ କ୍ୟାନସର ରୋଗରେ ମୃତ୍ୟୁ ଘଟିଥିଲା। ଏକଥା ଜାଣିବା ପରେ ନିକଟସ୍ଥ କଳା ଗ୍ରାମର ସୁଜିତ କୁମାର ସାହୁ ଓ କିଷାନ ଗୟଳମରା ଗ୍ରାମର ଭରତ କିଷାନ ତାଙ୍କ ଘରକୁ ଆସି ଲେବର କାର୍ଡ ଜରିଆରେ ମିଳୁଥିବା ମୃତ୍ୟୁଜନିତ ସହାୟତା ରାଶିକୁ ଶୀଘ୍ର କରିଦେବାର ପ୍ରତିଶ୍ରୁତି ଦେଇଥିଲେ। ମୃତାଙ୍କ ଅଧାର କାର୍ଡ ଓ ବ୍ୟାଙ୍କପାସ୍ ବହି ମାଗିଥିଲେ। ଝସକେତନ ଏଥିରେ ବିଶ୍ୱାସ କରି ସେମାନଙ୍କୁ ସମସ୍ତ ପ୍ରମାଣପତ୍ର ଦେଇଥିଲେ। ପରେ ସେମାନେ ଝସକେତନଙ୍କ ନାବାଳକ ସାନପୁଅକୁ ନାନା ପ୍ରଲୋଭନ ଦେଖାଇଥିଲେ। କଳା ଗ୍ରାମରେ ନାବାଳକଙ୍କର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଥିବା ଆକାଉଣ୍ଟ ନେଇ ଟଙ୍କା ମଞ୍ଜୁର କରାଇଥିଲେ। ପରେ ତାଙ୍କୁ ଡାକି ଦସ୍ତଖତ ନେବାସହ ସରକାରଙ୍କ ପକ୍ଷରୁ ମିଳିଥିବା ୨ଲକ୍ଷ ଟଙ୍କାରୁ ୪୫ ହଜାର ଉଠାଇ ନେଇଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଝସକେତନ ବ୍ୟାଙ୍କରେ ପାସ୍‌ବହି ଯାଞ୍ଚ କରିବାରୁ ଉକ୍ତ ଟଙ୍କା ଆତ୍ମସାତ ହୋଇଥିବା ଜାଣିବାକୁ ପାଇଥିଲେ। ଏହି ଟଙ୍କା ଫେରସ୍ତ କରିବାକୁ ସେ ସୁଜିତ ଓ ଭରତଙ୍କୁ କହିଥିଲେ। ସେମାନେ ଏହି ଟଙ୍କା ଶୀଘ୍ର ଫେରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଫେରସ୍ତ କରି ନ ଥିଲେ। ଅନ୍ୟନୋପାୟ ହୋଇ ଝସକେତନ ମଙ୍ଗଳବାର ଏନେଇ ଲିଖିତ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ସୁଜିତ ତାଙ୍କ ଘରେ କମ୍ପ୍ୟୁଟର, ଜେରକ୍ସ ମେଶିନ ଓ ବହୁ ସରକାରୀ ଅଧିକାରୀଙ୍କ ଜାଲ ମୋହର ରଖି ଜାଲ୍ ବିବାହ ପ୍ରମାଣପତ୍ର ଓ ମୃତ୍ୟୁ ପ୍ରମାଣପତ୍ର ଆଦି ବହୁ ବେଆଇନ କାର୍ଯ୍ୟ କରୁଥିବା ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏପରିକି ସେ ଦେବଗଡ ଓ ବମ୍ପରଡା ମେଡିକାଲ ଓ ବାରକୋଟ ଏବିଡିଓଙ୍କର ଜାଲ ଦସ୍ତଖତ ବ୍ୟବହାର କରି ଜାଲ ଲେବର କାର୍ଡ, ବିବାହ ପ୍ରମାଣପତ୍ର ଓ ମୃତ୍ୟୁ ପ୍ରମାଣପତ୍ର ବାହାର କରି ବେଆଇନ ଅର୍ଥ ଉପାର୍ଜନ କରୁଥିବା ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଅରୁଣ



@ ସାଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୁଣାପାଣି ଆରଆଇ କାର୍ଯ୍ୟାଳୟ ଘେରିଲା ଜିଲା କୃଷକ ସଂଘର୍ଷ ସଂଘ



ଆରଆଇ କାର୍ଯ୍ୟାଳୟ ଘେରିଲା ଜିଲା କୃଷକ ସଂଘର୍ଷ ସଂଘର କର୍ମକର୍ତ୍ତା।

ଦେବଗଡ଼,୭।୨ (ଶଶାଙ୍କ ଶେଖର ଝାଙ୍କର)

**ଦାବି ପୂରଣରେ ବିଳମ୍ବତା ପ୍ରତିବାଦ**

ଚାଷ ହେଉଥିବା ସରକାରୀ ଜମିର ପଟ୍ଟା ପ୍ରଦାନ, ଭୂମିହିନଙ୍କୁ ଘରଡିହ ପଟ୍ଟା ପ୍ରଦାନ, ଆଦିବାସୀ ଲୋକଙ୍କୁ ଜଙ୍ଗଲ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ, ରେଙ୍ଗାଳି ବାସଚ୍ୟୁତଙ୍କୁ ଜମି ପ୍ରଦାନ ଏବଂ ଜମିର କିସମ ପରିବର୍ତ୍ତନ ଆଦି ୫ ଦଫା ଦାବି ପୂରଣରେ ବିଳମ୍ବତା ଦେଖାଦେଇଛି। ତେଣୁ ଏହାର ପ୍ରତିବାଦରେ ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ବାରକୋଟ ବ୍ଲକ ପୁରୁଣାପାଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ପୁରୁଣାପାଣି ଗ୍ରାମରେ ଏକତ୍ରିତ ହେବାସହ ପୁରୁଣାପାଣି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏଥିସହ ପୁରୁଣାପାଣି ରାଜସ୍ୱ ସର୍କଲ ଅଧିନସ୍ଥ ସମସ୍ତ ଗ୍ରାମରେ ଆଗାମୀ ଏକ ସପ୍ତାହ ମଧ୍ୟରେ ଉପରୋକ୍ତ ଦାବି ପୂରଣ ନିମନ୍ତେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ରାଜସ୍ୱ ନିରୀକ୍ଷକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଗାମୀ ୧୯ ତାରିଖ ଦିନ କୃଷକ ସଂଘର୍ଷ ସଂଘ ପକ୍ଷରୁ ପୁଣିଥରେ ଆନ୍ଦୋଳନ କରାଯିବ ବୋଲି ଲିଖିତ ଚେତାବନୀ ଦେଇଥିଲେ। ଏହି ଘେରାଉରେ ଅନ୍ୟମାନଙ୍କ ମଧ୍ୟରେ ସଂଘର୍ଷ ସଂଘର ସମ୍ପାଦକ ଗୁଣନିଧି ବେହେରା, ଯଶୋବନ୍ତ ସାହୁ, ଗଣେଶ ପାତ୍ର, ଚିଣ୍ଟୁ ବାରିକଙ୍କ ସମେତ କାଦୋପଡା, ଝରାକର୍ଣ୍ଣଲ ଓ କେଲଡା ଗ୍ରାମ ପଞ୍ଚାୟତର ବହୁ ଚାଷୀ ଓ କୃଷକ ନେତା ସାମିଲ ଥିଲେ। ଜିଲା କୃଷକ ସଂଘର୍ଷ ସଂଘର ଅଭିଯୋଗ ଅନୁଯାୟୀ, ୨୦୨୩ ନଭେମ୍ବର ୨୨ରେ ଉପରୋକ୍ତ ୫ ଦଫା ଦାବି ନେଇ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଦେବଗଡ ଜଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦରଖାସ୍ତ ପ୍ରଦାନ କରାଯାଇଥିଲା। ମାତ୍ର ଅଦ୍ୟାବଧି ଦାବି ପୂରଣ ନେଇ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ଜିଲାର ରାଜସ୍ୱ ନିରୀକ୍ଷକମାନେ ଆବେଦନକାରୀଙ୍କ ଦରଖାସ୍ତ ଆଧାରରେ ତଦନ୍ତ ରିପୋର୍ଟ ପ୍ରଦାନରେ ବିଳମ୍ବ କରୁଥିବାରୁ ଏଭଳି ସମସ୍ୟା ଦେଖାଦେଇଛି। ତେଣୁ ଏହାର ପ୍ରତିବାଦରେ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଏଭଳି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିବା ସଂଘର୍ଷ ସଂଘର ସଭାପତି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।

## ଘରଡ଼ିହ ପଟ୍ଟା ପାଇଁ ଜିଲାପାଳଙ୍କୁ ଫେରାଦ

ବରଗଡ଼,୭।୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସଦର ବ୍ଲକ ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ପିପିଲିପାଲି ଟିକ୍ରାପଡ଼ାର ଭୂମିହୀନମାନେ ଘରଡ଼ିହ ପଟ୍ଟା ଦାବିରେ ବୁଧବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ଦୀର୍ଘ ୫୦ବର୍ଷ ହେଲା ସମ୍ପୃକ୍ତ ଭୂମିହୀନମାନେ ପିପିଲିପାଲି ଟିକ୍ରାପଡ଼ାରେ ବସବାସ କରିଆସୁଛନ୍ତି। ଆର୍ଥିକ ପରିସ୍ଥିତି ଯୋଗୁ ସେମାନଙ୍କ ପକ୍ଷରେ ଘରଡ଼ିହ କିଣିବା ସମ୍ଭବ ନୁହେଁ। ଫଳରେ ସେମାନେ ୨୦୧୫ରୁ ସରକାରୀ ଯୋଜନାରେ ଘରଡ଼ିହ ଜମିପଟ୍ଟା ଦେବା ପାଇଁ ପ୍ରଶାସନଠାରେ ଆବେଦନ କରିଆସୁଛନ୍ତି। ଏପରିକି ଗତବର୍ଷ ଜୁନ ମାସ ୨୬ତାରିଖ୍ ୫-ଟି ଚେୟାରମ୍ୟାନ ଭି. କେ. ପାଣ୍ଡିଆନ ବରଗଡ଼ ଗସ୍ତରେ ଆସିଥିବାବେଳେ ସେ ନେଇ ଭୂମିହୀନମାନେ ତାଙ୍କୁ ଦରଖାସ୍ତ କରିଥିଲେ। ଏହାପରେ ସେମାନଙ୍କୁ ଘରଡ଼ିହ ଜମିପଟ୍ଟା ମିଳିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା ସେମାନଙ୍କ ପାଖକୁ ପହଞ୍ଚି ନ ଥିବା ଭୂମିହୀନମାନେ ଅଭିଯୋଗ କରିଛନ୍ତି।

ଅନ୍ୟପଟେ ସମ୍ପୃକ୍ତ ଭୂମିହୀନମାନଙ୍କୁ ନେଇ ଚାଷୀନେତା ରମେଶ ମହାପାତ୍ର, ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଅତିରିକ୍ତ ଜିଲାପାଳ ବେହେରାଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନାବେଳେ ବରଡ଼ୋଲ ପଞ୍ଚାୟତର ୩୧୦ଜଣ ଘରଡ଼ିହ ପଟ୍ଟା ପାଇଁ ଆବେଦନ କରିଥିବା ଏବଂ ସେମାନଙ୍କ ମଧ୍ୟରୁ ୨୬୦ଜଣ ଘରଡ଼ିହ ପଟ୍ଟା ପାଇଁ ଯୋଗ୍ୟ ବୋଲି ଜଣାପଡ଼ିଥିଲା। ଏହାପରେ ସେମାନେ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ଆସନ୍ତା ୨୦ତାରିଖ ସୁଦ୍ଧା ସମ୍ପୃକ୍ତ ଯୋଗ୍ୟ ହିତାଧିକାରୀମାନେ ଘରଡ଼ିହ ଜମିପଟ୍ଟା ପାଇବେ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ ବୋଲି ଚାଷୀନେତା ମହାପାତ୍ର ସୂଚନା ଦେଇଛନ୍ତି।

## ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ସଡକ ସୁରକ୍ଷା ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବରିଷ୍ଠ ନାଗରିକ।

ସମ୍ବଲପୁର,୭।୨ (ବି.ଶଙ୍କର)

ସମ୍ବଲପୁରସ୍ଥିତ ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଗୋଲବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ହୋତାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ମହା ବିପତ୍ତି ହେବା ପୂର୍ବରୁ ସମସ୍ତ ଗାଡି ଚାଳକନିଜକୁ ସୁରକ୍ଷିତ ମନେ କରନ୍ତୁ ବୋଲି ବରିଷ୍ଠ ନାଗରିକମାନେ ପ୍ଲାକାର୍ଡ ଧରି ସଚେତନ ସୃଷ୍ଟି କରିଥିଲେ। ଟ୍ରାଫିକ ନିୟମ ଆମେ ମାନିବା, ନିଜକୁ ଓ ଅନ୍ୟକୁ ସୁରକ୍ଷାଦେବା, ମୋ ସୁରକ୍ଷା ମୋ ପରିବାରର ସୁରକ୍ଷା, ଦୁର୍ଘଟଣାଠାରୁ ବିଳମ୍ବ ଭଲ ପ୍ରଭୃତି ଲେଖା ଥିବା ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ସାଧାରଣ ସମ୍ପାଦକ ନିର୍ମଳ ମାଇତି, ସଭ୍ୟ ଅରବିନ୍ଦ ମହାପାତ୍ର, ଡ. ନନ୍ଦକିଶୋର ଦେବତା, ପ୍ରଶାନ୍ତ ପାଢୀଯୋଷୀ, ପ୍ରଦୀପ କୁମାର ପଣ୍ଡା, ଆକାଂକ୍ଷା ପ୍ରସାଦ ମିଶ୍ର, ରାମଚନ୍ଦ୍ର ମିଶ୍ର, ଡାକ୍ତର ଜୟଦେବ ମେହେର, ଡାକ୍ତର ଲକ୍ଷ୍ମୀନାରାୟଣ ରଥ, ଦେବମତୀ ମିଶ୍ର, ସଂଯୁକ୍ତା ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ଆନ୍ତଃଜିଲା ସ୍କୁଲ ଟୁର୍ନାମେଣ୍ଟ: ବୁଢ଼ାପାଳ ହାଇସ୍କୁଲ ବିଜୟୀ

ଦେବଗଡ଼,୭।୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କ୍ରିକେଟ ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଆନ୍ତଃ ଜିଲା ସ୍କୁଲ ଟୁର୍ନାମେଣ୍ଟ ମ୍ୟାଚରେ ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ୯ ଉଇକେଟରେ ପରାସ୍ତ କରି ବୁଢ଼ାପାଳ ହାଇସ୍କୁଲ ବିଜୟୀ ହୋଇଛି। ସରସ୍ୱତୀ ଶିଶୁ ମନ୍ଦିର ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୫୫ ରନ କରିଥିଲା। ଜବାବରେ ବୁଢ଼ାପାଳ ଦଳ ୮.୫ ଓଭରରେ ୧ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚକୁ ଅମ୍ପାୟାର ନବୀନ ରାଉଳ ଓ ରାଜା ରାଣା ସ୍କୋରର ଭାବେ ସୌମ୍ୟ ରଞ୍ଜନ ନାୟକ , ରିତିକ ଦେହୁରୀ ଏବଂ ବେଣୁଧର ଗଡ଼ନାୟକ ଧାରବିବରଣୀ ଦେଇଥିଲେ। ଗୁରୁବାର ମ୍ୟାଚ ରିଆମାଳ ହାଇସ୍କୁଲ ଓ ଆଦର୍ଶ ବିଦ୍ୟାଳୟ ତିଳେଇବନି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରିକେଟ ସଂଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।




ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ଓଡ଼ିଶାର ଐତିହ୍ୟ ପରମ୍ପରା ସମ୍ବନ୍ଧୀୟ ପ୍ରଦର୍ଶନୀ

ଦେବଗଡ଼,୭।୨ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ କଳା ସ୍ଥିତ ପଞ୍ଚାୟତ ଡିଗ୍ରୀ କଲେଜରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ପରିପ୍ରେକ୍ଷୀରେ ଓଡ଼ିଶାର ଐତିହ୍ୟ ଓ ପରମ୍ପରା ସମ୍ବନ୍ଧୀୟ ଏକ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ କଲେଜର ୮ଟି ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିରର କଳା ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ, ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ, ମା' ସମଲେଶ୍ୱରୀ ମନ୍ଦିର ପରିକ୍ରମା ପ୍ରକଳ୍ପ, ଜୈବ ବିବର୍ତ୍ତନ ଓ ଦଶାବତାର ପ୍ରକଳ୍ପ, ଶ୍ରୀମନ୍ଦିର ଭୋଗ ମଣ୍ଡପ ଓ ଛପନ ଭୋଗ, ରଥ ଯାତ୍ରା ଓ ସୁନାବେଶ, ଦେବସ୍ନାନ ପୂର୍ଣ୍ଣିମା, ମହାସ୍ନାନ, ଅଣସର ଗୃହ ମହଷୋଧି, ନୂଆଁଖାଇ ପରମ୍ପରା, ଓଡିଶାର ନୌବାଣିଜ୍ୟ, ପ୍ରାଚୀନ ସଭ୍ୟତାର ବିବର୍ତ୍ତନ, ଧଉଳୀ ସ୍ତୁପ, ହାତୀଗୁମ୍ଫା ଓ ଉଦୟଗିରି ଗୁମ୍ଫା, କୋଣାର୍କ ମନ୍ଦିର, ଚଉଷଠି ଯୋଗିନୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ମାଣବସା ଗୁରୁବାର,ପୁଅ ଜିଉନ୍ତିଆ,ଭାଇ ଜିଉନ୍ତିଆ ଓ କଣ୍ଢେଇ ନାଚର ଇତିହାସ ଆଦି ଉପରେ ଆଧାରିତ ମୋଟ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।



ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଦର୍ଶନୀ ମେଳାକୁ ଅତିଥିଭାବେ ମହାବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ସୁରେଶ ଚନ୍ଦ୍ର ପ୍ରଧାନ, ଝସକେତନ ପ୍ରଧାନ ଓ ଅରୁଣ କୁମାର ସାହୁଙ୍କ ସମେତ ସମ୍ପୃକ୍ତ ମହାବିଦ୍ୟାଳୟ, କଳା ଉଚ୍ଚ ପଞ୍ଚାୟତ ମାଧ୍ୟମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ବୁଲି ଦେଖିଥିଲେ। ମହା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଧାନ, ନୋଡାଲ ଅଫିସର ସୁଜିତ କୁମାର ସୁନାନୀ, ଅଧ୍ୟାପିକା ସଂଘମିତ୍ରା ଦେହୁରୀ, ବିଭୁ ନନ୍ଦିନୀ ବେହେରା, ପି.ଜାଗୃତୀ ସିମ୍ରନ, ରତ୍ନାମ୍ବରା ପ୍ରଧାନ, ଅଧ୍ୟାପକ ସନ୍ଦୀପ୍ତ ପୁରୋହିତ, ମଦନ ପଲାଇ, ନବକୃଷ୍ଣ ବେହେରା, ରିତୁନ ସାହୁ, ମହେନ୍ଦ୍ର ସାହୁ ଓ ଆଲୋକ ବେହେରା ପ୍ରମୁଖ ନିଜ ନିଜ ବିଭାଗର ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ମେଳା ଆୟୋଜନରେ ଅରୁଣ କୁମାର ଦଳବେହେରା, ପ୍ରଶାନ୍ତ କୁମାର ପ୍ରଧାନ, ବିରେନ ପ୍ରଧାନ, ଅଗସ୍ତି ସାହୁ ଓ ସଚିନ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଟ୍ରାଭେଲ ବଜାର ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୭।୨**

ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ଏକ ୩ ଦିନିଆ ପ୍ରଦର୍ଶନୀ ତଥା ୫ମ ଓଡ଼ିଶା ଟ୍ରାଭେଲ ବଜାର-୨୦୨୪ ପୁରୀର କୋଣାର୍କ ଇକୋ ରିଟ୍ରିଟ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି)ର ଅଧ୍ୟକ୍ଷ ଡା. ଲେନିନ୍ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ସମେତ ଉଭୟ ପର୍ଯ୍ୟଟନ ବିଭାଗ ଓ ଫିକିର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ ମଧ୍ୟ ଓଡ଼ିଶା ପର୍ଯ୍ୟଟନ ବିକ୍ରେତାମାନଙ୍କର




ଏକ ପ୍ରଦର୍ଶନୀ ଏବଂ ବି୨ବି ବୈଠକ ମଧ୍ୟ ଶୁଭାରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଫେବୃଆରୀ ୯ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମେଗା ପ୍ରଦର୍ଶନୀରେ ଆସାମ, ଛତିଶଗଡ଼, ଦିଲ୍ଲୀ, ଗୋଆ, ଗୁଜରାଟ, ଜମ୍ମୁ ଓ କଶ୍ମୀର, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ତେଲଙ୍ଗାନା, ତ୍ରିପୁରା, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ୧୮ଟି ରାଜ୍ୟରୁ ମୋଟ ୭୦ ଘରୋଇ ଟୁର୍ ଅପରେଟରଙ୍କ ସମେତ ବେଲଜିୟମ, ଇଣ୍ଡୋନେସିଆ, ମାଲେସିଆ, ମ୍ୟାନ୍‌ମାର, ନେଦରଲାଣ୍ଡ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା, ସ୍ପେନ୍, ଶ୍ରୀଲଙ୍କା, ଥାଇଲାଣ୍ଡ, ତୁର୍କୀ, ବ୍ରିଟେନ ଏବଂ ଭିଏତ୍‌ନାମ ଭଳି ୧୬ଟି ଦେଶରୁ ୬୦ଜଣ ବିଦେଶୀ ଟୁର୍ ଅପରେଟର ଯୋଗଦେଇଛନ୍ତି। ଅପରପକ୍ଷରେ ଏହି ୩ ଦିନିଆ ପ୍ରଦର୍ଶନୀରେ ଓଡ଼ିଶାର ପର୍ଯ୍ୟଟନ ଅଂଶୀଦାରମାନେ ସେମାନଙ୍କର ବିଭିନ୍ନ ଉତ୍ପାଦ ଓ ସେବା ସମ୍ପର୍କିତ ଆକର୍ଷଣୀୟ ଷ୍ଟଲ୍ କରିଛନ୍ତି। ଉକ୍ତ ଷ୍ଟଲ୍ ଜରିଆରେ ଅଂଶୀଦାରମାନେ ଉଭୟ ଘରୋଇ ଓ ବିଦେଶୀ ପରିଦର୍ଶକଙ୍କୁ ସେମାନଙ୍କ ସେବା ପ୍ରଦାନ ଓ ପ୍ରଦର୍ଶନ କରୁଛନ୍ତି।

# ଏସ୍‌ବିଆଇ ଲାଇଫ୍‌ର ନୂତନ ଅଭିଯାନ

**ନୂଆଦିଲ୍ଲୀ, ୭।୨**

ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଅଭିଯାନ 'ଆପନେ ଲିଏ, ଆପନୋ କେ ଲିଏ'ର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଏସବିଆଇ ଲାଇଫ୍‌ର ବ୍ରାଣ୍ଡ, କର୍ପୋରେଟ୍ କମ୍ୟୁନିକେସନ ଓ ସିଏସ୍‌ଆର୍ ମୁଖ୍ୟ ରବିନ୍ଦ୍ର ଶର୍ମା କହିଛନ୍ତି, ଗ୍ରାହକମାନଙ୍କ ଆବଶ୍ୟକତାକୁ ପୂରଣ କରିବାରେ ଏସବିଆଇ ଲାଇଫ୍ ସଦାସର୍ବଦା ତତ୍ପର ରହିଛି। ଦେଶବାସୀଙ୍କୁ ଜାଗ୍ରତ କରିବା ଲାଗି 'ରେସପନସିବଲ ଆମ୍ବିସନ'ର ଆବଶ୍ୟକତାରେ ବୃଦ୍ଧି ଘଟିଛି, ଯେଉଁଠାରେ ବ୍ୟକ୍ତିଗତ ସ୍ୱପ୍ନ ସହ ପରିବାର ଦାୟିତ୍ୱ ତୁଲାଇବା ସମାଜର ଏକ ନିୟମରେ ପରିଣତ ହୋଇଛି। ଆମର ପ୍ରଚଳିତ ଅଭିଯାନ ବ୍ୟକ୍ତିଗତ ଅଭିଳାଷ ଓ ପରିବାର ଦାୟିତ୍ୱ ଭିତରେ ଥିବା ସନ୍ତୁଳନକୁ କୃତଜ୍ଞତାର ସହ ପାଳନ କରୁଛି ଯାହା ଏସବିଆଇ ଲାଇଫ୍‌କୁ ନିର୍ଦ୍ଧାରଣ କରୁଥିବା ବିଶ୍ୱାସ, ଭରସା ଓ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ଶ୍ୱେତ କୁଷ୍ଠ ଦୂର କରୁଛି ପତଞ୍ଜଳି 'ମେଲାନୋଗ୍ରାଇଟ'

**ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)**

PATANJALI®
Prakriti ka Aashirwad

ବ୍ରିଟେନର ବାୟୋକେମିକାଲ ସୋସାଇଟି ଦ୍ୱାରା ପ୍ରକାଶିତ ପ୍ରତିଷ୍ଠିତ ଜର୍ଣ୍ଣାଲ ବାୟୋ ସାଇନ୍ସ ରିପୋର୍ଟର କଭର ପେଜରେ ପତଞ୍ଜଳି ଗବେଷଣା ସଂସ୍ଥା ଦ୍ୱାରା ବିକଶିତ ମେଲାନୋଗ୍ରାଇଟ ଔଷଧ ସମ୍ପର୍କରେ ଲେଖା ପ୍ରକାଶ ପାଇଛି। ପତଞ୍ଜଳି ଯୋଗପୀଠର ଆଚାର୍ଯ୍ୟ ବାଲକ୍ରିଷ୍ଣା ଏ ଅବସରରେ କହିଛନ୍ତି ଯେ ଶ୍ୱେତକୁଷ୍ଠ ଉପରେ ପ୍ରଥମଥର ପାଇଁ ଆୟୁର୍ବେଦରେ ଏପରି ଗବେଷଣା କରାଯାଇଛି। ପତଞ୍ଜଳି ଅନୁସନ୍ଧାନ ପ୍ରତିଷ୍ଠାନର ବୈଜ୍ଞାନିକମାନଙ୍କୁ ସେ ଏହାର ଶ୍ରେୟ ଦେଇଛନ୍ତି। ମେଲାନୋଗ୍ରାଇଟ୍ ଚର୍ମର ଧଳାଦାଗକୁ ଦୂର କରିବାରେ ବେଶ୍ ସହାୟକ ହୋଇପାରିଛି। ଭାରତୀୟ ପରମ୍ପରାରେ ଥିବା ଅସୀମିତ ଜ୍ଞାନ, ବିଜ୍ଞାନ ଓ ଗବେଷଣାର ବିଜୟ ହୋଇଛି। ଭାରତ ପ୍ରାଚୀ କାଳରେ ଏସବୁକ୍ଷେତ୍ରରେ ବିଶ୍ୱଗୁରୁ ଥିଲା ଆଗକୁ ମଧ୍ୟ ବିଶ୍ୱଗୁରୁ ହୋଇରହିବ ବୋଲି ସେ କହିଛନ୍ତି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**TO-LET FOR OFFICE**
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday**
0674-2580101, 2549949


REAL ESTATE

**SALE**

ଝିଅ ବିଭାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ଘରବାଡ଼ି ପ୍ଲଟ୍ ବିକିବି, sqft.699/-. 9439493164. D-75903

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛତାବର Bypass sqft.-500/-. 9776974912. D-75904

**କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429.** D-75906




Shop / Godown/ Office-10-Bapujinagar, BBSR. 9556700943, 7683912628. D-74715




Newly health benefited Spa Expert Therapist at Mastercanteen. Contact: 7749034655. D-75193

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

Newly open SPA positively health benefits (Expert therapist). Contact: 9124527170. D-75197

**Newly open SPA positively health benefits with expert therapist. 9090400507.** D-75198

Spa Kerala body Massage best Therapist @699/- Bhubaneswar. kajal-9337672475. D-2397

Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଧ-୨୪୫୯

**AFFIDAVIT**

By virtue of an affidavit No. 67AA087146 dated 2.2.2024 sworn before Executive Magistrate, Mahanga, I Himanshu Sekhar Mallik, Vill.- Haribhaktapur, P.O.- Lalitagiri, Dist.- Cuttack hereby declare that my name has recorded as Hiamnshu Sekhar Mallik in my Aadhaar Card xxxxxxxx4059. Hence, Hiamnshu Sekhar Mallik and Himanshu Sekhar Mallik same and one person. D-2458

I, Nemichand Sovalchand Jain, R/o Plot No.6, Chintamaniswar, Fishery Lane, Budheswari, Laxmisagar, Bhubaneswar-751006, Dist.- Khordha have changed my name to Nemichand Jain all future purposes. D-2460

See Career Appointment on every Wednesday & Saturday


# ପ୍ରଚଳନ ହେବନି ପ୍ଲାଷ୍ଟିକ୍ ନୋଟ୍

**ଭୁବନେଶ୍ୱର,୭।୨(ଅନୁରାଧା ମହାରଣା)**

କାଗଜ ନୋଟ୍ ବଦଳରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ନେଇ ଗତ କିଛିଦିନ ଚର୍ଚ୍ଚା ଜୋର ଧରିଛି। ଏହା ମଧ୍ୟରେ ସଂସଦରେ ମଧ୍ୟ ଏହି ପ୍ରଶ୍ନ ଉଠିଛି। ରାଜ୍ୟ ସଭା ପ୍ରଶ୍ନକାଳରେ ସାଂସଦ ଅନିଲ ଦେଶାଇ ପଚାରିଥିଲେ, ଅନେକ ଦେଶରେ ପ୍ଲାଷ୍ଟିକ୍ ନୋଟ୍ ଦୀର୍ଘସ୍ଥାୟୀ ବୋଲି ପ୍ରମାଣିତ ହୋଇଛି ଏବଂ ପ୍ଲାଷ୍ଟିକ୍ ନୋଟ୍‌ରୁ ନକଲି ମୁଦ୍ରା ପ୍ରସ୍ତୁତ କରିବା ମଧ୍ୟ ସହଜ ନୁହେଁ। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ପ୍ଲାଷ୍ଟିକ୍ ନୋଟ୍ ଜାରି କରିବାକୁ ବିଚାର କରିବେ କି? ଏହି ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି , ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ଅଧିନିୟମ ୧୯୩୪ ର ଧାରା ୨୫ ଅନୁଯାୟୀ ପ୍ଲାଷ୍ଟିକ୍ ନୋଟ୍ ଜାରି କରିବା ନେଇ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି । ସେ କହିଛନ୍ତି, ଭାରତୀୟ ନୋଟ୍‌ଗୁଡିକର ସ୍ଥାୟିତ୍ୱ ଏବଂ ଏହାର ଜାଲ୍ କାରବାରକୁ ରୋକିବା ଏକ ନିରନ୍ତର ପ୍ରକ୍ରିୟା। ଆର୍‌ବିଆଇର ରିପୋର୍ଟ ଅନୁଯାୟୀ ୨୦୨୨-୨୩ ଆର୍ଥିକ ବର୍ଷରେ ନୋଟ୍‌ମୁଦ୍ରଣ ପାଇଁ ଖର୍ଚ୍ଚ ମୋଟ ୪୬୮୨.୮୦ କୋଟି ଟଙ୍କା ହୋଇଥବାବେଳେ ପ୍ଲାଷ୍ଟିକ୍ ମୁଦ୍ରା ଛାପିବାରେ କୌଣସି ଖର୍ଚ୍ଚ ହୋଇନାହିଁ। ଆର୍‌ବିଆଇର ୨୦୧୫-୧୬ ବାର୍ଷିକ ରିପୋର୍ଟ ଅନୁଯାୟୀ, କୋଟି କୋଟି ଟଙ୍କା ପ୍ଲାଷ୍ଟିକ୍ ନୋଟ୍ ଜାରି କରିବାକୁ ଯୋଜନା କରାଯାଇଥିଲା।

# ଏଲ୍‌ଆଇସିର ନୂତନ ପ୍ଲାନ୍ 'ଇଣ୍ଡେକ୍ସ ପ୍ଲସ୍' ଉନ୍ମୋଚିତ




**ଭୁବନେଶ୍ୱର, ୭।୨**

ଭାରତୀୟ ଜୀବନ ବୀମା ନିଗମ (ଲାଇଫ ଇନ୍‌ସ୍ୟୁରାନ୍ସ କର୍ପୋରେଶନ ବା ଏଲ୍‌ଆଇସି ଇଣ୍ଡିଆ) ର ନୂତନ ପ୍ଲାନ୍ 'ଇଣ୍ଡେକ୍ସ ପ୍ଲସ୍'(ପ୍ଲାନ- ୮୭୩) କୁ ସର୍ବଭାରତୀୟସ୍ତରରେ ଉନ୍ମୋଚନ (ଶୁଭାରମ୍ଭ) କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍‌ଆଇସି ଇଣ୍ଡିଆ ପକ୍ଷରୁ ମୁମ୍ବାଇଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏଲ୍‌ଆଇସି ଇଣ୍ଡିଆର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ (ନୂତନ ପ୍ଲାନ୍ 'ଇଣ୍ଡେକ୍ସ ପ୍ଲସ୍'ର ଉନ୍ମୋଚନ) କରିଥିଲେ। ଏହି ଅବସରରେ ଏଲ୍‌ଆଇସି ଇଣ୍ଡିଆର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏଲ୍‌ଆଇସିର ଇଣ୍ଡେକ୍ସ ପ୍ଲସ୍ ପ୍ଲାନ୍ ହେଉଛି, ଏକ ୟୁନିଟ୍ ଲିଙ୍କ୍, ନିୟମିତ ପ୍ରିମିୟମ୍, ବ୍ୟକ୍ତିଗତ ଜୀବନ ବୀମା ପ୍ଲାନ୍ ହୋଇଥିବାବେଳେ ପଲିସିର ଅବଧି ମଧ୍ୟରେ ଜୀବନ ବୀମା କଭର କମ୍ ସଞ୍ଚୟ ପ୍ରଦାନ କରିଥାଏ। ଏପରିକି ବାର୍ଷିକ ପ୍ରିମିୟମର ଶତକଡ଼ା ଗ୍ୟାରେଣ୍ଟି ଯୋଗଗୁଡ଼ିକ ଏଥିରେ ଯୋଗ କରାଯିବ। ସେହିଭଳି ଏକ ଇନ୍-ଫୋର୍ସ ପଲିସି ଅଧୀନରେ ବର୍ଷର ନିର୍ଦ୍ଦିଷ୍ଟ ଅବଧି ସମାପ୍ତ ହେବା ଉପରେ ୟୁନିଟ୍ ପାଣ୍ଠି ଏବଂ ୟୁନିଟ୍ କିଣିବା ପାଇଁ ବ୍ୟବହୃତ ହେବ। ଉକ୍ତ ପ୍ଲାନ୍‌ରେ ଯୋଡିହେବା ପାଇଁ ସର୍ବନିମ୍ନ ବୟସ ୯୦ ଦିନ (ସମାପ୍ତ) ହୋଇଥିବାବେଳେ ସର୍ବାଧିକ ୫୦ କିମ୍ବା ୬୦ ବର୍ଷ ହୋଇଥିବା ଆବଶ୍ୟକ ବୋଲି ପଲିସିର ନିୟମାବଳୀରେ ଉଲ୍ଲେଖ କରାଯାଇଛି। ସେହିଭଳି ସର୍ବନିମ୍ନ ପ୍ରିମିୟମ ବାର୍ଷିକ ୩୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି। ଏପରିକି ଅର୍ଦ୍ଧବାର୍ଷିକ ପ୍ରିମିୟମ ମୂଲ୍ୟ ୧୫,୦୦୦ ଟଙ୍କା ତ୍ରୈମାସିକ ପ୍ରିମିୟମ ୭,୫୦୦ଟଙ୍କାର ବିକଳ୍ପ ସୁବିଧା ମଧ୍ୟ ରହିଥିଲାବେଳେ ସର୍ବାଧିକ ପ୍ରିମିୟମ ଅଣ୍ଡରରାଇଟିଂ ନିଷ୍ପତ୍ତି ଅନୁଯାୟୀ କୌଣସି ସୀମା ନାହିଁ। ଅପରପକ୍ଷରେ ଉକ୍ତ ପ୍ଲାନ୍ ହିତାଧିକାରୀ ଅନେକ ପ୍ରକାର ସୁବିଧା ଓ ଲାଭ ପ୍ରଦାନ କରିଥାଏ। ହେଲେ ପ୍ଲାନ୍‌ର ନିୟମାବଳୀ ଅନୁଯାୟୀ ହିତାଧିକାରୀ ପଞ୍ଜୀକୃତ ହେବାକୁ ପଡିଥାଏ ବୋଲି ନିଗମ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନକୁ ଗୁରୁତ୍ୱ

**ଭୁବନେଶ୍ୱର,୭।୨**

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଜୟ କୁମାର ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଓଜିବିର ଅଧ୍ୟକ୍ଷ ଋଷି ସିଂହଙ୍କ ସମେତ ବ୍ୟାଙ୍କର ସମସ୍ତ କାର୍ଯ୍ୟକର୍ତ୍ତା ସାମିଲଥିଲେ। ଏହି ଅବସରରେ ଶ୍ରୀବାସ୍ତବ ଓଜିବିର ଦକ୍ଷତା ବିକାଶ କେନ୍ଦ୍ର, ପ୍ରଥମ ପ୍ରଶିକ୍ଷଣ ବର୍ଷର ସୂଚୀ ଉନ୍ମୋଚନ ସହିତ ବ୍ୟାଙ୍କର ଦ୍ୱିସ୍ତରୀୟ ବାୟୋମେଟ୍ରିକ୍ ପ୍ରମାଣୀକରଣର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀବାସ୍ତବ କହିଥିଲେ ବ୍ୟାଙ୍କର ବ୍ୟବସାୟକୁ ଆଗକୁ ବଢ଼ାଇବା ସହିତ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ସେ




ସବୁବର୍ଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏପରିକି ବୈଷୟିକ ଜ୍ଞାନକୌଶଳର ଉନ୍ନତୀକରଣ ଉପରେ ଅଜୟ ଜୋର ଦେବା ସହ ପ୍ରାୟୋଜକ ବ୍ୟାଙ୍କଗୁଡିକ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରିବା ପାଇଁ ଗ୍ରାହକଙ୍କୁ ଆଶ୍ୱସ୍ତ କରାଇଥିଲେ। ଅପରପକ୍ଷରେ ବ୍ୟାଙ୍କ ବିଭିନ୍ନ ସରକାରୀ ଯୋଜନା ଯଥା ପିଏମ୍ ସ୍ୱନିଧି, ପିଏମ୍ ବିଶ୍ୱକର୍ମା, ମୁଦ୍ରା ଯୋଜନାରେ ଋଣ ପ୍ରଦାନ କରିବା ସହିତ ନୂତନ ସଞ୍ଚୟ ଖାତା ଖୋଲିବା ସହ ଜନଧନ, ପିଏମ୍ ଏସ୍‌ବିୱାଇ, ପିଏମ୍ ଜେଜେବିୱାଇ ଏବଂ ଅଟଳ ପେନ୍‌ସନ ଆଦି ଯୋଜନାରେ ସମସ୍ତ ଓଡ଼ିଶାବାସୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଅଜୟ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ରାଜ୍ୟରେ ଓଜିବି ଅର୍ଜନ କରିଥିବା ସୁନାମ ପାଇଁ ସେ ପ୍ରଶଂସା ମଧ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ (ଓଜିବିର ପ୍ରାୟୋଜକ ବ୍ୟାଙ୍କ)ର ଏମ୍‌ଡି ତଥା ସିଇଓ ଅଜୟ କୁମାର ଶ୍ରୀବାସ୍ତବ ନିକଟରେ ଓଡ଼ିଶା ଆସିଥିଲେ। ଏହି ଗସ୍ତସୂଚୀ ଅନୁଯାୟୀ ସେ ଭୁବନେଶ୍ୱରର ଗଣ୍ଡମୁଣ୍ଡାସ୍ଥିତ ଓଜିବିର ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ।

# ଆଇଓଟି ସ୍ମାର୍ଟ ସେଣ୍ଟ୍ରାଲ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୭।୨**

ଦେଶର ଅଗ୍ରଣୀ ଟେଲିକମ୍ କମ୍ପାନି ଭୋଡାଫୋନ୍ ଆଇଡିଆ ଲିମିଟେଡ୍ (ଭିଆଇଏଲ୍)ର ବ୍ରାଣ୍ଡ ଭିଁର ସଂସ୍ଥାଗତ ଶାଖା ଭି ବିଜନେସ୍ ପକ୍ଷରୁ ଭି ବିଜନେସ୍ ଆଇଓଟି ସ୍ମାର୍ଟ ସେଣ୍ଟ୍ରାଲ୍‌ର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଭୋଡାଫୋନ୍ ଆଇଡିଆର ଇଭିପି ଓ ଆଇଓଟି ବ୍ୟବସାୟ ମୁଖ୍ୟ ଅମିତ ଶତପଥୀ କହିଛନ୍ତି, ଆଇଓଟିରେ ବର୍ଦ୍ଧିତ ଗ୍ରହଣୀୟତା ଯୋଗୁଁ ଆଗାମୀ ଦଶନ୍ଧିରେ ଏକ ବ୍ୟାପକ ଆଇଓଟି ବ୍ୟବସ୍ଥା ଦେଖିବାକୁ ମିଳିବ, ଯେଉଁଥିରେ କୋଟି କୋଟି ଡିଭାଇସ୍ ଯୋଡ଼ି ହୋଇ ରହିବ। ଭାରତର ଆଇଓଟି କ୍ଷେତ୍ରରେ ଆମର ଦୃଢ଼ ନେତୃତ୍ୱ ଓ ଦକ୍ଷତାକୁ ନେଇ ସେହି ପ୍ରଗତିକୁ ଆମେ ଶୁଭାରମ୍ଭ କରିଥିବା ଭି ବିଜନେସ୍ ଆଇଓଟି ସ୍ମାର୍ଟ ସେଣ୍ଟ୍ରାଲ୍ ସହଯୋଗ କରିବ। ଏକ ସ୍ମାର୍ଟ ଓ କନେକ୍ଟେଡ୍ ଦୁନିଆରେ ଏହି ଭବିଷ୍ୟତ ଲାଗି ପ୍ରସ୍ତୁତ ପ୍ଲାଟଫର୍ମ ସଂସ୍ଥାଗୁଡ଼ିକୁ ଆଇଓଟିର ଶକ୍ତିକୁ ବ୍ୟବହାର କରିବାରେ ସହାୟକ ହେବ।

# ଜ୍ୟୋତି ଅଲ୍‌ଟିଗ୍ରୀନ୍‌ର ମେଗା ଡେଲିଭରି ସେରିମନି

**ଭୁବନେଶ୍ୱର,୭।୨**

ଦେଶର ପ୍ରମୁଖ ଇ ଯାନ ନିର୍ମାତା ଅଲ୍‌ଟିଗ୍ରୀନ୍ ପ୍ରପ୍ୟୁଲଶନ ଲାବ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍‌ଟିଗ୍ରୀନ୍ ଏନ୍‌ଇଇଭି ହାଇ ଡେକ୍‌କୁ ଏକ ମେଗା ଡେଲିଭରି ମିଳିଛି। ଏପରିକି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଜ୍ୟୋତି-ଅଲ୍‌ଟିଗ୍ରୀନ୍ ଭୁବନେଶ୍ୱର ପୁରୀ ବାଇପାସ୍ ରୋଡ୍ ଶୋ'ରୁମ୍ ଜରିଆରେ ଉକ୍ତ ଡେଲିଭରି ଯୋଗାଇ ଦିଆଯିବ ବୋଲି ଜ୍ୟୋତି ଗ୍ରୁପ୍ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ଜେଭୋ ଇଣ୍ଡିଆକୁ ୨୫ଟି ୩ଚକିଆ ଇ-କାର୍ଗୋ ଏନ୍‌ଇଇଭି ଡେଲିଭରି ଦିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ବଳକା ଗାଡି ସହ ମୋଟ ୧୫୦ଅଲ୍‌ଟିଗ୍ରୀନ ଏନ୍‌ଇଇଭି ହାଇ ଡେକ୍ ସମ୍ପୃକ୍ତ ସଂସ୍ଥାକୁ ଯୋଗାଇ ଦିଆଯିବ। ଏହି ପରିପ୍ରେକ୍ଷୀରେ ବୁଧବାର ଭୁବନେଶ୍ୱରସ୍ଥିତ ଜ୍ୟୋତି




ଅଟୋମୋଟିଭର ଜ୍ୟୋତି-ଅଲ୍‌ଟିଗ୍ରୀନ୍ ଶୋ'ରୁମ୍‌ଠାରେ ଏକ ମେଗା ଡେଲିଭରି ସେରିମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଜ୍ୟୋତି ଗ୍ରୁପ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ପଟ୍ଟନାୟକ ଜ୍ୟୋତି-ଅଲ୍‌ଟିଗ୍ରୀନ୍ ଶୋ'ରୁମ୍‌ରେ ଜେଭୋ ଇଣ୍ଡିଆର ସିଇଓ ଆଦିତ୍ୟ ସିଂହ ରତ୍ନୁଙ୍କୁ ୨୫ଟି ଅଲ୍‌ଟିଗ୍ରୀନ ଏନ୍‌ଇଇଭି ହାଇ ଡେକ୍‌ର ଚାବି ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ଜ୍ୟୋତି ଗ୍ରୁପ୍‌ର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ଦେବଜ୍ୟୋତି ପଟ୍ଟନାୟକ କହିଥିଲେ, ଓଡ଼ିଶା ଅଲ୍‌ଟିଗ୍ରୀନ୍ ପାଇଁ ସବୁଠାରୁ ଆଶାଜନକ ବଜାର ଏବଂ ଜ୍ୟୋତି ଅଟୋମୋଟିଭ୍ ଦ୍ରୁତ ଅଭିବୃଦ୍ଧି ପଥରେ ବଜାରର ନେତୃତ୍ୱ ନେଉଛି, ଅଲ୍‌ଟିଗ୍ରୀନ୍‌ର ବୈଦ୍ୟୁତିକ ୩ଚକିଆ ଯାନଗୁଡ଼ିକର ପ୍ରଦର୍ଶନ, ବିଶ୍ୱସନୀୟତା, ପରିସୀମା ଏବଂ ପରିବେଶ ଲାଭ ପାଇଁ ଗ୍ରାହକମାନେ ତାହାକୁ ଭଲ ଭାବେ ଗ୍ରହଣ କରିଛନ୍ତି। ସେହିଭଳି ଜେଭୋ ଇଣ୍ଡିଆର ସିଇଓ ଆଦିତ୍ୟ ସିଂହ ରତନୁ କହିଛନ୍ତି, ସମଗ୍ର ଭାରତରେ ସ୍ଥାୟୀ ପରିବହନ ସମାଧାନକୁ ପ୍ରୋତ୍ସାହିତ କରିବାରେ ଅଲ୍‌ଟିଗ୍ରୀନ୍ ସହ ସହଭାଗିତା କରି ଆମେ ବେଶ୍ ଉତ୍ସାହିତ ଅଛୁ। ସବୁଜ ଓ ସ୍ଥାୟୀ ଭବିଷ୍ୟତ ଯାତ୍ରାରେ ଏନ୍‌ଇଇଭିର ବିତରଣ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିଲାବେଳେ ଆମେ ଅଲ୍‌ଟିଗ୍ରୀନ୍ ଏବଂ ଜ୍ୟୋତି ଅଟୋମୋଟିଭ୍ ସହିତ ଆମର ଭାଗୀଦାରି ଜାରି ରଖିବାକୁ ଚାହୁଁଛୁ ଏବଂ ଓଡ଼ିଶା (ଭୁବନେଶ୍ୱର)ରେ ସେବା ଯୋଗାଇବା ପାଇଁ ଆମର ବୈଦ୍ୟୁତିକ ଯାନର ଫ୍ଲିଟ୍‌କୁ ବିସ୍ତାର କରିବାକୁ ଚାହୁଁଛୁ। ସେହିପରି ଅଲ୍‌ଟିଗ୍ରୀନ୍‌ର ଜାତୀୟ ବିକ୍ରି ମୁଖ୍ୟ ପ୍ରଶାନ୍ତ ଶଙ୍କେଶ୍ୱର କହିଛନ୍ତି, ଆମ ସହଯୋଗୀ ଜେଭୋ ଇଣ୍ଡିଆ ଓ ଜ୍ୟୋତି ମୋଟର୍ସ ସହ ଏହି ମାଇଲଖୁଣ୍ଟ ମୁହୂର୍ତ୍ତକୁ ପାଳନକରି ଆମେ ବେଶ୍ ଉତ୍ସାହିତ ଅଛୁ।





ରାଜଗାଙ୍ଗପୁରରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ରାହୁଲ ଗାନ୍ଧୀ (ବାମ)। ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଅବସରରେ ସ୍ଥାନୀୟ ଆଦିବାସୀଙ୍କ ସହ ବିଶେଷ ମୁହୂର୍ତ୍ତ(ମଝି)। ଧନୁତୀର ଚାଳନା କୌଶଳ ଦେଖୁଛନ୍ତି ରାହୁଲ (ଡାହାଣ)।

# ଭାଜପାରେ ଗୋଷ୍ଠୀ ବିବାଦ, ନେତାଙ୍କ ସାମୂହିକ ଇସ୍ତଫା

**ଗୁଣପୁର ନିର୍ବାଚନମଣ୍ଡଳୀ**

**ଗୁଣପୁର,୭।୨(ପ୍ରଦୀପ କୁମାର ପାଢ଼ୀ)**

ସଧାରଣ ନିର୍ବାଚନ ଆଉ କିଛି ଦିନ ବାକି ଥିବାବେଳେ ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ନେତାମାନେ ବୁଧବାର ସାମୂହିକ ଇସ୍ତଫା ଦେଇଛନ୍ତି। ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ନଗର, ବ୍ଲକର ସଭାପତିଙ୍କ ସମେତ ଜିଲାର ପଦାଧିକାରୀମାନେ ଇସ୍ତଫାପତ୍ର ଜିଲା ସଭାପତିଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଗତ ୨୦ ତାରିଖରେ ପଦ୍ମପୁର ବଜାରଠାରେ କୈଳାସ ସାହୁଙ୍କୁ ଏସ୍‌ଟି ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ବିଦ୍ୟାଧର ଶବର ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏହି ସମୟରେ ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ି ଉପସ୍ଥିତ ରହି ସେମାନଙ୍କୁ ବୁଝାଶୁଝା କରିବା ପାଇଁ ଉଦ୍ୟମ କରିଥିଲେ। ସେଠାରୁ ବିଦ୍ୟାଧର ଚାଲିଯାଇ ୨ ଦିନ ପରେ ହରେକୃଷ୍ଣଙ୍କ ସମେତ କୈଳାସଙ୍କ ନାମରେ ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ସେମାନେ ଜିଲାଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ଦଳର ନେତୃମଣ୍ଡଳୀଙ୍କୁ ଅବଗତ କରିଥିଲେ। ହେଲେ ଏହାର କୌଣସି ସମାଧାନ ନ ହେବାରୁ ଏହାର ପ୍ରତିବାଦରେ ନଗର ସହ ବ୍ଲକର ସଭାପତିଠାରୁ ଜିଲା ପଦାଧିକାରୀ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା ନେତାମାନେ ସାମୂହିକ ଇସ୍ତଫା ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

କୁଜେନ୍ଦ୍ରି ମଣ୍ଡଳ ସଭାପତି ଧନଞ୍ଜୟ ବେହେରା, ଆଖୁସିଂ ମଣ୍ଡଳ ସଭାପତି ଉତ୍ତରା କୁମାର ସାହୁ, ଗୁଣପୁର ନଗର ସଭାପତି ବଦ୍ରିନାଥ ମହାନ୍ତି, ଜଗନ୍ନାଥପୁର ମଣ୍ଡଳ ସଭାପତି ଦିଲୀପ କୁମାର ଦାସ, ଜିଲା ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ପଦ୍ମପୁର ମଣ୍ଡଳ ଉପ ସଭାପତି କୈଳାସ ସାହୁ, ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ି, ଜିଲା ଏସ୍‌ଟି ମୋର୍ଚ୍ଚାର ସଭାପତି ବିଜୟ କୁମାର ଶବର, ଗୁଡାରୀ ମଣ୍ଡଳ ସଭାପତି ଗୌରି ଶଙ୍କର ମିଶ୍ର, ଉପ ସଭାନେତ୍ରୀ ଗୌରୀ ମାଣ୍ଡାଙ୍ଗି, ଜିଲା ଉପସଭାପତି ଉଦୟ ନାଥ ପାଢ଼ି, ପଦ୍ମପୁର ମଣ୍ଡଳ ସଭାପତି ଜି.ରାମକିଷ୍ଣା, ଡମ୍ବସରା ମଣ୍ଡଳ ସଭାପତି ଉତ୍ତମ ଚୌଧୁରୀ ପ୍ରମୁଖ ଇସ୍ତଫା ପ୍ରଦାନ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ପଦ୍ମପୁରଠାରେ ହୋଇଥିବା ଘଟଣା ପରେ ଏସଟି ମୋର୍ଚ୍ଚାର ସମ୍ପାଦକ ବିଦ୍ୟାଧର ଶବର ଥାନାରେ ଅଭିଯୋଗ କରି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମରାଯାଇଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ପଦ୍ମପୁର ଥାନାରେ ସେ ଲିଖିତ ଅଭିଯୋଗ କରିଥିଲେ। ସେମାନଙ୍କୁ ଗିରଫ କରିବାରେ ବିଳମ୍ବ କରାଯାଉଥିବାରୁ ଶବର ସାଂସ୍କୃତିକ ସଂଘ ପକ୍ଷରୁ ପଦ୍ମପୁରରେ ଗତ ୨ ତାରିଖରେ ବିଶାଳ ଆଦିବାସୀ ଶୋଭାଯାତ୍ରା କରାଯାଇଥିଲା। ଏପରି ଦୁଇଟି ଗୋଷ୍ଠୀ ମଧ୍ୟରେ ବିବାଦ ବଢ଼ିଯାଇଛି। ସଧାରଣ ନିର୍ବାଚନ ଆଉ କିଛି ଦିନ ବାକି ରହିଥିବାବେଳେ ଦଳ ମଧ୍ୟରେ ସାମୂହିକ ଇସ୍ତଫା ପରିସ୍ଥିତି ଜଟିଳ କରିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦଳକୁ ଆଜି ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି। ଏପରିସ୍ଥିତିରେ ଦଳୀୟ ନେତୃବୃନ୍ଦ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା। ଏ ନେଇ ଜିଲା ସଭାପତି ଶିବ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରାଯିବାରୁ ଏହା ୨ ଜଣଙ୍କ ମଧ୍ୟରେ ବିବାଦ। ସେମାନଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ବିବାଦରେ ଦଳକୁ ଟାଣିବା ଠିକ ହୋଇନାହିଁ। ତଥାପି ସେମାନଙ୍କୁ ସମାଧାନ ପାଇଁ କିଛି ଦିନ ଅପେକ୍ଷା କରିବାକୁ କୁହାଯାଇଥିଲା। ଜିଲା କାର୍ଯ୍ୟାଳୟକୁ କୌଣସି ଇସ୍ତଫାପତ୍ର ହସ୍ତଗତ ହୋଇନାହିଁ। ଯଦି କୌଣସି ବ୍ୟକ୍ତି ଇସ୍ତଫା ଦିଅନ୍ତି ତେବେ କିଛି କହିବାର ନାହିଁ ବୋଲି ଜିଲା ସଭାପତି ଶିବ ପଟ୍ଟନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ଚିକିଟିରେ ପାରିବାରିକ ରାଜନୀତି

**ବ୍ରହ୍ମପୁର,୭।୨(ନରସିଂହ ସାହୁ)**

ଗଞ୍ଜାମ ଜିଲାର ଅନ୍ୟତମ ଚର୍ଚ୍ଚିତ ନିର୍ବାଚନମଣ୍ଡଳୀ ଚିକିଟି। ୧୯୮୦ରୁ ୨୦୧୯ ସୁଦ୍ଧା ହୋଇଥିବା ୯ ବିଧାନସଭା ନିର୍ବାଚନରେ ଦୁଇ ପରିବାର କଂଗ୍ରେସର ଚିନ୍ତାମଣି ଦ୍ୟାନସାମନ୍ତରା ଓ ଚିକିଟି ରାଜପରିବାର ତଥା ବର୍ତ୍ତମାନର ମନ୍ତ୍ରୀ ଉଷା ଦେବୀଙ୍କ ମଧ୍ୟରେ ଲଢ଼େଇ ହେଉଛି। ଏହି ୨ ପରିବାର ଦଳର ଅନ୍ୟ ନେତା ଓ କର୍ମୀଙ୍କୁ ସୁଯୋଗ ଦେଉ ନ ଥିବା ତଥ୍ୟ ରହିଛି। ରାଣୀ ଓ ମଣି ପରିବାରର ପ୍ରତିଦ୍ୱନ୍ଦ୍ୱିତା ପାତ୍ରପୁର ଓ ଚିକିଟି ବ୍ଲକରେ ରାଜନୀତିକୁ ରୋଚକ କରୁଛି।

ତଥ୍ୟ ଅନୁସାରେ ୧୯୫୧-୫୨ରୁ ୧୯୬୧ ମଧ୍ୟରେ ହୋଇଥିବା ୩ ନିର୍ବାଚନରେ ଚିକିଟି ଓ ପାତ୍ରପୁର ଅଞ୍ଚଳ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଥିଲା। ୧୯୬୭ରେ ନୂଆ ଚିକିଟି ନିର୍ବାଚନମଣ୍ଡଳୀ ଗଠିତ ହୋଇଥିଲା। ପ୍ରଥମ ନିର୍ବାଚନରେ ବିଶିଷ୍ଟ ସଂଗ୍ରାମୀ ସ୍ୱର୍ଗତ ଦିବାକର ପଟ୍ଟନାୟକ କଂଗ୍ରେସରୁ ବିଧାୟକ ହୋଇଥିଲେ। ୧୯୭୧ ନିର୍ବାଚନରେ ଚିକିଟି ରାଜା ସଚ୍ଚିଦାନନ୍ଦ ନାରାୟଣ ଦେଓ ଜନ କଂଗ୍ରେସରୁ ଜିତିଥିଲେ। ୧୯୭୪ ନିର୍ବାଚନରେ କଂଗ୍ରେସରୁ ସେ ପୁଣି ନିର୍ବାଚିତ ହୋଇଥିଲେ। ୧୯୭୭ରେ ଜନତା ପାର୍ଟି ପ୍ରାର୍ଥୀ ଜଗନ୍ନାଥ ପତି ପୂର୍ବତନ ମୁଖ୍ୟମନ୍ତ୍ରୀ କଂଗ୍ରେସର ବିନାୟକ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିଲେ। ୧୯୮୦ ନିର୍ବାଚନରେ କଂଗ୍ରେସ ଚିନ୍ତାମଣିଙ୍କୁ ଟିକେଟ ନ ଦେଇ ସଚ୍ଚିଦାନନ୍ଦଙ୍କୁ ପ୍ରାର୍ଥୀ କରିବାରୁ ଚିନ୍ତାମଣି ସ୍ୱାଧୀନ ଭାବେ ଲଢ଼ି ଚିକିଟି ରାଜାଙ୍କୁ ହରାଇଥିଲେ।



ମନୋରଞ୍ଜନ ଦ୍ୟାନସାମନ୍ତରା



ଉଷା ଦେବୀ

୧୯୮୫ ନିର୍ବାଚନରେ ରାଜପରିବାରର ଉଷା ଦେବୀ ଜନତା ପାର୍ଟିରୁ ମଇଦାନକୁ ଓହ୍ଲାଇଥିଲେ। ହେଲେ କଂଗ୍ରେସ ପ୍ରାର୍ଥୀ ଚିନ୍ତାମଣି ବିଜୟୀ ହୋଇଥିଲେ। ୧୯୯୦ ନିର୍ବାଚନରେ ଉଷା ଦେବୀ ଜନତା ଦଳରୁ ଏବଂ ଚିନ୍ତାମଣି କଂଗ୍ରେସରୁ ଲଢ଼ିଥିଲେ। ଏହି ନିର୍ବାଚନ ବେଳେ ଆରମ୍ଭ ହୋଇଥିଲା ହିଂସା ରାଜନୀତି। ତେବେ ଉଷା ନିର୍ବାଚିତ ହୋଇଥିଲେ। ସେହିପରି ୧୯୯୫ ନିର୍ବାଚନରେ ଜନତା ଦଳରୁ ଉଷା ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱାଧୀନ ପ୍ରାର୍ଥୀ ଚିନ୍ତାମଣିଙ୍କ ଦ୍ୱାରା ପରାଜିତ ହୋଇଥିଲେ। ତେବେ ୨୦୦୦ରୁ ୨୦୧୯ ମଧ୍ୟରେ ହୋଇଥିବା ୫ ନିର୍ବାଚନରେ ଉଷା ଦେବୀ ବିଜେଡିରୁ ଲଗାତର ଜିତି ଏକାଧିକ ଥର କ୍ୟାବିନେଟ ମନ୍ତ୍ରୀ ପଦ ପାଇଛନ୍ତି। ସେହିପରି ୧୯୮୦ରୁ ୨୦୦୯ ସୁଦ୍ଧା ୭ ନିର୍ବାଚନ ଲଢ଼ି ଚିନ୍ତାମଣି ୩ ଥର ଜିତିଛନ୍ତି। ସେ ଉପବାଚସ୍ପତି ଓ ବାଚସ୍ପତି ମଧ୍ୟ ହୋଇଥିଲେ। ସବୁ ନିର୍ବାଚନରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଣି ଓ ରାଣୀଙ୍କ ଲଢ଼େଇ ଚର୍ଚ୍ଚାରେ ରହିଥାଏ।

୨୦୧୪ ନିର୍ବାଚନ ବେଳେ ବୟସାଧିକ ଯୋଗୁ ଚିନ୍ତାମଣି ନିର୍ବାଚନ ରାଜନୀତିରୁ ଦୂରେଇ ମଧ୍ୟମ ପୁତ୍ର ମନୋରଞ୍ଜନଙ୍କୁ ଛାଡ଼ିଥିଲେ। ମନୋରଞ୍ଜନ ଓ ଉଷାଙ୍କ ମଧ୍ୟରେ ୨୦୧୪ ନିର୍ବାଚନ ଲଢ଼େଇ ହୋଇଥିଲା। ଏଥିରେ ଉଷା ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ମନୋରଞ୍ଜନ ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ଉଷାଙ୍କ ସହ ତାଙ୍କର କଡ଼ା ଟକ୍କର ହୋଇଥିଲା। କଂଗ୍ରେସର ଦୁର୍ବଳ ପ୍ରାର୍ଥୀ ସୁବାସ ରାଉତଙ୍କ ଯୋଗୁ ଭାଜପାକୁ ଆଶାନୁରୂପ ଭୋଟ ମିଳିଥିଲା। ତଥାପି ଉଷା ୨୦ ହଜାର ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ପଞ୍ଚାୟତ ନିର୍ବାଚନରେ ରାଜନୀତି ବଦଳିଗଲା। ସମସ୍ତ କୌଶଳ ସତ୍ତ୍ୱେ ପାତ୍ରପୁର ବ୍ଲକ ଶାସନ ଭାଜପା ଦଖଲ କରିଛି। ଏହା ବିଜେଡିର ମୁଣ୍ଡବିନ୍ଧା ବଢ଼ାଇ ଦେଇଛି। ଆଗାମୀ ବିଧାନସଭା ନିର୍ବାଚନରେ ପାତ୍ରପୁର ବ୍ଲକ ଛଡ଼ାଇ ଆଣିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରୁଥିବା ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚିକିଟି ରାଜପରିବାରର ବୋହୂ, ଶ୍ୱଶୁର ୮ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଆଗାମୀ ନିର୍ବାଚନରେ ଉଷାଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ବିଜେଡି ପ୍ରାର୍ଥୀ ହୋଇପାରନ୍ତି ବୋଲି କର୍ମୀ ମହଲରେ ଚର୍ଚ୍ଚା ଚାଲିଛି। ସେହିପରି ଦ୍ୟାନସାମନ୍ତରା ପରିବାରର ବାପା ଓ ପୁଅ ୯ ଥର ନିର୍ବାଚନ ଲଢ଼ି କେବଳ ଚିନ୍ତାମଣି ୩ ଥର ଜିତିଥିବା ତଥ୍ୟ ରହିଛି। ତେବେ ଉଭୟ ପରିବାର କର୍ମୀଙ୍କୁ ବାଟ ନ ଛାଡ଼ି ନିଜ ଘର ଭିତରେ ରାଜନୀତିକୁ ସୀମିତ ରଖୁଥିବା ସଚେତନ ମହଲ ଚର୍ଚ୍ଚା କରୁଛି। ଅପରପକ୍ଷରେ ୨୦୧୪ ନିର୍ବାଚନ ପର୍ଯ୍ୟନ୍ତ ଚିକିଟି ସେଗ୍‌ମେଣ୍ଟରେ ଭାଜପା ଭୋଟ ହାର ଅତି ନଗଣ୍ୟ ଥିବା ବେଳେ ୨୦୧୯ ନିର୍ବାଚନରେ ବହୁ ଗୁଣ ବଢ଼ି ଯାଇଥିଲା। ଆଗାମୀ ନିର୍ବାଚନରେ ଫଳାଫଳ କ'ଣ ହେବ ତାହାକୁ ଅପେକ୍ଷା।

# ଧର୍ମେନ୍ଦ୍ରଙ୍କୁ ପ୍ରଣବଙ୍କ ଟାର୍ଗେଟ

**ପରୀ ହତ୍ୟାକାଣ୍ଡ ପ୍ରସଙ୍ଗ**

**ଭୁବନେଶ୍ୱର,୭।୨(ଅନିଲ ଦାସ)**

ନୟାଗଡ଼ ପରୀ ହତ୍ୟାକାଣ୍ଡ ଘଟଣାରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରିଛନ୍ତି। ସୋସିଆଲ ସାଇଟ୍ 'ଏକ୍ସ'ରେ କେନ୍ଦ୍ରମନ୍ତ୍ରୀଙ୍କୁ ସମାଲୋଚନା କରି ପ୍ରଣବ କହିଛନ୍ତି, ପରୀ ହତ୍ୟାକାରୀଙ୍କୁ ବଞ୍ଚାଇବାକୁ କେନ୍ଦ୍ରମନ୍ତ୍ରୀ ହୀନ ଉଦ୍ୟମ କରିଥିଲେ। ହାଇକୋର୍ଟରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ନାମୀଦାମୀ ଓକିଲ ଲଗାଇ ମାମଲାକୁ ବିଳମ୍ବିତ ଆଉ ଦିଗହରା କରିବାକୁ ଉଦ୍ୟମ କରିଥିଲେ। ବ୍ୟକ୍ତିଗତ ରାଜନୈତିକ ସ୍ୱାର୍ଥ ପାଇଁ ତାଙ୍କ କାର୍ଯ୍ୟକୁ ଓଡ଼ିଶାବାସୀ ଦେଖିଛନ୍ତି। ଓଡ଼ିଶା ଇତିହାସରେ ଏଭଳି ନିମ୍ନସ୍ତରର ରାଜନୀତି କେବେ ଦେଖାଯାଇ ନ ଥିଲା। ଓଡ଼ିଶାର ରାଜନୀତିକୁ ସେ ବହୁ ତଳସ୍ତରକୁ ନେଇଗଲେ ବୋଲି ପ୍ରଣବ କହିଛନ୍ତି। ମଙ୍ଗଳବାର ରାୟ ପ୍ରକାଶ ପରେ ତାଙ୍କ ଅନ୍ତରାତ୍ମା କିଭଳି ତାଙ୍କୁ ଶାନ୍ତିରେ ରଖାଇ ଦେଉଛି। ନିଜେ ଆଇନା ସାମ୍ନାରେ ଠିଆ ହୋଇ ନିଜର ଅନ୍ତରାତ୍ମାକୁ ପଚାରନ୍ତୁ। ଆପଣ ଠିକ୍ କରିଛନ୍ତି ନା ଭୁଲ୍। ଏଥିପାଇଁ ସେ ଓଡ଼ିଶାବାସୀଙ୍କ ପାଖରେ କ୍ଷମା ମାଗନ୍ତୁ ବୋଲି ପ୍ରଣବ କହିଛନ୍ତି।

# ବିଜେଡି ନେତା ନିଜକୁ ପ୍ରଶ୍ନକରି ଯେଉଁ ଉତ୍ତର ପାଉଛନ୍ତି ତା'ର ସମୀକ୍ଷା କରନ୍ତୁ: ଭାଜପା

**ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)**

ନିଜ ଦଳର ନେତା ନବ ଦାସଙ୍କ ହତ୍ୟାର ରହସ୍ୟ ଯେଉଁ ସରକାର ଏ ପର୍ଯ୍ୟନ୍ତ ଉନ୍ମୋଚନ କରିପାରିନାହିଁ, ସେମାନେ ଅନ୍ୟକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। ମମିତା ମେହେର, ପରୀ, କୁନ୍ଦୁଲି, ବେବିନା, ଇତିଶ୍ରୀ, ପିନ୍ଟୁ ଭଳି ଘଟଣାକୁ ଚପାଇବା ପାଇଁ ବିଜେଡି ସରକାର କ'ଣ ଚେଷ୍ଟା କରିଛନ୍ତି, ତାହା ସମସ୍ତଙ୍କୁ ଜଣାଅଛି। ବିଜେଡି ନେତା ନିଜେ ନିଜକୁ ପ୍ରଶ୍ନ ପଚାରି ହୃଦୟରୁ ଆସୁଥିବା ଉତ୍ତରକୁ ସମୀକ୍ଷା କରନ୍ତୁ ବୋଲି 'ଏକ୍ସ'ରେ ଭାଜପା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି।

ପରୀ ହତ୍ୟାକାଣ୍ଡ ଘଟଣାରେ କୋର୍ଟଙ୍କ ରାୟ ଆସିବା ପରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ସାମାଜିକ ଗଣମାଧ୍ୟମ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରିଥିବା ବେଳେ ଭାଜପା ପକ୍ଷରୁ ପାଲଟା ଜବାବ ଦିଆଯାଇଛି। ଭାଜପା ନେତା ଲଳିତେନ୍ଦୁ ଏହି ପ୍ରସଙ୍ଗରେ ଆହୁରି କହିଛନ୍ତି, ବିଜେଡି ନେତା ପ୍ରଣବଙ୍କ ପାଠ କମ୍ ବସ୍ତାନି ବେଶି। ଏ କଥାକୁ ଆମେ ଥରେ ନୁହେଁ ବହୁ ଥର କହିସାରିଛୁ। ବିଜେଡି ନେତାମାନେ କେତେବେଳେ କ୍ରୀତଦାସର ଭୂମିକା ଦାୟିତ୍ୱରେ ରହୁଛନ୍ତି ତ କେତେବେଳେ ଟ୍ରାଫିକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ବିଜେଡି ନେତାଙ୍କଠାରୁ ଅବା କ'ଣ ଅଧିକ ଆଶା କରାଯାଇପାରେ। ପରୀ ଘଟଣା ଉପରେ ପ୍ରଣବ ପ୍ରକାଶ ଯାହା କହିଛନ୍ତି, ସେ କଥା ନିଜକୁ ପଚାରିଲେ ଭଲ ହେବ ବୋଲି ଲଳିତେନ୍ଦୁ କହିଛନ୍ତି।

# ୨୧ ଲୋକ ସଭା ଆସନ ପାଇଁ ଭାଜପାର ପ୍ରଭାରୀ, ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର,୭।୨(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ୨୧ ଲୋକ ସଭା ଆସନ ଲାଗି ପ୍ରଭାରୀ ଏବଂ ସଂଯୋଜକ ଚୟନ କରାଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ବୁଧବାର ଏହି ତାଲିକା ଘୋଷଣା କରାଯାଇଛି। ବରଗଡ଼ ଲୋକ ସଭା ଆସନ ଲାଗି ସବିତା ନନ୍ଦ ପ୍ରଭାରୀ ଏବଂ ସୁରେଶ୍ୱର ଶତପଥୀଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି। ସେହିପରି ସୁନ୍ଦରଗଡ଼ରେ ପ୍ରଭାରୀ ଦିନେଶ ଜୈନ ଏବଂ ବଟକିଶୋର ମିଶ୍ର ସଂଯୋଜକ, ସମ୍ବଲପୁର ପ୍ରଭାରୀ ମୁକ୍ତା ସାହୁ ଏବଂ ଗିରୀଶ ପଟେଲ ସଂଯୋଜକ, କେନ୍ଦୁଝରରେ ସଞ୍ଜୀବ ମହାନ୍ତି ପ୍ରଭାରୀ, ଶୁକଦେବ ମହାନ୍ତ ସଂଯୋଜକ, ମୟୂରଭଞ୍ଜ ପ୍ରଭାରୀ ଲମ୍ବୋଧର ନାୟକ, ବିଭୂତି ଭୂଷଣ ମହାନ୍ତଙ୍କୁ ସଂଯୋଜକ ନିଯୁକ୍ତ କରାଯାଇଛି। ସେହିପରି ବାଲେଶ୍ୱରରେ ଆଶୁତୋଷ ପରିଡ଼ା ପ୍ରଭାରୀ, ଶୁଭଙ୍କର ମହାପାତ୍ର ସଂଯୋଜକ, ଭଦ୍ରକରେ ବୈଦ୍ୟନାଥ ଚାଟାର୍ଜୀ ପ୍ରଭାରୀ, ଈଶ୍ୱର ଚନ୍ଦ୍ର ବେହେରାଙ୍କୁ ସଂଯୋଜକ, ଯାଜପୁରରେ ସିପ୍ରା ବାଜପେୟୀ ପ୍ରଭାରୀ ଏବଂ ବିକ୍ରମ ବିଶ୍ୱାଳ ସଂଯୋଜକ, ଢେଙ୍କାନାଳରେ ଗୋଲକ ପ୍ରସାଦ ମହାପାତ୍ରଙ୍କୁ ପ୍ରଭାରୀ, ପ୍ରେମାନନ୍ଦ ଜେନା ସଂଯୋଜକ, ବଲାଙ୍ଗୀରରେ ଭବେନ୍ଦ୍ର ପଣ୍ଡା ପ୍ରଭାରୀ ଏବଂ ଦିନେଶ ଶର୍ମା ସଂଯୋଜକ , କଳାହାଣ୍ଡିରେ ରମେଶ ଚନ୍ଦ୍ର ସାହୁ ପ୍ରଭାରୀ ଏବଂ ଶିବପ୍ରସାଦ ମୁଣ୍ଡଙ୍କୁ ସଂଯୋଜକ, ଗୋଦାବରୀଶ ପାତ୍ର(ସହସଂଯୋଜକ) ଦାୟିତ୍ୱ ପାଇଛନ୍ତି। ନବରଙ୍ଗପୁରରେ ମନିଜର ଆର୍ଯ୍ୟ ପ୍ରଭାରୀ ଏବଂ ରାମେଶ୍ୱର ଜେନାଙ୍କୁ ସହ ସଂଯୋଜକ, କନ୍ଧମାଳରେ ନିରଞ୍ଜନ ମିଶ୍ର ପ୍ରଭାରୀ, ପଦ୍ମଚରଣ ଦାସଙ୍କୁ ସଂଯୋଜକ, କଟକରେ ପ୍ରତାପ କୁମାର ମିଶ୍ର ପ୍ରଭାରୀ ଏବଂ ସୁକାନ୍ତ ବିଶ୍ୱାଳ ସଂଯୋଜକ, କେନ୍ଦ୍ରାପଡ଼ାରେ ବିନୋଦ ଦାସ ପ୍ରଭାରୀ ଏବଂ ସୁନାକର ବେହେରା ସଂଯୋଜକ, ସତ୍ୟବାଦୀ ଚଇନି(ସହସଂଯୋଜକ) ଦାୟିତ୍ୱ ପାଇଛନ୍ତି। ଜଗତ୍‌ସିଂହପୁରରେ ପବିତ୍ର ମୋହନ ଦାଶ ପ୍ରଭାରୀ, ଓମ୍‌ପ୍ରକାଶ ରାୟ ସଂଯୋଜକ, ପୁରୀରେ ଅମିୟ ଦାଶ ପ୍ରଭାରୀ, ଶଙ୍କର୍ଷଣ ପରିଡ଼ା ସଂଯୋଜକ, ଭୁବନେଶ୍ୱରରେ ଜୀବନ ସାହୁ ପ୍ରଭାରୀ, ବିଦ୍ୟୁତ୍ କାଣ୍ଡି ସଂଯୋଜକ, ଆସ୍କାରେ ଅଜୟ ମିଶ୍ର ପ୍ରଭାରୀ, ଯଜ୍ଞ ନାରାୟଣ ଦାସ ସଂଯୋଜକ, ବ୍ରହ୍ମପୁରରେ ଅଶୋକ କୁମାର ମିଶ୍ର ପ୍ରଭାରୀ, ସରୋଜ ସାବତ ସଂଯୋଜକ ଏବଂ କୋରାପୁଟରେ ଗୋବିନ୍ଦ ଜୈନଙ୍କୁ ପ୍ରଭାରୀ ଓ ତ୍ରିନାଥ ପଣ୍ଡାଙ୍କୁ ସଂଯୋଜକ ଦାୟିତ୍ୱ ଦିଆଯାଇଛି।

# ବିଜେଡିରେ ଯୋଗଦେଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ

**ଭୁବନେଶ୍ୱର,୭।୨(ଅନିଲ ଦାସ)**

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବୁଧବାର ଶଙ୍ଖଭବନଠାରେ ମନ୍ତ୍ରୀ ତଥା ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତ କର୍ମୀଙ୍କୁ ଦେବ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି। ଭାଜପା ଓ କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ ଫଳରେ ବିଶେଷକରି ନୀଳଗିରି ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା କର୍ମୀମାନେ କହିଛନ୍ତି। ଦଳରେ ଗ୍ରହଣ କରିଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ନୀଳଗିରି ଶିଶିର ଫାଉଣ୍ଡେଶନର ସଭାପତି ସବ୍ୟସାଚୀ ମହାପାତ୍ର, ମହିଳା ସଭାପତି ପରିସ୍ମିତା ଦାସ, ୬ନଂ ୱାର୍ଡ କାଉନସିଲର ପ୍ରତାପ ସେଠୀ, ନୀଳଗିରି ଏନ୍‌ଏସି ୱାର୍ଡ ନଂ.୬ର କଂଗ୍ରେସ ଯୁବନେତା ସନ୍ତୋଷ କୁମାର ମହାପାତ୍ର, ନିଗମ ରଞ୍ଜନ ରାଉତ, ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଡମ୍ବରୁଧର ବେହେରା,ପୂର୍ବତନ ସରପଞ୍ଚ ମଧୁସ୍ମିତା ସିଂ, ଚିନ୍ମୟ ଶରଣ ରାଉତ, ଭାଜପା ଯୁବ ନେତା ମୁକେଶ ସାହୁ, ଦେବାଶିଷ ନାୟକ, ସ୍ୱାଧୀନ ଜିଲା ପରିଷଦ ପ୍ରାର୍ଥୀ ମୋନାଲିସା ଦାସ, ଜଗବନ୍ଧୁ ବ୍ରହ୍ମ, ବୃନ୍ଦାବନ ପ୍ରଧାନ, ପୂର୍ବତନ ଭାଜପା ଜିଲା ପରିଷଦ ପ୍ରାର୍ଥୀ ଅର୍ଜୁନ ମାରାଣ୍ଡି, ପୂର୍ବତନ ସମିତି ସଭ୍ୟ ପତିତପାବନ ସିଂଙ୍କ ସହ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ନୀଳଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ନବ ଦମ୍ପତିଙ୍କୁ କଂଗ୍ରେସର ରସୁଣ ମାଳ ଉପହାର

**ରସୁଣ ଦର ବୃଦ୍ଧିକୁ ନେଇ ଅଭିନବ ପ୍ରତିବାଦ**

**ତିର୍ତ୍ତୋଲ,୭।୨(ଗୌରାଙ୍ଗ ଚରଣ ସ୍ୱାଇଁ)**

ସମ୍ପ୍ରତି ରସୁଣ ଦର ଅହେତୁକ ବୃଦ୍ଧି ନେଇ ଖାଉଟିମାନେ ଚିନ୍ତାରେ ପଡ଼ିଛନ୍ତି। ଏହି ଦରବୃଦ୍ଧି ନେଇ କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ଜିଲା ମୁଖପାତ୍ର ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ନେତୃତ୍ୱରେ ନବ ଦମ୍ପତିଙ୍କୁ ରସୁଣ ମାଳ ଉପହାର ଦିଆଯାଇଛି। ଯାହା ବୁଧବାର ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଛି। ତିର୍ତ୍ତୋଲ ବ୍ଲକ ଗରାମ ଗାଁର



ଜ୍ୟୋତି ରଞ୍ଜନ ମଲ୍ଲିକ ଓ ତପସ୍ୱିନୀଙ୍କର ବିବାହ ଉତ୍ସବରେ କଂଗ୍ରେସ ପକ୍ଷରୁ ଏଭଳି ଅଭିନବ ପ୍ରତିବାଦ କରାଯାଇଛି। କଂଗ୍ରେସ ନେତା ଇଂ. ମଲ୍ଲିକ, ପିସିସି ସଭ୍ୟ ତଥା ଗୋବିନ୍ଦପୁର ସମିତିସଭ୍ୟ ଦେବପ୍ରସାଦ ନାୟକ, ବ୍ଲକ କଂଗ୍ରେସ ସଭାପତି ନିହାର ରଞ୍ଜନ ନାୟକ, ଉପସଭାପତି ଅଶ୍ୱିନୀ ସ୍ୱାଇଁ, ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ ଏଥିରେ ଉପସ୍ଥିତ ରହି ନବଦମ୍ପତିଙ୍କୁ ରସୁଣ ମାଳ ଉପହାର ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ କର୍ମୀ ରାକେଶ ସ୍ୱାଇଁ, ସୁଦାମ ସ୍ୱାଇଁ, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ରସୁଣ ଦର ୫୦୦ ଟଙ୍କା ପାର ହୋଇଥିବାରୁ ମୋଦି ସରକାର ତୁମେ ଦିଅ ଉତ୍ତର। ଆମ ପକ୍ଷରୁ ଭାଇଭାଉଜଙ୍କୁ ଏହି ମୂଲ୍ୟବାନ ଉପହାର ଲେଖା ଧରାଇ ଥିଲେ। ରସୁଣ ଦର ଭଳି ଦୁହିଁଙ୍କ ସମ୍ପର୍କ ଉଚ୍ଚରେ ରହୁ ବୋଲି କାମନା କରାଯାଇଥିଲା। ଉଭୟ ନବ ଦମ୍ପତି ଦୁହେଁ ଦୁହିଁଙ୍କ ବେକରେ ରସୁଣ ମାଳକୁ ପକାଇଥିଲେ। ରସୁଣ ଦର ବୃଦ୍ଧିକୁ ନେଇ ତିର୍ତ୍ତୋଲ ଯୁବ କଂଗ୍ରେସର ଏପରି କଟାକ୍ଷ ସାଧାରଣ ଓ ସୋସିଆଲ ମିଡିଆରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

# ଯଦି ରାଜି ହୋଇଥାଆନ୍ତି...

କଳାକାର ଜୀବନରେ ଅନେକ ଉତ୍ଥାନ ପତନ ଆସେ। ଅଫରଟିଏ ପାଇଲେ ତାହାକୁ ଆଧାରକରି ସେ କିପରି ନିଜ କ୍ୟାରିୟରକୁ ଆଗେଇନେବ ସେନେଇ ବେଶ୍ ତତ୍ପର ଥାଏ। ହେଲେ ବେଳେବେଳେ ଭଲ ଅଫର ହାତରୁ ଖସି ଯାଏ କିମ୍ବା କୌଣସି କାରଣବଶତଃ ତାହାକୁ ହାତଛଡ଼ା କରିବାକୁ ପଡ଼ିଥାଏ। ଦେଖୁନାହାନ୍ତି, ନିଜ ଅଭିନୟ ଜୀବନର ପ୍ରଥମ ଅବସ୍ଥା ବିଷୟରେ ରୋମନ୍ଥନ କରୁ କରୁ ଦୀପିକା ପାଦୁକୋନ୍ କେମିତି ଇମୋଶନାଲ ହୋଇପଡୁଛନ୍ତି। ବଲିଉଡ୍‌ର ଅନ୍ୟତମ ବରିଷ୍ଠ ତଥା ଲୋକପ୍ରିୟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ପ୍ରୋଜେକ୍ଟରେ କିଏ ବା କାମ କରିବାକୁ ନ ଚାହେଁ? ଯେତେବେଳେ ଦୀପିକା ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ସ୍ଥିର କଲେ ସେତେବେଳେ ତାଙ୍କୁ ଏହି ନିର୍ଦ୍ଦେଶକ 'ସାୱରିୟାଁ' ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଇଥିଲେ। କିନ୍ତୁ କେତେକ କାରଣ ବଶତଃ ଦୀପିକା ଏହି ଅଫରଟିକୁ ହାତଛଡା କରିଥିଲେ। ଏ ନେଇ ସେ କୁହନ୍ତି, 'ଏକଥା ସତ ଯେ ସେତେବେଳେ ମୁଁ ଏକ ସୁବର୍ଣ୍ଣ ସୁଯୋଗ ହାତଛଡା କରିଥିଲି। କିନ୍ତୁ ତା' ବ୍ୟତୀତ ମୋ ପାଖରେ ଅନ୍ୟ କିଛି ଉପାୟ ନ ଥିଲା। ସେକଥା ମନେପଡିଲେ ଦୁଃଖ ଲାଗେ, ହେଲେ ଆଉ ତ କିଛି କରିହେବନି। ଯାହା ଘଟିଯାଇଛି ତାହାକୁ କେବଳ ମନ ଭିତରେ ସ୍ମୃତି ପରି ସାଇତି ରଖିବାକୁ ହେବ।' ଏହି ଫିଲ୍ମରେ ନବାଗତା ଭାବରେ ଅନିଲ କପୁରଙ୍କ କନ୍ୟା ସୋନମ୍ କପୁରଙ୍କୁ ସାଇନ୍ କରାଯାଇଥିଲା ଏବଂ ନାୟକ ଭୂମିକାରେ ଅଭିନୟ କରିଥିଲେ ରଣବୀର କପୁର। ସୂଚନାଯୋଗ୍ୟ, ପବରର୍ତ୍ତୀ ସମୟରେ ଫରହା ଖାଁଙ୍କ 'ଓମ୍ ଶାନ୍ତି ଓମ୍'ରେ ଶାହରୁଖଙ୍କ ଅପୋଜିଟ୍‌ରେ ନିଜର ସୋଲୋ ନାୟିକା କ୍ୟାରିୟର ଆରମ୍ଭ କରିଥିଲେ ଦୀପିକା।


ଦୀପିକା

# ଓଡ଼ିଆ ସିନେମାରେ ସଂଳାପ ପ୍ରସଙ୍ଗ

ସିନେମାରେ କାହାଣୀ ଓ ସଂଳାପ ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ଲେଖାର ପ୍ରଭାବ ସବୁ ସମୟରେ ରହୁଛି ଓ ରହିବ। ଓଡ଼ିଆ ସିନେମା ଜଗତର ବରିଷ୍ଠ ସଂଳାପକାର ତଥା ନାଟ୍ୟକାର ବିଜୟ ମିଶ୍ର ପାଖାପାଖି ୬୦ଟି ସିନେମାର ସଂଳାପ ରଚନା କରି ଯେଉଁ ଛାପ ଛାଡିଦେଇ ଯାଇଛନ୍ତି ତାହା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ତାଙ୍କ ସଂଳାପ ଦର୍ଶକମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା। କେବଳ ସେତିକି ନୁହେଁ, ସେ ସମୟରେ ନବାଗତ ସଂଳାପକାରମାନଙ୍କ ପାଇଁ ସେ ଜଣେ ମାର୍ଗଦର୍ଶକ ସାଜିଥିଲେ। ସଂଳାପ ରଚନାରେ କେବଳ ରେକର୍ଡ ସୃଷ୍ଟିକଲେ ହେବନାହିଁ। ସେଗୁଡିକ ଏଭଳି ହେବା ଦରକାର, ଯାହାକୁ ସବୁଦିନ ପାଇଁ ସିନେପ୍ରେମୀ ମନେରଖିବେ। ଅନ୍ୟ ସିନେମାରୁ କପି କରି ସଂଳାପ ଲେଖିଦେଲେ ଦାୟିତ୍ୱ ସିନା ତୁଟିଯାଏ, ହେଲେ ସେଗୁଡିକ ଯେ ଉତ୍ତରା ସଂଳାପ ତାହା ପରବର୍ତ୍ତୀ ସମୟରେ ଜଣାପଡିଯାଏ। ତେଣୁ ସଂଳାପ ରଚନା ସମୟରେ ନିଜ ମନର ପରିଭାଷାକୁ ସେଥିରେ ଫୁଟାଇପାରିଲେ କାହାଣୀଟି ସେଥିରେ ସ୍ପଷ୍ଟ ଭାବରେ ପ୍ରତିଫଳିତ ହୋଇଥାଏ। ଆମ ଓଡ଼ିଆ ସିନେମାରେ ବିଶିଷ୍ଟ ତଥା ସ୍ମରଣୀୟ ସଂଳାପକାର ଭାବରେ କେବଳ ବିଜୟ ମିଶ୍ର ନୁହନ୍ତି, ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ, ଡ. ସୁବୋଧ ପଟ୍ଟନାୟକ, ନିଜାମ ଆଦିଙ୍କୁ ଏହି ତାଲିକାରେ ସାମିଲ କରାଯାଇପାରେ।

ସଂଳାପରେ ଏଭଳି ମସଲା ରହିବା ଦରକାର, ଯାହାଦ୍ୱାରା ସେହି ସିନେମାଟି ଦେଖିବା ପରେ ଦର୍ଶକ ସେଗୁଡିକୁ ମନେ ପକାଉଥିବେ। ଗୋଟିଏ ଉଦାହରଣ ଦେଲେ ଠିକ୍ ହେବ। ବଲିଉଡ୍‌ର ବ୍ଲକ୍ ବଷ୍ଟର ଫିଲ୍ମ 'ଶୋଲେ'। ଏହାର ସଂଳାପ ଲେଖି ସଲିମ୍-ଜାଭେଦ (ସଲିମ ଖାଁ, ଜାଭେଦ ଅଖତର) ଅମର। ଓଡ଼ିଆ ସନେମା ଉପରେ ଦୃଷ୍ଟିନିକ୍ଷେପ କଲେ 'ଶେଷ ଶ୍ରାବଣ', 'କାବେରୀ', 'ସ୍ତ୍ରୀ', 'ଗପ ହେଲେ ବି ସତ', 'ଫୁଲ ଚନ୍ଦନ' ଭଳି ସିନେମାର ସଂଳାପ ଲେଖିଥିବା ବ୍ୟକ୍ତିବିଶେଷଙ୍କୁ ଏବେ ବି ସ୍ମରଣ କରାଯାଇଥାଏ। ଏମାନେ କେବେ ନିଜର ଆତ୍ମପ୍ରଚାର କରୁ ନ ଥିଲେ। ସେମାନଙ୍କ ସିନେମାର ପ୍ରଭାବ ଗନ୍ଧ ଆଜି ସୁବାସିତ ହୋଇ ମହକୁଛି। ବିଶିଷ୍ଟ ସଂଳାପ ଲେଖକ ଶୀର୍ଷାନନ୍ଦ ଦାସ କାନୁନ୍‌ଗୋ ଲେଖିଥିବା ପ୍ରମୁଖ ସିନେମା ମଧ୍ୟରେ ରହିଛି 'ଏଇ ଆମ ସଂସାର', 'ସାକ୍ଷୀ ରହିବ ମୋ ଶଙ୍ଖାସିନ୍ଦୂର', 'ସତମିଛ', 'ରାମଲକ୍ଷ୍ମଣ', 'ସକଳ ତୀର୍ଥ ତୋ ଚରଣେ', 'ରାକ୍ଷୀ ଭିଜିଗଲା ଆଖି ଲୁହରେ', 'ଧର୍ମନିକିତି', ଏବଂ 'ଭାଇ ହେଲା ଭଗାରି'। ଜଣେ ଗୀତିକାର ଭାବରେ ସୁନାମ ଅର୍ଜନ କରିବା ପରେ ସଂଳାପ ରଚନାରେ ରୁଚି ରଖିଥିବା ନିଜାମ 'ବଡ଼ ଭାଉଜ', 'ହିସାବ କରିବ କାଳିଆ', 'ସାବିତ୍ରୀ', 'କାଶିଆ କପିଳା', 'ତୁମକୁ ପାରୁନି ତ ଭୁଲି' ଏବଂ 'ମା ମୋତେ ଶକ୍ତି ଦେ' ଆଦି ସିନେମାର ସଂଳାପ ଲେଖିଥିଲେ ।

କେବଳ ଜଣେ ଅଭିନେତା, ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ ନୁହନ୍ତି, ସଂଳାପକାର ଭାବେ ପ୍ରଶାନ୍ତ ନନ୍ଦ ମଧ୍ୟ ସୃଷ୍ଟି କରିଛନ୍ତି ସ୍ୱତନ୍ତ୍ର ପରିଚୟ। ତାଙ୍କର ରଚିତ ସଂଳାପକୁ ଆଧାରକରି ନିର୍ମିତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ବଳିଦାନ', 'ମା ଓ ମମତା', 'ପୂଜା', 'ହିସାବ ନିକାଶ', 'ସ୍ୱପ୍ନସାଗର', 'ବଗୁଲା ବଗୁଲି', 'କଣ୍ଢେଇ', 'ଯା'ଦେବୀ ସର୍ବଭୂତେଷୁ', 'ଜୀଅନ୍ତା ଭୂତ' ଏବଂ 'ଥୁକୁଲୁ'। ଏହାବ୍ୟତୀତ କବିଚନ୍ଦ୍ର କାଳୀ ଚରଣ ପଟ୍ଟନାୟକଙ୍କ 'ଲଳିତା' ଓ 'ନାରୀ', ଶାରଦା ପ୍ରସନ୍ନ ନାୟକଙ୍କ 'ଜୟଦେବ', 'ସ୍ତ୍ରୀ', 'ସଂସାର', ଗୁରୁକୃଷ୍ଣ ଗୋସ୍ୱାମୀଙ୍କ 'ସୂର୍ଯ୍ୟମୁଖୀ' ସିନେମା। ଦର୍ଶକାଦୃତ ହୋଇପାରିଥିଲା। ଭୁବନେଶ୍ୱର ମହାପାତ୍ରଙ୍କ 'ସିନ୍ଦୂର ବିନ୍ଦୁ' ଯଦି ଉଦାହରଣ ନେବା, ତେବେ ଯଥେଷ୍ଟ ହେବ।

ବର୍ତ୍ତମାନର ସଂଳାପକାରଙ୍କ ମଧ୍ୟରେ ସମ୍ପ୍ରତି ଶଙ୍କର ତ୍ରିପାଠୀ ଜଣେ ସଫଳ ବ୍ୟକ୍ତିତ୍ୱ। ତାଙ୍କ ସଂଳାପ ରଚିତ 'ପୁଷ୍କରା' ସଫଳତା ଲାଭ କଲା। ନିକଟରେ ସଂଳାପକାର ଡ. ରଜନୀ ରଞ୍ଜନ ନିଜର ୧୦୦ତମ ସିନେମାର ସେଲିବ୍ରେଶନ କରିଛନ୍ତି। ଉତ୍ତାରି କେହି କେବେ ଶୀର୍ଷରେ ପହଞ୍ଚିବନାହିଁ। ଏହା ଏକ ବୃଥା ଆସ୍ଫାଳନ। ମୌଳିକତାକୁ ନେଇ ସିନେମା ଜଗତ ବଞ୍ଚିଥାଏ। ତେଣୁ ଭଲ ତଥା ମନଲାଖି ସଂଳାପ ଚିରଦିନ ପାଇଁ ଅମର ହୋଇ ରହିବା ଏକ ସ୍ୱାଭାବିକ କଥା। ନା, ଆପଣ କ'ଣ କହୁଛନ୍ତି!

-ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର-୧୮
ମୋ : ୯୮୨୧୦୦୯୨୫୨

# କାର୍‌ପ୍ରିୟ ଜନ୍

ଜନ୍ ଆବ୍ରାହମ୍ ମଡେଲିଂରୁ କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ଅଭିନୟ କ୍ଷେତ୍ରରେ ନିଜ ଦକ୍ଷତା ଦେଖାଇସାରିଛନ୍ତି। କେବଳ ସେତିକି ନୁହେଁ, ଇତିମଧ୍ୟରେ ସେ କେତୋଟି ସିନେମାର ପ୍ରଯୋଜନା ମଧ୍ୟ କରିସାରିଛନ୍ତି। ତାଙ୍କର ଏକ ନିଆରା ଅଭ୍ୟାସ ରହିଛି। ବିଶେଷଭାବରେ କାର ପ୍ରତି ତାଙ୍କର ରହିଛି ଦୁର୍ବଳତା। କୌଣସି ନୂଆ ମଡେଲର କାର୍ ବଜାରକୁ ଆସିଲେ ତାହାକୁ ସେ କିଣିବାକୁ ପଛାଇ ନ ଥାନ୍ତି। ଏ ନେଇ ଜନ୍ କୁହନ୍ତି, 'କାର୍ ପ୍ରତି ମୋର ସଉକ୍ ଅନେକ ଦିନରୁ ରହିଛି। ସ୍କୁଲରେ ପଢ଼ିବା ସମୟରେ ମୁଁ ବିଭିନ୍ନ ଡିଜାଇନ୍‌ବିଶିଷ୍ଟ କାର୍ ବିଷୟରେ ଜାଣିବାକୁ ଚେଷ୍ଟା କରୁଥିଲି। ସେଥିପାଇଁ ନୂଆ ନୂଆ ମଡେଲ କାର୍ କିଣିବା ମୋର ସଉକରେ ପରିଣତ ହୋଇଛି। ମୋ ପାଖରେ ଅନେକ ନାମୀଦାମୀ କମ୍ପାନୀର କାର୍ ରହିଛି।' ଜନ୍‌ଙ୍କ ଅଭିନୀତ ପ୍ରଥମ ସିନେମା 'ଜିସ୍ମ' ୨୦୦୩ରେ ରିଲିଜ୍ ହୋଇଥିଲା। ଏହି ଫିଲ୍ମରୁ ହିଁ ସେ ନିଜର ଅଭିନୟ ଦକ୍ଷତା ଦେଖାଇବାରେ ସକ୍ଷମ ହୋଇଥିଲେ। 'ଗରମ ମସଲା' ଫିଲ୍ମରେ ତାଙ୍କର କମେଡି ଦର୍ଶକଙ୍କୁ ପ୍ରଭାବିତ କରିଥିଲା।


ଜନ୍

# ଡରେଇବେ ଶ୍ରଦ୍ଧା

ଶକ୍ତି ତନୟା ଶ୍ରଦ୍ଧା କପୁର ଏବେ ଦର୍ଶକଙ୍କୁ ଡରାଇବେ। କାରଣ ଏଥିରେ ତାଙ୍କର ଗେଟ୍‌ଅପ୍ କଥା ଛାଡ଼ନ୍ତୁ, ଭୂମିକାଟି ଯେଉଁଭଳି ହୋଇଛି ତାହାକୁ ମନେ ପକାଇଲେ ହୁଏତ ଅନେକଙ୍କ ମନରେ ଭୟ ସଞ୍ଚାର ହୋଇପାରେ। ହଁ, କଥା କ'ଣ କି, ନିର୍ମାଣାଧୀନ ହିନ୍ଦୀ ସିନେମା 'ସ୍ତ୍ରୀ-୨'ରେ ଶ୍ରଦ୍ଧା ଜଣେ ଡାହାଣୀ ଭୂମିକାରେ ଅଭିନୟ କରୁଛନ୍ତି। ନିଶାର୍ଦ୍ଧରେ ଶୂନ୍‌ଶାନ ରାସ୍ତାରେ ଧଳା ଶାଢ଼ି ପରିହିତା ଜଣେ ମହିଳା ଠିଆ ହୋଇଥିବ। ସେହି ରାସ୍ତାରେ ଯାଉଥିବା ଲୋକମାନଙ୍କୁ ଲିଫ୍ଟ ମାଗିବା ବାହାନାରେ ଲୁଟ୍‌ତରାଜ କରିବା ହେଲା ତାହାର କାମ। ଆଉ ଏଭଳି ଏକ ରୋଲ୍‌ରେ ଶ୍ରଦ୍ଧା ଦର୍ଶକଙ୍କ ସାମ୍ନାକୁ ଆସୁଛନ୍ତି। 'ଯେତେବେଳେ ଏହି ଫିଲ୍ମର ନିର୍ଦ୍ଦେଶକ ଅମର କୌଶିକ ମୋତେ ଏଭଳି ଭୂମିକା ବିଷୟରେ ସୂଚନା ଦେଲେ ସେତେବେଳେ ତାହାକୁ କିପରି ତୁଲାଇବି ଟିକେ ଦ୍ୱନ୍ଦ୍ୱରେ ପଡିଥିଲି। କିନ୍ତୁ ଯେତେବେଳେ ଶୁଟିଂ ଆରମ୍ଭ ହେଲା ଏବଂ ମୁଁ ଡାହାଣୀ ଗେଟ୍‌ଅପରେ କ୍ୟାମେରା ସାମ୍ନା କଲି ସେତେବେଳେ ମୋ ମନରେ ସ୍ୱତଃ ଦୃଢ଼ ଭାବନା ଆସିଯାଇଥିଲା ଯେ ଏହି ରୋଲକୁ ମୁଁ ଫୁଲ୍ ଜଷ୍ଟିସ ଦେଇପାରିବି।' ଏକ ରହସ୍ୟ ରୋମାଞ୍ଚଭରା କାହାଣୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ଏଥିରେ ଶ୍ରଦ୍ଧାଙ୍କ ବ୍ୟତୀତ ରାଜ କୁମାର ରାଓ ଏବଂ ନମ୍ରତା ଭାଟିଆଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମଟି ଚଳିତ ବର୍ଷ ଅଗଷ୍ଟ ୩୦ରେ ରିଲିଜ ହେବାର ଯୋଜନା ରହିଛି।


ଶ୍ରଦ୍ଧା

# କୁଲ୍ କୁଲ୍ ପୂଜା

ଦକ୍ଷିଣ ଭାରତୀୟ ସିନେମାରେ ପୂଜା ହେଗ୍‌ଡେ ଏକ ପରିଚିତ ନାମ। ଅଭିନୟ ଜଗତରେ ସେ ୧୨ ବର୍ଷ ପୂରଣ କରିଛନ୍ତି। ଆଉ ଏହା ଭିତରେ ସେ ଅନେକ ତେଲୁଗୁ, ତାମିଲ ସିନେମାରେ ଅଭିନୟ କରି ଦର୍ଶକଙ୍କର ମନ ଜିଣିବାରେ ସକ୍ଷମ ହୋଇଛନ୍ତି। ପୂଜାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୬ରୁ। ଐତିହାସିକ କାହାଣୀକୁ ନେଇ ଆଧାରିତ ଏହି ଫିଲ୍ମଟି ଥିଲା 'ମହେଞ୍ଜୋଦାରୋ'। ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ ଉକ୍ତ ଚିତ୍ରରେ ତାଙ୍କର ନାୟକ ସାଜିଥିଲେ ହ୍ରିତିକ ରୋଶନ। କିନ୍ତୁ ବକ୍ସ ଅଫିସରେ ଫିଲ୍ମଟି ଫ୍ଲପ୍ ହୋଇଥିଲା। ତା'ପରେ ସେ 'ହାଉସ୍‌ଫୁଲ୍-୪', 'ରାଧେଶ୍ୟାମ', 'ସର୍କସ' ଏବଂ ଗତବର୍ଷ ରିଲିଜ୍ ହୋଇଥିବା 'କିସିକା ଭାଇ କିସିକା ଜାନ୍'ରେ ଅଭିନୟ କରିସାରିଛନ୍ତି। ବଲିଉଡ୍‌ରେ ସିନେମା ସଂଖ୍ୟାକୁ ନେଇ ଆଦୌ ବିଚଳିତ ନୁହନ୍ତି ସେ। ଏ ବିଷୟରେ ପୂଜା କହନ୍ତି, 'ପୁଳାଏ ହିନ୍ଦୀ ସିନେମାରେ ରୋଲ୍ କଲେ ଯେ ମୁଁ ଷ୍ଟାର ହୋଇଯିବି-ଏକଥା ଭାବିବା ଠିକ୍ ନୁହେଁ। ୟା ଭିତରେ ମୁଁ ଅନେକ ତେଲୁଗୁ ଏବଂ ତାମିଲ ଫିଲ୍ମରେ ଅଭିନୟ କରିସାରିଛି। ମୁଁ ଧୀରେ ସୁସ୍ଥେ ଆଗେଇବାକୁ ଚାହେଁ।' ପୂଜା ପ୍ରଥମେ ଏକ ତେଲୁଗୁ ଫିଲ୍ମ 'ମୁଗାମୁଣ୍ଡି'ରେ ଅଭିନୟ କରିଥିଲେ। ବର୍ତ୍ତମାନ ତାଙ୍କ ହାତରେ ଗୋଟିଏ ହିନ୍ଦୀ ସିନେମା ରହିଛି, ଯାହାର ଟାଇଟଲ ହେଉଛି 'ଦେବା'।


ପୂଜା

## ନୂଆ ସିନେମା

# ସିନ୍ଦୂରା

ଏକ ଗାଁରେ ରହୁଥିବା ଯୁବକଟିଏ ସ୍ୱପ୍ନ ଦେଖେ, ଦିନେନା ଦିନେ ସେ ଜଣେ ନାମୀ ୟୁଟ୍ୟୁବର ହେବ। ହେଲେ କେବଳ ଭାବିଲେ ତ ହେବନାହିଁ, ଏଥିପାଇଁ ପ୍ରଗାଢ଼ ନିଷ୍ଠା ଏବଂ ଅଧ୍ୟବସାୟର ଆବଶ୍ୟକତା ରହିଛି। ତେବେ ପିଲାଟି ନିଜର ସ୍ୱପ୍ନକୁ କିପରି ସାକାର କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ଏହାକୁ ଆଧାରକରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ସିନ୍ଦୂରା'। ଏଥିରେ ଏକ ଭିନ୍ନ ଧରଣର ଭୂମିକାରେ ପରଦା ଉପରକୁ ଆସିବେ ଅଭିଷେକ ଗିରି। ରାସେଶ୍ୱରୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଏହା ହେଉଛି ଷଷ୍ଠ ଚଳଚ୍ଚିତ୍ର। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିରଞ୍ଚି ନାରାୟଣ ପଣ୍ଡା। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଦିଲୀପ ଦାସ। ଏହାପୂର୍ବରୁ ଅଭିଷେକ 'ଏଇ ଆକାଶ ତଳେ' ଏବଂ 'ଆଡିୟୁ ଗୋଦାର୍ଡ' ଭଳି ଫିଲ୍ମରେ ଅଭିନୟ କରିସାରିଛନ୍ତି। 'ସିନ୍ଦୂରା'ରେ ଅଭିଷେକଙ୍କ ନାୟିକା ସାଜିଛନ୍ତି 'ପୁଷ୍କରା' ଫେମ୍ ସୁପ୍ରିୟା। ଏମାନଙ୍କ ବ୍ୟତୀତ ଉଷସୀ ମିଶ୍ର, ଜୀବନ ପଣ୍ଡା, ପ୍ରଜ୍ଞା, ଶଙ୍କର, ପୃଥ୍ୱୀରାଜ, ପ୍ରମୋଦ ରଥ, ନାଟ୍ୟକାର ବିଜୟ ଦାସ, ସନ୍ଧ୍ୟା ଦାସ, ସାରେଗାମା ଓ ଶିଶୁ କଳାକାର ସାଇଶ୍ରଦ୍ଧାଙ୍କୁ ଏଥିରେ ଦେଖିବାକୁ ମିଳିବ। ଫିଲ୍ମର ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମାନନ୍ଦ। ସଂଳାପ ରଚନା କରିଛନ୍ତି ନାଟ୍ୟକାର ବିଜୟ ଦାସ। 'ଫିଲ୍ମଟିର କାହାଣୀରେ ନୂତନତ୍ୱ ରହିଛି। କେବଳ କାହାଣୀ ନୁହେଁ, ଏହାର ସଂଳାପ, ଗୀତ ଏବଂ ଦୃଶ୍ୟାୟନ ଉପରେ ଯଥେଷ୍ଟ ନଜର ଦିଆଯାଇଛି। ଫିଲ୍ମଟି ସବୁଦୃଷ୍ଟିରୁ ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି କହନ୍ତି ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ପଣ୍ଡା।


ଅଭିଷେକ ଗିରି


'ମୋ କାହାଣୀରେ ତୋରି ନାଁ' ଫିଲ୍ମରେ ଲୁବୁନ୍-ଅଙ୍କିତା


'କେମିତି ଏ ସମ୍ପର୍କ' ଫିଲ୍ମରେ ଏଲିନା-ଆକାଶ


'ଆସିକ୍ ସରେଣ୍ଡର ହେଲା' ଫିଲ୍ମରେ ସମ୍ଭବ-ଜୟା

## ପରଦାରେ

# ଏକାଥରେ ତିନି

ଚଳିତ ମାସ ୯ ତାରିଖରେ ଏକାଥରେ ତିନୋଟି ସିନେମା ପରଦା ଉପରକୁ ଆସୁଛି। ସେଗୁଡିକ ହେଲା, 'କେମିତି ଏ ସମ୍ପର୍କ', 'ଆସିକ୍ ସରେଣ୍ଡର ହେଲା' ଏବଂ 'ମୋ କାହାଣୀରେ ତୋରି ନାଁ'। ସମ୍ପର୍କର ଭିନ୍ନ ଭିନ୍ନ ରୂପକୁ ନେଇ ଗତିଶୀଳ କାହାଣୀକୁ ଆଧାରକରି ନିର୍ମିତ ହୋଇଛି ନବାଗତ ରୂପେଶ କୁମାରଙ୍କ ପ୍ରଯୋଜିତ ଏବଂ ହିମାଂଶୁ ପରିଜା (ଚଣ୍ଡୀ)ଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'କେମିତି ଏ ସମ୍ପର୍କ।' ଏହି ଚିତ୍ରର ନାୟକ ସାଜିଛନ୍ତି ଆକାଶ ଦାସ ନାୟକ। ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଦୁଇ ଜଣ ନାୟିକା-ଏଲିନା ସାମନ୍ତରାୟ ଏବଂ ଲିପ୍‌ସା ମିଶ୍ର। ଫିଲ୍ମରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ରୂପେଶ କୁମାରଙ୍କ କାହାଣୀକୁ ଆଧାରକରି ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସ ପଟ୍ଟନାୟକ। ଆକାଶ, ଏଲିନା ଏବଂ ଲିପ୍‌ସାଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଅସିତ ପତି, ଜୀବନ ପଣ୍ଡା, ଉଷସୀ ମିଶ୍ର, ନମିତା ଦାସ, ଗୁଣ୍ଡୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

ଅନ୍ୟପକ୍ଷରେ ତିତ୍‌ଲି ପ୍ରଡକ୍ସନ ଏବଂ ଏଲ୍‌ଟି ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଛି 'ମୋ କାହାଣୀରେ ତୋରି ନାଁ'। ଏହାର ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର କୋରିଓଗ୍ରାଫର ଯୋଡି ଲୁବୁନ୍-ତୁବୁନ୍। କେବଳ ସେତିକି ନୁହେଁ, ଲୁବୁନ୍ ଚିତ୍ରଟିର ନାୟକ ସାଜିଛନ୍ତି। ଏଥିରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅଙ୍କିତା ଦାଶ। ଫିଲ୍ମଟିର ସହ-ପ୍ରଯୋଜନା କରିଛନ୍ତି ତିତ୍‌ଲି ମହାନ୍ତି ଏବଂ ଦେବାଶିଷ ମହାନ୍ତି। ଏହାର ପ୍ରଯୋଜନା କରିବା ସହ କାହାଣୀ ରଚନା କରିଛନ୍ତି ପ୍ରୀତିଶ ମହାନ୍ତି। ସଂଳାପ ଲେଖିଛନ୍ତି ସଞ୍ଜୟ ମହାକୁଡ଼। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏହାର ଅନ୍ୟାନ୍ୟ ଭୂମିକାରେ ପିଣ୍ଟୁ ନନ୍ଦ, ପ୍ରିୟଙ୍କା ମହାପାତ୍ର, ସରୋଜ ଦାସ, ଧାରା ଶ୍ରାବଣୀ, ଗୁଣ୍ଡୁ, କାଳିଆ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ। ବିଶ୍ୱାସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି 'ଆସିକ୍ ସରେଣ୍ଡର ହେଲା।' ଏହାର ନିର୍ଦ୍ଦେଶକ ହେଉଛନ୍ତି ରାଜା ଡି। ଗୀତଗୁଡିକୁ ସ୍ୱରରେ ସଜାଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ। ଫିଲ୍ମର ନାୟକ ସାଜିଛନ୍ତି ସମ୍ଭବ ମାନସିଂ ଏବଂ ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଜୟା ବିଶ୍ୱାସ। ଏମାନଙ୍କ ବ୍ୟତୀତ ଏହାର ଅନ୍ୟାନ୍ୟ ଭୂମିକାରେ ମିହିର ଦାସ, ମନୋଜ ମିଶ୍ର, ବଣ୍ଟି ଅନୁଗୁଳିଆ, ଅଶୋକ ଦାସ, ପ୍ରତିଭା ପଣ୍ଡା, ପିୟାଲି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ଆଇପିଏଲ୍‌ରେ ଫେରିବେ ପନ୍ତ

**ମେଲବୋର୍ନ,୭।୨(ପି.ଟି.)**

ଭାରତୀୟ କ୍ରିକେଟ ଦଳର ଷ୍ଟାର ଉଇକେଟକିପର ରିଷଭ ପନ୍ତ ଆସନ୍ତା ଆଇପିଏଲରେ ପ୍ରତ୍ୟାବର୍ତ୍ତନ କରିବେ। ଦିଲ୍ଲୀ କ୍ୟାପିଟାଲ୍ସର ମୁଖ୍ୟ କୋଚ୍ ରିକି ପଣ୍ଟିଂ ଏହି ସୂଚନା ଦେଇଛନ୍ତି। ତେବେ ପନ୍ତ କେବଳ ଜଣେ ବ୍ୟାଟର ଭାବରେ ଖେଳିବେ ବୋଲି ପଣ୍ଟିଂ ସ୍ପଷ୍ଟ କରିଛନ୍ତି। ଡିସେମ୍ବର ୨୦୨୨ରେ ଏକ ଭୟାବହ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ ପନ୍ତ। ଲିଗାମେଣ୍ଟ ରି-କନ୍‌ଷ୍ଟ୍ରକଶନ ସର୍ଜରୀ ପରେ ଦୀର୍ଘଦିନ ଧରି ସେ କ୍ରିକେଟରୁ ଦୂରେଇ ରହିଛନ୍ତି। ପଣ୍ଟିଂ ଏକ ସାକ୍ଷାତକାରରେ ଏହି ସୂଚନା ଦେବା ସହ କହିଛନ୍ତି, ପନ୍ତ ସୁସ୍ଥ ହୋଇ ଅଭ୍ୟାସ ଆରମ୍ଭ କରିଛନ୍ତି। ଏହାର ଏକାଧିକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି। ତେବେ ଆଇପିଏଲ୍‌କୁ ଆଉ ମାତ୍ର ୬ ସପ୍ତାହ ଥିବା ବେଳେ ପନ୍ତ କେତେ ମାତ୍ରାରେ ଉପଲବ୍ଧ ରହିବେ ତାହା କହିବା ସମ୍ଭବ ନୁହେଁ ବୋଲି ପଣ୍ଟିଂ ସ୍ପଷ୍ଟ କରିଛନ୍ତି। ପନ୍ତ ଉଇକେଟ କିପିଂ କରିବେ କି ନାହିଁ ତାହା ମଧ୍ୟ ଚୂଡ଼ାନ୍ତ ହୋଇନାହିଁ। ତେବେ ଆଇପିଏଲ୍‌ର ୧୪ ମ୍ୟାଚ୍‌ରୁ



ସେ ୧୦ ମ୍ୟାଚ୍‌ରେ ଖେଳିବା ନେଇ ଆଶା କରାଯିବ। ପନ୍ତ ଏଭଳି ଜଣେ ଖେଳାଳି ସେ ଯେତିକି ମ୍ୟାଚ୍ ଖେଳିବେ ତାହା ଆମ ପାଇଁ ବୋନସ ହେବ ବୋଲି କହିଛନ୍ତି ପଣ୍ଟିଂ। ଏହା ସହ ତାଙ୍କୁ ଜଣେ ବ୍ୟାଟର କିମ୍ବା ଇମ୍ପାକ୍ଟ ପ୍ଲେୟର ଭାବରେ ବ୍ୟବହାର ମଧ୍ୟ କରାଯାଇ ପାରିବ ବୋଲି ସେ କହିଛନ୍ତି । ଗତ ବର୍ଷ ଆମେ ପନ୍ତଙ୍କୁ ମିସ୍ କରିଥିଲୁ। ବିଗତ ୧୨-୧୩ ମାସ ତାଙ୍କ ପାଇଁ ବେଶ୍ କଷ୍ଟସାଧ୍ୟ ରହିଛି। ତେବେ ସେ ଜଣେ ଲଢୁଆ ମନୋଭାବର ବ୍ୟକ୍ତିତ୍ୱ। ଚଳିତ ଆଇପିଏଲ୍‌ରେ ସେ ଦୃଢ ପ୍ରତ୍ୟାବର୍ତ୍ତନ କରିବେ ବୋଲି କହିଛନ୍ତି ପଣ୍ଟିଂ। ସେହିପରି ଯଦି ପନ୍ତ ନ ଖେଳନ୍ତି ତେବେ ଡେଭିଡ୍ ୱାର୍ନର ଦଳର ନେତୃତ୍ୱ ନେବେ ବୋଲି ପଣ୍ଟିଂ ସ୍ପଷ୍ଟ କରିଛନ୍ତି। ୱାର୍ନର ଓ ମିଚେଲ ମାର୍ଶଙ୍କ ଉପରେ ଟପ୍ ଅର୍ଡର ଭାର ରହିଥିବା ବେଳେ ହ୍ୟାରୀ ବ୍ରୁକ୍‌ଙ୍କ କାନ୍ଧରେ ଫିନିଶର ଭାର ରହିବ। ବୋଲିଂରେ କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କ ପରି ଚମତ୍କାର ସ୍ପିନର ରହିଥିବା ବେଳେ ଆନରିଚ୍ ନୋର୍ଜେ ଓ ଝାଏ ରିଚାର୍ଡସନଙ୍କ ଉପସ୍ଥିତି ଦଳକୁ ଶକ୍ତିଶାଳୀ କରିବ। ୨୦୨୨ରେ କ୍ୟାପିଟାଲ୍ସ ପଞ୍ଚମ ସ୍ଥାନରେ ରହିଥିବା ବେଳେ ବିଗତ ସଂସ୍କରଣରେ ନବମ ସ୍ଥାନରେ ରହିଥିଲା।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ବୁଧବାର ଅନୁଷ୍ଠିତ ଭାରତ-ଅଷ୍ଟ୍ରେଲିଆ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# କ୍ୱାର୍ଟରରେ ୩ ଭାରତୀୟ

**ସୋଫିଆ,୭।୨(ପି.ଟି.)**

ବୁଧବାର ଆରମ୍ଭ ହୋଇଥିବା ୭୫ତମ ଷ୍ଟ୍ରାଣ୍ଡଜା ମେମୋରିଆଲ ବକ୍ସିଂରେ ଭାରତୀୟ ବକ୍ସରଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ଅମିତ ପଙ୍ଘାଲଙ୍କ ସମେତ ଆକାଶ ଓ ଅଭିମନ୍ୟୁ ଲୌରା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୫୧ କିଗ୍ରା ଓଜନ ବର୍ଗରେ ଅମିତ ପଙ୍ଘାଲ ୫-୦ରେ ରୁଡିକ୍ ମାକସିମ୍‌ଙ୍କୁ ପରାସ୍ତ କରିଥିଲେ। ଅମିତ୍ ନିଜ ରକ୍ଷଣାତ୍ମକ ଟେକ୍‌ନିକ୍‌ରେ ୟୁକ୍ରେନର ରୁଡିକଙ୍କୁ ମାତ ଦେଇଥିଲେ। ୭୧ କିଗ୍ରା ଓଜନ ବର୍ଗରେ ଆକାଶ ଫ୍ରାନ୍ସର ଟ୍ରାଓରେ ମକାନଙ୍କୁ ୩-୧ରେ ପରାସ୍ତ କରିଥିଲେ। ୮୦ କିଗ୍ରା ଓଜନ ବର୍ଗରେ ଅଭିମନ୍ୟୁ ଚମତ୍କାର ପ୍ରଦର୍ଶନ କରିବା ସହ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ।

# ଭାରତର କ୍ରମାଗତ ତୃତୀୟ ପରାଜୟ

**ଭୁବନେଶ୍ୱର, ୭।୨**
**(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ଭାରତର ଲଜ୍ଜାଜନକ ପ୍ରଦର୍ଶନ ଅବ୍ୟାହତ ରହିଛି। କ୍ରମାଗତ ୩ ମ୍ୟାଚ ହାରି ଘରୋଇ ଦଳ ପରାଜୟରେ ହ୍ୟାଟ୍ରିକ କରିଛି। ଫଳରେ ୯ ଦଳ ବିଶିଷ୍ଟ ପଏଣ୍ଟ ଟେବୁଲରେ ୮ ନମ୍ବର ସ୍ଥାନରେ ରହିଛି। ପ୍ରଥମ ଦୁଇ ମ୍ୟାଚରେ ଯଥାକ୍ରମେ ଚାଇନାଠାରୁ ୧-୨ ଓ ନେଦରଲାଣ୍ଡଠାରୁ ୧-୩ରେ ହାରିଥିବା ଭାରତୀୟ ଦଳ ବୁଧବାର ତୃତୀୟ ଗେମ୍‌ରେ ଅଷ୍ଟ୍ରେଲିଆଠାରୁ ୦-୩ ଗୋଲରେ ପରାଜିତ ହୋଇଛି। ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନ ପାରିବାର ବିଫଳତା, ଆକ୍ରମଣାତ୍ମକ ମନୋଭାବର ଅଭାବ ଦଳପାଇଁ ମହଙ୍ଗା ପଡ଼ିଛି। କୋଚ୍ ଜାନେକ ସ୍କୁପମାନ ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ବିଫଳ ହୋଇଥିବା ମଧ୍ୟ ଅନୁଭବ ହୋଇଛି। ଫଳରେ ୩ଟି ଯାକ ଗେମ୍‌ରେ ପ୍ରତିପକ୍ଷ ଦଳଠାରୁ ନିକୃଷ୍ଟ ପ୍ରଦର୍ଶନ କରି ପଛରେ ପଡ଼ି ଯାଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟିୱାର୍ଟ ଗ୍ରେସ୍ ୧୯ତମ ମିନିଟରେ ଫିଲ୍ଡ ଗୋଲ ଦେଇଥିବାବେଳେ ୨୩ତମ ମିନିଟରେ ଷ୍ଟିୱାର୍ଟ ଟାଟୁମ ପେନାଲ୍ଟି କର୍ନରରୁ ଦ୍ୱିତୀୟ ଗୋଲଟି ସ୍କୋର କରିଥିଲେ। ୫୫ତମ ମିନିଟରେ ଫିଲ୍ଡ ଗୋଲ ମାଧ୍ୟମରେ ଏହାକୁ ୩-୦ରେ ପରିଣତ କରିଥିଲେ ନବ୍ସ କେଟଲିନ। ଭାରତ ୫ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଏଥିରୁ ଗୋଟିଏ ହେଲେ ଗୋଲ ଦେଇପାରି ନ ଥିଲା। ଅଣଖେଳୁଆଡ଼ ମନୋଭାବ ପାଇଁ ଭାରତର ସାଲିମା ଟେଟେ ଓ ସଙ୍ଗୀତା କୁମାରୀ ଗ୍ରୀନ୍ କାର୍ଡ ପାଇଥିଲେ। ସେହିପରି ଅଷ୍ଟ୍ରେଲିଆର ଆମି ଲଟନ ଓ କେରଶ ଷ୍ଟିଫାନିଙ୍କୁ ଗ୍ରୀନ୍ ଏବଂ ଶାଣ୍ଡ ହାଟି ଓ ଡେଲ ଡୋଲକେନ୍ସଙ୍କୁ ୟେଲୋ କାର୍ଡ ଦେଇଥିଲେ ଅମ୍ପାୟର। କଳିଙ୍ଗରେ ଭାରତ ଏହାର ଶେଷ ଲିଗ୍‌ମ୍ୟାଚ ୯ ତାରିଖରେ ଆମେରିକା ବିପକ୍ଷରେ ଖେଳିବ।

# ଆମେରିକାକୁ ହରାଇଲା ଚାଇନା

**ଭୁବନେଶ୍ୱର, ୭।୨ (ତପନ ସ୍ୱାଇଁ)**

**ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ମହିଳା ହକି ପ୍ରୋ ଲିଗ୍‌ରେ ବୁଧବାର ଚାଇନା ୩-୧ ଗୋଲରେ ଆମେରିକାକୁ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଚାଇନାର ଏହାଥିଲା ୪ ମ୍ୟାଚରୁ ତୃତୀୟ ବିଜୟ। ଏଥିସହ ଦଳ ଏହାର ଭୁବନେଶ୍ୱର ଚରଣ ଶେଷ କରିଛି। ଭାରତକୁ ୨-୧ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଚାଇନା ପରବର୍ତ୍ତୀ ମ୍ୟାଚରେ ଅଷ୍ଟ୍ରେଲିଆକୁ ୩-୦ରେ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଦଳ ନେଦରଲାଣ୍ଡଠାରୁ ୧-୩ ଗୋଲରେ ପରାଜିତ ହୋଇଥିବାବେଳେ ଏବେ ଆମେରିକାକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଚାଇନା ୯ ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ବୁଧବାର ମ୍ୟାଚରେ ଚାଇନା ପକ୍ଷରୁ ଜୋଉ ମେରଙ୍ଗ ୮ମ ମିନିଟରେ ଗୋଟିଏ ଏବଂ ଡାନ୍ ୱେଙ୍ଗ୍ ୨୬ ଓ ୪୭ତମ ମିନିଟରେ ୨ଟି ଫିଲ୍ଡ ଗୋଲ ଦେଇଥିଲେ। ଆମେରିକା ପକ୍ଷରୁ ସୁମଫେଷ୍ଟ ଜ୍ୟାକଲିନ୍ ୫୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ।

ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ଚାଇନା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଆକ୍ରମଣାତ୍ମକ ରଣନୀତିରେ ଖେଳି ଆସିଥିବା ଏହି ଦଳ ଏଠାରେ ମଧ୍ୟ ସମାନ ଯୋଜନାରେ ସଫଳ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ମେରଙ୍ଗଙ୍କ ଗୋଲ ଆମେରିକା ଉପରେ ଚାପ ପ୍ରୟୋଗ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଅନୁରୂପ ଅବସ୍ଥା। ୨୬ତମ ମିନିଟରେ ୱେଙ୍ଗ୍ ନିଜ ପ୍ରଥମ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷ ବେଳକୁ ଚାଇନାର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଗୋଲ ହୋଇ ନ ଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ଆମେରିକା ଭରପୂର ପ୍ରୟାସ କରିଥିଲା। ତେବେ ୪୭ତମ ମିନିଟରେ ୱେଙ୍ଗଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଚାଇନାକୁ ଡ୍ରାଇଭର ଶିଟ୍‌ରେ ବସାଇ ଦେଇଥିଲା। କେବଳ ଏହି କ୍ୱାର୍ଟରରେ ଆମେରିକା ୭ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଏଥିରୁ ଗୋଟିଏକୁ କେବଳ ଗୋଲରେ ପରିଣତ କରି ପାରିଥିଲା। ଓଭରଅଲ୍ ଦେଖିବାକୁ ଗଲେ ପୂରା ମ୍ୟାଚରେ ଚାଇନା ୫ଟି ଓ ଆମେରିକା ୧୦ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ଚାଇନାର କୌଶଳ ଆଗରେ ଆମେରିକା ହାର ମାନିବାକୁ ବାଧ୍ୟ ହୋଇଥିଲା।



ଚାଇନା ଓ ଆମେରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଟେଷ୍ଟ ନଂ.୧ ହେବାରେ ପ୍ରଥମ ଭାରତୀୟ ପେସର

## ଇତିହାସ ରଚିଲେ ବୁମ୍‌ରା

**ଦୁବାଇ,୭।୨(ପି.ଟି.)**

ଭାରତୀୟ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା ବୁଧବାର ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଏକନମ୍ବର ସ୍ଥାନ ହାସଲ କରିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନଙ୍କୁ ହଟାଇ ସେ ଏକ ନମ୍ବର ହୋଇଥିବା ବେଳେ ପ୍ରଥମ ଭାରତୀୟ ପେସ୍ ବୋଲର ଭାବେ ଏଭଳି କୀର୍ତ୍ତିମାନ ହାସଲ କରିଛନ୍ତି। ବିଶାଖାପାଟଣାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଚମତ୍କାର ପ୍ରଦର୍ଶନ କରିଥିଲେ ବୁମ୍‌ରା। ୩୦ ବର୍ଷୀୟ ବୁମ୍‌ରା ଚମତ୍କାର ବୋଲିଂ କରି ୯ ଉଇକେଟ ନେଇଥିବା ବେଳେ ତାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହା ସହ ଚତୁର୍ଥ ଭାରତୀୟ ବୋଲର ଭାବରେ ସେ ଟେଷ୍ଟରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ପୂର୍ବରୁ ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ବିଶନ୍ ସିଂ ବେଦୀ ଏକ ନମ୍ବର ସ୍ଥାନ ହାସଲ କରିବାରେ ସମର୍ଥ ହୋଇଥିଲେ। ଦୀର୍ଘ ୧୧ ମାସ ପରେ ଅଶ୍ୱିନ ଏକ ନମ୍ବର ସ୍ଥାନ ହରାଇଛନ୍ତି। ବୁମ୍‌ରା ବର୍ତ୍ତମାନ ୮୮୧ ରେଟିଂ ପଏଣ୍ଟ ହାସଲ



କରିଛନ୍ତି। ପୂର୍ବରୁ ଅଶ୍ୱିନ(୯୦୪) ଓ ଜାଡେଜା(୮୯୯) ତାଙ୍କଠାରୁ ଅଧିକ ପଏଣ୍ଟ ହାସଲ କରିବାରେ ସମର୍ଥ ହୋଇଛନ୍ତି। ସେହିପରି ବୁମ୍‌ରା-ଅଶ୍ୱିନ ବର୍ତ୍ତମାନ ପ୍ରଥମ ଦୁଇ ସ୍ଥାନରେ ରହିଥିବା ବେଳେ ମାର୍ଚ୍ଚ ୨୦୧୭ରେ ଅଶ୍ୱିନ-ଜାଡେଜା ମଧ୍ୟ ପ୍ରଥମ ଦୁଇ ସ୍ଥାନରେ ରହିଥିଲେ।

ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଯଶସ୍ୱୀ ଜୟସ୍ୱାଲ ୩୭ ସ୍ଥାନ ଉପରକୁ ଉଠି ୨୯ତମ ସ୍ଥାନରେ ପହଞ୍ଚିଛନ୍ତି। ଜୟସ୍ୱାଲ ବିଶାଖାପାଟଣାରେ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ସେହିପରି ଦ୍ୱିତୀୟ ଇନିଂସରେ ଶତକ ହାସଲ କରିଥିବା ଶୁବମନ ଗିଲ୍ ୧୪ ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୩୮ ତମ ସ୍ଥାନରେ ପହଞ୍ଚିଛନ୍ତି। ଇଂଲଣ୍ଡ ଓପନର ଜ୍ୟାକ୍ କ୍ରଲି ୭୬ ଓ ୭୩ ରନ୍‌ର ଇନିଂସ ଖେଳିଥିବା ବେଳେ ୮ ସ୍ଥାନ ଉଠି ୨୨ରେ ପହଞ୍ଚିଛନ୍ତି। ଯୁବ ଲେଗ୍ ସ୍ପିନର ରେହାନ୍ ଅହମଦ ୧୪ ସ୍ଥାନ ଉଠି ୭୦ତମ ସ୍ଥାନରେ ପହଞ୍ଚିଛନ୍ତି।

# ମାଇକେଲ କ୍ଲିଙ୍ଗର ଗୁଜରାଟ ଜାଏଣ୍ଟ୍ସ ମୁଖ୍ୟ କୋଚ୍

**ମୁମ୍ବାଇ, ୭।୨(ପି.ଟି.):** ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଦ୍ୱିତୀୟ ସଂସ୍କରଣ ପାଇଁ ଗୁଜରାଟ ଜାଏଣ୍ଟ୍ସ ରାଚେଲ ହେନ୍ସଙ୍କ ସ୍ଥାନରେ ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ମାଇକେଲ କ୍ଲିଙ୍ଗରଙ୍କୁ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦେଇଛି। ଅଷ୍ଟ୍ରେଲିଆରେ ବିଗ୍ ବାଶ୍ ଲିଗ୍‌ରେ କୋଚ୍ ଭାବେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ଡବ୍ଲ୍ୟୁପିଏଲ୍-୨ ସିଜନ ଫେବୃୟାରୀ ୨୩ରୁ ଆରମ୍ଭ ହେବ। ଏହା ଦୁଇଟି ସହର ନୂଆଦିଲ୍ଲୀ ଓ ବେଙ୍ଗାଲୁରୁରେ ଖେଳାଯିବ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଂସ୍କରଣ ୫ଟି ଦଳକୁ ନେଇ ଆୟୋଜିତ ହୋଇଥିଲା। ଏଥିରେ ଗୁଜରାଟ ଜାଏଣ୍ଟ୍ସ ଟେବୁଲର ଅନ୍ତିମ ସ୍ଥାନରେ ରହିଥିଲା। ଦଳ ଏଥର ଫେବୃୟାରୀ ୨୫ରେ ବେଙ୍ଗାଲୁରୁଠାରେ ଏହାର ସିଜନ ଓପନରରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ସହିତ ମୁକାବିଲା କରିବ। ଭାରତର ପୂର୍ବତନ ଅଧିନାୟକ ମିଥାଲି ରାଜ ପୂର୍ବଭଳି ଦଳର ମେଣ୍ଟର ଓ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ। ନୁଶିନ୍ ଅଲ୍ ଖାଦିର ବୋଲିଂ କୋଚ୍ ଦାୟିତ୍ୱ ତୁଲାଇବେ। ତେବେ ପ୍ରଥମ ସିଜନରେ ବ୍ୟାଟିଂ କୋଚ୍ ରହିଥିବା ତୁଷାର ଆରୋଠେ ତାଙ୍କ ଭୂମିକା ନିର୍ବାହ କରିବେ କି ନା ତାହା ସ୍ପଷ୍ଟ କରାଯାଇନାହିଁ।

# ପୁରୀରେ ରାଜ୍ୟସ୍ତରୀୟ ଖୋଖୋ ଉଦ୍‌ଘାଟିତ

**ପୁରୀ ୭।୨ ( ଅଜିତ୍ ମହାନ୍ତି)**

ପୁରୀ ଜିଲା ସ୍କୁଲ ପରିସରରେ ବୁଧବାରଠାରୁ ରାଜ୍ୟ ସ୍ତରୀୟ ନୂଆ ଓ ଖୋଖୋ ପ୍ରତିଯୋଗିତା ଆରମ୍ଭ ହୋଇଛି। ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ‘‘ପିଲାମାନଙ୍କ କ୍ରୀଡା ପ୍ରତିଭାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳ ନୂଆ ଓ କାର୍ଯ୍ୟକ୍ରମ ଅଧିକ ସହାୟକ ହେଉଛି। ଏହି କାର୍ଯ୍ୟକ୍ରମଦ୍ୱାରା ପିଲା ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପରିପ୍ରକାଶ କରା ଯାଇପାରୁଛି’’ ବୋଲି ସିଦ୍ଧାର୍ଥ ପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଜିଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରତିଯୋଗିତାର ଆୟୋଜନ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟ ଖୋଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ କ୍ରୀଡା ବିଭାଗର ବରିଷ୍ଠ ପରାମର୍ଶଦାତା ପ୍ରବୀର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ନୂଆ ଓ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ୩୧୪ ବ୍ଲକରେ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଜିଲାସ୍ତରୀୟ ପ୍ରତିଯୋଗିତା ହୋଇଥିଲା। ଏବେ ଜିଲା ସ୍ତରର ଶ୍ରେଷ୍ଠ ଦଳଗୁଡ଼ିକୁ ନେଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଉକ୍ତ ପ୍ରତିଯୋଗିତାରେ ୩୦ଟି ଲେଖାଏ ମହିଳା ଓ ପୁରୁଷ ଦଳ ଅଂଶ ଗ୍ରହଣ କରିଛନ୍ତି। ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଥିବା ଦଳକୁ ୨ଲକ୍ଷ, ଦ୍ୱିତୀୟ ଦଳକୁ ୧ ଲକ୍ଷ, ତୃତୀୟ ଏବଂ ଚତୁର୍ଥ ଦଳ ଙ୍କୁ ୫୦ ହଜାର ଟଙ୍କା ଓ ଶ୍ରେଷ୍ଠ ଖେଳାଳିଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ଜିଲା କ୍ରୀଡା ଅଧିକାରୀ ସୂଚନା ଦେଇଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନ ପୁରୁଷ ବର୍ଗରେ କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ଗଞ୍ଜାମ, ଅନୁଗୋଳ, ଯାଜପୁର, ଗଜପତି, ଝାରସୁଗୁଡା, ବଲାଙ୍ଗୀର ଓ ଢେଙ୍କାନାଳ ଜିଲା ବିଜୟୀ ହୋଇଛି। ସେହିପରି ମହିଳା ବର୍ଗରେ ଅନୁଗୋଳ, ରାୟଗଡ଼ା, ଢେଙ୍କାନାଳ, ମାଲକାନଗିରି, ନୟାଗଡ଼, କନ୍ଧମାଳ, ସମ୍ବଲପୁର, ବରଗଡ଼, ବାଲେଶ୍ୱର ଓ ଗଞ୍ଜାମ ଜିଲା ବିଜୟୀ ହୋଇଛି।



ପୁରୀରେ ବୁଧବାର ନୂଆ ଓ ରାଜ୍ୟସ୍ତରୀୟ ଖୋ ଖୋ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ସହ ଅତିଥିମାନେ।

# ନିରଞ୍ଜନ ଶାହାଙ୍କ ନାମରେ ନାମିତ ହେବ ଷ୍ଟାଡିୟମ

**ରାଜକୋଟ, ୭।୨(ପି.ଟି.):** ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ କ୍ରିକେଟ ଟେଷ୍ଟ ଖେଳାଯିବାକୁ ଥିବା ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ(ଏସ୍‌ସିଏ) ଷ୍ଟାଡିୟମର ନାମ ପରିବର୍ତ୍ତନ କରାଯାଇ ନିରଞ୍ଜନ ଶାହା ଷ୍ଟାଡିୟମ ରଖାଯିବ। ନିରଞ୍ଜନ ହେଉଛନ୍ତି ଜଣେ ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର ଏବଂ ବରିଷ୍ଠ ପ୍ରଶାସକ। ଖାଣ୍ଡେରୀସ୍ଥିତ ଏହି ଷ୍ଟାଡିୟମରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ମ୍ୟାଚ ଫେବୃଆରୀ ୧୫ରୁ ଖେଳାଯିବ। ନିରଞ୍ଜନ ତାଙ୍କ କ୍ରିକେଟ କ୍ୟାରିୟରରେ ୧୯୬୦ ଦଶକ ମଧ୍ୟଭାଗରୁ ୧୯୭୦ ମଧ୍ୟଭାଗ ପର୍ଯ୍ୟନ୍ତ ସୌରାଷ୍ଟ୍ର ପକ୍ଷରୁ ୧୨ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଦେଶର ସେ ଜଣେ ଅନ୍ୟତମ ବରିଷ୍ଠ କ୍ରିକେଟ ପ୍ରଶାସକ ଭାବେ ପରିଗଣିତ ହୋଇଥାନ୍ତି। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନରେ ତାଙ୍କର ଏବେ ବି ଯଥେଷ୍ଟ ପ୍ରଭାବ ରହିଛି। ତାଙ୍କ ପୁଅ ଜୟଦବେ ଶାହା ମଧ୍ୟ ଜଣେ ପୂର୍ବତନ ପ୍ରଥମ ଶ୍ରେଣୀ କ୍ରିକେଟର।

# ପିତାଙ୍କ ବିଶ୍ୱାସର ବିଜୟ

**ନୂଆଦିଲ୍ଲୀ,୭।୨(ପି.ଟି.)**

ମା’ ଥିଲେ ପୋଲିସ୍ ଅଫିସର। ଶୃଙ୍ଖଳାକୁ ସେ ସର୍ବଦା ଗୁରୁତ୍ୱ ଦେଉଥିବା ବେଳେ ପୁଅର କ୍ରିକେଟ ଖେଳିବା ତାଙ୍କୁ ପସନ୍ଦ ନ ଥିଲା। ତେବେ ପିତା କିନ୍ତୁ ଏହାର ସମର୍ଥନରେ ଥିଲେ। ୨୨ ୟାର୍ଡର ଷ୍ଟ୍ରିପ୍ ମଧ୍ୟରେ ପୁଅ ସଫଳ ହେବା ନେଇ ତାଙ୍କର ରହିଥିଲା ଦୃଢ଼ ବିଶ୍ୱାସ। ତେବେ ୧୯ ବର୍ଷର କ୍ରିକେଟର ଜଣଙ୍କ କେବଳ ପିତାଙ୍କ ବିଶ୍ୱାସକୁ ନୁହେଁ ବରଂ ବିଶ୍ୱ ବକ୍ଷରେ ୧୪୦ କୋଟି ଭାରତୀୟଙ୍କ ଟେକ ରଖିଛି। ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପରେ ଭାରତକୁ ଫାଇନାଲରେ ପହଞ୍ଚାଇବା ସହ ୧୪୦ କୋଟି ଭାରତୀୟଙ୍କ ହୃଦୟରେ ସ୍ଥାନ ହାସଲ କରିଥିବା ଏହି କ୍ରିକେଟର ଜଣଙ୍କ ହେଉଛନ୍ତି ୧୯ ବର୍ଷୀୟ ସଚିନ୍ ଧାସ୍। ମହାରାଷ୍ଟ୍ରର ବିଡ୍ ଜିଲାରେ ସଚିନ୍‌ଙ୍କ ଜନ୍ମ। କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ନାମରେ ତାଙ୍କ ନାମ ମଧ୍ୟ ରଖାଯାଇଥିଲା। ବିଶ୍ୱକପ ସେମି ଫାଇନାଲରେ ମଙ୍ଗଳବାର ୯୬ ରନ୍‌ର ଇନିଂସ ଖେଳିବା ସହ ଏହି ନାମର ଯଥାର୍ଥତା ଦର୍ଶାଇଛନ୍ତି। ଅଧିନାୟକ ଉଦୟ ଶାହରନଙ୍କ ସହ ମିଶି ସେ ଭାରତକୁ ଜିତାଇବା ସହିତ କ୍ରମାଗତ ପଞ୍ଚମ ସଂସ୍କରଣର ଫାଇନାଲକୁ ନେଇଥିଲେ। ଚଳିତ ବିଶ୍ୱକପରେ ସେ ଅଦ୍ୟାବଧି ୨୯୪ ରନ୍ ସଂଗ୍ରହ କରିଥିବା ବେଳେ ତାଙ୍କର ଷ୍ଟ୍ରାଇକ୍‌ରେଟ୍ ୧୦୦ ଉପରେ ରହିଛି।

ତେବେ ସଚିନ୍‌ଙ୍କ କ୍ରିକେଟ ଯାତ୍ରା ଏତେଟା ସହଜ ରହିନାହିଁ। ବିଡ୍ ଏକ ଛୋଟ ସ୍ଥାନ ହୋଇଥିବା ବେଳେ କ୍ରିକେଟ ଖେଳିବା ପାଇଁ ଆବଶ୍ୟକୀୟ ସୁବିଧାର ଅଭାବ ରହିଛି। ସାଢେ ୪ ବର୍ଷର ହୋଇଥିବା ବେଳେ ଏହି ସ୍ଥାନକୁ ଆସିଥିଲେ ଆଉ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ବିଡ୍‌ରେ



ସଚିନ୍ ଧାସ

୨୨ ୟାର୍ଡର ପିଚ୍ ନ ଥିବା ବେଳେ ୧୧ ୟାର୍ଡର ପିଚ୍‌ରେ ତାଙ୍କୁ ଅଭ୍ୟାସ କରିବାକୁ ପଡିଥିଲା। ସ୍ଥାନୀୟ ଅଞ୍ଚଳର କୋଚ୍ ଶେଖ୍ ଆଝାରଙ୍କ ଅଧୀନରେ ଅଭ୍ୟାସ କରିଥିଲେ। ବିଡ୍‌ର ଟର୍ଫ ଉଇକେଟରେ ଅଭ୍ୟାସ କରିଥିଲେ ହେଁ ବର୍ତ୍ତମାନ ଦେଶର କ୍ରିକେଟିଂ ଭବିଷ୍ୟତ ଭାବରେ ଗଣା ହେଉଛନ୍ତି।୨୦୦୫ରେ ଜନ୍ମ ହୋଇଥିବା ସଚିନ୍ ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ଜଣେ ବଡ ପ୍ରଶଂସକ ବୋଲି କହିଛନ୍ତି ତାଙ୍କ ପିତା ସଞ୍ଜୟ ଧାସ୍। କ୍ରିକେଟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସଚିନଙ୍କୁ ଅନେକ ତ୍ୟାଗ କରିବାକୁ ପଡିଛି। ସଚିନଙ୍କର ଅନ୍ୟ କେହି ସାଙ୍ଗ ନ ଥିବା ବେଳେ ମୁଁ ତାଙ୍କର ଏକମାତ୍ର ବନ୍ଧୁ ବୋଲି କହିଛନ୍ତି ସଞ୍ଜୟ। ଏପରିକି ବିଗତ କିଛି ବର୍ଷ ମଧ୍ୟରେ ସଚିନ୍ କୌଣସି ବାହାଘର ବା ଜନ୍ମଦିନ ପାର୍ଟିକୁ ମଧ୍ୟ ଯାଆନ୍ତି ନାହିଁ। ନିଜର ସମସ୍ତ ଧ୍ୟାନ କ୍ରିକେଟରେ ରଖି ଥାଆନ୍ତି ବୋଲି କହିଛନ୍ତି ସଞ୍ଜୟ। ମା’ ପୋଲିସରେ ଥିବାରୁ ସଚିନ୍ ପିଲାବେଳରୁ ହିଁ ଶୃଙ୍ଖଳିତ। ସେ ସ୍ୱଭାବତଃ ଜଣେ ଆକ୍ରମଣାତ୍ମକ ଖେଳାଳି। ତେବେ ଏଭଳି ଆଗ୍ରେସିଭ୍ ବ୍ୟାଟିଂ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରିବା ଫଳରେ ହିଁ ଆସିଛି ବୋଲି କହନ୍ତି ସଞ୍ଜୟ। ସଚିନ୍ ତେନ୍ଦୁଲକରଙ୍କ ଭଳି ଜର୍ସି ନମ୍ବର ୧୦ରେ ଖେଳିଥାନ୍ତି ସଚିନ୍ ଧାସ୍।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୮/୨୦୨୪ Bhubaneswar, Thursday, February 8/ 2024



ନୂଆଦିଲ୍ଲୀ: ପ୍ରୋ କବାଡ଼ିରେ ବୁଧବାର ପୁନେରି ପଲଟନ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। ଏଥିରେ ପୁନେରି ପଲଟନ ୪୦-୩୧ ପଏଣ୍ଟରେ ବିଜୟୀ ହୋଇଛି।

# ମନ୍ନତାଙ୍କୁ ପ୍ରଥମ ଅନ୍ତର୍ଜାତୀୟ ପଦକ

**ଭୁବନେଶ୍ୱର,୭।୨**
**(ସରୋଜ ଜେନା)**

ରାଜ୍ୟର ପ୍ରତିଭାବାନ ସନ୍ତରଣକାରୀ ମନ୍ନତା ମିଶ୍ର ନିଜର ପ୍ରଥମ ଅନ୍ତର୍ଜାତୀୟ ପଦକ ହାସଲ କରିଛନ୍ତି। ଓଡ଼ିଶା ଆଇଆଇଏସ୍ ସନ୍ତରଣ ହାଇ ପର୍ଫମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ମନ୍ନତା ନୂଆଦିଲ୍ଲୀରେ ଅନୁଷ୍ଠିତ ବିମଷ୍ଟେକ ସନ୍ତରଣ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ୧୭ ବର୍ଷୀୟା ମନ୍ନତା ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଗୋଆର ପାଣାଜୀରେ ଅନୁଷ୍ଠିତ ଜାତୀୟ କ୍ରୀଡାରେ ମନ୍ନତା ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ଓଡ଼ିଶା ୪x୧୦୦ ମିଟର ରିଲେ ଦଳର ସଦସ୍ୟା ଭାବେ ସେ ଏହି ସଫଳତା ହାସଲ କରିଥିଲେ।



ପଦକ ସହ ମନ୍ନତା ମିଶ୍ର।




# ଭାରତ-ବାଂଲାଦେଶ ଫାଇନାଲ ଆଜି

**ଢାକା, ୭।୨(ପି.ଟି.)**

ଭାରତ ଓ ବାଂଲାଦେଶ ମଧ୍ୟରେ ୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ଗୁରୁବାର ଏଠାରେ ଅନୁଷ୍ଠିତ ହେବ। ଭାରତୀୟ ଦଳର ପ୍ରଦର୍ଶନରେ ଯଦିଓ ଉନ୍ନତି ଘଟିଛି ତେବେ ସାଫ୍‌ର ଏଜ୍ ଗ୍ରୁପ୍ ପ୍ରତିଯୋଗିତାରେ ରେକର୍ଡ ନୈରାଶ୍ୟଜନକ ରହିଛି। ଭାରତ ଏକାଧିକଥର ଟାଇଟଲ ହାସଲର ଦ୍ୱାରରେ ପହଞ୍ଚିଥିଲେ ହେଁ ଶେଷରେ ବଞ୍ଚିତ ହୋଇଛି। ଶେଷଥର ପାଇଁ ଗତବର୍ଷ ୨୦ ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍‌ର ଫାଇନାଲରେ ଭାରତ ପ୍ରବେଶ କରିଥିଲା। ତେବେ ଫାଇନାଲରେ ବାଂଲାଦେଶ ବିଜୟୀ ହୋଇ ଟ୍ରଫି ହାସଲ କରିଥିଲା।

ଏଥର ୧୯ ବର୍ଷରୁ କମ୍ ଭାରତୀୟ ଦଳର ମନୋବଳ ବେଶ୍ ଦୃଢ଼ ରହିଛି। ମାତ୍ର ଫାଇନାଲରେ ଏପରି ପ୍ରତିଦ୍ୱନ୍ଦ୍ୱୀ ରହିଛି ଯିଏକି ଗ୍ରୁପ୍ ପର୍ଯ୍ୟାୟରେ ଭାରତକୁ ପରାସ୍ତ କରିଥିଲା। ଭାରତୀୟ ଦଳ ଭୁଟାନକୁ ୧୦-୦ରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ବାଂଲାଦେଶ ବିପକ୍ଷ ପରବର୍ତ୍ତୀ ମ୍ୟାଚରେ କଡ଼ା ଟକ୍କର ଦେଇଥିଲେ ହେଁ ଭାଗ୍ୟ ସାଥ୍ ଦେଇ ନ ଥିଲା ଏବଂ ଇଞ୍ଜୁରି ଟାଇମ୍‌ରେ ଗୋଲ ବରଣ କରି ପରାଜିତ ହୋଇଥିଲା। ତେବେ ଶେଷ ଲିଗ୍ ମ୍ୟାଚରେ ନେପାଳକୁ ୪-୦ରେ ହରାଇ ଗ୍ରୁପ୍ ପର୍ଯ୍ୟାୟ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୃଢ଼ ରକ୍ଷଣଭାଗ ଓ ସନ୍ତୁଳିତ ମିଡ୍‌ଫିଲ୍ଡ ବ୍ୟତୀତ ପୂଜା, ସୁଲଞ୍ଜନା ରାଉଳ ଏବଂ ଫ୍ରିଙ୍ଗର ନୋହା ଓ ଶିବାନୀ ଦେବୀଙ୍କ ଉପସ୍ଥିତିରେ ଦଳର ଆକ୍ରମଣ କ୍ୱାଲିଟି ମଧ୍ୟ ବହୁତ ଭଲ ରହିଛି। ତେବେ ଘରୋଇ ପରିବେଶରେ ବାଂଲାଦେଶ କଡ଼ା ଟକ୍କର ଦେବ ବୋଲି ମୁଖ୍ୟ କୋଚ୍ ଶୁକ୍ଳା ଦତ୍ତ ବେଶ୍ ଅବଗତ। "ଗତ ୩ ବର୍ଷ ଧରି ବାଂଲାଦେଶଠାରୁ ଭାରତର ପରାଜୟ ରେକର୍ଡରେ ମୁଁ ମର୍ମାହତ। ଏବେ ପରିବର୍ତ୍ତନର ସମୟ ଆସିଛି। ଉଭୟ ଦଳ ନିଶ୍ଚିତ ସମକକ୍ଷ ପ୍ରଦର୍ଶନ କରିବେ। ମାତ୍ର ମୋ ମତରେ ଯେଉଁ ଦଳ ପ୍ରଥମେ ଗୋଲ ସ୍କୋର କରିବ ତା'ର ଚାମ୍ପିୟନ ହେବା ଆଶା ଅଧିକ। ତେଣୁ ଆରମ୍ଭରୁ ଗୋଲ ସ୍କୋର କରି ବିପକ୍ଷ ଦଳକୁ ଚାପରେ ରଖିବା ଆମର ଲକ୍ଷ୍ୟ ରହିବ" ବୋଲି ଶୁକ୍ଳା ପ୍ରକାଶ କରିଛନ୍ତି। ମ୍ୟାଚରେ ବାଂଲାଦେଶକୁ ଭରପୂର ସମର୍ଥନ ମିଳିବ, ଏଥିରେ ଦ୍ୱିମତ ନାହିଁ। ତେବେ ଆମକୁ ଖେଳ ଉପରେ ଏକାଗ୍ର ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ବାଂଲାଦେଶ ସହିତ ଖେଳିଥିବାରୁ ଏହି ଦଳକୁ କିପରି ହ୍ୟାଣ୍ଡେଲ କରାଯିବ ତାହା ଭାରତୀୟ କୋଚ୍ ଜାଣିଛନ୍ତି। "ସେମାନଙ୍କ ଖେଳ ଷ୍ଟାଇଲ ଆମକୁ ଜଣାଅଛି। ବାଂଲାଦେଶ ଏକ ଭଲ ଦଳ ଏହା ମଧ୍ୟ ସମସ୍ତେ ଜାଣନ୍ତି। ତେଣୁ ନିଜ ଗେମ୍ ଉପରେ ଧ୍ୟାନ ଦେବାକୁ ମୁଁ ଖେଳାଳିଙ୍କୁ ପରାମର୍ଶ ଦେଇଛି। ମିଡ୍‌ଫିଲ୍ଡକୁ କଭର କରି ଖେଳିବା ଗୁରୁତ୍ୱପୂର୍ଣ୍ଣ" ବୋଲି ସେ କହିଛନ୍ତି।

ଅଧିନାୟିକା ନିତୁ ଲିଣ୍ଡା ମଧ୍ୟ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। "ଆମେ ପୁଣିଥରେ ବାଂଲାଦେଶକୁ ଭେଟିବାକୁ ଯାଉଛୁ। ପୂର୍ବ ମ୍ୟାଚରେ କରିଥିବା ତ୍ରୁଟିକୁ ସୁଧାରିବାକୁ ଆମ ନିକଟରେ ସୁଯୋଗ ଆସିଛି। ଟ୍ରଫି ଜିତିବା ପାଇଁ ଆମେ ଦୃଢ଼ ପରିକର। ଆମ ଦୁର୍ବଳ ବିଭାଗରୁ ଫାଇଦା ନେବାକୁ ପ୍ରତିପକ୍ଷ ଦଳକୁ ସୁଯୋଗ ନ ଦେବାକୁ ଖେଳାଳିଙ୍କୁ ପରାମର୍ଶ ଦିଆଯାଇଛି। ଆମେ ନିଜ ଗେମ୍‌ପ୍ଲାନ ଅନୁସାରେ ଖେଳିଲେ ନିଶ୍ଚିତ ସଫଳ ହେବୁ" ବୋଲି ନିତୁ କହିଛନ୍ତି। ମ୍ୟାଚ ଅପରାହ୍ଣ ୫ଟା ୩୦ରେ ଆରମ୍ଭ ହେବ।



ଟ୍ରଫି ସହ ଦୁଇ ଦଳର ଅଧିନାୟିକା ବାଂଲାଦେଶର ଆଫେଦା ଖାଣ୍ଡେକର ଓ ଭାରତର ନିତୁ ଲିଣ୍ଡା।

**୧୯ ବର୍ଷରୁ କମ୍ ସାଫ୍ ମହିଳା ଫୁଟ୍‌ବଲ**

# ନ୍ୟୁଜିଲାଣ୍ଡ ୨୮୧ ରନ୍‌ରେ ବିଜୟୀ



ଉଇକେଟ ନେବାପରେ କାଇଲ ଜେମିସନ୍‌ଙ୍କ ବଧେଇ।

**ମାଉଣ୍ଟ ମାଙ୍ଗାନୁଇ,୭।୨(ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟକୁ ୨୮୧ ରନ୍‌ରେ ଜିତିବା ସହ ୨ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଆଗୁଆ ରହିଛି ନ୍ୟୁଜିଲାଣ୍ଡ। ରାଚିନ୍ ରବୀନ୍ଦ୍ରଙ୍କ ପ୍ରଥମ ଟେଷ୍ଟ ଦ୍ୱିଶତକ ଓ କେନ୍ ୱିଲିୟମସନ୍‌ଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୫୧୧ ରନ୍ କରିଥିଲା। ଦକ୍ଷିଣ ଆଫ୍ରିକା ମାତ୍ର ୧୬୨ ରନ୍‌ରେ ଅଲଆଉଟ ହେବା ପରେ ନ୍ୟୁଜିଲାଣ୍ଡ ୧୭୯/୪ରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ୫୨୯ ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ଦକ୍ଷିଣ ଆଫ୍ରିକା ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୭୯/୪ରେ ଇନିଂସ ଘୋଷଣା କରିଥିଲା ନ୍ୟୁଜିଲାଣ୍ଡ। ଦକ୍ଷିଣ ଆଫ୍ରିକା ୨୪୭ ରନ୍‌ରେ ସମସ୍ତ ଉଇକେଟ ହରାଇବା ସହ ମ୍ୟାଚକୁ ୨୮୧ ରନ୍‌ରେ ହାରି ଯାଇଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଡେଭିଡ୍ ବେଡିଙ୍ଗହାମ ୮୭ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁବେର ହମଜା ୩୬, ରୁଆନ୍ ଡି ସ୍ୱାର୍ଟ ୩୪* ଓ ରେନାର୍ଡ ଭାନ ଟୋଣ୍ଡର ୩୧ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ କାଇଲ ଜେମିସନ୍ ୪ ଉଇକେଟ ନେଇଥିବା ବେଳେ ମିଚେଲ ସାଣ୍ଟନର ୩, ଟିମ୍ ସାଉଦି, ମ୍ୟାଟ ହେନରୀ ଓ ଗ୍ଲେନ୍ ଫିଲିପ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରାଚିନ୍ ରବୀନ୍ଦ୍ରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୫୧୧/୧୦। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୧୬୨/୧୦। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ ୪୩ ଓଭରରେ ୧୭୯/୪ (ଘୋଷଣା) (କେନ୍ ୱିଲିୟମସନ୍-୧୦୯, ଡେଭନ୍ କନୱେ-୨୯, ନୀଲ ବ୍ରାଣ୍ଡ-୨/୫୨, ଡେନ୍‌ପାଟରସନ୍-୧/୩୮, ରୁଆନ୍ ଡି ସ୍ୱାର୍ଟ-୧/୪୮)। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ୮୦ ଓଭରରେ ୨୪୭/୧୦ (ଡେଭିଡ୍ ବେଡିଙ୍ଗହାମ୍-୮୭, ଜୁବେର ହମଜା-୩୬, ରୁଆନ୍ ଡି ସ୍ୱାର୍ଟ-୩୪*, କାଇଲ ଜେମିସନ୍-୪/୫୮, ମିଚେଲ୍ ସାଣ୍ଟନର-୩/୫୯, ଗ୍ଲେନ୍ ଫିଲିପ୍ସ-୧/୩୦)।

# ଏପ୍ରିଲ ୨୨ରେ ଲୌରିୟସ୍ ସ୍ପୋର୍ଟ୍ସ ଆୱାର୍ଡ

**ଲଣ୍ଡନ,୭।୨(ପି.ଟି.):** ସମ୍ମାନ ଜନକ ଲୌରିୟସ୍ ସ୍ପୋର୍ଟ୍ସ ଆୱାର୍ଡର ୨୫ତମ ସଂସ୍କରଣ ଏପ୍ରିଲ୍ ୨୨ରେ ଆୟୋଜନ ହେବ। ମାଡ୍ରିଡ୍‌ର ପାଲାସିଓ ଡି ସିବେଲେସ୍‌ରେ ଏହା ଅନୁଷ୍ଠିତ ହେବ। କ୍ରୀଡା ଜଗତର ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ। କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ବିଭିନ୍ନ ବର୍ଗରେ ବିଜେତା ଖେଳାଳିଙ୍କୁ ଲୌରିୟସ୍ ପ୍ରତିକୃତି ପ୍ରଦାନ କରାଯିବ। ଏହି ଇଭେଣ୍ଟରେ ୨୦୨୩ ମହିଳା ଫୁଟବଲ ବିଶ୍ୱ ଚାମ୍ପିୟନ ଦଳକୁ ଏହି ଇଭେଣ୍ଟରେ ସମ୍ମାନିତ କରାଯିବ।




Benefits, you'll fall in love with.

| | Cash benefits up to* | Exchange | Pride of India / Corporate | Total benefits up to* |
|---|---|---|---|---|
| Grand i10 NIOS | ₹30 000 | ₹10 000 | ₹3 000 | ₹43 000 |
| AURA | ₹20 000 | ₹10 000 | ₹3 000 | ₹33 000 |
| VENUE | ₹20 000 | ₹10 000 | - | ₹30 000 |
| i20 | ₹15 000 | ₹10 000 | - | ₹25 000 |

Hyundai ClicktoBuy Scan here
3 YEAR 100 000km** Warranty Coverage
UPTO 7 YEARS Extended Warranty^
3 YEARS Road Side Assistance (RSA)
UPTO 5 YEARS Shield of Trust Running Repair Package
UPTO 5 YEARS Shield of Trust Super Maintenance Package
HYUNDAI

FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449810; BHADRAK, PH: 9938449806; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736600; JAGATSINGHPUR, PH: 7077736556, DHENKANAL, PH: 9338685216; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

my Hyundai app
Hyundai Promise Certified Pre-Owned Car
To know more, WhatsApp us on 8447228019

*Terms & Conditions apply. Benefits include cash discount, exchange bonus and benefits for government or corporate employees, whichever is applicable. Benefits may vary with variants and are subject to change without prior notice. **3-year warranty or upto 1 00 000 km whichever is earlier for Grand i10 NIOS, AURA, i20 & i20 N line. 3-year unlimited km warranty is applicable for VENUE, VENUE N Line, CRETA, ALCAZAR, TUCSON, VERNA, KONA Electric and IONIQ 5. ^Upto 7 years extended warranty is applicable only for petrol variants. Source: Cardekho.com. HMIL reserves the right to withdraw/modify the scheme without prior notice. Visit your nearest Hyundai dealership for more details. Hyundai urges you to follow traffic rules – these are meant to keep you safe on roads.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ